

দেশর ১ নং. ধনী হেলে আদানী — পৃষ্ঠা ৪

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 183 ଭାଗ ୩୪ | ସଂଖ୍ୟା ୧୮୩ | Thursday 24 September 2026 | Page 8 Rs. 5.00 | ● ଭୁବନେଶ୍ୱର ଗୁରୁବାର, ୨୪ ସେପ୍ଟେମ୍ବର ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ଆସନ୍ତା ରବିବାର ଖୋଲା ରହିବ ବ୍ୟାଙ୍କ

ନୂଆଦିଲ୍ଲୀ, ୨୩।୯ଃ ଆଗାମୀ ସେପ୍ଟେମ୍ବର ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ପ୍ରସ୍ତାବିତ ତିନିଦିନିଆ ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏକ ବଡ଼ ପଦକ୍ଷେପ ନେଇଛନ୍ତି। ଧର୍ମଘଟ ପୂର୍ବରୁ ଆସନ୍ତା ସେପ୍ଟେମ୍ବର ୨୭ ତାରିଖ ରବିବାର ଦେଶର ସମସ୍ତ ସରକାରୀ ବ୍ୟାଙ୍କ ଓ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କଗୁଡ଼ିକ ସ୍ୱାଭାବିକ ଭାବରେ ଖାଉଟିଙ୍କ ପାଇଁ କାର୍ଯ୍ୟକ୍ଷମ ରହିବ ବୋଲି ସରକାର ସ୍ପଷ୍ଟ କରିଛନ୍ତି। ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିଅନ୍ (ୟୁଏଫ୍‌ବିୟୁ) ପକ୍ଷରୁ ଏହି ଧର୍ମଘଟର ଡାକରା ଦିଆଯାଇଛି। ସପ୍ତାହାନ୍ତ ଛୁଟି ଓ ଧର୍ମଘଟ କାରଣରୁ ଗ୍ରାହକଙ୍କ ବ୍ୟାଙ୍କିଙ୍ଗ ସେବା ଯେପରି ଦୀର୍ଘ ସମୟ ପାଇଁ ବାଧାପ୍ରାପ୍ତ ନ ହୁଏ, ସେଥିପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ରବିବାର ସମସ୍ତ ବ୍ୟାଙ୍କ ଶାଖା, କାର୍ଯ୍ୟାଳୟ, ଏଟିଏମ୍ ଓ କରେନ୍ସି ଚେଷ୍ଟଗୁଡ଼ିକୁ ଖୋଲା ରଖିବାକୁ ଅନୁମୋଦନ ପ୍ରଦାନ କରିଛନ୍ତି।

# କଳିଙ୍ଗପଟ୍ଟନମ୍‌ଠାରେ ସ୍ଥଳଭାଗ ଛୁଇଁଲା 'ଅର୍ଣ୍ଣବ'

✪୪୮ ଘଣ୍ଟା ନିର୍ଧୂମ ବର୍ଷା ପୂର୍ବାନୁମାନ ✪ସ୍ଥିତି ଉପରେ ନିରନ୍ତର ନଜର ରଖିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ✪ଲୋକଙ୍କ ଜୀବନର ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ✪ଦୁଇ ମନ୍ତ୍ରୀଙ୍କୁ କୋରାପୁଟ ଓ ଗଜପତି ଦାୟିତ୍ୱ

**ଭୁବନେଶ୍ୱର,୨୩।୯(ସଂଚାର ବ୍ୟୁରୋ):** ସ୍ଥଳଭାଗ ଛୁଇଁଲା ଗଭୀର ଅବପାତ 'ଅର୍ଣ୍ଣବ'। ଆନ୍ଧ୍ର ପ୍ରଦେଶର କଳିଙ୍ଗପଟ୍ଟନମ ନିକଟସ୍ଥ ଉତ୍ତର ଆନ୍ଧ୍ର ପ୍ରଦେଶ ଓ ଦକ୍ଷିଣ ଓଡ଼ିଶା ମଧ୍ୟରେ ଏହା ସ୍ଥଳଭାଗ ଅତିକ୍ରମ କରିଛି। ଲ୍ୟାଣ୍ଡଫଲ ପୂର୍ବରୁ ଅବପାତର ଗତି ଘଣ୍ଟା ପ୍ରତି ୭ କିମି ଥିଲା। ଲ୍ୟାଣ୍ଡଫଲ ପ୍ରକ୍ରିୟା ପ୍ରାୟ ୬ରୁ ୭ ଘଣ୍ଟା ରହିଥିଲା। ସେ ସମୟରେ ପବନ ଅଧିକ ନ ଥିଲେ ମଧ୍ୟ ୫୫ରୁ ୬୫ କିଲୋମିଟର ପର୍ଯ୍ୟନ୍ତ ପ୍ରବାହିତ ହେଉଥିଲା। ଏହାର ପ୍ରଭାବରେ ଆସନ୍ତା ୪୮ ଘଣ୍ଟା ପ୍ରବଳ ବର୍ଷା ସମ୍ଭାବନା ରହିଛି। ଦକ୍ଷିଣ ଓ ଉପକୂଳ ଓଡ଼ିଶାରେ ଅତି ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ରେଡ୍ ଓ ଅରେଞ୍ଜ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ। ପ୍ରଭାବିତ ଅଞ୍ଚଳରେ ସରକାରୀ ଅଧିକାରୀଙ୍କ ଛୁଟି ବାତିଲ୍ କରାଯାଇଛି। ଜିଲ୍ଲାଗୁଡ଼ିକର ସ୍ଥିତି ଉପରେ ନଜର ରଖିବାକୁ ମନ୍ତ୍ରୀମାନଙ୍କୁ ଦିଆଯାଇଛି ଦାୟିତ୍ୱ। କୋରାପୁଟ ଦାୟିତ୍ୱ ନେଇଛନ୍ତି ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ




ରବି ନାୟକ। ସେହିପରି ଗଜପତି ଓ ଆଖପାଖ ଅଞ୍ଚଳର ଦାୟିତ୍ୱ ନେଇଛନ୍ତି ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ।

ଅନ୍ୟପକ୍ଷରେ ବଙ୍ଗୋପ ସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତଜନିତ ବର୍ଷା ଓ ଏହାର ପ୍ରଭାବ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ସମୀକ୍ଷା କରିଛନ୍ତି। ଏହି ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ ମୁଖ୍ୟମନ୍ତ୍ରୀଙ୍କୁ ଅବପାତ, ସମ୍ଭାବ୍ୟ ବର୍ଷା ଓ ଏହାର ମୁକାବିଲା ପାଇଁ ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସମସ୍ତ ପ୍ରାକୃତିକ ବିପର୍ଯ୍ୟୟରେ ଆମର ଏକମାତ୍ର ନୀତି ହେଉଛି-'ଜିରୋ କାଜୁଆଲ୍‌ଟି'। ତେଣୁ ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ ଜିଲ୍ଲା ପ୍ରଶାସନ ସହ ସମନ୍ୱୟ ରକ୍ଷାକରି ଏହି ପରିସ୍ଥିତିର ମୁକାବିଲା କରିବା ଆବଶ୍ୟକ। ଲୋକଙ୍କ ଧନଜୀବନ ସୁରକ୍ଷା ଉପରେ ସେ ସର୍ବାଧିକ ଗୁରୁତ୍ୱାରୋପ କରିଥିଲେ। ଜଳବନ୍ଦୀ କ୍ଷେତ୍ରରେ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ଓ ସେମାନଙ୍କୁ ଉପଯୁକ୍ତ ରିଲିଫ ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଯଦିଓ ବାତ୍ୟାର ସମ୍ଭାବନା ନାହିଁ, ତଥାପି ସମସ୍ତ ପ୍ରକାର ସତର୍କତାମୂଳକ ବ୍ୟବସ୍ଥା ସହ ସର୍ବୋଚ୍ଚ ସ୍ତରର ପ୍ରସ୍ତୁତି ଜାରି ରଖିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

ବୈଠକରୁ ଜଣାଯାଇଛି ଯେ ଏହି ଅବପାତ ଯୋଗୁ ଆଜି ଓ ଆସନ୍ତା କାଳି ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି ଓ ୨୫ ତାରିଖ ପରେ ➾ପୃଷ୍ଠା-୬

### ସମ୍ଭାବ୍ୟ ବିପଦ ଉପରେ ନଜର

## ସମସ୍ତ ବିଭାଗ ସଜାଗ, ୨୪ଘଣ୍ଟିଆ ନିରୀକ୍ଷଣ

ପ୍ରବଳ ବର୍ଷା ଯୋଗୁଁ ସହରାଞ୍ଚଳ ଓ ନିମ୍ନାଞ୍ଚଳରେ ସ୍ଥାନୀୟ ଜଳବନ୍ଦୀ, ନଦୀ-ନାଳ ଓ ନିଷ୍କାସନ ଚ୍ୟାନେଲରେ ଜଳସ୍ତର ବୃଦ୍ଧି, ସମ୍ବେଦନଶୀଳ ପାହାଡ଼ିଆ ଅଞ୍ଚଳରେ ଆକସ୍ମିକ ବନ୍ୟା ଓ ଦକ୍ଷିଣ ଓଡ଼ିଶାର ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ ଓ କାଦୁଅ ଧସିବା ଆଶଙ୍କା ରହିଛି। କଚ୍ଚା ଘର, ଠିଆ ଫସଲ ଓ ବଗିଚା ଫସଲ କ୍ଷତିଗ୍ରସ୍ତ ହେବା ସହ ଗଛ ଉପୁଡ଼ି ପଡ଼ିବା ଯୋଗୁଁ ବିଦ୍ୟୁତ୍ ଓ ଟେଲିକମ୍ ଭିତ୍ତିଭୂମି ପ୍ରଭାବିତ ହୋଇପାରେ। ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଓ କଳାହାଣ୍ଡିକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଇଥିବା ବେଳେ ନୂଆପଡ଼ା, ବଲାଙ୍ଗୀର, କନ୍ଧମାଳ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ରେ ଉଚ୍ଚସ୍ତରୀୟ ପ୍ରସ୍ତୁତି ରଖାଯାଇଛି। ଜିଲ୍ଲା ଓ ବ୍ଲକ୍ ଆପାତକାଳୀନ କାର୍ଯ୍ୟ କେନ୍ଦ୍ରଗୁଡ଼ିକୁ ୨୪x୭ କାର୍ଯ୍ୟରତ ରଖିବା, ସମ୍ବେଦନଶୀଳ ବସତି ଚିହ୍ନଟ କରିବା, ଆଶ୍ରୟସ୍ଥଳ ପ୍ରସ୍ତୁତ ରଖିବା ଓ ଶୁଖିଲା ଖାଦ୍ୟ, ଶିଶୁ ଖାଦ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ରଖିବା ଉପରେ ଗୁରୁତ୍ୱ ଦିଆଯାଇଛି। ଓଡ୍ରାଫ୍, ଏନ୍‌ଡିଆରଏଫ୍ ଓ ଅଗ୍ନିଶମ ସେବା ଦଳକୁ ପୂର୍ବରୁ ମୁତୟନ ଓ ପ୍ରସ୍ତୁତ ରଖାଯାଇଥିବା ବେଳେ ଉଦ୍ଧାରକାରୀ ନୌକା, ଲାଇଫ୍ ଜାକେଟ୍ ଓ ପାୱାର ବୋଟ୍ ମଧ୍ୟ ପ୍ରସ୍ତୁତ ଅଛି। ଜଳସମ୍ପଦ ବିଭାଗ ପକ୍ଷରୁ ନଦୀ ଓ ଜଳାଶୟର ଜଳସ୍ତର ନିରନ୍ତର ନିରୀକ୍ଷଣ, ସମ୍ବେଦନଶୀଳ ବନ୍ଧଗୁଡ଼ିକର ଆବଶ୍ୟକସ୍ଥଳେ ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା କରାଯାଉଛି। ସହରାଞ୍ଚଳରେ ଡ୍ରେନେଜ୍ ବ୍ୟବସ୍ଥା ନିରୀକ୍ଷଣ, ନିମ୍ନାଞ୍ଚଳ ଅଣ୍ଡରପାସ୍‌ରେ ଡି-ୱାଟରିଂ ପମ୍ପ ମୁତୟନ ଏବଂ ଆବଶ୍ୟକସ୍ଥଳେ ଟ୍ରାଫିକ୍ ଡାଇଭର୍ସନ୍ ପାଇଁ ମଧ୍ୟ ପ୍ରସ୍ତୁତି ରହିଛି।

## ରାଜ୍ୟରେ ବଢ଼ିଛି ଦରଦାମ, ମାନିଲେ ସରକାର

**ଭୁବନେଶ୍ୱର,୨୩।୯(ସଂଚାର ବ୍ୟୁରୋ):** ରାଜ୍ୟରେ ଦିନକୁ ଦିନ ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟ ସାମଗ୍ରୀର ଦର ବଢ଼ିଚାଲିଛି। ଡାଲି, ଖାଇବା ତେଲ, ପିଆଜଠାରୁ ଆରମ୍ଭ କରି ପନିପରିବାର ଦର କ୍ରମାଗତ ଭାବେ ବଢ଼ିଚାଲିଛି। ଏହାକୁ ରାଜ୍ୟ ସରକାର ମଧ୍ୟ ସ୍ୱୀକାର କରିଛନ୍ତି। ଆଜି ବିଧାନସଭାରେ ରାଜ୍ୟ ଖାଉଟି ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିଧାୟକ ପ୍ରକାଶ ସୋରେନଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଏହାକୁ ସ୍ୱୀକାର କରିଛନ୍ତି। ସେ କହିଛନ୍ତି ଯେ ଅନ୍ତର୍ଜାତୀୟ ବଜାରରେ ଦରଦାମ ପରିସ୍ଥିତି ଓ ଯୋଗାଣ



ପେଣ୍ଟଗୁଡ଼ିକରେ ହେଉଥିବା ଦର ବୃଦ୍ଧି ଆମ ରାଜ୍ୟ ବଜାର ଉପରେ ଅନୁଭୂତ ହେଉଛି। ସେହିପରି ଜାତୀୟ ହାରଠାରୁ ଓଡ଼ିଶାରେ ତେଲ, ପିଆଜ, ଚିନି ଦର ମଧ୍ୟ ଅଧିକ ରହିଛି। ସର୍ବଭାରତୀୟ ଦର ତୁଳନାରେ ଖାଇବା ତେଲର ଦର ୨.୫ରୁ ୪ ପ୍ରତିଶତ ଅଧିକ ଥିବା ବେଳେ ପିଆଜର ଦର ବି ସର୍ବଭାରତୀୟ ଦର ତୁଳନାରେ ଓଡ଼ିଶାରେ ୪.୯୬ ପ୍ରତିଶତ ଅଧିକ ରହିଛି। ତେବେ ବିଭିନ୍ନ ସାମଗ୍ରୀର ଦର ବୃଦ୍ଧି ପାଇଁ ମନ୍ତ୍ରୀ ଶ୍ରୀ ପାତ୍ର ପାଣିପାଗରେ ଅନିୟମିତତା ଓ ବନ୍ୟା ପରିସ୍ଥିତିକୁ ଦାୟୀ କରିଛନ୍ତି। ବନ୍ୟା ଯୋଗୁଁ ବ୍ୟାପକ ମାତ୍ରାରେ ଫସଲ ନଷ୍ଟ ହୋଇଥିବାରୁ ➾ପୃଷ୍ଠା-୬

### ଓଡ଼ିଶା ଡିଜିପି ନିଯୁକ୍ତି ବିବାଦ

## ଶୁଣାଣି ଅସମାପ୍ତ



### ଆଜି ପକ୍ଷ ରଖିବେ ରାଜ୍ୟ ଓ କେନ୍ଦ୍ର

**ନୂଆଦିଲ୍ଲୀ,୨୩।୯(ସଂଚାର ବ୍ୟୁରୋ):** ରାଜ୍ୟର ପରବର୍ତ୍ତୀ ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ଚୟନ ବିବାଦ ମାମଲାକୁ ନେଇ ସୁପ୍ରିମକୋର୍ଟରେ ଚାଲିଥିବା ଶୁଣାଣି ଆଜି ଅସମାପ୍ତ ରହିଛି। ଆସନ୍ତାକାଲି ପୁଣିଥରେ ଏହି ମାମଲାର ଶୁଣାଣି ହେବା ପାଇଁ ଦିନ ଧାର୍ଯ୍ୟ ହୋଇଛି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପି. ଚିଦାମ୍ବରମ, ପ୍ରଶାନ୍ତ ଭୂଷଣ, ବରିଷ୍ଠ ଆଇନଜୀବୀ କରୁଣା ନନ୍ଦୀ ଓ କୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆମିକସ କ୍ୟୁରି ରାଜୁ ରାମଚନ୍ଦ୍ରନ ଆଜି ନିଜର ଦୃଢ଼ ଯୁକ୍ତି ଉପସ୍ଥାପନ କରିଛନ୍ତି। ଆସନ୍ତାକାଲି ରାଜ୍ୟ ସରକାରଙ୍କ ପକ୍ଷରୁ ଆଡଭୋକେଟ ଜେନେରାଲ ଓ ସଲିସିଟର ଜେନେରାଲ ନିଜର ଜବାବ ରଖିବେ ବୋଲି ଜଣାପଡ଼ିଛି।

ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ ଭି. ମୋହନଙ୍କୁ ନେଇ ଗଠିତ ୩ଜଣିଆ ଖଣ୍ଡପୀଠ ଆଜି ପ୍ରାୟ ଦେଢ଼ ଘଣ୍ଟାରୁ ଅଧିକ ସମୟ ଧରି ବିଭିନ୍ନ ପକ୍ଷଙ୍କ ଯୁକ୍ତି ଶୁଣିଥିଲେ। ପୁଲିସ ଡିଜିପି ଚୟନ ପ୍ରକ୍ରିୟାରେ ପ୍ରକାଶ ସିଂ ମାମଲାର ମାର୍ଗଦର୍ଶିକା ଉଲ୍ଲଂଘନ, ବରିଷ୍ଠ ଆଇପିଏସ ଅଧିକାରୀ ସୁଶାନ୍ତ କୁମାର ନାଥଙ୍କ ସଚ୍ଚୋଟତା ପ୍ରମାଣପତ୍ର ପ୍ରତ୍ୟାହାର ଓ ମାତ୍ର ୪୮ ଘଣ୍ଟା ମଧ୍ୟରେ ଅସ୍ଥାୟୀ ଏକ୍ସ-କ୍ୟାଡ଼ର ଡିଜି ପଦବୀ ସୃଷ୍ଟି ପ୍ରସଙ୍ଗରେ ଆବେଦନକାରୀ ଓ ବରିଷ୍ଠ ଆମିକସ୍ କ୍ୟୁରି ରାଜୁ ରାମଚନ୍ଦ୍ରନ ନିଜର ବଳିଷ୍ଠ ଯୁକ୍ତି ଉପସ୍ଥାପନ କରି ରାଜ୍ୟ ସରକାରଙ୍କ ଭୂମିକା ଉପରେ ପ୍ରଶ୍ନ ଉଠାଇଥିଲେ।

ଏହି ମୂଳ ମାମଲାର ଆବେଦନକାରୀ ପ୍ରକାଶ ସିଂଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ କହିଥିଲେ ➾ପୃଷ୍ଠା-୬



### ରାଜ୍ୟରେ ସନ୍ତୁଳିତ ଶିଳ୍ପ ବିକାଶକୁ ଗୁରୁତ୍ୱ

## ୨.୪୭ ଲକ୍ଷ କୋଟିର ନିବେଶ ପ୍ରସ୍ତାବକୁ ମଞ୍ଜୁରୀ

- ଡାଟା ସେଣ୍ଟର, ଏଆଇ ଓ ନୂତନ ଜ୍ଞାନକୌଶଳ ଶିଳ୍ପକୁ ପ୍ରୋତ୍ସାହନ
- ଡାଟା ସେଣ୍ଟର ଓ ଆଇଟି କ୍ଷେତ୍ରରେ ୧.୪୨ ଲକ୍ଷ କୋଟି ନିବେଶ
- ଖୋର୍ଦ୍ଧାରେ ଆଦାନୀ କରିବ ମଲ୍ଟି ସ୍ପେଶାଲିଟି ହସ୍ପିଟାଲ

**ଭୁବନେଶ୍ୱର,୨୩।୯(ସଂଚାର ବ୍ୟୁରୋ):** ରାଜ୍ୟର ଶିଳ୍ପାୟନ କ୍ଷେତ୍ରରେ ଏକ ଐତିହାସିକ ମାଇଲଖୁଣ୍ଟ ସ୍ଥାପନ କରିଛନ୍ତି ଓଡ଼ିଶା ସରକାର। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୪୬ତମ ଉଚ୍ଚସ୍ତରୀୟ ମଞ୍ଜୁରୀ କର୍ତ୍ତୃପକ୍ଷ (ଏଚଏଲସିଏ) ବୈଠକରେ ରାଜ୍ୟର ୧୫ଟି ଜିଲ୍ଲାରେ ୨୭ଟି ବୃହତ ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଏହି ପ୍ରକଳ୍ପଗୁଡ଼ିକରେ ମୋଟ ୨ ଲକ୍ଷ ୪୭ ହଜାର ୧୧୫ କୋଟି ୭୦ ଲକ୍ଷ ଟଙ୍କାର ନିବେଶ ହେବା ସହ ରାଜ୍ୟର ୫୦,୧୬୨ ଜଣ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

ଏନେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଜି ମଞ୍ଜୁର ହୋଇଥିବା ନିବେଶର ଆକାର ଓ ବିବିଧତା ଓଡ଼ିଶା ପ୍ରତି ନିବେଶକଙ୍କ ବୃଦ୍ଧି ପାଉଥିବା ଆସ୍ଥାକୁ ଦର୍ଶାଉଛି। ଡାଟା ସେଣ୍ଟର, ଏଆଇ, ସେମିକଣ୍ଡକ୍ଟରଠାରୁ ଆରମ୍ଭ କରି ସବୁଜ ଶକ୍ତି, ସ୍ୱାସ୍ଥ୍ୟସେବା ଓ ଇସ୍ପାତ ପର୍ଯ୍ୟନ୍ତ ଓଡ଼ିଶା ଏବେ ପ୍ରଗତିର ନୂଆ ଅଧ୍ୟାୟ ରଚନା କରୁଛି। ଆମର ମୁଖ୍ୟ ଲକ୍ଷ୍ୟ ହେଉଛି ➾ପୃଷ୍ଠା-୬

## ଡି. ପୁରନ୍ଦେଶ୍ୱରୀ ପୁଣି ଓଡ଼ିଶା ପ୍ରଭାରୀ

- ସୁନୀଲ ବଂଶଲ ଧରିବେ ପଶ୍ଚିମବଙ୍ଗ ଓ ତେଲଙ୍ଗାନା ମଙ୍ଗ
- ଫେରିଲେ ସ୍ମୃତି; ରାମ ମାଧବଙ୍କୁ ଦୁଇ ରାଜ୍ୟ ଦାୟିତ୍ୱ
- ବୈଜୟନ୍ତ ପଣ୍ଡା ହେଲେ ମହାରାଷ୍ଟ୍ର ପ୍ରଭାରୀ



**ନୂଆଦିଲ୍ଲୀ,୨୩।୯ଃ** ବିଜେପିରେ ଆଜି ଏକ ବଡ଼ ଧରଣର ସାଙ୍ଗଠନିକ ପରିବର୍ତ୍ତନ ହୋଇଛି। ଅନେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ନୂଆ ରାଜ୍ୟ ପ୍ରଭାରୀ ଏବଂ ସହ-ପ୍ରଭାରୀ ନିଯୁକ୍ତ ହୋଇଛନ୍ତି। ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତୀନ ନବୀନଙ୍କ ଦ୍ୱାରା ତାଲିକାରେ ମୋଟ ୩୬ଟି ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ପ୍ରଭାରୀ ଓ ସହ-ପ୍ରଭାରୀଙ୍କ ନିଯୁକ୍ତି ଘୋଷଣା କରାଯାଇଛି। ଏହି ନିଯୁକ୍ତିଗୁଡ଼ିକ ତୁରନ୍ତ କାର୍ଯ୍ୟକାରୀ ହେବ। ଓଡ଼ିଶା ପାଇଁ ଡି. ପୁରନ୍ଦେଶ୍ୱରୀଙ୍କୁ ପ୍ରଭାରୀ ଓ ଡ. ସ୍ୱଦେଶ ସିଂଙ୍କୁ ସହପ୍ରଭାରୀ ନିଯୁକ୍ତ କରାଯାଇଛି। ଶ୍ରୀମତୀ ପୁରନ୍ଦେଶ୍ୱରୀ ରାଜ୍ୟ ବିଜେପିର ପ୍ରଭାରୀ ଭାବେ ପୂର୍ବରୁ ପ୍ରାୟ ୨ ବର୍ଷ ୮ ମାସ କାର୍ଯ୍ୟ କରିଥିଲେ। ସେହିପରି ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ମହାରାଷ୍ଟ୍ର ପ୍ରଭାରୀ ➾ପୃଷ୍ଠା-୬

### ପଞ୍ଚାୟତ ନିର୍ବାଚନ

## ପଛୁଆ ବର୍ଗଙ୍କୁ ସଂରକ୍ଷଣ ପାଇଁ କସରତ



### ● ମିଳିବ କି ୨୭ ପ୍ରତିଶତ ସଂରକ୍ଷଣ ?

**ଭୁବନେଶ୍ୱର,୨୩।୯(ସଂଚାର ବ୍ୟୁରୋ):** ଆଗାମୀ ପଞ୍ଚାୟତ ନିର୍ବାଚନରେ ଓବିସି/ଏସଇବିସି ବର୍ଗର ପ୍ରାର୍ଥୀଙ୍କ ପାଇଁ ସ୍ଥାନ ସଂରକ୍ଷଣ ସକାଶେ ଆରମ୍ଭ ହୋଇଛି କସରତ। ତେବେ ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ ହେବ କି ନାହିଁ, ସେ ନେଇ ରାଜ୍ୟ ସରକାର ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। ଏହି ପ୍ରସଙ୍ଗ ବର୍ତ୍ତମାନ ରାଜ୍ୟ ସରକାରଙ୍କ ବିଚାରାଧୀନ ରହିଛି ଏବଂ ସୁପ୍ରିମକୋର୍ଟଙ୍କ କଡ଼ା ନିର୍ଦ୍ଦେଶାବଳୀକୁ ଆଧାର କରି ନିଷ୍ପତ୍ତି ନିଆଯାଉଥିବା ନେଇ ବିଧାନସଭାରେ ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାଏକ କହିବା ପରେ ଏହାକୁ ନେଇ ପୁଣି ଥରେ ଚର୍ଚ୍ଚା ଆରମ୍ଭ ହୋଇଛି।

ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ ମନ୍ତ୍ରୀ କହିଛନ୍ତି ଯେ ସୁପ୍ରିମକୋର୍ଟଙ୍କ ଐତିହାସିକ 'କେ. କୃଷ୍ଣମୂର୍ତ୍ତି' ମାମଲାରେ ଦିଆଯାଇଥିବା 'ଟ୍ରିପଲ ଟେଷ୍ଟ' ନିର୍ଦ୍ଦେଶ ଓ ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶାବଳୀକୁ ଆଧାର କରି ରାଜ୍ୟ ସରକାର ଏହି ସଂରକ୍ଷଣ ପ୍ରସଙ୍ଗର ଆଇନଗତ ଓ ବ୍ୟାବହାରିକ ଦିଗ ଉପରେ ପରୀକ୍ଷା-ନିରୀକ୍ଷା କରୁଛନ୍ତି।

ଉଲ୍ଲେଖଯୋଗ୍ୟ ଯେ ୨୦୨୧ରେ ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ, ପଞ୍ଚାୟତ ସମିତି ଆଇନ ଓ ଜିଲ୍ଲା ପରିଷଦ ଆଇନରେ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ କରାଯାଇଥିଲା। ସର୍ବୋଚ୍ଚ ଅଦାଲତଙ୍କ ନିୟମାନୁସାରେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ଅନ୍ୟ ପଛୁଆ ବର୍ଗଙ୍କୁ ମିଶାଇ ମୋଟ ସଂରକ୍ଷଣ ସୀମାକୁ ୫୦ ପ୍ରତିଶତ ମଧ୍ୟରେ ସୀମିତ ରଖିବା ବାଧ୍ୟତାମୂଳକ ହୋଇଥିଲା। ଏହି କାରଣରୁ ପୂର୍ବରୁ ପଛୁଆ ବର୍ଗଙ୍କ ପାଇଁ ଥିବା ୨୭ ପ୍ରତିଶତ ସଂରକ୍ଷଣ ସୀମା ପ୍ରଭାବିତ ହୋଇଥିଲା। ➾ପୃଷ୍ଠା-୬




### ରାସ୍ତା ନାହିଁ ବୋଲି ଆସିପାରିଲାନି ଆମ୍ବୁଲାନ୍ସ

# ଦୋଳାରେ ବୁହାହୋଇ ମେଡ଼ିକାଲ ଗଲେ ବୃଦ୍ଧା

### ଏକ କିଲୋମିଟର କାଦୁଅ ରାସ୍ତାରେ କାନ୍ଧରେ ବୋହିଲେ ପରିବାର ଲୋକେ



**ମହାକାଳପଡ଼ା,୨୩।୯ (ସଂଚାର ବ୍ୟୁରୋ):** ସ୍ୱାଧୀନତାର ୮୦ ବର୍ଷ ପରେ ମଧ୍ୟ ଗାଁକୁ ଭଲ ରାସ୍ତାଟିଏ ନଥିବାରୁ ଜରୁରୀ ସମୟରେ ଆମ୍ବୁଲାନ୍ସ ପହଞ୍ଚିପାରୁନି। ଫଳରେ ଅସୁସ୍ଥ ଜଣେ ବୃଦ୍ଧାଙ୍କୁ ଦୋଳାରେ କାନ୍ଧରେ ବୋହି କାଦୁଅ ପଚପଚ ରାସ୍ତାରେ ପ୍ରାୟ ଏକ କିଲୋମିଟର ନେବାକୁ ପଡ଼ିଛି। ଏଭଳି ଏକ ହୃଦୟବିଦାରକ ଦୃଶ୍ୟ ମହାକାଳପଡ଼ା ବ୍ଲକ୍ ଅନ୍ତର୍ଗତ ସୁନିତି ପଞ୍ଚାୟତର ପଶ୍ଚିମ ସୁନିତି ଗ୍ରାମର ୧ ନମ୍ବର ୱାର୍ଡରେ ଦେଖିବାକୁ ମିଳିଛି।

ସୂଚନା ଅନୁଯାୟୀ, ସେପ୍ଟେମ୍ବର ୨୨ ତାରିଖ ମଙ୍ଗଳବାର ବିଳମ୍ବିତ ରାତିରେ ପଶ୍ଚିମ ସୁନିତି ଗ୍ରାମର ବଙ୍କିମ ଚନ୍ଦ୍ର ଦାସଙ୍କ ପତ୍ନୀ ପାରୁଲ ଦାସ (୬୫) ଖାଇସାରି ଶୋଇଥିଲେ। ରାତି ପ୍ରାୟ ୧୦ଟା ୩୦ରେ ହଠାତ୍ ତାଙ୍କର ନିଃଶ୍ୱାସ ନେବାରେ କଷ୍ଟ ହେବା ସହ କଥାବାର୍ତ୍ତା କରିବାରେ ମଧ୍ୟ ସମସ୍ୟା ଦେଖାଦେଇଥିଲା।

ପରିବାର ଲୋକେ ତୁରନ୍ତ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ହେଲେ ଗାଁକୁ ଯିବା ରାସ୍ତା କାଦୁଅ ପଚପଚ ହୋଇଥିବାରୁ ଆମ୍ବୁଲାନ୍ସ ଘଟଣାସ୍ଥଳ ପର୍ଯ୍ୟନ୍ତ ପହଞ୍ଚିପାରିନଥିଲା। ଶେଷରେ ଅନ୍ୟ କୌଣସି ଉପାୟ ନପାଇ ପରିବାର ଲୋକେ ଦୋଳା ଭାର ସାହାଯ୍ୟରେ ପାରୁଲଙ୍କୁ କାନ୍ଧରେ ବୋହି ନେଇଥିଲେ। ପ୍ରାୟ ଏକ କିଲୋମିଟର କାଦୁଅ ରାସ୍ତା ଅତିକ୍ରମ କରିବା ପରେ ଗାଡ଼ି ଯୋଗେ ତାଙ୍କୁ ମେଡିକାଲକୁ ନିଆଯାଇଥିଲା।

ପଶ୍ଚିମ ସୁନିତି ଜଗନ୍ନାଥ ମନ୍ଦିର ନିକଟରୁ ଗାୟନପଡ଼ା ଦେଇ ମାନାପଡ଼ା ପର୍ଯ୍ୟନ୍ତ ଯାଇଥିବା ପ୍ରାୟ ଏକ କିଲୋମିଟର ରାସ୍ତା ଦୀର୍ଘଦିନ ଧରି ଗ୍ରାମବାସୀଙ୍କ ପାଇଁ ଦୁର୍ଦ୍ଦଶାର କାରଣ ପାଲଟିଛି। ବର୍ଷା ହେଲେ ରାସ୍ତାର ଅବସ୍ଥା ଆହୁରି ଦୟନୀୟ ହୋଇପଡ଼ୁଛି। ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ବୃଦ୍ଧବୃଦ୍ଧା ଓ ସାଧାରଣ ଲୋକେ ପ୍ରତିଦିନ ଏହି ରାସ୍ତାରେ ଯାତାୟାତ କରିବା ବେଳେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗୁରୁତର ରୋଗୀଙ୍କୁ ହସ୍ପିଟାଲ ନେବା ସମୟରେ ରାସ୍ତା ଅଭାବ ସବୁଠାରୁ ବଡ଼ ସମସ୍ୟା ପାଲଟୁଛି। ଆମ୍ବୁଲାନ୍ସ ଭଳି ଜରୁରୀକାଳୀନ ସେବା ମଧ୍ୟ ଗାଁ ଭିତରକୁ ପହଞ୍ଚି ପାରୁନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ରାସ୍ତା ନିର୍ମାଣ ପାଇଁ ବାରମ୍ବାର ପ୍ରଶାସନ ନିକଟରେ ଦାବି ଓ ଅଭିଯୋଗ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସ୍ଥାୟୀ ସମାଧାନ ହୋଇନାହିଁ। ଏବେ ଅସୁସ୍ଥ ବୃଦ୍ଧାଙ୍କୁ ଦୋଳାରେ ବୋହି ନେବାର ଘଟଣା ଗ୍ରାମର ଦୀର୍ଘଦିନର ରାସ୍ତା ସମସ୍ୟାକୁ ପୁଣିଥରେ ସାମ୍ନାକୁ ଆଣିଛି। ପ୍ରଶାସନ ତୁରନ୍ତ ଏହି ରାସ୍ତାର ସ୍ଥାୟୀ ନିର୍ମାଣ ପାଇଁ ପଦକ୍ଷେପ ନେଉ ବୋଲି ଗ୍ରାମବାସୀଙ୍କ ଦାବି କରିଛନ୍ତି।

## ପୋଖରୀରୁ ୧୫ ଫୁଟିଆ ବଉଳା କୁମ୍ଭୀର ଉଦ୍ଧାର



**ମହାକାଳପଡ଼ା,୨୩।୯(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ୍ ଅଧୀନ କଂସାରବଡ଼ଦାଣ୍ଡୁଆ ପଞ୍ଚାୟତ ଅନ୍ତର୍ଗତ ବଗଗହଣ ଗ୍ରାମର ରାଜୁ କରଙ୍କ ପୋଖରୀରୁ ୧୦ ଫୁଟ ଲମ୍ବର ଏକ ବଉଳା କୁମ୍ଭୀରକୁ ବନବିଭାଗ ଓ ଗ୍ରାମବାସୀଙ୍କ ସହଯୋଗରେ ବୁଧବାର ଉଦ୍ଧାର କରାଯାଇଛି ।

ସୂଚନା ଅନୁଯାଇ ରାଜୁ ପୋଖରୀରେ ଏକ କୁମ୍ଭୀର ଥିବା ଦେଖିବା ପରେ ବନବିଭାଗ କୁ ଖବର ଦେଇଥିଲେ। ଖବର ପାଇ ବନବିଭାଗର ରେଞ୍ଜର ଶାନ୍ତନୁ କୁମାର ଦଳାଇଙ୍କ ନେତୃତ୍ୱରେ ଏକ ଟିମ ପୋଖରୀ ନିକଟରେ ପହଞ୍ଚି ଗ୍ରାମବାସୀଙ୍କ ସହଯୋଗରେ ଜାଲ ଟାଣି କୁମ୍ଭୀରଟିକୁ କାବୁ କରି ଉଦ୍ଧାର କରିଥିଲେ। ପୋଖରୀ ଠାରୁ ଅଧ କିଲୋମିଟର ଦୂରରେ ଥିବା ଗୋବରୀ ନଦୀରୁ କୁମ୍ଭୀରଟି ପୋଖରୀକୁ ଚାଲି ଆସିଥିବା ଅନୁମାନ କରାଯାଉଛି। ପୋଖରୀରେ କୁମ୍ଭୀର ଦେଖିବା ପାଇଁ ପ୍ରବଳ ଜନସମାଗମ ହୋଇଥିଲା। ଉଦ୍ଧାର କୁମ୍ଭୀରଟିକୁ ଭିତରକନିକା ସଂରକ୍ଷିତ ନାଳରେ ଛାଡ଼ି ଦିଆଯିବ ବୋଲି ମହାକାଳପଡ଼ା ରେଞ୍ଜ ଅଧିକାରୀ ସୂଚନା ଦେଇଛନ୍ତି।

### ମହାକାଳପଡ଼ାରେ ପିଇଓ ଓ ଏଡିଇଓ ସ୍ତରରେ ଅଦଳବଦଳ

## ୩୧ ପଞ୍ଚାୟତ ପାଇଁ ନୂଆ ଦାୟିତ୍ୱ ବଣ୍ଟନ




**ମହାକାଳପଡ଼ା,୨୩।୯(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ୍‌ରେ ପଞ୍ଚାୟତସ୍ତରୀୟ ବିକାଶ କାର୍ଯ୍ୟକୁ ସୁଚାରୁ ଭାବେ ପରିଚାଳନା କରିବା ଲକ୍ଷ୍ୟରେ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ଓ ଏଡିଇଓ/ଜିଆରଏସ୍‌ମାନଙ୍କ ମଧ୍ୟରେ ବୁଧବାର ଅଦଳବଦଳ କରାଯାଇଛି। ଏନେଇ ମହାକାଳପଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପକ୍ଷରୁ ଚିଠି ନମ୍ବର ୪୪୨୨ ରେ କାର୍ଯ୍ୟାଦେଶ ଜାରି ହୋଇଛି।

ଜାରି ହୋଇଥିବା ଆଦେଶ ଅନୁଯାୟୀ, ବ୍ଲକ୍‌ର ୩୧ଟି ଗ୍ରାମପଞ୍ଚାୟତ ଅଳାଇଲୋ, ଅମେଇପାଳ, ବଢ଼ିହି, ବଡ଼କୁଳ, ବଳିପାଳ, ବାରଡ଼ଙ୍ଗା, ବରକନ୍ଧା , ବଟିଘର, ବଉଳକଣୀ, ବିଜୟନଗର, ଦେଉଳପଡ଼ା, ଗଡ଼ରୋମିତ, ଗୋଗୁଆ, ଜଦୁପୁର, ଜମ୍ବୁ, ଜୟଚନ୍ଦ୍ରପୁର, କରଞ୍ଜ, କଂସାରବଡଡାଣ୍ଡୁଆ, ଖରିନାସୀ, ଖୁରୁଷିଆ, ନାଞ୍ଜୁରା, ମହାକାଳପଡ଼ା, ମଙ୍ଗଳପୁର, ପାଟୁଳିପଙ୍ଗା, ପେଟଛେଲା, ରାଜଗଡ଼, ରାମନଗର, ସୁନିତି, ତେରଗାଁ, ଟିକିରିପଙ୍ଗା ଓ ତିଖିରି ପଞ୍ଚାୟତ ପାଇଁ ପିଇଓ ଓ ଏଡିଇଓ/ଜିଆରଏସ୍‌ଙ୍କ ନୂଆ ଦାୟିତ୍ୱ ବଣ୍ଟନ କରାଯାଇଛି।

ପୂର୍ବରୁ ଏମାନଙ୍କ ବଦଳି ପାଇଁ ବିଭିନ୍ନ ଖବର ପ୍ରକାଶ ପାଇଥିଲା। ଏଥିସହ ବର୍ଣ୍ଣେନ୍ଦୁ କୁମାର ସ୍ୱାଇଁ, ପିଇଓଙ୍କୁ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରୁ ପ୍ରତ୍ୟାହାର କରାଯାଇ ବ୍ଲକ୍ କାର୍ଯ୍ୟାଳୟର ଡେଭଲପମେଣ୍ଟ ସେକ୍ସନରେ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଅବସ୍ଥାପିତ କରାଯାଇଛି। ଏହି କାର୍ଯ୍ୟାଦେଶ ତୁରନ୍ତ ଲାଗୁ ହେବ ବୋଲି ବ୍ଲକ୍ କାର୍ଯ୍ୟାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି।

### ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ' ପାଇଁ ଘୁଞ୍ଚିଲା ତୃତୀୟ ଓ ପଞ୍ଚମ ମେଧାବୃତି ପରୀକ୍ଷା ତାରିଖ

**ଡେରାବିଶ,୨୩।୯(ସଂଚାର ବ୍ୟୁରୋ):** ସମ୍ଭାବ୍ୟ ବାତ୍ୟା 'ଅନ୍ନବ' ପାଇଁ ଶିକ୍ଷା ବିଭାଗ ପକ୍ଷରୁ ଅନୁଷ୍ଠିତ ହେବାକୁଥିବା ତୃତୀୟ ଓ ପଞ୍ଚମ ଶେଣୀର ମେଧାବୃତି ପରୀକ୍ଷାକୁ ଘୁଞ୍ଚାଇ ଦିଆଯାଇଛି। ସୂଚନା ଅନୁଯାୟୀ ଏହି ବୃତି ପରୀକ୍ଷା ସମଗ୍ର ରାଜ୍ୟରେ ଆସନ୍ତା ୨୪ ତାରିଖରେ ହେବ ବୋଲି ବୋର୍ଡ଼ ପକ୍ଷରୁ ଧାର୍ଯ୍ୟ କରାଯାଇ ଛାତ୍ରଛାତ୍ରୀମାନଙ୍କୁ ଆଡ଼ମିଟ୍ କାର୍ଡ଼ ମଧ୍ୟ ବଣ୍ଟନ କରାଯାଇଥିଲା। ତେବେ ସମ୍ଭାବ୍ୟ ବାତ୍ୟାରେ ପ୍ରଚୁର ପରିମାଣରେ ବର୍ଷା ଓ ପବନ ହେବା ସମ୍ଭାବନାକୁ ଦୃଷ୍ଟିରେ ରଖି ରାଜ୍ୟର ଅନେକ ଜିଲ୍ଲାରେ ସ୍କୁଲ ଛୁଟି ଘୋଷଣା କରାଯାଇଛି। ଉପକୂଳବର୍ତୀ କେନ୍ଦ୍ରାପଡ଼ା ଜିଲ୍ଲାରେ ବାତ୍ୟା ପ୍ରଭାବରେ ଆଜି ଠାରୁ ପ୍ରବଳ ବର୍ଷା ହେଉଥିବା ବେଳେ ପାଣିପାଗ ବିଭାଗ ପକ୍ଷରୁ ବର୍ଷାର ଆହୁରି ବଢ଼ିବାର ସମ୍ଭାବନା ରହିଛି। ତେଣୁ ଛାତ୍ରଛାତ୍ରୀ ମାନଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ପରୀକ୍ଷା ସମଗ୍ର ରାଜ୍ୟରେ ଆସନ୍ତା ୨୪ ତାରିଖ ପରିବର୍ତେ ଅକ୍ଟୋବର ୩ ତାରିଖ ଶନିବାର ଦିନ ହେବ ବୋଲି ବୋର୍ଡ଼ ପକ୍ଷରୁ ରାଜ୍ୟର ସମସ୍ତ ବିଦ୍ୟାଳୟକୁ ନିର୍ଦ୍ଦେଶ ଦିଆଯାଇଛି। ସେହି ପରୀକ୍ଷାରେ ପୂର୍ବରୁ ଛାତ୍ରଛାତ୍ରୀମାନଙ୍କୁ ଦିଆଯାଇଥିବା ଆଡ଼ମିଟ୍ କାର୍ଡ଼ ଗ୍ରହଣୀୟ ହେବ ବୋଲି ସୂଚନା ଦିଆଯାଇଛି।

### ରାସ୍ତା ସାଜିଛି ମରଣଯନ୍ତା

## ଖାଲଖମା ରାସ୍ତାରେ ପଡ଼ି ଭାଙ୍ଗୁଛି ହାତଗୋଡ଼

### ପ୍ରଶାସନର ନୀରବତାକୁ ନେଇ ତୀବ୍ର ଅସନ୍ତୋଷ



**କେନ୍ଦ୍ରାପଡ଼ା,୨୩।୯(ସଂଚାର ବ୍ୟୁରୋ):** ରାସ୍ତା ସାଜିଛି ମରଣଯନ୍ତା। ଟିକେ ଅନ୍ୟମନସ୍କ ହେଲେ ଦୁର୍ଘଟଣା ହେବା ନିଶ୍ଚିତ । ଏହି ସମସ୍ୟା ଆଜି କାଲିର ନୁହେଁ ଦୀର୍ଘ ବର୍ଷ ବର୍ଷ ଧରି ଏହି ରାସ୍ତା ଦେଇ ଯାଉଥିବା ବାଟୋଇ ଏବଂ ସ୍ଥାନୀୟ ଅଞ୍ଚଳର ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି । ଯିଏ ଏହି ରାସ୍ତା ରେ ଥରେ ଯାଉଛି ଆଉ ଯିବାକୁ ମନେ କରୁନି । କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଆଖୁଆ ଓଡ଼ଙ୍ଗ ହାଟଠାରୁ ପୋଦନା-ନରସିଂହପୁର ସ୍କୁଲ ପର୍ଯ୍ୟନ୍ତ ଯାଇଥିବା ଢଳାଇ ରାସ୍ତାର ଶୋଚନୀୟ ଅବସ୍ଥାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ବ୍ୟାପକ ଅସନ୍ତୋଷ ବଢ଼ିଛି। ଦୀର୍ଘ ୩୦ ବର୍ଷ ଧରି ଏହି ରାସ୍ତାର ମରାମତି ନ ହୋଇଥିବାରୁ ଅନେକ ସ୍ଥାନରେ ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇଛି। ଫଳରେ ରାସ୍ତାରେ ପଡ଼ି ଲୋକଙ୍କ ହାତଗୋଡ଼ ଭାଙ୍ଗୁଥିବା ଅଭିଯୋଗ ଉଠିଛି।

ଏହି ରାସ୍ତା ଦେଇ ସ୍କୁଲ, କଲେଜ, ମେଡିକାଲ ସମେତ ବିଭିନ୍ନ ସ୍ଥାନକୁ ପ୍ରତିଦିନ ଯାତାୟାତ କରୁଛନ୍ତି ଅଞ୍ଚଳବାସୀ। ରାସ୍ତାର ଦୁରବସ୍ଥା ଯୋଗୁଁ ଛାତ୍ରଛାତ୍ରୀ, ବାଇକ୍ ଓ ସାଇକେଲ ଚାଳକମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଖାଲଖମାରେ ପଡ଼ି ହାତଗୋଡ଼ ଭାଙ୍ଗିବା ସହିତ କଲେଜ ଛାତ୍ରଛାତ୍ରୀଙ୍କ ସାଇକେଲ ଲିକ୍ ହେବା ଓ ଟାୟାର ଭାଙ୍ଗିଯିବା ଭଳି ଘଟଣା ମଧ୍ୟ ଘଟୁଛି ବୋଲି ଅଭିଯୋଗ ହୋଇଛି।

ତିନୋଟି ନିର୍ବାଚନମଣ୍ଡଳୀର ଲୋକଙ୍କ ଯାତାୟାତ ପାଇଁ ଏହି ରାସ୍ତା ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ଦୀର୍ଘବର୍ଷ ଧରି ଏହା ଦୁରବସ୍ଥାରେ ପଡ଼ିରହିଛି। ଅଞ୍ଚଳବାସୀ ଏହି ରାସ୍ତାର ତୁରନ୍ତ ପୁନରୁଦ୍ଧାର କରି ଯାତାୟାତ ସମସ୍ୟା ଦୂର କରିବାକୁ ଦାବି କରିଛନ୍ତି।

ସ୍ଥାନୀୟ ଲୋକଙ୍କ ଅନୁଯାୟୀ, ରାସ୍ତାର ଏହି ଅବସ୍ଥା ଯୋଗୁଁ ପ୍ରତିଦିନ ହୀନସ୍ତା ଭୋଗୁଛନ୍ତି ଛାତ୍ରଛାତ୍ରୀ ଓ ସାଧାରଣ ଲୋକେ। ତେଣୁ ପ୍ରଶାସନ ଓ ସମ୍ବନ୍ଧିତ ବିଭାଗ ତରଫରୁ ଶୀଘ୍ର ମରାମତି କାର୍ଯ୍ୟ ଆରମ୍ଭ କରିବା ଆବଶ୍ୟକ ବୋଲି ସେମାନେ ଦାବି କରିଛନ୍ତି।

### ଲଗାଣ ବର୍ଷା ପବନରେ ଗଛ ଉପୁଡି ଭାଙ୍ଗିଲା ୨ଟି ବାଇକ



**ପଟ୍ଟାମୁଣ୍ଡାଇ,୨୩।୯(ସଂଚାର ବ୍ୟୁରୋ):** ଗତ କିଛି ଦିନ ଧରି ଲଘୁଚାପଜନିତ ଲଗାଣ ବର୍ଷା ପବନ ଯୋଗୁଁ ପଟ୍ଟାମୁଣ୍ଡାଇ ଅଂଚଳରେ ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ସର୍ବତ୍ର ରାସ୍ତାଘାଟରେ ପାଣି ସୁଅ ଛୁଟୁଛି । ଲଗାଣବର୍ଷା ପବନ ଯୋଗୁଁ ପଟ୍ଟାମୁଣ୍ଡାଇ ଷ୍ଟେଟ ବ୍ୟାଙ୍କ ପରିସରରେ ଥିବା ଏକ କଦମ୍ବ ଗଛ ହଠାତ ଉପୁଡି ପଡିବା ଫଳରେ ଦୁଇଟି ବାଇକ ଭାଙ୍ଗି ଯାଇଛି। ବ୍ୟାଙ୍କ କର୍ମଚାରୀ ଓ ଗ୍ରାହକ ମାନେ ଅଳ୍ପକେ ବର୍ତି ଯାଇଛନ୍ତି। ହଟାତ ଗଛ ଉପୁଡିବା ଯୋଗୁଁ ଏକ ବଡ଼ ଧରଣର ଦୁର୍ଘଟଣା ଆଶଙ୍କା କରା ଯାଉଥିଲା । ତେଓ୍ୱେ ଲଗାଣବର୍ଷା ପବନ ଯୋଗୁଁ ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳରେ ଜନଜୀବନ ଗୁରୁତର ଭାବେ ପ୍ରଭାବିତ ହୋଇଛି । ବର୍ଷା ପବନ ଯୋଗୁଁ ବ୍ୟାପକ ପନିପରିବା ଫସଲ ନଷ୍ଟ ହୋଇଥିବାରୁ ପନିପରିବା ଦର ଆକାଶଛୁଆଁ ହୋଇଛି। ତେବେ ସମ୍ଭାବ୍ୟ ବାତ୍ୟା ନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରଚାର ଚାଲି ଥିବାରୁ ସ୍ଥାନୀୟ ଲୋକମାନେ ଆଶା ଆଶଙ୍କା ମଧ୍ୟରେ ଦିନ କାଟୁଛନ୍ତି । ବାତ୍ୟା ନେଇ ବିଭିନ୍ନ ସ୍ଥାନରେ ଚର୍ଚ୍ଚା ଆଲୋଚନା ଚାଲିଛି ।

### ପୋଖରୀରେ ବୁଡ଼ି ଶିଶୁ ମୃତ



**ପଟ୍ଟାମୁଣ୍ଡାଇ,୨୩।୯(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ତଥା ଆଦର୍ଶ ଥାନା ଅନ୍ତର୍ଗତ ପେଣ୍ଠପାଳ ପଂଚାୟତରେ ଆଜି ଏକ ଅଭାବନୀୟ ଘଟଣା ଘଟି ଯାଇଛି । ପେଣ୍ଠପାଳ ପଂଚାୟତ ପେଣ୍ଠପାଳ ଗ୍ରାମର ତାପସ ବିଶ୍ୱାଳଙ୍କ ପୁଅ ପ୍ରକାଶ ବିଶ୍ୱାଳ (ବବଲୁ) ୧୧ବର୍ଷ ନିକଟସ୍ଥ ସିରା ପଡିଆ ପୋଖରୀକୁ ଦିବା ୧ଘଟିକା ସମୟରେ ଶୌଚ ହେବା ପାଇଁ ଯାଇଥିଲା । ମାତ୍ର ଦୀର୍ଘ ସମୟ ଧରି ଘରକୁ ନଫେରିବାରୁ ପରିବାର ଲୋକମାନେ ବ୍ୟସ୍ତ ହୋଇ ଖୋଜା ଖୋଜି କରିଥିଲେ । ଖବର ପାଇ ପଟ୍ଟାମୁଣ୍ଡାଇରୁ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ଥିଲା । ଅଗ୍ନିଶମ ବାହିନୀ ସ୍ଥାନୀୟ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ପୋଖରୀ ମଧ୍ୟରୁ ମୃତଦେହ ଉଦ୍ଧାର କରାଯାଇଥିଲା । ମୃତ ବବୁଲ ପେଣ୍ଠପାଳ ପ୍ରକଳ୍ପ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ୫ମ ଶ୍ରେଣୀରେ ପଢୁଥିଲା । ସ୍ଥାନୀୟ ପୁଲିସ ଏ ସମ୍ପର୍କରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଛେଦ ପାଇଁ ପଠାଇଛି ।

## ନାବାଳିକା ଦୁଷ୍କର୍ମ ମାମଲାରେ ଅଭିଯୁକ୍ତଙ୍କୁ ୨୫ ବର୍ଷ ସଶ୍ରମ କାରାଦଣ୍ଡ

### ୫୦ ହଜାର ଜରିମାନା ସହ ପୀଡ଼ିତାଙ୍କୁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ନିର୍ଦ୍ଦେଶ

**କେନ୍ଦ୍ରାପଡ଼ା,୨୩।୯(ସଂଚାର ବ୍ୟୁରୋ):** ଏକ ନାବାଳିକା ଗଣଦୁଷ୍କର୍ମ ମାମଲାର ବିଚାର କରି କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟର ବିଚାରପତି ପ୍ରଜ୍ଞା ପାରମିତା ରାଉଳ ଦୋଷୀକୁ ୨୫ ବର୍ଷର ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏହା ସହିତ ୫୦ ହଜାର ଟଙ୍କା ଅର୍ଥଦଣ୍ଡ ଏବଂ ଜରିମାନା ଅନାଦେୟ ଆଉ ଏକ ବର୍ଷ ଅତିରିକ୍ତ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଦଣ୍ଡିତ ଅଭିଯୁକ୍ତ ଜଣକ ହେଲେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ସାଂକୁପା ଗ୍ରାମର ୫୮ ବର୍ଷୀୟ ଗୌରାଙ୍ଗ ସେଠୀ ଓ ଅନ୍ୟ ସହଯୋଗୀ ଏକତ୍ର ମିଳି ମିଶି ଏହି ଘଟଣା ଘଟାଇଥିଲେ।

ଘଟଣାର ବିବରଣୀ ଅନୁଯାୟୀ ୨୦୨୩ ମସିହାରେ ନାବାଳିକା ଜଣକ ବାବର ବଜାରରୁ ଘରକୁ ଫେରୁଥିବା ବେଳେ ନାବାଳିକାଙ୍କୁ ଅଟକାଇ ଅଭିଯୁକ୍ତମାନେ ଘରକୁ ଡାକି ନେଇ ମୁହଁ ବନ୍ଦ କରି ଜଣଙ୍କ ପରେ ଜଣେ ଦୁଷ୍କର୍ମ କରିଥିଲେ ଏବଂ କାହାକୁ କହିଲେ ପରିବାରକୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଉକ୍ତ ଘଟଣା ରେ ନାବାଳିକା ଜଣକ ଘଟଣାର ପ୍ରାୟ ୬ ମାସ ପରେ ପୀଡ଼ିତା ଅସୁସ୍ଥ ହୋଇ ଡାକ୍ତରଖାନାରେ ପରୀକ୍ଷା କରାଇବା ପରେ ସେ ୬ ମାସର ଗର୍ଭବତୀ ଥିବା ଜଣାପଡ଼ିଥିଲା। ଏହାପରେ ପରିବାର ପକ୍ଷରୁ ୨୦୨୩ ସେପ୍ଟେମ୍ବର ୯ ତାରିଖରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଲିଖିତ ଅଭିଯୋଗ (କେସ୍ ନଂ ୪୮୧/୨୩) ଦାୟର କରାଯାଇଥିଲା।

ଏହି ମକଦ୍ଦମା ବିଚାର ସମୟରେ କୋର୍ଟ ୧୭ ଜଣ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ପୋକ୍ସୋ ଆକ୍ଟର ଧାରା ୬ ଅଧୀନରେ ଗୌରାଙ୍ଗ ସେଠୀଙ୍କୁ ଦୋଷୀ ସାବ୍ୟସ୍ତ କରି ୨୫ ବର୍ଷ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି। ଅନ୍ୟପକ୍ଷରେ, ମାମଲାର ଅନ୍ୟ ଦୁଇ ଅଭିଯୁକ୍ତ nka ର ମକଦ୍ଦମା ବିଚାରଧୀନ ଅଛି।ଏବଂ ଅନ୍ୟ ଆସାମୀ ଫେରାର ଥିବା ଦର୍ଶାଯାଇଛି।

କ୍ଷତିପୂରଣ: ପୀଡ଼ିତାଙ୍କ ମାନସିକ ଆଘାତ କୁ ଦୃଷ୍ଟିରେ ରଖି ଜିଲ୍ଲା ଆଇନ ସେବା ପ୍ରାଧିକରଣ ମାଧ୍ୟମରେ ପୀଡ଼ିତାଙ୍କୁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାଟି ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଶ୍ରୀ ନେହୁର କୁମାର ସାହୁ ପରିଚାଳନା କରୁଥିଲେ।

## ଆଖୁଆ ଓଢ଼ଙ୍ଗ ହାଇସ୍କୁଲରେ ସମୟ ପୂର୍ବରୁ ଛୁଟି

### ଶିକ୍ଷା ବ୍ୟବସ୍ଥାରେ ଅବହେଳା ବିରୋଧରେ ସ୍ଥାନୀୟ ଲୋକଙ୍କ ଅଭିଯୋଗ



**ମାର୍ଶାଘାଇ,୨୩।୯(ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଆଖୁଆ ଓଡଙ୍ଗ ହାଇସ୍କୁଲରେ ଏକ ଗୁରୁତର ଅଭିଯୋଗ ଉଠିଛି। ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ନିୟମିତ ସମୟ ଅର୍ଥାତ୍ ଚାରିଟା ବଦଳରେ ଚାରିଟା ପୂର୍ବରୁ ଛୁଟି ଦିଆଯାଉଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ଅଭିଭାବକ ଓ ଅଞ୍ଚଳବାସୀ। ଏହି ଘଟଣା ପ୍ରଧାନଶିକ୍ଷକଙ୍କ ଭୂମିକା ଉପରେ ପ୍ରଶ୍ନ ଉଠାଇଛି।

ଅଭିଭାବକମାନେ କହିଛନ୍ତି ଯେ, ସରକାର ଶିକ୍ଷକମାନଙ୍କୁ ଲକ୍ଷ ଲକ୍ଷ ଟଙ୍କା ଦରମା ଦେଉଥିବା ବେଳେ ପିଲାମାନଙ୍କୁ ଠିକ୍ ଭାବରେ ପାଠ ପଢ଼ାଇବା ପାଇଁ ଯଥେଷ୍ଟ ସମୟ ଦିଆଯାଉନାହିଁ। ନିୟମ ଅନୁଯାୟୀ ବିଦ୍ୟାଳୟ ଚାରିଟା ପର୍ଯ୍ୟନ୍ତ ଚାଲିବା କଥା ଥିଲେ ମଧ୍ୟ ପୂର୍ବରୁ ଛୁଟି ଦିଆଯିବା ଯୋଗୁଁ ଶିକ୍ଷାର ଗୁଣବତ୍ତା ପ୍ରଭାବିତ ହେଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। "ସରକାରଙ୍କ କଥା ଶିକ୍ଷକମାନେ କାହିଁକି ମାନୁନାହାନ୍ତି? ଦରମା ନେଇ ପିଲାଙ୍କୁ ସଠିକ୍ ଭାବରେ ପଢ଼ାଇବା କାହିଁକି ହେଉନାହିଁ?" ଏହି ପ୍ରଶ୍ନ ଅଞ୍ଚଳବାସୀଙ୍କ ମୁଖରୁ ଉଠିଛି।

ଏହି ଘଟଣା ପରେ ସ୍ଥାନୀୟ ଲୋକେ କେନ୍ଦ୍ରାପଡ଼ା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଧ୍ୟାନାକର୍ଷଣ କରାଇଛନ୍ତି। ସେମାନେ କହିଛନ୍ତି ଯେ, ଏପରି ଅବହେଳା ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ପ୍ରଧାନଶିକ୍ଷକଙ୍କ ଉପରେ ଉଚିତ ତଦନ୍ତ କରାଯାଇ ଦୋଷୀ ସାବ୍ୟସ୍ତ ହେଲେ ଆବଶ୍ୟକ ପଦକ୍ଷେପ ନିଆଯିବା ଦାବି କରାଯାଇଛି।

ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ଏହି ଘଟଣା କେବଳ ଏକ ବିଦ୍ୟାଳୟର ନୁହେଁ, ବରଂ ସମଗ୍ର ଅଞ୍ଚଳର ଶିକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ଚିହ୍ନ ଲଗାଇଛି। ସେମାନେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି।

ଏହି ବିଷୟରେ ବିଦ୍ୟାଳୟ ପ୍ରଶାସନ କିମ୍ବା ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ଆନୁଷ୍ଠାନିକ ପ୍ରତିକ୍ରିୟା ଏପର୍ଯ୍ୟନ୍ତ ମିଳିନାହିଁ। ଅଞ୍ଚଳବାସୀ ଏବେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଆପେକ୍ଷାରେ ଅଛନ୍ତି।

### ଲଘୁଚାପ ବର୍ଷାରୁ ସୁରକ୍ଷା ପାଇଁ ରେବତୀଙ୍କୁ ତହସିଲ ପକ୍ଷରୁ ପାଲ ପ୍ରଦାନ



**ଡେରାବିଶ,୨୩।୯ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଚାନ୍ଦୋଳ ଗ୍ରାମର ଜରିପାଲ ଘେରା କୁଡ଼ିଆ ତଳେ ରହୁଥିବା ଗରିବ ବିଧବା ରେବତୀ ଯେନାଙ୍କୁ ଆଜି ତହସିଲ ପ୍ରଶାସନ ପକ୍ଷରୁ ପାଲ ପ୍ରଦାନ କରାଯାଇଛି। ଯେଉଁଥିପାଇଁ ଗରିବ ରେବତୀ ସରକାରଙ୍କ ପ୍ରଦତ ପାଲିଟିକୁ ତାଙ୍କ କୁଡ଼ିଆ ଉପରେ ପକାଇ ଚଳିତ ଲଘୁଚାପ ଜନିତ ପ୍ରଚୁର ବର୍ଷାରୁ ରକ୍ଷା ପାଇପାରିବେ। ସୂଚନାଯୋଗ୍ୟ ରେବତୀଙ୍କ ସ୍ୱାମୀ କୁଞ୍ଜବିହାରୀଙ୍କ ୩୦ ବର୍ଷ ତଳୁ ମୃତ୍ୟୁ ହୋଇଯାଇଥିବା ବେଳେ ଭୂମିହୀନ ରେବତୀ ମୂଲମଜୁରୀ ଲାଗି ଚଳୁଥିଲେ। ହେଲେ ଏବେ ବୟସର ଅପରାହ୍ନରେ ଆଉ ମୂଲ ଲାଗିପାରୁନଥିବା ବେଳେ ଅର୍ଥ ଅଭାବରୁ ଚାଳଛପରଟିର ମରାମତି କରିପାରିନଥିଲେ। ଫଳରେ ଛପରଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା ଏବଂ ସେ ତା ଉପରେ ପାଲପକାଇ କୌଣସିପ୍ରକାରେ କାଳାତିପାତ କରୁଥିଲେ। ଖରା ଓ ବର୍ଷାରେ ଘର ଉପରେ ପଡ଼ିଥିବା ପାଲ ଫାଟି ଘରଭିତରକୁ ବର୍ଷ ପାଣି ପଡୁଥିଲା। ଏ ସମ୍ପର୍କରେ ଡେରାବିଶ ତହସିଲଦାର ସରୋଜକାନ୍ତ ନାୟକଙ୍କୁ ଅବଗତ କରାଯିବା ପରେ ତହସିଲଦାରଙ୍କ ନିର୍ଦ୍ଦେଶରେ ଚାନ୍ଦୋଳ ରାଜସ୍ୱ ନିରୀକ୍ଷକ ଯଶୋବନ୍ତ ରାଉତ ରେବତୀଙ୍କ ପରିବାର ନିକଟରେ ପହଞ୍ଚି ତାଙ୍କୁ ଆଜି ପାଲ ପ୍ରଦାନ କରିଛନ୍ତି।

### ଷ୍ଟେଟବ୍ୟାଙ୍କର ଶ୍ରେଷ୍ଠ ଗ୍ରାହକ ଭାବେ ସମ୍ବର୍ଦ୍ଧିତ ହେଲେ ସମୀର




**କେନ୍ଦ୍ରାପଡ଼ା,୨୩।୯(ସଂଚାର ବ୍ୟୁରୋ):** ଭାରତୀୟ ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖା ପକ୍ଷରୁ ସମୀର ଟିଭିଏସର ନିର୍ଦ୍ଦେଶକ ସମୀର କୁମାର ଚାନ୍ଦଙ୍କୁ ଶ୍ରେଷ୍ଠ ଗ୍ରାହକ ଭାବେ ସମ୍ବର୍ଦ୍ଧିତ କରାଯାଇଛି । ଏହି ଉପଲକ୍ଷେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦଭାବନା ସମ୍ମିଳନୀ କକ୍ଷରେ ଆୟୋଜିତ ଜିଲ୍ଲା ସ୍ତରୀୟ ପରାମର୍ଶଦାତା କମିଟି ବୈଠକରେ ଜିଲ୍ଲାପାଳ ରଘୁରାମ ଆର. ଆୟର ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ଚାନ୍ଦଙ୍କୁ ପୁଷ୍ପଗୁଛ, ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ଜିଲ୍ଲା ଅଗ୍ରଣୀ ବ୍ୟାଙ୍କ ପ୍ରବନ୍ଧକ ରମାକାନ୍ତ ମାଝୀ ଯୋଗଦେଇ ଷ୍ଟେଟବ୍ୟାଙ୍କର ଶ୍ରେଷ୍ଠ ଗ୍ରାହକ ଶ୍ରୀ ଚାନ୍ଦଙ୍କ ବ୍ୟବସାୟୀକ ବୁଦ୍ଧିମତା, ଉତ୍ତମ ବ୍ୟବହାର ଓ ସମାଜସେବା କ୍ଷେତ୍ରରେ ତାଙ୍କ ଅବଦାନ ସମ୍ପର୍କରେ ବିଷଦ ଭାବେ ବର୍ଣ୍ଣନା କରିଥିଲେ । ଭାରତୀୟ ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖାର ମୁଖ୍ୟ ପରିଚାଳକ ଅର୍କଜ୍ୟୋତି ଭଟ୍ଟାଚାର୍ଯ୍ୟ ଶ୍ରୀ ଚାନ୍ଦଙ୍କ ବ୍ୟବସାୟିକ କଳାକୌଶଳ ଏବଂ ଗ୍ରାହକମାନଙ୍କୁ ଉତ୍ତମ ସେବା ପ୍ରଦାନ ଯୋଗୁଁ ଦିନକୁ ଦିନ ତାଙ୍କ ବ୍ୟବସାୟର ଅଭିବୃଦ୍ଧି ହୋଇଚାଲିଥିବା କହିଥିଲେ । ସବୁ ଦୃଷ୍ଟିରୁ ଭାରତୀୟ ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖାର ଜଣେ ଶ୍ରେଷ୍ଠ ଗ୍ରାହକ ଭାବରେ ଶ୍ରୀ ଚାନ୍ଦଙ୍କୁ ବ୍ୟାଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିବା ଶ୍ରୀ ଭଟ୍ଟାଚାର୍ଯ୍ୟ କହିଛନ୍ତି।

## ବୋରିଗୁମ୍ମାରେ ପ୍ରବଳ ବର୍ଷା, ଲୋକେ ହନ୍ତସନ୍ତ

**ବୋରିଗୁମ୍ମା , ୨୩।୯ (ସଂଚାର ବ୍ୟୁର):** ପୂର୍ବ-କେନ୍ଦ୍ରୀୟ ଏବଂ ପାର୍ଶ୍ୱବର୍ତ୍ତି ପଶ୍ଚିମ-କେନ୍ଦ୍ରୀୟ ବଙ୍ଗପସାଗର ଅଞ୍ଚଳରେ ଏକ ଲଘୁଚାପ ବଳୟ ସୃଷ୍ଟି ହୋଇ ଅବପାତ ନେବାପରେ କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକରେ ପ୍ରବଳ ବର୍ଷା ହୋଇଛି। କୋରାପୁଟ ଜିଲ୍ଲାକୁ ରାଜ୍ୟ ପାଣିପାଗ ବିଭାଗ ପକ୍ଷରୁ ପ୍ରବଳ ବର୍ଷା ନେଇ ୱାର୍ନିଂ ଜାରି କରାଯାଇଥିବା ବେଳେ ଦିନ ତମାମ ବର୍ଷା ଲାଗି ରହିଛି। ଜିଲ୍ଲାର ବିଭିନ୍ନ ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ହେବାର ଲାଗିଥିବା ବେଳେ ତଳିଆ ଅଞ୍ଚଳରେ ପାଣି ଜମିଛି।

ଲଘୁଚାପ ପ୍ରଭାବରେ ବୋରିଗୁମ୍ମାରେ ଗତକାଲିଠାରୁ ଦିନ ତମାମ ବର୍ଷା ଲାଗିରହିଥିବା ବେଳେ ବୋରିଗୁମ୍ମା ସହରରେ ପ୍ରବଳ ବର୍ଷା ହୋଇଯାଇଥିବା ବେଳେ ପଥଚାରୀ ଏବଂ ଉଠାଦୋକାନୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବର୍ଷା ଜନିତ କ୍ଷୟକ୍ଷତି ପାଇଁ ବ୍ଲକ ପ୍ରଶାସନ ସଂପୂର୍ଣ୍ଣ ସଜାଗ ଥିବା ବେଳେ ବ୍ଲକ ବିଡିଓ ଓ ତହସିଲଦାର ମାନଙ୍କୁ ସତର୍କ ରହିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ପ୍ରବଳ ବର୍ଷା ସମ୍ଭାବନା ଥିବା ଯୋଗୁଁ ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ ଅଞ୍ଚଳ ଉପରେ ତୀକ୍ଷ୍ଣ ନଜର ରଖା ଯାଇଥିବା ଜିଲ୍ଲା ଜରୁରୀ ବିଭାଗ ପକ୍ଷରୁ ସୂଚନା ପ୍ରସ୍ତୁତି ହୋଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ପାହାଡ଼ ପାଖ ଅଞ୍ଚଳରେ କଚ୍ଚା ଘରେ ରହୁଥିବା ଲୋକମାନେ ପାଖରେ ଥିବା ଆଶ୍ରୟସ୍ଥଳୀରେ ରହିବା ପାଇଁ ପ୍ରଶାସନ ତରଫରୁ ସମସ୍ତ ବ୍ୟବସ୍ଥା କରାଯାଇଛି।

ଭାରତୀୟ ପାଣିପାଗ ବିଭାଗ ୨୩ ଓ ୨୪ ତାରିଖ ପ୍ରବଳରୁ ଅତି ପ୍ରବଳ ବର୍ଷାସହ ବଜ୍ରପାତର ପୂର୍ବାନୁମାନ କରାଯାଇଛି। ଏହାକୁ ଆଖିରେ ରଖି କୋରାପୁଟ ଜିଲ୍ଲାପାଳ ଜିଲ୍ଲାର ସମସ୍ତ ବିଦ୍ୟାଳୟକୁ ଦୁଇ ଦିନ ପାଇଁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନିର୍ଦ୍ଦେଶନାମା ଅନୁଯାୟୀ ଆସନ୍ତା ୨୩ ଏବଂ ୨୪ ଦୁଇ ଦିନ ପାଇଁ ଜିଲ୍ଲାର ଉଚ୍ଚମାଧ୍ୟମିକସ୍ତର ପର୍ଯ୍ୟନ୍ତ ସମସ୍ତ ବର୍ଗର ସ୍କୁଲ ବନ୍ଦ ରହିବ । ଲଗାଣ ବର୍ଷା ଯୋଗୁଁ ଯାତାୟାତରେ ସମସ୍ୟା ଏବଂ ସ୍କୁଲ ପିଲାମାନଙ୍କ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେଇ ଏହି ନିଷ୍ପତ୍ତି ନିଆଯାଇଛି। ତେବେ ଛାତ୍ରଛାତ୍ରୀଙ୍କ ପାଇଁ ସ୍କୁଲ ବନ୍ଦ ରହିବାକୁ ଥିବାବେଳେ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ନିୟମିତ ଭାବେ ସ୍କୁଲରେ ଉପସ୍ଥିତ ରହିବେ ବୋଲି ସ୍ପଷ୍ଟ କରାଯାଇଛି। ଏହି ନିର୍ଦ୍ଦେଶର କୌଣସି ବି ବ୍ୟତିକ୍ରମକୁ ଗମ୍ଭୀରତାର ସହ ନିଆଯିବ ବୋଲି ଜିଲ୍ଲାପାଳ ଚେତାବନୀ ଦେଇଛନ୍ତି।

କୋରାପୁଟ ଜିଲ୍ଲାର ବିଭିନ୍ନ ବ୍ଲକରେ ଗୋଟିଏ ଦିନରେ ପ୍ରବଳ ବର୍ଷା ରେକର୍ଡ କରାଯାଇଥିବା ବେଳେ ବୋରିଗୁମ୍ମା ବ୍ଲକରେ ୧୩୮ ମିମି ବର୍ଷା ରେକର୍ଡ କରାଯାଇଛି ।

### ବର୍ଷାକୁ ନେଇ ପ୍ରଶାସନ ସଜାଗ,ଲୋକଙ୍କୁ ସତର୍କ ରହିବାକୁ ଆହ୍ୱାନ



**କୋରାପୁଟ,୨୩।୯(ସଂଚାର ବ୍ୟୁରୋ):** ବଙ୍ଗୋପ-ସାଗରରେ ସୃଷ୍ଟି ହୋଇଥିବା ଅବପାତର ପ୍ରଭାବରେ କୋରାପୁଟ ଜିଲ୍ଲାରେ ବର୍ଷାର ପ୍ରକୋପ ବଢ଼ିଛି। ଗତ ୨୪ ଘଣ୍ଟାରେ ଜିଲ୍ଲାରେ ରେକର୍ଡ ହୋଇଛି ୧୩୦୬.୧ ମିମି ବର୍ଷା।ସେମିଳିଗୁଡା ବ୍ଲକରେ ସର୍ବାଧିକ ୨୩୦.୨ ମିମି ବର୍ଷା ହୋଇଥିବା ବେଳେ କୋରାପୁଟ ବ୍ଲକରେ ୧୧୬.୪ ମିମି, ଲମତାପୁଟରେ ୧୦୪.୧ ମିମି, ପଟ୍ଟାଙ୍ଗୀରେ ୫୫.୨ମିମି, ବନ୍ଧୁଗାଁରେ ୩୪ ମିମି,ନନ୍ଦପୁରର ୧୨୧ ମିମି, ଦଶମନ୍ତପୁରରେ ୩୫ ମିମି, ନାରାୟଣପାଟଣାରେ ୪୩.୮ ମିମି, ଲକ୍ଷ୍ମୀପୁରରେ ୫୦.୮ ମିମି, ଜୟପୁରରେ ୧୬୧.୬ ମିମି, କୋଟପାଡରେ ୪୪ ମିମି, କୁନ୍ଦୁରାରେ ୬୨.୮ ମିମି ବୋରିଗୁମ୍ମାରେ ୧୩୮.୨ ମିମି ଏବଂ ବୈପାରିଗୁଡାରେ ୧୦୯ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି।

ବର୍ଷା ଯୋଗୁଁ ୫ଟି କଚ୍ଚା ଘର ଆଂଶିକ ଭାବେ ଭାଙ୍ଗିଥିବା ସୂଚନା ମିଳିଛି। ଆଗାମୀ ସମୟକୁ ନେଇ ଚିନ୍ତା ବଢ଼ିଥିବା ବେଳେ, ଆଜି ରାତିରେ ଅବପାତ ଗଭୀର ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ କୋରାପୁଟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ପରିସ୍ଥିତିକୁ ନଜରରେ ରଖି ଜିଲ୍ଲାର ସମସ୍ତ ବିଡିଓ, ତହସିଲଦାର ଓ ଅନ୍ୟ ଅଧିକାରୀଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ କହିଛନ୍ତି।

# ଆହୁରି ସୁଦୃଢ଼ ହେବ ରାଜ୍ୟର ସମବାୟ କ୍ଷେତ୍ର

■ ମେଗା ସଦସ୍ୟତା ଅଭିଯାନ 'ସମ୍ବନ୍ଧ'ର ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୩।୯(ସଂଚାର ବ୍ୟୁରୋ): ଆହୁରି ସୁଦୃଢ ହେବ ରାଜ୍ୟର ସମବାୟ କ୍ଷେତ୍ର। ସମବାୟ ଇତିହାସରେ ଏକ ନୂତନ ଅଧ୍ୟାୟ ଯୋଡ଼ି ହେବ। ଆସନ୍ତା ଶୁକ୍ରବାର ମୁଖ୍ୟମନ୍ତ୍ରୀ ରାଜ୍ୟର ସମବାୟ କ୍ଷେତ୍ରର ସମ୍ପ୍ରସାରଣ ପାଇଁ ଏକ ମେଗା ସମବାୟ ସଦସ୍ୟତା ଅଭିଯାନ 'ସମ୍ବନ୍ଧ'ର ଶୁଭାରମ୍ଭ କରିବେ। ମେଗା ସଦସ୍ୟତା ଅଭିଯାନ 'ସମ୍ବନ୍ଧ' ଆରମ୍ଭ କରାଯିବା ସହ ଡିଜିଟାଲ ମାଧ୍ୟମରେ ସଦସ୍ୟତା ପଞ୍ଜୀକରଣକୁ ସହଜ ଓ ସ୍ୱଚ୍ଛ କରିବା ପାଇଁ ନୂତନ ମୋବାଇଲ ଆପ୍ଲିକେସନ୍‌ର ଶୁଭାରମ୍ଭ ହେବ।

ଏକାଧିକ ପ୍ରକଳ୍ପର ଶୁଭାରମ୍ଭ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ। ଆଖୁ ଚାଷ ଓ ଚାଷୀଙ୍କୁ ପ୍ରୋତ୍ସାହନ ଏବଂ ବଡ଼ମ୍ବା ଓ ଆସିକା ଚିନି କଳକୁ କାର୍ଯ୍ୟକ୍ଷମ କରିବା ନେଇ ଯୋଜନାର ଶୁଭାରମ୍ଭ ମଧ୍ୟ କରାଯିବ। ଏହି କାର୍ଯକ୍ରମରେ ସମସ୍ତ ଜିଲ୍ଲାକୁ ଆଭାଷୀ ମାଧ୍ୟମରେ ସଂଯୋଗ କରାଯିବ। ଏଥିସହ ଓଡ଼ିଶା ସମବାୟ ଇତିହାସରେ ପ୍ରଥମ ଥର ପାଇଁ ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଓ ବୃହଦାକାର ବହୁମୁଖୀ ସମବାୟ ସମିତି (ଲ୍ୟାମ୍ପ୍ସ) ଗୁଡ଼ିକ ଚାଷୀ ସଦସ୍ୟମାନଙ୍କୁ ଲାଭାଂଶ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି। ଗ୍ରାମାଞ୍ଚଳର ଅର୍ଥନୀତିକୁ ସୁଦୃଢ଼ କରିବା ଦିଗରେ ଦୁଗ୍ଧ ଚାଷୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ପ୍ୟାକ୍ସ ଓ ଲ୍ୟାମ୍ପ୍ସରେ ନୂତନ ଦୁଗ୍ଧ ସଂଗ୍ରହ କେନ୍ଦ୍ର ଉଦ୍‌ଘାଟନ କରାଯିବ। ଏଥିସହ ଗ୍ରାମାଞ୍ଚଳର ଖାଉଟିମାନଙ୍କୁ ସୁଲଭ ମୂଲ୍ୟରେ ନିତ୍ୟବ୍ୟବହାର୍ଯ୍ୟ ଦ୍ରବ୍ୟ ଯୋଗାଇଦେବା ପାଇଁ ନୂତନ ଖାଉଟି କେନ୍ଦ୍ର ଓ ଗ୍ରାମାଞ୍ଚଳର ଲୋକଙ୍କୁ ବିଭିନ୍ନ ଅତ୍ୟାବଶ୍ୟକ ସରକାରୀ ଓ ବେସରକାରୀ ସେବା ସହଜରେ ଯୋଗାଇଦେବା ଉଦ୍ଦେଶ୍ୟରେ ନୂତନ ଜନସେବା କେନ୍ଦ୍ରର ମଧ୍ୟ ଶୁଭାରମ୍ଭ କରାଯିବ। ପ୍ୟାକ୍ସଗୁଡିକୁ ଜାତୀୟ ପ୍ୟାକ୍ସ କମ୍ପ୍ୟୁଟରାଇଜେସନ ସଫ୍ଟୱେରରେ ସାମିଲ କରାଯାଉଥିବା ବେଳେ ଶୁକ୍ରବାର ଏହାର ଶୁଭାରମ୍ଭ କରାଯିବ।



## ବିଧାନସଭା ଖବର

### ଗତବର୍ଷ ଅପେକ୍ଷା ଅଧିକ ଚାଷୀ କରିଛନ୍ତି ପଞ୍ଜୀକରଣ

ଭୁବନେଶ୍ୱର,୨୩।୯(ସଂଚାର ବ୍ୟୁରୋ): ଚଳିତ ଖରିଫ ଋତୁ ୨୦୨୬-୨୭ ପାଇଁ ଧାନ ବିକ୍ରି ନିମନ୍ତେ ମୋଟ ୨୨ ଲକ୍ଷ ୨୭ ହଜାର ୭୧୩ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି ବୋଲି ଆଜି ବିଧାନସଭାରେ ତଥ୍ୟ ରଖିଛନ୍ତି ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ। ଗତ ବର୍ଷ ତୁଳନାରେ ଅଧିକ ୨ ଲକ୍ଷ ୫୯ ହଜାର ୯୦୧ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି ବୋଲି ମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି। ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ଧାନ ପଞ୍ଜିକରଣ ପ୍ରକ୍ରିୟାରେ ୨୯୬୨ ସମବାୟ ସମିତି, ୩୫ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ୪ଟି ପାଣି ପଞ୍ଚାୟତ ଭଳି ସଂସ୍ଥାଙ୍କୁ ସାମିଲ କରାଯାଇଛି। ଅନୁଗୋଳରେ ୫୬,୯୧୦, ବାଲାଙ୍ଗୀରରେ ୧,୨୩,୨୬୩, ବାଲେଶ୍ୱରରେ ୧,୨୫,୨୭୫, ବରଗଡ଼ରେ ୧,୮୫,୧୬୦, ଭଦ୍ରକରେ ୯୪,୭୫୨, ବୌଦ୍ଧରେ ୫୨,୧୭୮, ଦେବଗଡ଼ରେ ୨୪,୧୪୮, ଢେଙ୍କାନାଳରେ ୬୩,୧୮୫, ଗଜପତିରେ ୧୬,୮୧୭, ଗଞ୍ଜାମରେ ୧,୮୨,୬୫୭ ଜଣ ଚାଷୀ ଚଳିତ ଖରିଫ ପାଇଁ ପଞ୍ଜୀକୃତ ହୋଇଛନ୍ତି।ସେହିପରି ଜଗତସିଂହପୁରରେ ୬୧,୨୬୯, ଯାଜପୁରରେ ୬୦,୮୨୮, ଝାରସୁଗୁଡ଼ାରେ ୨୫,୯୬୨, କଳାହାଣ୍ଡିରେ ୧,୩୬,୮୨୪ ଏବଂ କନ୍ଧମାଳରେ ୪,୫୪୬ ଜଣ ଚାଷୀଙ୍କ ପଞ୍ଜୀକରଣ କରିଛନ୍ତି ବୋଲି ଗୃହରେ ମନ୍ତ୍ରୀ ସୂଚନା ଦେଇଛନ୍ତି।

### ଏଲପିଜି କଳାବଜାରୀ ରୋକିବାକୁ ରାଜ୍ୟବ୍ୟାପୀ ଚଢ଼ାଉ

ଏଲପିଜି ସିଲିଣ୍ଡରର କଳାବଜାରୀ ଓ ବେଆଇନ ମହଜୁଦକୁ ରୋକିବା ପାଇଁ ରାଜ୍ୟବ୍ୟାପୀ ଚଢ଼ାଉ ଜାରି ରହିଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଜିଲ୍ଲାସ୍ତରୀୟ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ବିଭିନ୍ନ ଜିଲ୍ଲାରେ ଡିଷ୍ଟ୍ରିବ୍ୟୁଟର, ହୋଟେଲ, ରେଷ୍ଟୁରାଣ୍ଟ ଓ ଅନ୍ୟାନ୍ୟ ସ୍ଥାନରେ ଯାଞ୍ଚ କରିଛନ୍ତି। ବିଧାନସଭାରେ ଯୋଗାଣ ମନ୍ତ୍ରୀ ଦେଇଥିବା ତଥ୍ୟ ଅନୁସାରେ, ଗତ ୨୧ ସୁଦ୍ଧା ରାଜ୍ୟରେ ମୋଟ ୩,୮୩୯ଟି ଯାଞ୍ଚ କରାଯାଇଛି। ଏଥିରେ ୧,୧୨୮ ଜଣ ଏଲପିଜି ଡିଷ୍ଟ୍ରିବ୍ୟୁଟର ଏବଂ ୨,୭୧୧ଟି ଅନ୍ୟାନ୍ୟ ସ୍ଥାନ ଯାଞ୍ଚ କରାଯାଇଛି। ଚଢ଼ାଉ ସମୟରେ ମୋଟ ୮,୪୫୭ଟି ସିଲିଣ୍ଡର ଜବତ ହୋଇଛି। ଚଢ଼ାଉ ପରେ ୪୯୯ଟି ମାମଲା ରୁଜୁ ହୋଇଥିବାବେଳେ ୪୭ଟି ଏଫଆଇଆର ଥାନାରେ ଦାଏର ହୋଇଛି। ଏହାସହ ୯ ଜଣଙ୍କୁ ଗିରଫ କରାଯାଇଛି। ବାଲେଶ୍ୱରରେ ସର୍ବାଧିକ ୧,୩୧୩ଟି ସିଲିଣ୍ଡର ଜବତ ହୋଇଛି। ସେହିପରି କଟକରେ ୧,୦୪୩, ଜଗତସିଂହପୁରରେ ୧,୦୧୧, ଖୋର୍ଦ୍ଧାରେ ୬୨୫, ସୁନ୍ଦରଗଡ଼ରେ ୪୧୪ ଓ ଯାଜପୁରରେ ୪୧୦ଟି ସିଲିଣ୍ଡର ଜବତ ହୋଇଛି।

### ଅସାଧୁ ଡିଲର ଓ ବ୍ୟବସାୟୀଙ୍କୁ ନିସ୍ତାର ନାହିଁ

ବିଗତ ୩ ବର୍ଷରେ ରାସନ ଚୋରି ଓ ଅନିୟମିତତା ନେଇ ୨୨୯ଟି ଅଭିଯୋଗ ହୋଇଛି। ସେଥି ମଧ୍ୟରୁ ୨୦୧ ଜଣ ଡିଲର/ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଲାଇସେନ୍ସ ବାତିଲ୍, ଜରିମାନା ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏ କ୍ଷେତ୍ରରେ କଟକ ଓ ଯାଜପୁର ସବୁଠୁ ଆଗରେ। ସରକାରୀ ତଥ୍ୟ ଅନୁସାରେ, କଟକ ଜିଲ୍ଲାରୁ ସର୍ବାଧିକ ୪୦ଟି ଏବଂ ଯାଜପୁରରୁ ୩୪ଟି ଅଭିଯୋଗ ଆସିଛି। କେନ୍ଦ୍ରାପଡ଼ାରୁ ୩୨ ଓ ପୁରୀରୁ ୨୪ଟି ମାମଲା ସାମ୍ନାକୁ ଆସିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଖାଉଟି ସାମଗ୍ରୀର କଳାବଜାରୀ ଓ ଅଧିକ ଦର ଆଦାୟ ବିରୋଧରେ ୧୯ ଜଣ ବ୍ୟବସାୟୀଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ ହୋଇଥିବା ବେଳେ ୧୬୯ ଜଣଙ୍କୁ ଖିଲାପକାରୀ ବ୍ୟବସାୟୀଙ୍କଠାରୁ ୧,୯୨,୬୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି ସେହିପରି ୨୦୨୫-୨୬ରେ ୯ ଜଣ ଖିଲାପକାରୀ ବ୍ୟବସାୟୀଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ ବେଳେ ୨୦୨୬-୨୭ରେ କୌଣସି ମାମଲା ରୁଜୁ ହୋଇନାହିଁ। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ପ୍ରଶ୍ନରେ ଖାଦ୍ୟ ଯୋଗାଣ ମନ୍ତ୍ରୀ ଏହି ସୂଚନା ଦେଇଛନ୍ତି।

### ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବ: ମାଛ ଓ ଚିଙ୍ଗୁଡ଼ି ରପ୍ତାନୀ ହ୍ରାସ

ମଧ୍ୟପ୍ରାଚ୍ୟରେ ଦେଖାଦେଇଥିବା ଯୁଦ୍ଧ ଓ ଅଶାନ୍ତ ପରିସ୍ଥିତି ଯୋଗୁଁ ଓଡ଼ିଶାରୁ ସାମୁଦ୍ରିକ ଖାଦ୍ୟ ରପ୍ତାନି ବାଧାପ୍ରାପ୍ତ ହୋଇଛି। ବିଶେଷ କରି ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକୁ ହେଉଥିବା ମାଛ, ଚିଙ୍ଗୁଡ଼ି ଓ ଅନ୍ୟାନ୍ୟ ସାମୁଦ୍ରିକ ଖାଦ୍ୟ ରପ୍ତାନୀ କମିବାରୁ ରାଜ୍ୟର ରପ୍ତାନିକାରୀମାନେ ପ୍ରାୟ ୨୩.୪୦ କୋଟି ଟଙ୍କାର କ୍ଷତି ସହିଛନ୍ତି ବ୍ୟବସାୟୀ। ୨୦୨୫-୨୬ ଆର୍ଥିକ ବର୍ଷରେ (ଏପ୍ରିଲରୁ ଅଗଷ୍ଟ) ଓଡ଼ିଶାରୁ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକୁ ସାମୁଦ୍ରିକ ଖାଦ୍ୟ ରପ୍ତାନୀ ମୂଲ୍ୟରେ ୧୪.୫୭ ପ୍ରତିଶତ ହ୍ରାସ ଘଟିଛି। ଗତବର୍ଷ ଏହି ସମୟ ମଧ୍ୟରେ ୧୬୦.୫୭ କୋଟିର ସାମୁଦ୍ରିକ ଖାଦ୍ୟ ରପ୍ତାନି ହୋଇଥିବା ବେଳେ ଏଥର ତାହା କମି ୧୩୭.୧୭ କୋଟିରେ ପହଞ୍ଚିଛି। ମଧ୍ୟପ୍ରାଚ୍ୟରେ ରପ୍ତାନୀ କମିଥିଲେ ସୁଦ୍ଧା ସମଗ୍ର ବିଶ୍ୱ ସ୍ତରରେ ଓଡ଼ିଶାର ମୋଟ ସାମୁଦ୍ରିକ ଖାଦ୍ୟ ରପ୍ତାନୀରେ ୧୬.୩୬ ପ୍ରତିଶତ ବୃଦ୍ଧି ଘଟିଛି। ଗତବର୍ଷ ତୁଳନାରେ ଏହି ମୂଲ୍ୟ ୬୭୩.୯୪ କୋଟି ବୃଦ୍ଧି ପାଇଛି। ୨୦୨୫-୨୬ ବର୍ଷରେ ଓଡ଼ିଶାରୁ ମୋଟ ୧,୦୦,୮୬୪ ମେଟ୍ରିକ ଟନ୍ ସାମୁଦ୍ରିକ ଖାଦ୍ୟ ରପ୍ତାନୀ ହୋଇଛି, ଯାହାର ମୋଟ ମୂଲ୍ୟ ୫,୪୩୧.୯୫ କୋଟି। ବିଧାନସଭାରେ ବିଧାୟକ ପ୍ରତାପ କେଶରୀ ଦେବଙ୍କ ପ୍ରଶ୍ନର ଉତ୍ତର ଦେଇ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏହି ସୂଚନା ଦେଇଛନ୍ତି।

### ରାଜ୍ୟର ୭ ଜିଲ୍ଲାରେ ବଢ଼ିଛି ଧାନ ଚାଷ

ବରଗଡ଼, ଜଗତସିଂହପୁର, କଟକ, ଖୋର୍ଦ୍ଧା, ନୂଆପଡ଼ା, ପୁରୀ, ନୟାଗଡ଼ ଜିଲ୍ଲାରେ ଗତ ବର୍ଷ ତୁଳନାରେ ଏବର୍ଷ ବଢ଼ିଛି ଧାନ ଚାଷ। ୨୦୨୪-୨୫ରେ ୩୭ ଲକ୍ଷ ୪୯ ହଜାର ହେକ୍ଟର ଜମିରେ ଧାନ ଚାଷ ହୋଇଥିବା ବେଳେ ୨୦୨୫-୨୬ରେ ୩୮ ଲକ୍ଷ ୪୨ ହଜାର ହେକ୍ଟର ଜମିରେ ଧାନ ଚାଷ ହୋଇଥିଲା। ଗତ ୧୯ ସୁଦ୍ଧା ୩୬ ଲକ୍ଷ ୧୮ ହଜାର ହେକ୍ଟର ଜମିରେ ଧାନ ବିକିବାକୁ ଚାଷୀ ପଞ୍ଜୀକରଣ କରିଛନ୍ତି। ବିଧାନସଭାରେ ବିଜେଡି ଦଳ ଉପମୁଖ୍ୟ ସଚେତକ ପ୍ରତାପ ଦେବଙ୍କ ପ୍ରଶ୍ନର ଲିଖିତ ଉତ୍ତର ରଖିଲେ ଉପ ମୁଖ୍ୟମନ୍ତ୍ରୀ କେଭି ସିଂହଦେଓ।

### ଓଜନ ମାପରେ ଠକୁଛନ୍ତି ଦୋକାନୀ

ସୁନା ଓ ପେଟ୍ରୋଲ ଠକେଇ ନେଇ ବିଧାନସଭାରେ ଯୋଗାଣ ମନ୍ତ୍ରୀ ଦେଇଛନ୍ତି ସାଙ୍ଘାତିକ ତଥ୍ୟ। ମାପ ଓଜନରେ ତିନି ବର୍ଷରେ ସାମ୍ନାକୁ ଆସିଲାଣି ୨୩୦ଟି ଠକେଇ ମାମଲା। ସୁନା ଗହଣା ଠକେଇରେ ମୋଟ ୧୭ଟି ମାମଲା ରୁଜୁ ହୋଇଛି। ସେହିପରି ପେଟ୍ରୋଲ ପମ୍ପରେ ୧୦୯ଟି ଠକେଇ ମାମଲା ସାମ୍ନାକୁ ଆସିଛି। ମାପ ଓଜନ ଠକେଇ ମାମଲାରେ ମୋଟ ୩୨ ଲକ୍ଷ ୧୦ ହଜାର ଟଙ୍କା ଫାଇନ ଆଦାୟ କରିଛନ୍ତି ସରକାର। ସେହିପରି ସୁନା ଠକେଇ ମାମଲାରେ ୨ ଲକ୍ଷ ୮୩ ହଜାର ଟଙ୍କା ଫାଇନ ଆଦାୟ ହୋଇଛି। ପେଟ୍ରୋଲ ପମ୍ପ ଠକେଇରେ ୧୪ ଲକ୍ଷ ୩୬ ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି ସରକାର।

### ଏଆଇ ମାପିବ ଧାନର ମାନ

ଧାନର ଗୁଣବତ୍ତା ନିର୍ଦ୍ଧାରଣରେ ମାନବୀୟ ତ୍ରୁଟି ହ୍ରାସ କରିବା ସହ ଶୀଘ୍ର ଓ ନିରପେକ୍ଷ ଭାବେ ଧାନର ମାନ ଯାଞ୍ଚ କରିବ ଏଆଇ ଆଧାରିତ ଗ୍ରେନ୍ ଆନାଲାଇଜର। ୬୬ ଆରଏମସିରେ ୨୪୬ ଏଆଇ ଆଧାରିତ ଗ୍ରେନ୍ ଆନାଲାଇଜର ଲାଗିବ ବୋଲି ଆଜି ବିଧାନସଭାରେ ସମବାୟ ମନ୍ତ୍ରୀ ଏକ ଲିଖିତ ପ୍ରଶ୍ନର ଉତ୍ତରରେ କହିଛନ୍ତି। ଧାନ କ୍ରୟ ବ୍ୟବସ୍ଥାରେ ଗୁଣବତ୍ତା ଯାଞ୍ଚକୁ ଅଧିକ ସ୍ୱଚ୍ଛ ଓ ବୈଜ୍ଞାନିକ କରିବା ପାଇଁ ଏଆଇ ଆଧାରିତ ଗ୍ରେନ୍ ଆନାଲାଇଜର ବ୍ୟବହାର କରାଯାଉଛି। ରାଜ୍ୟର ବିଭିନ୍ନ ରେଗୁଲେଟେଡ୍ ମାର୍କେଟ୍ କମିଟି (ଆରଏମସି)ରେ ମୋଟ ୨୪୬ଟି ଗ୍ରେନ୍ ଆନାଲାଇଜର ଯୋଗାଇ ଦିଆଯାଇଛି। ଧାନର ଗୁଣବତ୍ତା ନିର୍ଦ୍ଧାରଣ ପାଇଁ ଏଫଏକ୍ୟୁ ମାନକ ଅନୁଯାୟୀ ଏହି ପ୍ରଯୁକ୍ତି ମାଧ୍ୟମରେ ଧାନର ବିଭିନ୍ନ ଗୁଣ ଓ ମାନ ଯାଞ୍ଚ କରାଯାଉଛି। ଗ୍ରେନ୍ ଆନାଲାଇଜର ଯୋଗାଣରେ ବରଗଡ଼ ଜିଲ୍ଲାରେ ସର୍ବାଧିକ ଯନ୍ତ୍ର ଯୋଗାଇ ଦିଆଯାଇଛି।

### କୁକୁଡ଼ା ମାଂସ ଦର ନିୟନ୍ତ୍ରଣ ପାଇଁ ନାହିଁ ନିୟମାବଳୀ: ମନ୍ତ୍ରୀ

କୁକୁଡା ମାଂସର ମୂଲ୍ୟ ନିର୍ଦ୍ଧାରଣ କରିବାପାଇଁ ସରକାରଙ୍କର କୌଣସି ନିର୍ଦ୍ଦିଷ୍ଟ ନିୟମାବଳୀ ନାହିଁ। ବ୍ରଏଲର ମାଂସର ଉତ୍ପାଦନ ଖର୍ଚ୍ଚ, ଯୋଗାଣ ଚାହିଦା ଏବଂ ପାଇକାରୀ ବାଣିଜ୍ୟ ଅବସ୍ଥାକୁ ନେଇ ଉତ୍ପାଦକ ଓ ବ୍ୟବସାୟୀମାନେ ମୂଲ୍ୟ ନିର୍ଦ୍ଧାରଣ କରିଥାନ୍ତି। ରାଜ୍ୟରେ କୁକୁଡା ପାଳନ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ମୋଟ୍ ୨୩ ହଜାର ୯୫୬ଟି ଛୋଟ ଓ ବଡ଼ ବ୍ରଏଲର କୁକୁଡା ଫାର୍ମ ଓ ୧୮୯ଟି ବ୍ୟବସାୟଭିତ୍ତିକ ଅଣ୍ଡାଦିଆ କୁକୁଡ଼ା ଫାର୍ମ ରହିଛି। ଏହି ଫାର୍ମଗୁଡ଼ିକରୁ ୨୦୨୫-୨୬ ଆର୍ଥିକ ବର୍ଷରେ ୪୦ ହଜାର ୯୧୩ ଲକ୍ଷ ଅଣ୍ଡା ଓ ୧ ଲକ୍ଷ ୬୪ ହଜାର ମେଟ୍ରିକ ଟନ୍ କୁକୁଡା ମାଂସ ଉତ୍ପାଦିତ ହୋଇଛି। ରାଜ୍ୟରେ କୁକୁଡା ଚାଷର ମୁଖ୍ୟତଃ ବିଭିନ୍ନ ବେସରକାରୀ କମ୍ପାନୀ ପୁଞ୍ଜି ନିବେଶ କରି ରାଜ୍ୟରେ ବ୍ୟବସାୟ ଚଳାଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ଏପର୍ଯ୍ୟନ୍ତ କୁକୁଡା ମାଂସର ମୂଲ୍ୟ ନିର୍ଦ୍ଧାରଣ କରିବା ପାଇଁ ସରକାରଙ୍କର କୌଣସି ନିର୍ଦ୍ଦିଷ୍ଟ ନିୟମାବଳୀ ନାହିଁ। ବ୍ରଏଲର ମାଂସର ଉତ୍ପାଦନ ଖର୍ଚ୍ଚ, ଯୋଗାଣ ଚାହିଦା ଓ ପାଇକାରୀ ବାଣିଜ୍ୟ ଅବସ୍ଥାକୁ ନେଇ ଉତ୍ପାଦକ ଓ ବ୍ୟବସାୟୀମାନେ ମୂଲ୍ୟ ନିର୍ଦ୍ଧାରଣ କରିଥାନ୍ତି। ସେହିଭଳି ଓଡ଼ିଶାରୁ ରପ୍ତାନୀ ହେଉଥିବା କୁକୁଡା ମାଂସ ସଂକ୍ରାନ୍ତରେ ମଧ୍ୟ ସରକାରଙ୍କ ନିକଟରେ ନିର୍ଦ୍ଦିଷ୍ଟ ସୂଚନା ନାହିଁ। କୁକୁଡ଼ା ମାଂସ ଉତ୍ପାଦକ କମ୍ପାନୀମାନଙ୍କ ହିସାବ ଅନୁଯାୟୀ ୨୦୨୫-୨୬ ଆର୍ଥିକ ବର୍ଷରେ ୪୯ ହଜାର ମେଟ୍ରିକ ଟନ୍ ପରିମାଣର କୁକୁଡା ମାଂସ ଅନ୍ୟ ରାଜ୍ୟକୁ ରପ୍ତାନୀ କରାଯାଇଛି।

### ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ମିଳୁଛି ସିଂହଭାଗ ବିଜୁଳି

ରାଜ୍ୟକୁ ଯେତିକି ମିଳୁଛି ତାହାର ସିଂହଭାଗ ଆସୁଛି ତାପଜ ବିଦ୍ୟୁତ୍ କେନ୍ଦ୍ରରୁ। ଉଭୟ କେନ୍ଦ୍ରୀୟ ସଂସ୍ଥା ଓ ରାଜ୍ୟ ସରକାର ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ଅଧିକ ପରିମାଣର ବିଜୁଳି ଉତ୍ପାଦନ କରି ରାଜ୍ୟକୁ ଦେଉଛନ୍ତି। ରାଜ୍ୟରେ ମିଳୁଥିବା ବିଦ୍ୟୁତ୍ ଶକ୍ତି ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ଚଳିତ ଆର୍ଥିକ ବର୍ଷର ଏପ୍ରିଲରୁ ଜୁଲାଇ ମଧ୍ୟରେ ବିଭିନ୍ନ ସୂତ୍ରରୁ ରାଜ୍ୟକୁ ହାରାହାରି ୧୦,୫୩୭ ମେଗାୱାଟ ବିଦ୍ୟୁତ ମିଳିଛି। ଏଥିରୁ କେନ୍ଦ୍ରୀୟ ଉତ୍ସରୁ ୪୩୮୯ ମେଗାୱାଟ ମିଳିଥିବା ବେଳେ ରାଜ୍ୟ ଉତ୍ସରୁ ୬୧୪୮ ମେଗାୱାଟ ବିଜୁଳି ମିଳିଛି।

ଉଭୟ କେନ୍ଦ୍ର ଓ ରାଜ୍ୟ ଉତ୍ସରୁ ମିଳିଥିବା ବିଦ୍ୟୁତ୍‌ର ସିଂହଭାଗ ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ଆସିଛି। ମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଝାରସୁଗୁଡ଼ା ଜିଲ୍ଲାରେ ୪୮୪୦ ମେଗାୱାଟ କ୍ଷମତାବିଶିଷ୍ଟ ତାପଜ ବିଦ୍ୟୁତ୍ କେନ୍ଦ୍ର ଥିବା ବେଳେ ରାଜ୍ୟ ଅଂଶ ବାବଦରେ ଗ୍ରୀଡକୋକୁ ୨୫୪୪ ମେଗାୱାଟ ବିଜୁଳି ମିଳୁଛି। ତେବେ ଜିଲ୍ଲାରେ ଥିବା ତାପଜ ବିଦ୍ୟୁତ୍ କେନ୍ଦ୍ର ମଧ୍ୟରୁ ଗୋଟିଏ ବେସରକାରୀ ସଂସ୍ଥା ସେମାନଙ୍କ କେନ୍ଦ୍ରରୁ ଉତ୍ପାଦିତ ପାଞ୍ଚଶହ ଶତପ୍ରତିଶତ ବିଦ୍ୟୁତ୍ ରାଜ୍ୟକୁ ଯୋଗାଉଥିବା ବେଳେ ସରକାରୀ ସଂସ୍ଥା ଓପିଜିସି କିନ୍ତୁ ଉତ୍ପାଦିତ ପାଞ୍ଚଶହ ଶତ ପ୍ରତିଶତ ବ୍ୟବହାରରେ ସଫଳ ହୋଇପାରିନାହିଁ।

### ରାଜ୍ୟରେ ଚାଲିବ ଭାରତ ଟ୍ୟାକ୍ସି

ସମବାୟ ଭିତ୍ତିରେ ଆରମ୍ଭ ହୋଇଥିବା ଭାରତ ଟ୍ୟାକ୍ସି ଓଡ଼ିଶା ରାସ୍ତାରେ ଗଡ଼ିବ। ଏଥିପାଇଁ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି। ରାଜ୍ୟରେ ଭାରତ ଟ୍ୟାକ୍ସି ଚଳାଚଳ ନେଇ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଛନ୍ତି ଯେ ଚଳିତ ବର୍ଷ ଫେବ୍ରୁଆରୀରେ ଭାରତ ସରକାରଙ୍କ ସମବାୟ ମନ୍ତ୍ରଣାଳୟ ଦ୍ୱାରା ଭାରତ ଟ୍ୟାକ୍ସି ଯୋଜନା ପ୍ରଚଳନ ହୋଇଥିଲା। ଓଡ଼ିଶାରେ ଏହାର କାର୍ଯ୍ୟକାରିତା ନେଇ ପଦକ୍ଷେପ ନିଆଯାଇଛି। ଏହାର ସଫଳ ରୂପାୟନ ପାଇଁ ସମବାୟ ମନ୍ତ୍ରଣାଳୟ ପକ୍ଷରୁ ଚଳିତବର୍ଷ ମାର୍ଚ୍ଚରେ ବୈଠକର ଆୟୋଜନ କରାଯାଇଥିଲା। ଏଥିରେ ସମବାୟ ସମିତିମାନଙ୍କ ଦ୍ୱାରା ଏହାର କାର୍ଯ୍ୟକାରିତା ଓ ଉପଯୋଗିତା ଆଦି ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା ହୋଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

---

ସେବା ସଂକଳ୍ପ ଅଭିଯାନ | ୨୫ରୁ ଅକ୍ଟୋବର ୭ ଅଙ୍ଗନୱାଡି ମିଳନ କାର୍ଯ୍ୟକ୍ରମ

# ସୁସ୍ଥ ଓ ସମୃଦ୍ଧ ରାଷ୍ଟ୍ର କରିବା ପ୍ରଧାନମନ୍ତ୍ରୀଙ୍କ ମୂଳ ଲକ୍ଷ୍ୟ

ଭୁବନେଶ୍ୱର,୨୩।୯(ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଭିମୁଖ୍ୟ ହେଉଛି, ଭାରତକୁ ଅପପୁଷ୍ଟି ମୁକ୍ତ କରି ଏକ ସୁସ୍ଥ ଓ ସମୃଦ୍ଧ ରାଷ୍ଟ୍ର ଗଠନ କରିବା। ପୋଷଣ ଅଭିଯାନକୁ କେବଳ ଏକ ସରକାରୀ କାର୍ଯ୍ୟକ୍ରମ ମଧ୍ୟରେ ସୀମିତ ନ ରଖି ଦେଶବ୍ୟାପୀ ଆନ୍ଦୋଳନରେ ପରିଣତ କରିବା ପାଇଁ ପ୍ରଧାନମନ୍ତ୍ରୀ ମୋଦି ବାରମ୍ବାର ଆହ୍ୱାନ ଦେଉଛନ୍ତି। ସମାଜର ପ୍ରତ୍ୟେକ ବ୍ୟକ୍ତି ଏହି ଅଭିଯାନରେ ସାମିଲ ହେଲେ ହିଁ ଅପପୁଷ୍ଟି ସମସ୍ୟାର ସମାଧାନ ହୋଇପାରିବ। ଶିଶୁ, ଗର୍ଭବତୀ ମହିଳା, ପ୍ରସୂତି ମା' ଓ କିଶୋରୀ ବାଳିକାମାନଙ୍କର ସ୍ୱାସ୍ଥ୍ୟ ଏବଂ ପୁଷ୍ଟିହୀନତାକୁ ଦୂର କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ବିଭିନ୍ନ ସରକାରୀ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରିବା ସହ 'ପୋଷଣ ଟ୍ରାକର' ଆପ୍ ଭଳି ଆଧୁନିକ ଟେକ୍ନୋଲୋଜି ମାଧ୍ୟମରେ ହିତାଧିକାରୀଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ପ୍ରତ୍ୟକ୍ଷ ଭାବେ ତଦାରଖ କରିବା ଉପରେ ସେ ଜୋର୍ ଦେଇଛନ୍ତି। ଏହାକୁ ଆହୁରି ବ୍ୟାପକ କରିବା ପାଇଁ ସରକାର ସକ୍ଷମ ଅଙ୍ଗନୱାଡି ୨.୦ ଆରମ୍ଭ କରିଛନ୍ତି, ଯାହା



ମାଧ୍ୟମରେ ଦେଶର କୋଟି କୋଟି ଶିଶୁ ଓ ମାତୃଶକ୍ତିଙ୍କୁ ଗୁଣାତ୍ମକ ପୁଷ୍ଟିକର ଆହାର ଓ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି। ନ୍ୟାସନାଲ ଫ୍ୟାମିଲି ହେଲଥ୍ ସର୍ଭେ (ଏନ୍ଏଫ୍ଏଚ୍ଏସ୍)ର ରିପୋର୍ଟ ଅନୁସାରେ, ଭାରତରେ ୪ ପ୍ରତିଶତ ଷ୍ଟନିଂ (ଅଭିବୃଦ୍ଧି ବାଧାପ୍ରାପ୍ତ ହେବା) କମିଛି। ପୁଷ୍ଟିହୀନ ଭାରତରୁ ପୁଷ୍ଟିକର ଆହାର ଆଡ଼କୁ ଭାରତ ଏବେ ଗତି କରୁଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏହି ଆଭିମୁଖ୍ୟ ଦେଶର ଆଗାମୀ ପିଢ଼ିକୁ ଶାରୀରିକ ଓ ମାନସିକ ସ୍ତରରେ ସୁଦୃଢ଼ କରି ବିକଶିତ ଭାରତର ମୂଳଦୁଆ ପକାଇବାରେ ସହାୟକ ହେଉଛି। ଏହି ଅଭିଯାନକୁ ସଫଳ କରିବାରେ ସବୁଠୁ ବଡ ଓ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ଅଙ୍ଗନୱାଡ଼ି। ଅଙ୍ଗନୱାଡ଼ି ବ୍ୟବସ୍ଥା କେବଳ ଏକ ସରକାରୀ ଯୋଜନା ନୁହେଁ, ବରଂ ଏହାକୁ 'ହମାରୀ ଅଙ୍ଗନୱାଡ଼ି, ହମାରୀ ଜିମ୍ମେଦାରୀ' ଆଦର୍ଶରେ ଏକ ଜନଆନ୍ଦୋଳନରେ ପରିଣତ କରିବା ପ୍ରଧାନମନ୍ତ୍ରୀଙ୍କ ମୁଖ୍ୟ ଲକ୍ଷ୍ୟ। ପ୍ରଧାନମନ୍ତ୍ରୀ ମୋଦି ଅଙ୍ଗନୱାଡି କର୍ମୀମାନଙ୍କୁ କେବଳ କର୍ମଚାରୀ ଭାବେ ନୁହେଁ, ବରଂ ଭାରତର ଆଗାମୀ ପିଢ଼ିର ସ୍ୱାସ୍ଥ୍ୟ ଓ ମାନସିକ ବିକାଶର କର୍ଣ୍ଣଧାର ବୋଲି ବିବେଚନା କରୁଛି। ସେଥିପାଇଁ ବିକଶିତ ଭାରତ ଗଠନରେ ଅଙ୍ଗନୱାଡ଼ି ବ୍ୟବସ୍ଥାକୁ ସୁଦୃଢ଼ କରିବା ସରକାରଙ୍କ ପ୍ରାଥମିକତା ବୋଲି ମଧ୍ୟ କହିଛନ୍ତି। ମୋଦିଙ୍କ ଜନ୍ମଦିନ ଗତ ୧୭ରୁ ଆରମ୍ଭ ହୋଇ ଆସନ୍ତା ଅକ୍ଟୋବର ୧୭ ପର୍ଯ୍ୟନ୍ତ ଚାଲିବାକୁ ଥିବା ମାସେ ବ୍ୟାପୀ ସେବା ସଂକଳ୍ପ ଅଭିଯାନ ଅନ୍ତର୍ଗତ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ତନ୍ମଧ୍ୟରୁ ଅଙ୍ଗନ ମିଳନ ସେବା କାର୍ଯ୍ୟକ୍ରମ ହେଉଛି ଅନ୍ୟତମ। ଏନେଇ ୨୫ ସେପ୍ଟେମ୍ବରରୁ ୭ ଅକ୍ଟୋବର ପର୍ଯ୍ୟନ୍ତ ଅଙ୍ଗନ ମିଳନ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଅଭିଯାନରେ ସାମିଲ ହୋଇ ସମସ୍ତେ ନିକଟସ୍ଥ ଅଙ୍ଗନୱାଡ଼ି କେନ୍ଦ୍ରରେ ଅଙ୍ଗନୱାଡ଼ି ଭଉଣୀଙ୍କୁ ସମ୍ମାନିତ କରିବା ଓ ସୁସ୍ଥ ଭାରତ ଗଢ଼ିବା ପାଇଁ ସଂକଳ୍ପ ନେବା ସହ ମିଶି ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ଡା. ବିଶ୍ୱାଳ ଆହ୍ୱାନ ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୋହିଳା ମୋର୍ଚ୍ଚା ସମ୍ପାଦିକା ପ୍ରବୀଣା ପ୍ରିୟଦର୍ଶିନୀ ଭଞ୍ଜଦେଓ ଓ ରାଜ୍ୟ ମହିଳା ମୋର୍ଚ୍ଚା ଗଣମାଧ୍ୟମ ସଂଯୋଜିକା ଆରତି ମିଶ୍ର ଉପସ୍ଥିତ ଥିଲେ।

---

# ବିଜେଡିର ନରମ ଆଭିମୁଖ୍ୟ ପାଇଁ ନିତ୍ୟାନନ୍ଦ ଏବେ ବି ମନ୍ତ୍ରୀ : ଭକ୍ତ

■ ମନ୍ତ୍ରୀ ବିଦା ନ ହେଲା ଯାଏ କଂଗ୍ରେସ ଆନ୍ଦୋଳନ କରିବ

ଭୁବନେଶ୍ୱର,୨୩।୯(ସଂଚାର ବ୍ୟୁରୋ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଆଜି ରାଜ୍ୟର ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ସରକାରଙ୍କ ସମ୍ପୂର୍ଣ୍ଣ ବିଫଳତାକୁ ନେଇ କଡ଼ା ସମାଲୋଚନା କରିଛନ୍ତି। ସେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ତୁରନ୍ତ ଇସ୍ତଫା ଦାବି କରି କଂଗ୍ରେସ ଦଳର ଆଭିମୁଖ୍ୟକୁ ଦୋହରାଇଛନ୍ତି। ଶ୍ରୀ ଦାସ କହିଛନ୍ତି ଯେ ଓଡ଼ିଶାର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଗଣଶିକ୍ଷା ବିଭାଗର ଅପରାଧିକ ଉଦାସୀନତା ଯୋଗୁଁ ବ୍ୟବସ୍ଥିତ ଭାବେ ବିପନ୍ନ କରାଯାଇଛି, ଯାହାଫଳରେ ଆଶ୍ଚର୍ଯ୍ୟଜନକ ଭାବେ ୧,୭୩୧ଟି ତ୍ରୁଟିରେ ଭରପୂର ଥିବା ପାଠ୍ୟପୁସ୍ତକଗୁଡ଼ିକୁ ମୁଦ୍ରଣ ଓ ବିତରଣ



କରିବାକୁ ଅନୁମତି ଦିଆଗଲା।

ବିଜେଡିକୁ ମଧ୍ୟ ସମାଲୋଚନା କରି ପିସିସି ମୁଖ୍ୟ ରାଜ୍ୟର ମୁଖ୍ୟ ବିରୋଧୀ ଦଳ, ଶାସକ ଦଳ ପ୍ରତି ନରମ ଆଭିମୁଖ୍ୟ ଆପଣାଉଥିବା ନେଇ ଅଭିଯୋଗ କରିଛନ୍ତି। ପର୍ଯ୍ୟାପ୍ତ ସଂଖ୍ୟା ଥାଇ ମଧ୍ୟ ମନ୍ତ୍ରୀ ଗଣ୍ଡଙ୍କୁ ବହିଷ୍କାର କରିବାରେ ବିଜେଡିର ସମ୍ପୂର୍ଣ୍ଣ ବିଫଳତାକୁ ସେ ସମାଲୋଚନା କରିଛନ୍ତି। ସେ ସୂଚାଇ ଦେଇଛନ୍ତି ଯେ ନିଜର ପୂର୍ବ ମେଣ୍ଟର ଅଂଶୀଦାର ଦଳ ବିଜେପି ବିରୋଧରେ ବିଜେଡିର ସାମ୍ପ୍ରତିକ ପ୍ରତିକାତ୍ମକ ପ୍ରତିବାଦରେ କୌଣସି ପ୍ରକୃତ ଆନ୍ତରିକତା ନାହିଁ। କାରଣ ସେମାନେ ସରକାରଙ୍କୁ ଦାୟୀ କରିବା ଭଳି କୌଣସି ନିରନ୍ତର ଧର୍ମଘଟ ଆୟୋଜନ କରିବାରେ ବିଫଳ ହୋଇଛନ୍ତି, ଯାହା ଫଳରେ ଓଡ଼ିଶାର ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କ ପ୍ରତି ବିଶ୍ୱାସଘାତକତା କରାଯାଇଛି। ତେବେ ବିଜେଡିର ନରମ ଆଭିମୁଖ୍ୟ ପାଇଁ ଗଣଶିକ୍ଷା ମନ୍ତ୍ରୀ ପାର୍ ପାଇଯିବେ ବୋଲି ଯଦି ବିଜେପି ସରକାରର ମୁଣ୍ଡିଆଳମାନେ ଭାବୁଥା'ନ୍ତି, ତାହା ଭୁଲ୍ ବୋଲି ଶ୍ରୀ ଦାସ ଚେତାଇ ଦେଇଛନ୍ତି।

---

■ ଦୋକାନରୁ ଘରକୁ ବ୍ୟାପିଲା ନିଆଁ

# ଜଳିଗଲା ଲକ୍ଷାଧିକ ଟଙ୍କାର ସମ୍ପତ୍ତି



ଟିଟିଲାଗଡ଼,୨୩।୯(ସଂଚାର ବ୍ୟୁରୋ): ଜଳିଗଲା ଲକ୍ଷାଧିକ ଟଙ୍କାର ସମ୍ପତ୍ତି। ଟିଟିଲାଗଡ଼ ନିକଟ ଗୁଞ୍ଜିତରା ଗାଁରେ ଭୟାବହ ଅଗ୍ନିକାଣ୍ଡ। ପ୍ରଥମେ ଜଣେ ବ୍ୟକ୍ତିଙ୍କ ଦୋକାନରେ ନିଆଁ ଲାଗିଯାଇଥିଲା। ଦେଖୁ ଦେଖୁ ସମ୍ପୂର୍ଣ୍ଣ ଘର ପୋଡ଼ି ପାଉଁଶ ହୋଇଯାଇଥିଲା। ନିଆଁର ପ୍ରକୋପ ଏତେ ଅଧିକ ଥିଲା ଯେ ଘର ଛାତ ଫଟାଇ ନିଆଁ ଉପରକୁ ଉଠିଥିଲା। ନିଆଁ ଲାଗିବାରୁ ଘରେ ଥିବା ଲକ୍ଷାଧିକ ଟଙ୍କାର ସମ୍ପତ୍ତି ସମ୍ପୂର୍ଣ୍ଣ ପୋଡ଼ି ନଷ୍ଟ ହୋଇଯାଇଛି। ନିଆଁକୁ ଆୟତ୍ତ କରିବାକୁ ଯାଇ ଘରର କେତେକ ସଦସ୍ୟ ଆହତ ମଧ୍ୟ ହୋଇଛନ୍ତି। ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ମିଳିଥିବା ସୂଚନାନୁସାରେ, ପ୍ରଥମେ ଜଣେ ବ୍ୟକ୍ତିଙ୍କ ଦୋକାନରେ ହଠାତ୍ ନିଆଁ ଲାଗିଥିଲା। ଦୋକାନରେ ନିଆଁ ଲାଗିବା ପରେ ଏହା ଧୀରେ ଧୀରେ ଘରକୁ ବ୍ୟାପିଯାଇଥିଲା। ଦେଖୁ ଦେଖୁ ନିଆଁର ପ୍ରକୋପ ବଢ଼ିବା ସହ ସମ୍ପୂର୍ଣ୍ଣ ଘରଟି ନିଆଁ କବଳକୁ ଆସିଯାଇଥିଲା। ନିଆଁର ତୀବ୍ରତା ଏତେ ଅଧିକ ଥିଲା ଯେ ଘରର ଛାତ ଫଟାଇ ନିଆଁର ଶିଖା ଉପରକୁ ଉଠୁଥିବା ଦେଖାଯାଇଥିଲା। ତେବେ ଅଗ୍ନିକାଣ୍ଡର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ।

---

# ଦୋକାନ ଭିତରକୁ ପଶିଗଲା କାର୍, ୨ ଗୁରୁତର

ଛତ୍ରପୁର,୨୩।୯(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲା ଛତ୍ରପୁର ଥାନା ଅନ୍ତର୍ଗତ ଲୋୟର ବସ୍‌ଷ୍ଟାଣ୍ଡ ନିକଟରେ ଆଜି ଏକ କାର୍ ଭରସାମ୍ୟ ହରାଇ ସିରିଜ୍ ଦୁର୍ଘଟଣା ଘଟାଇବା ସହ ଏକ ଜଳଖିଆ ଦୋକାନ ଭିତରକୁ ପଶିଯାଇଥିବା




ଜଣାପଡ଼ିଛି। ଏହି ଘଟଣାରେ ଦୋକାନରେ ଥିବା ଦୁଇ ଭାଇ କିଶୋର ଚନ୍ଦ୍ର ସେନାପତି ଓ ପିଙ୍କୁ ସେନାପତି ଗୁରୁତର ଭାବେ ଆହତ ହୋଇଛନ୍ତି। ମିଳିଥିବା ସୂଚନାନୁସାରେ, କାର୍‌ଟି ପ୍ରଥମେ ଏକ ବୁଲେଟ୍‌କୁ ଧକ୍କା ଦେବା ପରେ ଏକ ଓଲା ଗାଡ଼ି ଓ ଦୁଇଟି ସ୍କୁଟିକୁ ଧକ୍କା ଦେଇଥିଲା। ପରେ ଭରସାମ୍ୟ ହରାଇ ଏହା ରାସ୍ତା କଡ଼ରେ ଥିବା ଜଳଖିଆ ଦୋକାନ ଉପରକୁ ଚଢ଼ିଯାଇଥିଲା। ଫଳରେ ଦୋକାନରେ ଥିବା ଗରମ ତେଲ କଡ଼େଇ ପଡ଼ି ଦୁଇ ଭାଇ ଗୁରୁତର ଭାବେ ଆହତ ହୋଇଛନ୍ତି। ସେମାନଙ୍କୁ ତୁରନ୍ତ ଛତ୍ରପୁର ମେଡିକାଲରେ ଭର୍ତ୍ତି କରାଯାଇଛି। ସେହିପରି ଦୋକାନ ନିକଟରେ ଜଳଖିଆ ଖାଇବା ପାଇଁ ଅପେକ୍ଷା କରିଥିବା ଜଣେ ଡ୍ରାଇଭର ମଧ୍ୟ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ଏଥିସହ ଦୁର୍ଘଟଣାରେ ଦୋକାନର ବିଭିନ୍ନ ସାମଗ୍ରୀ ନଷ୍ଟ ହୋଇଛି। ଦୁଇ ଭାଇ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ଏହି ଘଟଣା ପରେ ସେମାନଙ୍କ ଜୀବିକା ମଧ୍ୟ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

---

■ ପାଠ୍ୟ ପୁସ୍ତକରେ ସାଙ୍ଘାତିକ ତ୍ରୁଟି ପ୍ରସଙ୍ଗ

# ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବିଜେଡିର ବିଧାନସଭା ଘେରାଉ

ଭୁବନେଶ୍ୱର, ୨୩।୯ (ସଂଚାର ବ୍ୟୁରୋ): ଜାତୀୟ ଶିକ୍ଷା ନୀତି (ଏନ୍ଇପି-୨୦୨୦)ରେ ପ୍ରକାଶିତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକରେ ସାଙ୍ଘାତିକ ତ୍ରୁଟି ରହିଛି। ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରକାଶ କରି ଶିକ୍ଷା ବ୍ୟବସ୍ଥାକୁ ନଷ୍ଟ କରିଛି ବିଜେପି ସରକାର। ଏହାକୁ ନେଇ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଜୋରଦାର ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବିରେ ବିଧାନସଭା ଘେରାଉ କରାଯାଇଥିଲା।



ପାଠ୍ୟପୁସ୍ତକରେ ହୋଇଥିବା ତ୍ରୁଟି ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ନୈତିକତା ଦୃଷ୍ଟିରୁ ତୁରନ୍ତ ଇସ୍ତଫା ଦେବାକୁ ବିଜେଡି ଦାବି କରିଛି। ଏଥିସହ ରାଜ୍ୟର ଛାତ୍ରଛାତ୍ରୀମାନଙ୍କୁ ଯଥାଶୀଘ୍ର ସଂଶୋଧିତ ଓ ତ୍ରୁଟିମୁକ୍ତ ପାଠ୍ୟପୁସ୍ତକ ଯୋଗାଇ ଦେବାକୁ ମଧ୍ୟ ଦଳ ଦାବି କରିଛି। ଆଉ କିଛି ଦିନ ପରେ ପରୀକ୍ଷା ଆରମ୍ଭ ହେବ। ତ୍ରୁଟିପୂର୍ଣ୍ଣ ପୁସ୍ତକ ପଢ଼ି ଛାତ୍ରଛାତ୍ରୀମାନେ କିପରି ପରୀକ୍ଷା ଦେବେ ବୋଲି ଦଳ ପକ୍ଷରୁ ପ୍ରଶ୍ନ କରାଯାଇଛି। ନୂତନ ପୁସ୍ତକ ପ୍ରକାଶନ କରିବା ଟେଣ୍ଡର ବିଜେପିର ପ୍ରଭାବଶାଳୀ ନେତାଙ୍କୁ ପ୍ରଦାନ କରାଯାଇଥିଲା। ଉକ୍ତ ପ୍ରକାଶନ ସଂସ୍ଥାକୁ ସହାୟତା କରିବା ପାଇଁ ତ୍ରୁଟି ପ୍ରତି ରାଜ୍ୟ ସରକାର ଆଖି ବୁଜି ଦେଇଛନ୍ତି। ପୁସ୍ତକ ପ୍ରକାଶନରେ ୩୮୦ କୋଟି ଟଙ୍କାର ଦୁର୍ନୀତି ହୋଇଛି ବୋଲି ବିଜେଡି ଅଭିଯୋଗ କରିଛି। ଦଳର ବରିଷ୍ଠ ଉପସଭାପତି ଦେବୀ ମିଶ୍ର କହିଛନ୍ତି ଯେ ଭବିଷ୍ୟତ ପିଢ଼ିକୁ ନଷ୍ଟ କରିବାକୁ ବିଜେପି ସରକାର ଚକ୍ରାନ୍ତ କରିଛନ୍ତି। ଡବଲ ଇଞ୍ଜିନ ସରକାରର ଚକ୍ରାନ୍ତ ବିରୋଧରେ ବିଜେଡି ଜୋରଦାର ଲଢ଼େଇ ଜାରି ରଖିଛି। ଶିକ୍ଷା ବଞ୍ଚାଅ ଆନ୍ଦୋଳନ ଜରିଆରେ ସାରା ରାଜ୍ୟରେ ବିକ୍ଷୋଭ ପ୍ରଦର୍ଶନ ହେବା ପରେ ବିଧାନସଭା ଘେରାଉ କରି ଯୁବ ଓ ଛାତ୍ରମାନେ ରଣହୁଙ୍କାର ଦେଇଛନ୍ତି। ବିଜେପି ସରକାର ସବୁ ଜାଣି କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି ବୋଲି ଶ୍ରୀ ମିଶ୍ର ମତ ଦେଇଛନ୍ତି।

---

# ଖୁଦୁରୁକୁଣୀ ମେଢ଼ ପରିଦର୍ଶନ କଲେ ପ୍ରଭାତ ବିଶ୍ୱାଳ



କଟକ, ୨୩।୯(ସଂଚାର ବ୍ୟୁରୋ): କଟକ ସହରର ପାରମ୍ପରିକ ପର୍ବ ପର୍ବାଣୀରେ ମଧ୍ୟରେ ଚାଉଳିଆଗଞ୍ଜର ଖୁଦୁରୁକୁଣୀ ପୂଜା ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏହି ପରିପ୍ରେକ୍ଷୀରେ ଚୌଦ୍ୱାର-କଟକର ପୂର୍ବତନ ବିଧାୟକ ତଥା ବିଜେପି ନେତା ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ ଚାଉଳିଆଗଞ୍ଜ ଅଞ୍ଚଳରେ ପୂଜା ପାଉଥିବା ଖୁଦୁରୁକୁଣୀ ମେଢ଼ ପରିଦର୍ଶନ କରିଛନ୍ତି। ପରିଦର୍ଶନ ସମୟରେ ସେ ବିଭିନ୍ନ ପୂଜାମଣ୍ଡପ ବୁଲି ମା'ଙ୍କ ଦର୍ଶନ କରିବା ସହ ସ୍ଥାନୀୟ ଲୋକଙ୍କ ସହ ବିଭିନ୍ନ ସମସ୍ୟା ଓ ସ୍ଥାନୀୟ ପ୍ରସଙ୍ଗ ବିଷୟରେ ଆଲୋଚନା କରିଥିଲେ।

---

■ ବେଦାନ୍ତ ଆଲୁମିନିୟମର ଦକ୍ଷତା ବିକାଶ ପଦକ୍ଷେପ

# କଳାହାଣ୍ଡିର ହଜାରେରୁ ଅଧିକ ଯୁବକଯୁବତୀଙ୍କ ଦକ୍ଷତା ବୃଦ୍ଧି

ଭୁବନେଶ୍ୱର,୨୩।୯(ସଂଚାର ବ୍ୟୁରୋ): କଳାହାଣ୍ଡିର ଯୁବକଯୁବତୀଙ୍କ ପାଇଁ ଧନ୍ଦାମୂଳକ ତାଲିମ ଓ ସ୍ଥାୟୀ ଜୀବିକା ନିର୍ବାହ ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ହୋଇ ରହିଛି। ଏହି ଆବଶ୍ୟକତାକୁ ପୂରଣ କରି ବେଦାନ୍ତ ଆଲୁମିନିୟମ ସ୍ଥାନୀୟ ଅଞ୍ଚଳର ଯୁବକଙ୍କୁ ଶିଳ୍ପ-ଆବଶ୍ୟକ ଦକ୍ଷତା ବିକାଶ ସହ ସେମାନଙ୍କର ନିଯୁକ୍ତି ସାମର୍ଥ୍ୟ ବୃଦ୍ଧି ଏବଂ ଦୀର୍ଘ ଜୀବିକା ସୁଯୋଗକୁ ସକ୍ଷମ କରିବା ଉଦ୍ଦେଶ୍ୟରେ ଏକ ସଂରଚିତ ଦକ୍ଷତା ବିକାଶ ପଦକ୍ଷେପ କାର୍ଯ୍ୟକାରୀ କରିଛି। ଲାଞ୍ଜିଗଡ଼ରେ ବେଦାନ୍ତ ଆଲୁମିନିୟମର କାର୍ଯ୍ୟକଳାପକୁ ଆଖପାଖର ଗ୍ରାମର ଯୁବକଯୁବତୀମାନେ ଏହି ପଦକ୍ଷେପ ମାଧ୍ୟମରେ ନୂତନ ଦିଗ ଖୋଜୁଛନ୍ତି।




ଏହାର ଆରମ୍ଭ ପରଠାରୁ ଏହି ପଦକ୍ଷେପ ହଜାରେରୁ ଅଧିକ ଯୁବକଙ୍କୁ ତାଲିମ ଦେଇଛି, ଯେଉଁମାନଙ୍କ ମଧ୍ୟରୁ ୭୫ ପ୍ରତିଶତରୁ ଅଧିକ ଓଡ଼ିଶା ଭିତରେ ନିଯୁକ୍ତି ସୁଯୋଗ ପାଇଛନ୍ତି। ମୋଟ ଅଂଶଗ୍ରହଣକାରୀଙ୍କ ମଧ୍ୟରୁ ୫୫ ପ୍ରତିଶତ ମହିଳା, ଯାହା ସମାବେଶୀ ଅଭିବୃଦ୍ଧି ଉପରେ ଏହି କାର୍ଯ୍ୟକ୍ରମର ଗୁରୁତ୍ୱକୁ ପ୍ରତିଫଳିତ କରୁଛି। ସରକାରଙ୍କ ସହ ଭାଗୀଦାରୀ ମାଧ୍ୟମରେ ଏହି ପ୍ରକଳ୍ପ ବର୍ତ୍ତମାନ ଭବାନୀପାଟଣା ଓ ଲାଞ୍ଜିଗଡ଼ରେ ଆବାସିକ ଏବଂ ଅଣଆବାସିକ ତାଲିମ କେନ୍ଦ୍ର ମାଧ୍ୟମରେ ପରିଚାଳିତ ହେଉଛି, ଯେଉଁଥିରେ ଇଲେକ୍ଟ୍ରିସିଆନ୍, ସିଲେଇ ମେସିନ୍ ଅପରେଟର ଓ ଖାଦ୍ୟ, ପାନୀୟ ସହାୟକ ପରି ବିଭିନ୍ନ ପାଠ୍ୟକ୍ରମ ପ୍ରଦାନ କରାଯାଉଛି। ଏକ ବିକଶିତ ଭାରତର ଦୃଷ୍ଟିକୋଣ ସହ ଯୋଡ଼ି ହୋଇ ଏହି ପଦକ୍ଷେପ ଗୁଣାତ୍ମକ ଧନ୍ଦାମୂଳକ ତାଲିମ, ଦକ୍ଷତା ବୃଦ୍ଧି ଓ ନିଯୁକ୍ତି ସହାୟତା ମାଧ୍ୟମରେ ଶିଳ୍ପ ଚାହିଦା ଓ କାର୍ଯ୍ୟବଳ ପ୍ରସ୍ତୁତି ମଧ୍ୟରେ ଥିବା ପାର୍ଥକ୍ୟକୁ ଦୂର କରିବା ଉପରେ ଧ୍ୟାନ ଦେଇଥାଏ। ସରକାରୀ ସଂସ୍ଥା ଓ ଅନୁଷ୍ଠାନ (ଓଏସଡିଏ ଓ ନାବାର୍ଡ) ସହ ଭାଗୀଦାରୀ ମାଧ୍ୟମରେ କାର୍ଯ୍ୟକାରୀ ହୋଇଥିବା ଏହି ପଦକ୍ଷେପ ଯୁବକମାନଙ୍କୁ ବୈଷୟିକ ଦକ୍ଷତା ବିକାଶ, କାର୍ଯ୍ୟକ୍ଷେତ୍ର ପ୍ରସ୍ତୁତିରେ ଉନ୍ନତି ଓ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ପାଇବା ପାଇଁ ଏକ ବ୍ୟାପକ ମଞ୍ଚ ପ୍ରଦାନ କରିଥାଏ।

ବଡଗୁଡ଼ାର ବିଗ୍ନାସିନୀ ବିସିଙ୍କ ଭଳି ହିତାଧିକାରୀଙ୍କ ପାଖରେ ଏହି କାର୍ଯ୍ୟକ୍ରମର ପ୍ରଭାବ ପ୍ରତିଫଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଯୋଗଦେବା ପୂର୍ବରୁ, ବୃତ୍ତିଗତ ଦକ୍ଷତାର ଅଭାବ ହେତୁ ବିଗ୍ନେଶ୍ୱିନୀ ସୀମିତ ନିଯୁକ୍ତି ସମ୍ଭାବନାର ସମ୍ମୁଖୀନ ହୋଇଥିଲେ। ଦୁଇ ମାସର ବ୍ୟାପକ ଖାଦ୍ୟ ଏବଂ ପାନୀୟ ସେବା ତାଲିମ, ଯେଉଁଥିରେ ମୌଳିକ ଦକ୍ଷତା ତାଲିମ ଏବଂ ଆଇଟି ତାଲିମ ଅନ୍ତର୍ଭୁକ୍ତ ଥିଲା, ସେ ଆତିଥେୟତା କ୍ଷେତ୍ରରେ ପ୍ରବେଶ କରିବା ପାଇଁ ଆବଶ୍ୟକ ଦକ୍ଷତାର ବିକାଶ କରିଥିଲେ। ସେ ଜାତୀୟ ସ୍ତରର ଏକ ଶୀର୍ଷ ହୋଟେଲ ଶୃଙ୍ଖଳାରେ ନିଯୁକ୍ତି ପାଇଛନ୍ତି, ସ୍ୱାଧୀନ ଭାବରେ ତାଙ୍କ ପରିବାରକୁ ପ୍ରତିପାଳନ କରୁଛନ୍ତି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଞ୍ଚାର

୪ ଗୁରୁବାର ୨୪ ସେପ୍ଟେମ୍ବର ୨୦୨୬, ଭୁବନେଶ୍ୱର
Thursday 24 September 2026, Bhubaneswar

# ଅସ୍ଥିର ଅର୍ଥନୀତି, ଅସ୍ଥିର ଶାସନ

ପାକିସ୍ତାନ ଆଜି ଗଭୀର ରାଜନୈତିକ ଓ ଆର୍ଥିକ ସଙ୍କଟରେ ଜଡ଼ିତ। ଦେଶର ଅର୍ଥନୀତି ବାରମ୍ବାର ଆଇଏମଏଫର ଋଣ ଉପରେ ନିର୍ଭର କରୁଛି, ଯେଉଁଥିରେ ସାତ ବିଲିୟନ ଡଲାରର ବିସ୍ତୃତ ଋଣ କାର୍ଯ୍ୟକ୍ରମ ଚାଲିଛି। ମଧ୍ୟପ୍ରାଚ୍ୟର ଯୁଦ୍ଧ ଯୋଗୁଁ ତେଲ ମୂଲ୍ୟ ବୃଦ୍ଧି ପାଇଛି, ଯାହା ଦ୍ୱାରା ମୁଦ୍ରାସ୍ଫୀତି ପୁଣି



ଦୁଇ ଅଙ୍କରେ ପହଞ୍ଚିଛି ଏବଂ ସାଧାରଣ ନାଗରିକଙ୍କ ଜୀବନ ଆହୁରି କଷ୍ଟକର ହୋଇପଡ଼ିଛି। ସରକାର ବର୍ତ୍ତମାନ କଠୋର ମିତବ୍ୟୟ ପଦକ୍ଷେପ ଗ୍ରହଣ କରିଛନ୍ତି ବଜାର ରାତି ନଅଟା ଭିତରେ ବନ୍ଦ କରିବା, ବିବାହ ହଲ ଓ ରେଷ୍ଟୁରାଣ୍ଟ ଉପରେ ସମୟ ସୀମା, ସରକାରୀ ଗାଡ଼ିର ତେଲ ଯୋଗାଣ ଅର୍ଦ୍ଧେକ କରିବା ଭଳି ନିୟମ। ଏହି ପଦକ୍ଷେପଗୁଡ଼ିକ କେବଳ ଆର୍ଥିକ ସଙ୍କଟର ଲକ୍ଷଣ ନୁହେଁ, ବରଂ ସରକାରର ନିୟନ୍ତ୍ରଣ ମନୋଭାବକୁ ମଧ ପ୍ରତିଫଳିତ କରୁଛି। ରାଜନୈତିକ ଦୃଶ୍ୟ ଆହୁରି ଅସ୍ଥିର। ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ତିନି ବର୍ଷରୁ ଅଧିକ ସମୟ ଧରି କାରାଗାରରେ ଅଛନ୍ତି। ତାଙ୍କ ଦଳ ପିଟିଆଇ ଉପରେ ନିରନ୍ତର ଚାପ, ଗିରଫ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ଚାଲିଛି। ସେନା ମୁଖ୍ୟ ଆସିମ ମୁନିରଙ୍କୁ ଫିଲ୍ଡ ମାର୍ଶାଲ ପଦବୀ ଦିଆଯାଇଛି ଏବଂ ସାମ୍ବିଧାନିକ ସଂଶୋଧନ ମାଧ୍ୟମରେ ସେନାର କ୍ଷମତା ଆହୁରି ବଢ଼ାଯାଉଛି। ବିରୋଧୀ ଦଳ, ଗଣମାଧ୍ୟମ ଓ ସାଧାରଣ ନାଗରିକଙ୍କ ଉପରେ ପ୍ରତିବନ୍ଧକ ଲଗାଯାଉଛି। ଇଣ୍ଟରନେଟ ବନ୍ଦ, ପ୍ରତିବାଦ ଉପରେ ନିଷେଧାଜ୍ଞା ଏବଂ ବିରୋଧୀ ନେତାଙ୍କ ବକ୍ତବ୍ୟ ଉପରେ ନିୟନ୍ତ୍ରଣ, ଏସବୁ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଦୁର୍ବଳ କରୁଛି। ଆଜାଦ କାଶ୍ମୀରରେ ପ୍ରତିବାଦ, ବଲୋଚିସ୍ତାନ ଓ ଖୈବର ପଖ୍ତୁନଖ୍ୱାରେ ଉଗ୍ରବାଦୀ କାର୍ଯ୍ୟକଳାପ ଦେଶର ଆଭ୍ୟନ୍ତରୀଣ ସୁରକ୍ଷାକୁ ମଧ୍ୟ ଚ୍ୟାଲେଞ୍ଜ କରୁଛି। ଏହି ଦୁଇ ଗୁଣିତ ସଙ୍କଟର ମୂଳରେ ରହିଛି ଦୁର୍ବଳ ଶାସନ ଓ ଗଣତାନ୍ତ୍ରିକ ଅନୁଷ୍ଠାନଗୁଡ଼ିକର କ୍ଷୟ। ଅର୍ଥନୀତିକୁ ସ୍ଥିର କରିବା ପାଇଁ ବାହ୍ୟ ଋଣ ଆବଶ୍ୟକ, କିନ୍ତୁ ରାଜନୈତିକ ଅସ୍ଥିରତା ଯୋଗୁଁ ଦୀର୍ଘକାଳୀନ ସଂସ୍କାର ସମ୍ଭବ ହେଉନାହିଁ। କର ଆଧାର ସଂକୁଚିତ, ଋଣର ସୁଧ ପରିଶୋଧ ବଜେଟର ବଡ଼ ଅଂଶ ଖାଇଯାଉଛି ଏବଂ ଯୁବ ବେରୋଜଗାରୀ ଉଚ୍ଚ ରହିଛି। ସରକାର ଦାବି କରୁଛନ୍ତି ଯେ ଏହି ପ୍ରତିବନ୍ଧକ ଓ ମିତବ୍ୟୟ ଦେଶକୁ ସଙ୍କଟରୁ ବାହାର କରିବ, କିନ୍ତୁ ବାସ୍ତବରେ ଏହା ସାଧାରଣ ଲୋକଙ୍କ ଉପରେ ଅଧିକ ବୋଝ ସୃଷ୍ଟି କରୁଛି ଏବଂ ଗଣତାନ୍ତ୍ରିକ ଅଧିକାରକୁ ସଙ୍କୁଚିତ କରୁଛି। ପାକିସ୍ତାନର ଏହି ସଙ୍କଟ କେବଳ ଏକ ଦେଶର ସମସ୍ୟା ନୁହେଁ। ଏହା ଦେଖାଏ ଯେ ଯେତେବେଳେ ରାଜନୈତିକ କ୍ଷମତା ଏକ ପକ୍ଷ ବା ସେନାର ହାତରେ କେନ୍ଦ୍ରୀଭୂତ ହୁଏ ଏବଂ ଆର୍ଥିକ ନୀତି କେବଳ ବାହ୍ୟ ଋଣ ଉପରେ ନିର୍ଭର କରେ, ସେତେବେଳେ ଦେଶ ସ୍ଥାୟୀ ଉନ୍ନତିର ପଥରୁ ଦୂରେଇ ଯାଏ। ସାଧାରଣ ନାଗରିକଙ୍କ ସ୍ୱରକୁ ଦବାଇ ରଖି କେବଳ ପ୍ରତିବନ୍ଧକ ଲଗାଇବା ଦ୍ୱାରା ସମସ୍ୟା ସମାଧାନ ହୁଏ ନାହିଁ। ବରଂ ଏହା ଅସନ୍ତୋଷକୁ ଆହୁରି ବଢ଼ାଏ। ପାକିସ୍ତାନକୁ ଏହି ସଙ୍କଟରୁ ବାହାରିବା ପାଇଁ ପ୍ରକୃତ ରାଜନୈତିକ ସହମତି, ସ୍ୱାଧୀନ ଅନୁଷ୍ଠାନ ଓ ଲୋକଙ୍କ ଅଧିକାର ପ୍ରତି ସମ୍ମାନ ଆବଶ୍ୟକ। କେବଳ ଆଇଏମଏଫ ଋଣ ଓ ସରକାରୀ ନିୟନ୍ତ୍ରଣ ଦ୍ୱାରା ଦୀର୍ଘକାଳୀନ ସ୍ଥିରତା ଆସିବ ନାହିଁ। ଦେଶର ଭବିଷ୍ୟତ ନିର୍ଭର କରେ ସାଧାରଣ ନାଗରିକଙ୍କ ଉପରେ ବିଶ୍ୱାସ ରଖି ଗଣତାନ୍ତ୍ରିକ ପଥରେ ଆଗକୁ ବଢ଼ିବା ଉପରେ। ନଚେତ୍ ଏହି ସଙ୍କଟ ଆହୁରି ଗଭୀର ହେବ ଏବଂ ସମଗ୍ର ଅଞ୍ଚଳ ଉପରେ ପ୍ରଭାବ ପକାଇବ।

# ନାମରେ ମୁକ୍ତିର ପଥପ୍ରଦର୍ଶକ -ନାମାଚାର୍ଯ୍ୟ ଶ୍ରୀ ଶ୍ରୀ ବାୟାବାବା

**ଇଂ ବିରଞ୍ଚି ନାରାୟଣ ପ୍ରଧାନ**

ଅଧ୍ୟାତ୍ମିକ ସରସ୍ୱତୀ ଗାବଦାର୍ଭୀ ଭୂମି ହେଉଛି ସନାତନ ସଂସ୍କୃତିର ଜନ୍ମସ୍ଥଳୀ। ଦେବ ନିର୍ମିତ ଗାରଦ୍ୱଜ ଭାରତ ବର୍ଷ ହେଉଛି ଯୁଗ ଯୁଗ ଧରି ଦିବ୍ୟ ଦ୍ରଷ୍ଟା ଉଗ୍ର ତପସ୍ୱୀ ମୁନି ଋଷି ସାଧୁ ସନ୍ଥମାନଙ୍କର ଆବାସଭୂମି। ସେହିପରି ସାକ୍ଷାତ ବିଦ୍ୟାଗୁରୁ ମହାପୁରୁଷ ନାମାଚାର୍ଯ୍ୟ ଶ୍ରୀ ବାୟାବାବା ଉତ୍କଳଭୂମିରେ ଆବିର୍ଭୂତ ହୋଇ ସ୍ୱୟଂ ଅବିରତ କୃଷ୍ଣ ସାଧନାରେ ନିତ୍ୟ ପରମତତ୍ତ୍ୱର ଗୁଣଧର୍ମ ଅନୁଭବ ଉପଲବ୍ଧି କରିଥିଲେ ମଧ୍ୟ କଳିକଳୁଷ ସଂସାରରୁ ତାରଣ ତଥା ବିଷ୍ଣୁସାରର ଉପଲବ୍ଧ ପ୍ରାପ୍ତ ପାଇଁ ସାଧାରଣ ଅଜ୍ଞାନ ମଣିଷଙ୍କୁ ଗଭୀର ବିଶ୍ୱାସ ସହିତ ଉପଦେଶ ଦେଇଛନ୍ତି ଯେ ପରମେଶ୍ୱର ସ୍ମରଣ, ଭଜନ, କୀର୍ତ୍ତନ ଦୃଢ଼ ନିଷ୍ଠା ସହିତ ଅବିରତ



ଅଭ୍ୟାସ କଲେ ଦୁର୍ଜେୟମାୟା ଚଳଚଞ୍ଚଳ ମନ ନିଗୃହିତ ଓ ସ୍ଥିର ହୋଇପାରିବ। ନିତ୍ୟ ପରମତତ୍ତ୍ୱର (ଭଗବତ) ପ୍ରାପ୍ତିର ଦିବ୍ୟ ଅନୁଭୂତି ପ୍ରାପ୍ତ ହେବାର ଏହି ଗୁହ୍ୟତମ ତତ୍ତ୍ୱକୁ ସ୍ୱୟଂ ଉପଲବ୍ଧ କରି ସ୍ୱକୀୟ ଅବିରତ ଆଚରଣ ଆଦର୍ଶ ମାଧ୍ୟମରେ ସେ ଅଗଣିତ ପାପତାପକ୍ଲିଷ୍ଟ ସଂସାରିଜନଙ୍କ ସମ୍ମୁଖରେ ପ୍ରକାଶ କରିଥିଲେ। ନାମ ହିଁ ଜୀବନର ଆଶ୍ରୟ, ନାମ ହିଁ ମନର ଶାନ୍ତି ଓ ନାମ ହିଁ ସମାଜ ମଙ୍ଗଳର ଏକ ଅମୋଘ ଅସ୍ତ୍ର, ସେଇଥିପାଇଁ ଏଠାରେ ଧୀରପୁରୁଷ ମହାପୁରୁଷରେ ମଧ୍ୟ ଗୋଟିଏ କ୍ଷଣରେ ହରିନାମ ସଙ୍କୀର୍ତ୍ତନ ପୂର୍ବକ ସକଳ କର୍ମ ଶ୍ରୀ ଭଗବାନଙ୍କୁ ଅର୍ପଣ କରି ତାଙ୍କର ପରମ ପଦଲାଭ କରିପାରେ। ତାଙ୍କ ଜୀବଦଶାର ବିରଳ ଆଧ୍ୟାତ୍ମିକ ସ୍ୱରୂପ ଓ ଅବଦାନ ହେଉଛି ଓଡ଼ିଶାର ବିଭିନ୍ନ ପ୍ରାନ୍ତ ତଥା ବୃନ୍ଦାବନ ଧାମରେ ପ୍ରତିଷ୍ଠିତ ମଠ ଓ ନାମ ମଞ୍ଚର ସମୂହ ଯାହା କେବଳ ଗୋଟେ ଗୋଟେ ଧାର୍ମିକ ପ୍ରତିଷ୍ଠାନ ନୁହନ୍ତି, ଏହା ଏକ ଯୁଗ ପାଇଁ ନାମଭକ୍ତି ସାଧନାର ଶାନ୍ତ ଆଶ୍ରୟସ୍ଥଳୀ। ତାଙ୍କର ଆଜି ଅନନ୍ତ ଚତୁର୍ଦ୍ଦଶୀ ତିଥିରେ ପବିତ୍ର ପରମ ସ୍ମରଣ ଦିବସରେ ଯେଉଁ ଅଖଣ୍ଡ ନାମର ପ୍ଲାବନଧାରା ସେ ପ୍ରବାହିତ କରିଥିଲେ, ତାହା ଯେପରି ଯୁଗ ଯୁଗ ଧରି ମାନବ ହୃଦୟକୁ ପରିଶୁଦ୍ଧ କରି ସ୍ୱର୍ଗୀୟ ପ୍ରୀତି ଓ ଅଖଣ୍ଡ ଶାନ୍ତି ଅନୁଭବ ପାଇଁ ଏ ସଂସାର ତୃପ୍ତି ମରୁଭୂମିରେ ଏକ ମାତ୍ର ଶୀତଳ ଜଳଉତ୍ସ ଭାବେ ସର୍ବ ଆତ୍ମ ହେଉ ଏହା ହିଁ ତାଙ୍କ ପଦପଦ୍ମରେ ଚିର ସ୍ମରଣୀୟ।

ମୋ :- ୯୪୩୭୦୮୪୮୪

# ମନେ ପଡେ ଗାଁ ର କଥା: ଗାଁ ଦୂରେ ହୋଇପାରେ, କିନ୍ତୁ ମନରୁ କେବେ ଦୂର ହୁଏ ନାହିଁ

**ଡ଼. ସତ୍ୟଜିତ ନାୟକ, ଆଇପିଏସ**

ଜୀବନର ଦୌଡ଼ରେ ଆମେ ଯେତେ ଦୂର ଆଗକୁ ବଢ଼ିଯାଉ, ମନର ଗୋଟିଏ କୋଣ ସବୁବେଳେ ନିଜ ମୂଳକୁ ଖୋଜିଥାଏ। ଦାୟିତ୍ୱର ଡାକରେ ଦୂର ଦୂରାନ୍ତରେ ଯିବାକୁ ହୁଏ, ନୂଆ ଲୋକଙ୍କୁ ଭେଟିବାକୁ ହୁଏ, ନୂଆ ପରିବେଶରେ ନିଜକୁ ଖାପ ଖୁଆଇବାକୁ ହୁଏ। କିନ୍ତୁ ଦିନର ଶେଷରେ, ଯେତେବେଳେ ଚାରିପାଖର କୋଳାହଳ କିଛିଟା ଶାନ୍ତ ହୋଇଯାଏ, ମନ ଅଜାଣତରେ ଫେରିଯାଏ ସେଇ ପରିଚିତ ଠିକଣାକୁ। ମନେ ପଡ଼େ ସେଇ ରାସ୍ତା, ସେଇ ଗଛ, ସେଇ ପୋଖରୀ, ସେଇ ଘର ଅଗଣା, ସେଇ ଲୋକମାନେ ଏବଂ ସେଇ ନିର୍ମଳ ଦିନଗୁଡ଼ିକ। ତା'ବେଳେ ମନ ଧୀରେ ଧୀରେ କହିଉଠେ— ଗାଁ ଦୂରେ ହୋଇପାରେ, କିନ୍ତୁ ମନରୁ କେବେ ଦୂର ହୁଏ ନାହିଁ। ମୋ ପାଇଁ ଗାଁ କେବଳ ଏକ ଭୌଗୋଳିକ ସ୍ଥାନ ନୁହେଁ। ଏହା ମୋ ସ୍ମୃତିର ଏକ ଜୀବନ୍ତ ଅଧ୍ୟାୟ। ମୋ ଶୈଶବର ଅନେକ ଛୋଟ ଛୋଟ ଘଟଣା ଆଜି ମଧ୍ୟ ମନରେ ସେହିଭଳି ସତେଜ ଅଛି। ସମୟ ବିତିଯାଇଛି, ଜୀବନ ବଦଳିଛି, ଦାୟିତ୍ୱ ବଢ଼ିଛି; କିନ୍ତୁ ସେଇ ସ୍ମୃତିଗୁଡ଼ିକର ରଙ୍ଗ ମଳିନ ହୋଇନାହିଁ। ବରଂ ବୟସ ବଢ଼ିବା ସହିତ ଲାଗୁଛି, ସେଗୁଡ଼ିକର ମୂଲ୍ୟ ଆହୁରି ବଢ଼ିଯାଇଛି। ଆଜି ମଧ୍ୟ ମୋ ମନରେ ଭାସିଉଠେ ଶୈଶବର ସେଇ ସକାଳ। ସୂର୍ଯ୍ୟ ଉଠିବା ପୂର୍ବରୁ ଗାଁରେ ଜୀବନ ଆରମ୍ଭ ହୋଇଯାଉଥିଲା। ଘର ଅଗଣାରେ ମାଆଙ୍କ କାମ, ରୋଷେଇ ଘରୁ ଆସୁଥିବା ଧୂଆଁର ଗନ୍ଧ, ଦୂରରୁ ଆସୁଥିବା ମନ୍ଦିରର ଘଣ୍ଟିଧ୍ୱନି, ପକ୍ଷୀମାନଙ୍କ କିଚିରିମିଚିରି— ସବୁକିଛି ମିଶି ଏକ ଅଲଗା ସକାଳ ସୃଷ୍ଟି କରୁଥିଲା। ଆଜି ଆଲାର୍ମ ଘଣ୍ଟି ଆମକୁ ଉଠାଏ; ସେତେବେଳେ ଗାଁର ପରିବେଶ ନିଜେ ଯେମିତି ଜାଗରଣର ଡାକ ଦେଉଥିଲା। ମାଆଙ୍କ ସହ ଜଡ଼ିତ ଅନେକ ସ୍ମୃତି ମୋ ପାଇଁ ଅତ୍ୟନ୍ତ ମୂଲ୍ୟବାନ। ଶୈଶବରେ ଛୋଟ ଛୋଟ ଦୁଷ୍ଟାମି କରି ମାଆଙ୍କଠାରୁ ଗାଳି ଶୁଣିବା, ପୁଣି କିଛି ସମୟ ପରେ ସେଇ ମାଆଙ୍କ ହାତରୁ ଖାଇବା— ଏହା ଥିଲା ଶୈଶବର ଏକ ଅଦ୍ଭୁତ ସମ୍ପର୍କ। ସେତେବେଳେ ମାଆଙ୍କ କଥାର ମୂଲ୍ୟ ବୁଝିପାରୁନଥିଲି। ଆଜି ଜୀବନର ଅନେକ ଅନୁଭବ ପରେ ଲାଗେ, ସେଇ ସରଳ କଥାଗୁଡ଼ିକ ମଧ୍ୟରେ କେତେ ବଡ଼ ଜୀବନ ଶିକ୍ଷା ଲୁଚିଥିଲା। ବାପାଙ୍କ ଶୃଙ୍ଖଳା, ପରିଶ୍ରମ ଓ ଦାୟିତ୍ୱବୋଧର ସ୍ମୃତି ମଧ୍ୟ ମନରେ ଗଭୀର ଛାପ ଛାଡ଼ିଛି। ବଡ଼ ହେବା ସହିତ ବୁଝିଛି, ପିଲାମାନେ କେବଳ ଉପଦେଶରୁ ନୁହେଁ, ବାପା-ମାଆଙ୍କ ଜୀବନକୁ ଦେଖି ମଧ୍ୟ ଶିଖନ୍ତି। ସମୟର ମୂଲ୍ୟ, କାମ ପ୍ରତି ନିଷ୍ଠା, ଅନ୍ୟମାନଙ୍କ ପ୍ରତି ସମ୍ମାନ ଓ ନିଜ କର୍ତ୍ତବ୍ୟ ପ୍ରତି ସଚେତନତା— ଏସବୁ ମୂଲ୍ୟବୋଧର ପ୍ରଥମ ପାଠ ମୋ ଜୀବନରେ ପରିବାରରୁ ଆସିଥିଲା। ସ୍କୁଲ ଦିନର ସ୍ମୃତି ମଧ୍ୟ ଅଲଗା ଏକ ଜଗତ। ବହି ଓ ଖାତା ନେଇ ସ୍କୁଲ ଯିବା, ସାଙ୍ଗମାନଙ୍କ ସହ ରାସ୍ତାରେ ଗପ କରିବା, ଶିକ୍ଷକମାନଙ୍କ ଠାରୁ ଶିକ୍ଷା ପାଇବା ଏବଂ ସ୍କୁଲ ଛୁଟି ପରେ ଖେଳିବା ପାଇଁ ଅଧୀର ହୋଇଯିବା— ସେଇ ସରଳ ଜୀବନରେ ମଧ୍ୟ ଏକ ଅସୀମ ଆନନ୍ଦ



ଥିଲା। ପରୀକ୍ଷାର ଫଳାଫଳ ନେଇ ଚିନ୍ତା ଥିଲା, ଶିକ୍ଷକଙ୍କ ତାଗିଦ ଥିଲା, କିନ୍ତୁ ସେସବୁ ମଧ୍ୟରେ ସାଙ୍ଗତ୍ୟର ଉଷ୍ମତା ଓ ହସର ଅଭାବ ନଥିଲା। ସ୍କୁଲରୁ ଫେରିବା ପରେ ବ୍ୟାଗ୍‌ଟିକୁ ରଖି ସାଙ୍ଗମାନଙ୍କ ସହ ଦୌଡ଼ିଯିବା ଥିଲା ଆମ ଦିନର ସବୁଠାରୁ ଅପେକ୍ଷିତ ସମୟ। କେବେ ମାଠରେ ଖେଳ, କେବେ ଗଛତଳେ ଗପ, କେବେ ପୋଖରୀ କୂଳରେ ବସିବା। ଖୁସି ପାଇଁ ସେତେବେଳେ କୌଣସି ଦାମୀ ଜିନିଷ ଦରକାର ହେଉନଥିଲା। ସାଙ୍ଗମାନଙ୍କ ସହ ମିଳି ହସିପାରିବା ହିଁ ଥିଲା ସବୁଠାରୁ ବଡ଼ ମନୋରଞ୍ଜନ। ବର୍ଷା ଦିନର ସ୍ମୃତି ଆଜି ବି ମନକୁ ଶିଶୁ କରିଦିଏ। ଆକାଶରେ କଳାମେଘ ଦେଖିଲେ ଆମ ମନରେ ଖୁସିର ଲହରୀ ଖେଳିଯାଉଥିଲା। ବର୍ଷା ଆରମ୍ଭ ହେଲେ ଘର ଭିତରେ ରହିବାକୁ ମନ ଚାହୁଁନଥିଲା। ବର୍ଷାରେ ଭିଜିବା, ପାଣିରେ କାଗଜ ଡଙ୍ଗା ଭସାଇବା, ମାଟିରେ ପାଦ ରଖି ଦୌଡ଼ିବା— ସବୁକିଛିରେ ଏକ ଅଲଗା ଆନନ୍ଦ ଥିଲା। ଭିଜିଯାଇ ଘରକୁ ଫେରିଲେ ମାଆଙ୍କ ଗାଳି ମିଳୁଥିଲା, କିନ୍ତୁ ସେଇ ଗାଳି ମଧ୍ୟରେ ଲୁଚିଥିବା ଚିନ୍ତା ଓ ସ୍ନେହକୁ ଆଜି ବୁଝିପାରୁଛି। ଗାଁର ପୋଖରୀ ମୋ ଶୈଶବ ସ୍ମୃତିର ଆଉ ଏକ ଅବିଚ୍ଛେଦ୍ୟ ଅଂଶ। ପୋଖରୀ କୂଳରେ ବସିବା, ସାଙ୍ଗମାନଙ୍କ ସହ ଗପ କରିବା, ପହଁରିବା ଶିଖିବା ଓ ଗଛର ଛାଇରେ କିଛି ସମୟ କାଟିବା— ଏସବୁ ମନରେ ଏବେ ବି ଜୀବନ୍ତ। ସେଇ ପୋଖରୀ କୂଳରେ ବସି ଗାଁର ବୟସ୍କମାନଙ୍କ ଆଲୋଚନା ଶୁଣିବାରୁ ସମାଜ ଓ ମଣିଷ ସମ୍ପର୍କରେ ଅନେକ କଥା ଅଜାଣତରେ ଶିଖିଥିଲି। ଜେଜେବାପା-ଜେଜେମାଆଙ୍କ ସ୍ମୃତି ତ ଆହୁରି ଗଭୀର। ରାତିରେ ଲଣ୍ଠନ ଆଲୁଅରେ ବସି ଜେଜେମାଆଙ୍କ ମୁହଁରୁ ରାମାୟଣ, ମହାଭାରତ, ପୁରାଣ ଓ ଲୋକକଥା ଶୁଣିବା ଥିଲା ଆମ ପାଇଁ ଏକ ବଡ଼ ମନୋରଞ୍ଜନ। ଆଜି ଆମ ହାତରେ ସ୍ମାର୍ଟଫୋନ୍ ଅଛି, ଅସଂଖ୍ୟ ଚ୍ୟାନେଲ୍ ଅଛି, ମନୋରଞ୍ଜନର ଅନେକ ମାଧ୍ୟମ ଅଛି; କିନ୍ତୁ ଜେଜେମାଆଙ୍କ ପାଖରେ ବସି ଗପ ଶୁଣିବାର ସେଇ ଆତ୍ମୀୟତା ଆଉ କେଉଁଠି ମିଳେ? ଗାଁର ପର୍ବପର୍ବାଣୀ ମୋ ସ୍ମୃତିରେ ଆଜି ବି ରଙ୍ଗିନ। ରଜ ଆସିଲେ ଦୋଳି, ପିଠା ଓ ଆନନ୍ଦ; ଦୋଳରେ ରଙ୍ଗର ଉତ୍ସବ; ରଥଯାତ୍ରାରେ ଭକ୍ତିର ପରିବେଶ; ଦୁର୍ଗାପୂଜା ଓ ଗଣେଶ ପୂଜାରେ ସମସ୍ତଙ୍କ ଏକାଠି ହେବା— ଏସବୁ ଥିଲା ଆମ ସାମାଜିକ ଜୀବନର ଅଂଶ। ପର୍ବ କେବଳ ପୂଜା ନଥିଲା; ଏହା ଥିଲା ମିଳନର ଅବସର। କାହା ଘରେ ବିବାହ ହେଲେ ସମଗ୍ର ଗାଁରେ ଖୁସିର ପରିବେଶ ହୋଇଯାଉଥିଲା। କାହା ଘରେ ଦୁଃଖ ଆସିଲେ ମଧ୍ୟ ପଡ଼ୋଶୀମାନେ ନିଜ ଲୋକ ଭଳି ପାଖରେ ଠିଆ ହେଉଥିଲେ। ଏହି ମାନବିକ ସମ୍ପର୍କ ମୋତେ ଗୋଟିଏ କଥା ଶିଖାଇଥିଲା— ସମାଜର ଶକ୍ତି କେବଳ ସମ୍ପତ୍ତିରେ ନୁହେଁ, ପରସ୍ପର ପ୍ରତି ଥିବା ସମ୍ବେଦନାରେ ରହିଥାଏ। ଚାଷୀଙ୍କ ଜୀବନ ମଧ୍ୟ ମୋ ମନରେ ଗଭୀର ପ୍ରଭାବ ପକାଇଛି। ଭୋର ହେବା ପୂର୍ବରୁ କ୍ଷେତକୁ ଯାଉଥିବା ଲୋକ, ଖରା ଓ ବର୍ଷାକୁ ଅଣଦେଖା କରି ମାଟି ସହ ସଂଘର୍ଷ କରୁଥିବା ଚାଷୀ ଏବଂ ନିଜ ଶ୍ରମରେ ଅନ୍ନ ଉତ୍ପାଦନ କରୁଥିବା ମଣିଷଙ୍କୁ ଦେଖି ଛୋଟବେଳୁ ପରିଶ୍ରମର ମହତ୍ତ୍ୱ ବୁଝିବାର ସୁଯୋଗ ମିଳିଥିଲା। ମାଟି ସହ ଯୋଡ଼ି ରହିଥିବା ସେଇ ଜୀବନ ଆଜି ମଧ୍ୟ ମୋ ପାଇଁ ଏକ ନିରବ ପ୍ରେରଣା। ଜୀବନର ପରବର୍ତ୍ତୀ ପଥ ମୋତେ ଗାଁର ସେଇ ସୀମିତ ପରିବେଶରୁ ବାହାରକୁ ନେଇଗଲା। ଶିକ୍ଷା, ପ୍ରତିଯୋଗିତା, ଚାକିରି ଓ ପରେ ପୁଲିସ ସେବାର ଦାୟିତ୍ୱ— ଜୀବନ ଧୀରେ ଧୀରେ ନୂଆ ଦିଗ ନେଲା। ବିଭିନ୍ନ ଅଞ୍ଚଳରେ କାମ କରିବା, ଭିନ୍ନ ଭିନ୍ନ ଲୋକଙ୍କ ସହ ମିଶିବା ଓ ସମାଜର ବିଭିନ୍ନ ସମସ୍ୟାକୁ ନିକଟରୁ ଦେଖିବାର ସୁଯୋଗ ମିଳିଲା। ତଥାପି ଯେତେ ନୂଆ ଅନୁଭବ ମିଳିଲା, ଶୈଶବର ଗାଁ ମୋ ଜୀବନର ମୂଳ ଶିକ୍ଷାଗୁଡ଼ିକୁ ସେତେ ଅଧିକ ସ୍ପଷ୍ଟ କରିଦେଲା। ପୁଲିସ ସେବାରେ ରହି ଲୋକଙ୍କ ଦୁଃଖ, ସମସ୍ୟା ଓ ଆଶାକୁ ନିକଟରୁ ଦେଖିବାର ସୁଯୋଗ ମିଳେ। ସେତେବେଳେ ବାରମ୍ବାର ମନେ ପଡ଼େ ଗାଁର ସେଇ ସରଳ ଲୋକମାନଙ୍କୁ। ସେମାନଙ୍କ ଆଶା ବହୁତ ବଡ଼ ନଥିଲା; କିନ୍ତୁ ସମ୍ପର୍କର ମୂଲ୍ୟ ବହୁତ ବଡ଼ ଥିଲା। ସେଇ ପରିବେଶ ମୋତେ ଶିଖାଇଥିଲା ଯେ, ମଣିଷକୁ ବୁଝିବା ପାଇଁ କେବଳ ତା'ର ସମସ୍ୟାକୁ ନୁହେଁ, ତା'ର ମନକୁ ମଧ୍ୟ ବୁଝିବା ଆବଶ୍ୟକ। ଆଜି ଯେତେବେଳେ ଜୀବନର ଦୌଡ଼ରେ ମନ ଥକିଯାଏ, ମୁଁ ମନେ ମନେ ସେଇ ଗାଁକୁ ଫେରିଯାଏ। ମନେ ହୁଏ, ଥରେ ସେଇ ପୁରୁଣା ରାସ୍ତାରେ ଚାଲିବି। ସେଇ ଗଛ ଛାଇରେ କିଛି ସମୟ ବସିବି। ପୋଖରୀ କୂଳରେ ନିରବତାରେ କିଛି ସମୟ କାଟିବି। ପିଲାଦିନର ସାଙ୍ଗମାନଙ୍କୁ ଖୋଜିବି। ପୁରୁଣା ଘରର ଅଗଣାରେ ଠିଆ ହୋଇ ଆଖି ବନ୍ଦ କରିବି। ହୁଏତ ସେତେବେଳେ ଅତୀତର ଅନେକ ଦିନ ପୁଣିଥରେ ବର୍ତ୍ତମାନ ହୋଇ ମୋ ସାମ୍ନାରେ ଠିଆ ହୋଇଯିବ। ସମୟ ଗାଁକୁ ବଦଳାଇଛି। ମାଟି ରାସ୍ତାର ସ୍ଥାନରେ ପକ୍କା ରାସ୍ତା ହୋଇଛି, ଅନେକ ପୁରୁଣା ଘରର ସ୍ଥାନରେ ନୂଆ ଘର ହୋଇଛି, ମୋବାଇଲ୍ ଓ ଇଣ୍ଟରନେଟ୍ ଜୀବନର ଅଂଶ ହୋଇଛି। ଅନେକ ପିଲା ଶିକ୍ଷା ଓ ଚାକିରି ପାଇଁ ଦୂର ସହରକୁ ଚାଲିଯାଇଛନ୍ତି। ଏହା ସମୟର ସ୍ୱାଭାବିକ ପରିବର୍ତ୍ତନ। କିନ୍ତୁ ଗାଁର ମାଟି ସହ ଥିବା ମୋର ସମ୍ପର୍କ ବଦଳିନାହିଁ। ମୋର ମନେ ହୁଏ, ମଣିଷ ଜୀବନରେ ଯେତେ ବଡ଼ ସଫଳତା ହାସଲ କରୁନା କାହିଁକି, ତା'ର ମୂଳକୁ ସେ କେବେ ଭୁଲିବା ଉଚିତ ନୁହେଁ। କାରଣ ଆମର ଚରିତ୍ର, ମୂଲ୍ୟବୋଧ ଓ ମାନବିକତାର ପ୍ରଥମ ପାଠ ଅନେକ ସମୟରେ ଆମ ଘର, ଆମ ପରିବାର ଓ ଆମ ଗାଁ ଆମକୁ ଦେଇଥାଏ। ଗାଁ ଆମକୁ ଶିଖାଏ— ଅଳ୍ପରେ ଖୁସି ହେବା, ଅନ୍ୟର ଦୁଃଖରେ ପାଖରେ ଠିଆ ହେବା, ବଡ଼ମାନଙ୍କୁ ସମ୍ମାନ କରିବା ଏବଂ ସମାଜ ପ୍ରତି ନିଜ ଦାୟିତ୍ୱକୁ ବୁଝିବା। ଆଜି ମୋର କାର୍ଯ୍ୟଜୀବନ ମୋତେ ଯେଉଁଠି ନେଇଯାଉ, ମୋ ମନର ଗୋଟିଏ ଛୋଟ ଅଂଶ ସେଇ ଗାଁରେ ରହିଯାଇଛି। ସେଠାରେ ରହିଛି ମୋର ଶୈଶବ, ମୋର ହସ, ମୋର ଦୁଷ୍ଟାମି, ମୋର ପ୍ରଥମ ସ୍ୱପ୍ନ, ମୋର ପରିବାରର ସ୍ନେହ ଏବଂ ଜୀବନକୁ ବୁଝିବାର ପ୍ରଥମ ଶିକ୍ଷା। ସେଥିପାଇଁ ଗାଁକୁ ମନେ ପକାଇଲେ କେବଳ ଏକ ସ୍ଥାନକୁ ମନେ ପକାଏ ନାହିଁ; ମନେ ପଡ଼େ ନିଜକୁ— ସେଇ ଛୋଟ ପିଲାଟିକୁ, ଯିଏ ମାଟିରେ ଖେଳୁଥିଲା, ବର୍ଷାରେ ଭିଜୁଥିଲା, ସାଙ୍ଗମାନଙ୍କ ସହ ହସୁଥିଲା, ବଡ଼ମାନଙ୍କ ଗପ ଶୁଣୁଥିଲା ଏବଂ ଜୀବନକୁ ଏତେ ଜଟିଳ ଭାବେ ଜାଣିନଥିଲା। ହୁଏତ ଆମ ସମସ୍ତଙ୍କ ମନରେ ସେମିତି ଏକ ଶିଶୁ ଆଜି ବି ବଞ୍ଚିଛି। ଗାଁ ଦୂରେ ହୋଇପାରେ। ରାସ୍ତା ବଦଳିପାରେ। ଘର ବଦଳିପାରେ। ଲୋକମାନେ ଦୂରକୁ ଚାଲିଯାଇପାରନ୍ତି। ସମୟ ଅନେକ କିଛି ବଦଳାଇଦେଇପାରେ। କିନ୍ତୁ ମନରେ ଥିବା ଗାଁଟି କେବେ ବଦଳେ ନାହିଁ। ସେଠାରେ ସବୁବେଳେ ସେଇ ସବୁଜ କ୍ଷେତ, ସେଇ ପୋଖରୀ, ସେଇ ଗଛ, ସେଇ ଘର ଅଗଣା, ସେଇ ମାଆଙ୍କ ଡାକ, ସେଇ ସାଙ୍ଗମାନଙ୍କ ହସ ଏବଂ ସେଇ ନିର୍ମଳ ଶୈଶବ ଅପେକ୍ଷା କରିଥାଏ। କାରଣ ଗାଁ କେବଳ ଆମର ଅତୀତ ନୁହେଁ; ଗାଁ ହେଉଛି ଆମ ମୂଳ, ଆମ ପରିଚୟ ଏବଂ ଆମ ମନର ସବୁଠାରୁ ନିରାପଦ ଠିକଣା।

**ସେଥିପାଇଁ ଆଜି ବି ନିରବତାରେ ମନ କହିଉଠେ**
**"ମନେ ପଡ଼େ ଗାଁର କଥା**
**ମନେ ପଡ଼େ ସେଇ ଦିନ, ସେଇ ଲୋକ, ସେଇ ମାଟି ଓ ସେଇ ନିର୍ମଳ ହସ।**
**ଗାଁ ଦୂରେ ହୋଇପାରେ, କିନ୍ତୁ ମନରୁ କେବେ ଦୂର ହୁଏ ନାହିଁ।"**

# ଓଡ଼ିଶା ଚାହେଁ ଛାତ୍ର ସଂସଦ ନିର୍ବାଚନ: ଗଣତନ୍ତ୍ରର ଦାବି, ସମୟର ଆହ୍ୱାନ



**ଇଂ.ଶୁଭମ ଶାଶ୍ୱତ ପୃଷ୍ଟି**

ଭାରତର ଗଣତାନ୍ତ୍ରିକ ପରମ୍ପରାରେ ଛାତ୍ର ରାଜନୀତି ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ। ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ କେବଳ ଶିକ୍ଷାର କେନ୍ଦ୍ର ନୁହେଁ, ବରଂ ଭବିଷ୍ୟତର ନେତୃତ୍ୱ ଗଢ଼ିବାର ପ୍ରଶିକ୍ଷଣ କେନ୍ଦ୍ର ଅଟେ। ସ୍ୱାଧୀନତା ଆନ୍ଦୋଳନରୁ ଆରମ୍ଭ କରି ସାମାଜିକ ପରିବର୍ତ୍ତନ ପର୍ଯ୍ୟନ୍ତ ଭାରତର ଅନେକ ଐତିହାସିକ ଘଟଣାରେ ଛାତ୍ର ସମାଜର ଅଗ୍ରଣୀ ଭୂମିକା ରହିଛି। ଅରୁଣ ଜେଟଲିଙ୍କ ପରି ବରିଷ୍ଠ ନେତା ୧୯୭୪ ମସିହାରେଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)ରପ୍ରାର୍ଥୀ ଭାବେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନ(ଡୁସୁ)ର ସଭାପତି ହୋଇଥିଲେ ଏବଂ ପରବର୍ତ୍ତୀ ସମୟରେ ସେ ଦେଶର ଅର୍ଥମନ୍ତ୍ରୀ ଓ ଆଇନମନ୍ତ୍ରୀ ଭାବେ ରାଷ୍ଟ୍ରର ଦାୟିତ୍ୱ ନେଇଥିଲେ। ସେହିପରି ଏନ.ଏସ.ୟୁ.ଆଇ ସହ ଜଡ଼ିତ ଅଜୟ ମାକେନ ମଧ ଡୁସୁ ସଭାପତି ପଦରୁ ଜାତୀୟ ରାଜନୀତିରେ ପ୍ରବେଶ କରିଥିଲେ। ଅନ୍ୟପଟେ ଗୃହମନ୍ତ୍ରୀ ଅମିତ ଶାହା, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, ସଡ଼କ ଏବଂ ପରିବହନ ମନ୍ତ୍ରୀ ନନିତିନ ଗଡ଼କରୀ ଓ ପୂର୍ବତନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ଭଳି ଅନେକ ବିଧାୟକ, ସାଂସଦ, ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀମାନେ ମଧ ଛାତ୍ର ସଂଗଠନ ଓ ଛାତ୍ର ଆନ୍ଦୋଳନରୁ ନିଜର ସାର୍ବଜନୀନ ଜୀବନ ଆରମ୍ଭ କରି ପରେ ଜାତୀୟ ରାଜନୀତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛନ୍ତି।ଏହି ଉଦାହରଣଗୁଡ଼ିକର ଅର୍ଥ ନୁହେଁ ଯେ ପ୍ରତ୍ୟେକ ଛାତ୍ର ନେତା ଜାତୀୟ ରାଜନୀତିକୁ ଯିବେ। ବରଂ ଛାତ୍ର ସଂଘ ଏକ ଏମିତି ମଞ୍ଚ, ଯେଉଁଠାରେ ଯୁବପିଢ଼ି ନେତୃତ୍ୱ, ତର୍କ, ପ୍ରତିନିଧିତ୍ୱ, ଉତ୍ତରଦାୟିତ୍ୱ ଓ ସାର୍ବଜନୀନ ସମସ୍ୟା ଉପରେ କାମ କରିବାର ପ୍ରାରମ୍ଭିକ ଅନୁଭବ ପାଏ। ଏହି ପରିପ୍ରେକ୍ଷୀରେ ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ନିକଟରେ ସମ୍ପନ୍ନ ହୋଇଥିବା ଛାତ୍ର ସଂସଦ ନିର୍ବାଚନ ପୁଣିଥରେ ଛାତ୍ର ନେତୃତ୍ୱର ଗୁରୁତ୍ୱକୁ ଆଲୋଚନାର କେନ୍ଦ୍ରବିନ୍ଦୁକୁ ଆଣିଛି। ଏହା ସହିତ ଓଡ଼ିଶାରେ ମଧ ଛାତ୍ର ସଂସଦ ନିର୍ବାଚନ ପୁନଃ ଆରମ୍ଭ କରିବାର ଦାବି ଅଧିକ ଜୋରଦାର ହେଉଛି।୨୨ ସେପ୍ଟେମ୍ବର ୨୦୦୬, ଦେଶର ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶନା ଅନୁସାରେ ଗଠିତ ଲିଙ୍ଗୋଡୋ କମିଟି ମଧ ଛାତ୍ର ସଂଘ ନିର୍ବାଚନକୁ ଗଣତାନ୍ତ୍ରିକ ନେତୃତ୍ୱ ଗଢ଼ିବାର ଏକ ଆବଶ୍ୟକ ମଞ୍ଚ ଭାବେ ସ୍ୱୀକୃତି ଦେଇ ଏହାର ସ୍ୱଚ୍ଛ ଓ ଶୃଙ୍ଖଳିତ ପରିଚାଳନା ପାଇଁ ବିସ୍ତୃତ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିଥିଲା।

ସମ୍ପ୍ରତି ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦନିର୍ବାଚନରେ ଏବିଭିପି ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଏବିଭିପି ପ୍ରାର୍ଥୀ ଯଶ ଡବାସ ଅଧକ୍ଷ ପଦରେ ବିଜୟୀ ହୋଇଥିବା ବେଳେ ରିୟା ଛାବଡ଼ି



ସଚିବ ଏବଂ ଲକ୍ଷ୍ୟ ରାଜ ସିଂହ ଯୁଗ୍ମ ସଚିବ ପଦ ଜିତିଛନ୍ତି। ଉପାଧକ୍ଷ ପଦରେ ସ୍ୱାଧୀନ ପ୍ରାର୍ଥୀ ଦୀପାଂଶୁ ଶୌକିନ ବିଜୟୀ ହୋଇଛନ୍ତି। ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦର ଚାରିଟି କେନ୍ଦ୍ରୀୟ ପଦ ମଧରୁ ତିନୋଟିରେ ଏବିଭିପିର ବିଜୟ ଛାତ୍ର ରାଜନୀତିରେ ସଂଗଠନର ଦୃଢ଼ ପ୍ରଭାବକୁ ପ୍ରତିଫଳିତ କରିଛି।ସେହିପରି ପଞ୍ଜାବ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ଷ୍ଟୁଡେଣ୍ଟସ୍ କାଉନ୍ସିଲନିର୍ବାଚନରେ ମଧ ଏବିଭିପି ପ୍ରାର୍ଥୀ ଅଙ୍କିତ ବିଧାନ ଅଧକ୍ଷ ପଦ ଜିତି ଲଗାତାର ଦ୍ୱିତୀୟ ଥର ପାଇଁ ସଂଗଠନକୁ ଶୀର୍ଷ ସ୍ଥାନରେ ପହଞ୍ଚାଇଛନ୍ତି। ପଞ୍ଜାବ ବିଶ୍ୱବିଦ୍ୟାଳୟର ଇତିହାସରେ ଏହା ପ୍ରଥମ ଘଟଣା ଯେତେବେଳେ ଏବିଭିପିକ୍ରମାଗତ ଭାବରେ ଅଧକ୍ଷ ପଦ ବଜାୟ ରଖିଛି। ସେହିପରି କେରଳ ଭଳି ରାଜ୍ୟରେ ମଧ ଛାତ୍ର ସଂସଦ ନିର୍ବାଚନରେ ଏସ.ଏଫ୍. ଆଇ, କେ.ଏସ.ୟୁ -ୟୁ.ଡ଼ି.ଏସ.ଏଫ୍, ଏବିଭିପି ଓ ଅନ୍ୟାନ୍ୟ ଛାତ୍ର ସଂଗଠନମାନେ କ୍ୟାମ୍ପସ ସ୍ତରରେ ନିଜର ମତାଦର୍ଶ ଓ ଛାତ୍ର ସମସ୍ୟାକୁ ନେଇ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। କେରଳରେ ଛାତ୍ର ସଂଘ ନିର୍ବାଚନରେ ଏ.ବି.ଭି.ପିସମର୍ଥିତ ପ୍ରାର୍ଥୀମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ବେଳେ ଏସ.ଏଫ୍. ଆଇ ଏବଂ ୟୁ.ଡ଼ି.ଏସ.ଏଫ୍ମଧ ନିଜର ପ୍ରଭାବ ବଜାୟ ରଖିଛନ୍ତି। ଏହା ପ୍ରମାଣ କରେ ଯେ ଛାତ୍ର ନିର୍ବାଚନ କେବଳ ରାଜନୈତିକ ପ୍ରତିସ୍ପର୍ଧା ନୁହେଁ, ବରଂ ଯୁବପିଢ଼ିଙ୍କୁ ଗଣତନ୍ତ୍ର, ନେତୃତ୍ୱ ଓ ଉତ୍ତରଦାୟିତ୍ୱରଏକ ମାଧମ। ଦିଲ୍ଲୀ, ପଞ୍ଜାବ, କେରଳ ଏବଂ ଅନ୍ୟାନ୍ୟ ରାଜ୍ୟରେ ଯେତେବେଳେ ଛାତ୍ରମାନେ ନିଜ ପ୍ରତିନିଧି ବାଛିବାର ସୁଯୋଗ ପାଉଛନ୍ତି, ସେତେବେଳେ ଓଡ଼ିଶାର ଛାତ୍ର ସମାଜ ମଧ ଏହି ଗଣତାନ୍ତ୍ରିକ ଅଧିକାର ପାଇଁ ସ୍ୱାଭାବିକ ଭାବେ ଆଶା କରୁଛି।

ଏହି ନିର୍ବାଚନଗୁଡ଼ିକର ଗୁରୁତ୍ୱ କେବଳ ବିଜୟ-ପରାଜୟରେ ସୀମିତ ନୁହେଁ। ଏଗୁଡ଼ିକ ଦେଖାଇଛି ଯେ ଛାତ୍ର ରାଜନୀତି ଆଜି ମଧ ଯୁବପିଢ଼ି ମଧରେ ନେତୃତ୍ୱ, ସଂଗଠନ କ୍ଷମତା, ଗଣତାନ୍ତ୍ରିକ ଅଭ୍ୟାସ ଏବଂ ସାମାଜିକ ଦାୟିତ୍ୱବୋଧର ବିକାଶ ପାଇଁ ଏକ ପ୍ରଭାବଶାଳୀ ମାଧମ ହୋଇ ରହିଛି। ଯଶ ଡବାସ, ଅଙ୍କିତ ବିଧାନ କିମ୍ବା ଅନ୍ୟାନ୍ୟ ଛାତ୍ର ନେତାମାନେ ରାତାରାତି ନେତା ହୋଇନାହାନ୍ତି ବରଂ କ୍ୟାମ୍ପସ ସ୍ତରରେ ଛାତ୍ର ସମସ୍ୟା ଉଠାଇବା, ଛାତ୍ରଛାତ୍ରୀଙ୍କ ସହ ନିରନ୍ତର ସମ୍ପର୍କ ରଖିବା, ବିଭିନ୍ନ ସାମାଜିକ ଓ ଶିକ୍ଷାଗତ ପ୍ରସଙ୍ଗରେ ସକ୍ରିୟ ରହିବା ମାଧମରେ ସେମାନେ ନିଜର ପରିଚୟ ଗଢ଼ିଛନ୍ତି।ଭାରତୀୟ ଛାତ୍ର ରାଜନୀତିର ଇତିହାସକୁ ଦେଖିଲେ ଜଣାପଡ଼େ ଯେ ଅନେକ ପ୍ରମୁଖ ରାଜନୈତିକ ଓ ସାମାଜିକ ନେତା ଛାତ୍ର ଆନ୍ଦୋଳନରୁ ନିଜ ଯାତ୍ରା ଆରମ୍ଭ କରିଥିଲେ। ଛାତ୍ର ସଂସଦ ନିର୍ବାଚନ ଛାତ୍ରମାନଙ୍କୁ ମତଦାନ, ପ୍ରଚାର, ନୀତି ଆଲୋଚନା, ଜନସମ୍ପର୍କ ଏବଂ ନେତୃତ୍ୱର ବାସ୍ତବ ଅନୁଭବ ଦେଇଥାଏ। ଏହା ଗଣତନ୍ତ୍ରର ମୂଳ ଆତ୍ମାକୁ ଛାତ୍ର ଜୀବନରୁ ହିଁ ଦୃଢ଼ କରିଥାଏ।

କକ୍ରୋଚ ଜନତା ପାର୍ଟି ଏକ ରାଜନୈତିକ ବିଚାରଧାରା ସହିତ ଜଡ଼ିତ ଥିବା ଓ ବିଦେଶୀ ଅର୍ଥ ପାଇ ଦେଶରେ ଅରାଜକତା ସୃଷ୍ଟି କରୁଥିବା କାରଣରୁନିକଟ ଅତୀତରେ ପୁଣୀ ଦେଶର ବିଭିନ୍ନ କ୍ୟାମ୍ପସରେ ରାଷ୍ଟ୍ରବାଦୀ ଚିନ୍ତାଧାରା ସହ ଜଡ଼ିତ ଛାତ୍ର ସଂଗଠନ ଏବିଭିପିର ପ୍ରଭାବ ବୃଦ୍ଧି ପାଉଥିବା ଦେଖାଯାଇଛି। ଏନ.ଏସ.ୟୁ.ଆଇ, ଆଇସା, ଏସ.ଏଫ୍. ଆଇ, ଏ.ସ୍.ଏ.ପି ଏବଂ ଅନ୍ୟାନ୍ୟ ଛାତ୍ର ସଂଗଠନମାନେ ମଧ ନିଜ ନିଜ ଚିନ୍ତାଧାରା ଓ ମୁଦ୍ଦା ନେଇ ଛାତ୍ରମାନଙ୍କ ମଧରେ କାମ କରୁଛନ୍ତି।

ଏହି ବିବିଧତା ହିଁ ଭାରତୀୟ ଗଣତନ୍ତ୍ରର ଶକ୍ତି।ଓଡ଼ିଶାର ପରିସ୍ଥିତି କିନ୍ତୁ ଭିନ୍ନ। ଏକଦା ରାଜ୍ୟର ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକ ଛାତ୍ର ନେତୃତ୍ୱର ଉର୍ବର ଭୂମି ଥିଲା। ଅନେକ ସାମାଜିକ ଓ ରାଜନୈତିକ ନେତା ଛାତ୍ର ସଂସଦ ନିର୍ବାଚନ ମାଧମରେ ସାର୍ବଜନିକ ରାଜନୀତିରେ ପ୍ରବେଶ କରୁଥିଲେ କିନ୍ତୁ ଦୀର୍ଘ ବର୍ଷ ଧରି ନିୟମିତ ଛାତ୍ର ସଂସଦ ନିର୍ବାଚନ ନ ହେବାରୁ ନୂତନ ନେତୃତ୍ୱ ବିକାଶ ସହ ଏକ ଗଣତାନ୍ତ୍ରିକ ମଞ୍ଚ ପ୍ରାୟ ଅନୁପସ୍ଥିତ ହୋଇପଡ଼ିଛି।ଆଜି ରାଜ୍ୟର ହଜାର ହଜାର ଛାତ୍ରଛାତ୍ରୀ ହଷ୍ଟେଲ ସୁବିଧା, ଗବେଷଣା ସୁଯୋଗ, କ୍ୟାମ୍ପସ ନିଯୁକ୍ତି, ଡିଜିଟାଲଭିତ୍ତିଭୂମି, ଛାତ୍ରବୃତ୍ତି ଏବଂ ଶିକ୍ଷାର ଗୁଣାତ୍ମକ ଉନ୍ନତି ପରି ପ୍ରସଙ୍ଗରେ ନିଜର ସ୍ୱରକୁ ସଂଗଠିତ ଭାବରେ ଉଠାଇବା ପାଇଁ ଏକ ନିର୍ବାଚିତ ଛାତ୍ର ମଞ୍ଚ ଚାହୁଁଛନ୍ତି। ଏହି ଦାବି କୌଣସି ଏକ ସଂଗଠନ କିମ୍ବା ଚିନ୍ତାଧାରାର ନୁହେଁବରଂ ଗଣତାନ୍ତ୍ରିକ ପ୍ରତିନିଧିତ୍ୱର ପ୍ରଶ୍ନ।

ବିଡ଼ମ୍ବନାର ବିଷୟ ହେଉଛି, ଯେଉଁ ଅରୁଣ କୁମାର ସାହୁ ନିଜେ ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ର ରାଜନୀତିରୁ ରାଜ୍ୟର ଉଚ୍ଚଶିକ୍ଷା ମନ୍ତ୍ରୀ ହୋଇଥିଲେ, ତାଙ୍କ କାର୍ଯ୍ୟକାଳ ସମୟରେ ୨୦୧୯ ମସିହାରେ ସେ ଛାତ୍ର ସଂସଦ ନିର୍ବାଚନ ବନ୍ଦ କରିଥିଲେ। ଏହି ନିଷ୍ପତ୍ତିକୁ ସେତେବେଳେ ଏବିଭିପି, ଏନ.ଏସ.ୟୁ.ଆଇଏବଂ ଅନ୍ୟାନ୍ୟ ଛାତ୍ର ସଂଗଠନ ଆନ୍ଦୋଳନ କରିଥିଲେ। ଯେତେବେଳେ ଦେଶର ପ୍ରମୁଖ ବିଶ୍ୱବିଦ୍ୟାଳୟଗୁଡ଼ିକରେ ନିୟମିତ ଭାବରେ ଛାତ୍ର ନିର୍ବାଚନ ହେଉଛି ଏବଂ ନୂତନ ନେତୃତ୍ୱ ଉଭା ହେଉଛି, ସେତେବେଳେ ଓଡ଼ିଶାର ଛାତ୍ର ସମାଜ କାହିଁକି ସେହି ସୁଯୋଗରୁ ବଞ୍ଚିତ ରହିବ? ରାଜ୍ୟରେ ଶାନ୍ତିପୂର୍ଣ୍ଣ, ସ୍ୱଚ୍ଛ, ନିୟମିତ ଏବଂ ପ୍ରତିନିଧିତ୍ୱକୁ ପ୍ରୋତ୍ସାହନ ଦେଉଥିବା ଛାତ୍ର ସଂସଦ ବ୍ୟବସ୍ଥା ଗଢ଼ି ଉଠିଲେ ଏହା କେବଳ ଛାତ୍ରମାନଙ୍କ ପାଇଁ ନୁହେଁ, ରାଜ୍ୟର ଗଣତାନ୍ତ୍ରିକ ଭବିଷ୍ୟତ ପାଇଁ ମଧ ଏକ ସକାରାତ୍ମକ ପଦକ୍ଷେପ ହେବ।ତେବେ ଦେଖିବାକୁ ବାକି ରହିଲା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ସାର୍ବଜନୀନ ମଞ୍ଚରେ ଛାତ୍ର ସଂସଦ ନିର୍ବାଚନ ପୁନଃ ଆରମ୍ଭ କରିବା ନେଇ ସକାରାତ୍ମକ ମନୋଭାବ ପ୍ରକାଶ କରିଥିବା ବେଳେ ବିଜ୍ଞପ୍ତି କେବେ ପ୍ରକାଶ କରୁଛନ୍ତି।

ରାଜେନ୍ଦ୍ର ନଗର, ନୂଆଦିଲ୍ଲୀ
ମୋବାଇଲ: ୯୪୩୮୩୨୮୦୧୫
ଇ–ମେଲ: PRUSTYSUBHAMSASWAT@GMAIL.COM

# ଏସ୍‌ଆଇଆର୍ ବିବାଦକୁ ନେଇ ଜୋର ଧରିଲା ରାଜନୀତି

## ● ଜ୍ଞାନେଶ କୁମାରଙ୍କ ଇସ୍ତଫା ଓ ଗିରଫଦାରୀ ଦାବି
## ● ଅଭିଯୋଗକୁ ଖଣ୍ଡନ କଲା ବିଜେପି



ନୂଆଦିଲ୍ଲୀ,୨୩।୯ଃ ଦେଶବ୍ୟାପୀ ଭୋଟର ତାଲିକା ସଂଶୋଧନ ଓ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)କୁ ନେଇ 'ଦି ଇଣ୍ଡିଆନ୍ ଏକ୍ସପ୍ରେସ୍' ରିପୋର୍ଟ ପ୍ରକାଶ କରିବା ପରେ ଏହାକୁ ନେଇ ଦେଶର ରାଜନୈତିକ ମହଲରେ ଏକ ବଡ଼ଧରଣର ଝଡ଼ ସୃଷ୍ଟି ହୋଇଛି। ବିରୋଧୀ ଦଳଗୁଡ଼ିକ ପକ୍ଷରୁ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବିରୋଧରେ ଆକ୍ରମଣାତ୍ମକ ପଦକ୍ଷେପ ନିଆଯାଇଛି।

କଂଗ୍ରେସ ନେତା ରାହୁଲ ଗାନ୍ଧୀ, ମଲ୍ଲିକାର୍ଜୁନ ଖାର୍ଗେ ଓ ପ୍ରିୟଙ୍କା ଗାନ୍ଧୀ କହିଛନ୍ତି ଯେ ଏହା ଗଣତନ୍ତ୍ର ଉପରେ ଏକ ସାଂଘାତିକ ଆକ୍ରମଣ ଓ ଦେଶଦ୍ରୋହ ସଦୃଶ ଅପରାଧ। ବିଜେପି ଗଣତନ୍ତ୍ର ହତ୍ୟା ପାଇଁ ଏକ କାର୍ଯ୍ୟାଳୟ ଖୋଲିଛି ବୋଲି ଅଭିଯୋଗ କରିବା ସହ କଂଗ୍ରେସ ଜ୍ଞାନେଶ କୁମାରଙ୍କୁ ତୁରନ୍ତ ଇସ୍ତଫା ଦେବାକୁ ଦାବି କରିଛି। ସେହିପରି ଆମ୍ ଆଦମୀ ପାର୍ଟିର ଜାତୀୟ ଆବାହକ ଅରବିନ୍ଦ କେଜ୍ରିୱାଲ୍ ଜ୍ଞାନେଶ କୁମାରଙ୍କୁ ତୁରନ୍ତ ଗିରଫ କରାଯିବା ସହିତ ସମଗ୍ର ଏସଆଇଆର ପ୍ରକ୍ରିୟାକୁ ବାତିଲ କରାଯିବାକୁ ଦାବି କରିଛନ୍ତି। ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକରେ ମହାରାଷ୍ଟ୍ର, ପଶ୍ଚିମବଙ୍ଗ ଏବଂ ତାମିଲନାଡୁରେ ବାଲାଟ୍ ପେପର ଜରିଆରେ ପୁନଃ ନିର୍ବାଚନ କରାଇବାକୁ ଦାବି ଉଠାଇଛନ୍ତି।

କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଓ ତାମିଲନାଡୁର ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍ ମଧ୍ୟ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡ଼ି ଜ୍ଞାନେଶ କୁମାରଙ୍କୁ ପଦରୁ ବହିଷ୍କାର କରିବାକୁ ଦାବି କରିଛନ୍ତି। ସିନିୟର ଆଡ୍‌ଭୋକେଟ୍ ପ୍ରଶାନ୍ତ ଭୂଷଣ କହିଛନ୍ତି ଯେ ଜ୍ଞାନେଶ କୁମାର କେବଳ ପଦରୁ ଅପସାରିତ ହେବା କଥା ନୁହେଁ, ବରଂ ତାଙ୍କୁ ଆଇନଗତ ଭାବେ ଅପରାଧିକ ମାମଲାରେ ଅଭିଯୋଗ କରାଯିବା ଉଚିତ। ଏହା ବ୍ୟତୀତ ଆରଜେଡି ନେତା ତେଜସ୍ୱୀ ଯାଦବ, ସିପିଆଇ(ଏମ୍) ସାଧାରଣ ସମ୍ପାଦକ ଏମ୍‌ଏ ବେବି, ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମର ଅବଦୁଲ୍ଲା ଓ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ମଧ୍ୟ ନିର୍ବାଚନ ଆୟୋଗର କାର୍ଯ୍ୟପନ୍ଥାକୁ ନେଇ ଗଭୀର ଉଦବେଗ ପ୍ରକାଶ କରିବା ସହ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଦିଲ୍ଲୀରେ ଯୁବ କଂଗ୍ରେସ ପକ୍ଷରୁ ମଧ୍ୟ ଏହାକୁ ନେଇ ପ୍ରତିବାଦ ପ୍ରଦର୍ଶନ କରାଯାଇଛି।

ଅନ୍ୟପକ୍ଷରେ, ବିଜେପି ଏହି ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛି। ବିଜେପି ଜାତୀୟ ମୁଖପାତ୍ର ସମ୍ବିତ ପାତ୍ର ପାଲଟା ଜବାବ ଦେଇ କହିଛନ୍ତି ଯେ କୌଣସି ସାମ୍ବିଧାନିକ ଅନୁଷ୍ଠାନ କାହାର ଏକଛତ୍ରବାଦୀ ନିୟନ୍ତ୍ରଣାଧୀନ ନୁହେଁ। ନିର୍ବାଚନ ଆୟୋଗ ସମ୍ବିଧାନ ଓ ନିୟମ ଅନୁଯାୟୀ ସ୍ୱାଧୀନ ଭାବେ କାର୍ଯ୍ୟ କରୁଛି ବୋଲି ସେ କହିଛନ୍ତି।

### ପଛରେ ପଡ଼ିଲେ ଅମ୍ବାନୀ
# ଦେଶର ଏକ ନମ୍ବର ଧନୀ ହେଲେ ଆଦାନୀ



ନୂଆଦିଲ୍ଲୀ, ୨୩।୯ଃ ଭାରତର ସବୁଠୁ ଧନୀ ବ୍ୟକ୍ତିଙ୍କ ମୁକୁଟ ପୁଣି ଥରେ ଆଦାନୀ ଗ୍ରୁପ୍‌ର ମୁଖ୍ୟ ଗୌତମ ଆଦାନୀ ହାସଲ କରିଛନ୍ତି। ଏମ୍‌୩ଏମ୍ ହୁରୁନ ଭାରତୀୟ ଧନୀ ତାଲିକା ୨୦୨୬ ଅନୁସାରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ମୁଖ୍ୟ ମୁକେଶ ଅମ୍ବାନୀଙ୍କୁ ପଛରେ ପକାଇ ଆଦାନୀ ଦେଶର ଏକ ନମ୍ବର ଧନୀ ହୋଇଛନ୍ତି। ଆଦାନୀ ପରିବାରର ମୋଟ ସମ୍ପତ୍ତି ୯.୨୩ ଲକ୍ଷ କୋଟି ଟଙ୍କା ରହିଛି। ଗତ ବର୍ଷ ତାଲିକାରେ ମୁକେଶ ଅମ୍ବାନୀ ଓ ପରିବାର ୯.୫୫ ଲକ୍ଷ କୋଟି ଲକ୍ଷ କୋଟି ଟଙ୍କାର ସମ୍ପତ୍ତି ସହ ଏକ ନମ୍ବରରେ ଥିଲେ। ସେତେବେଳେ ଗୌତମ ଆଦାନୀ ଓ ପରିବାରର ସମ୍ପତ୍ତି ୮.୧୫ ଲକ୍ଷ କୋଟି ଟଙ୍କା ଥିଲା।

କିନ୍ତୁ ଫର୍ଚୁନ ଇଣ୍ଡିଆର ଭାରତୀୟ ଧନୀ ତାଲିକା ୨୦୨୬ରେ ମୁକେଶ ଅମ୍ବାନୀ ୮, ୬୭, ୬୨୪ କୋଟି ଟଙ୍କାର ସମ୍ପତ୍ତି ସହ ପ୍ରଥମ ଓ ଗୌତମ ଆଦାନୀ ୮, ୫୨, ୧୦୪ କୋଟି ଟଙ୍କାର ସମ୍ପତ୍ତି ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ବ୍ଲୁମବର୍ଗ ବିଲିଓନେୟାର ସୂଚୀ ୨୦୨୬ରେ ଆଦାନୀଙ୍କ ସମ୍ପତ୍ତି ପ୍ରାୟ ୧୦ ବିଲିୟନ ଡଲାର ଓ ଅମ୍ବାନୀଙ୍କ ପ୍ରାୟ ୮୦.୯ ବିଲିଅନ ଡଲାର ରହିଛି। ହୁରୁନ ଅନୁଯାୟୀ, ୨୦୨୬ ତାଲିକାରେ ୩୯୧ ଜଣ ବିଲିଓନେୟାର ସାମିଲ ହୋଇଛନ୍ତି। ଏଆଇ ଓ କ୍ୱାଣ୍ଟମ୍ କମ୍ପ୍ୟୁଟିଂ ଭଳି ନୂଆ କ୍ଷେତ୍ର ମଧ୍ୟ ନୂଆ ସମ୍ପତ୍ତି ସୃଷ୍ଟିର କେନ୍ଦ୍ର ଭାବେ ଉଭା ହୋଇଛି। ଆଦାନୀଙ୍କ ବ୍ୟବସାୟ ସାମ୍ରାଜ୍ୟ ବନ୍ଦର, ବିମାନବନ୍ଦର, ବିଦ୍ୟୁତ୍, ଗ୍ରୀନ୍ ଏନର୍ଜି, ଲଜିଷ୍ଟିକ୍ସ ଓ ଅନ୍ୟାନ୍ୟ ଭିତ୍ତିଭୂମି କ୍ଷେତ୍ରରେ ବ୍ୟାପିଛି।

### ।ଦାନାପୁରରେ ଡବଲ ଡେଥ୍।
## ଭଉଣୀକୁ ହତ୍ୟା ପରେ ପୁଲିସ କନେଷ୍ଟବଲ୍‌ଙ୍କ ଆତ୍ମହତ୍ୟା



ପାଟନା,୨୩।୯ଃ ପାଟନାର ଦାନାପୁର ଥାନା ଅନ୍ତର୍ଗତ ମିଥିଲା କଲୋନୀରେ ଜଣେ ପୁଲିସ ସିପାହୀ ନିଜର ସର୍ଭିସ୍ ରିଭଲଭରରୁ ପ୍ରଥମେ ଭଉଣୀଙ୍କୁ ଗୁଳି କରି ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିଛନ୍ତି। ପୁଲିସ ସୂଚନା ଅନୁସାରେ, ମୃତକ ସିପାହୀ ଓମଚନ୍ଦ୍ର ବିହାର ପୁଲିସରେ କାର୍ଯ୍ୟରତ ଥିଲେ। ସେ ନିଜ ଭାଇ ଓ ଭଉଣୀଙ୍କୁ ଭେଟିବା ପାଇଁ ଦୁଇଦିନ ପୂର୍ବରୁ ଦାନାପୁର ଆସିଥିଲେ। ମଙ୍ଗଳବାର ରାତି ପ୍ରାୟ ସାଢ଼େ ଆଠଟା ବେଳେ କୌଣସି ଏକ କାରଣକୁ ନେଇ ଓମଚନ୍ଦ୍ର ନିଜର ୨୧ ବର୍ଷୀୟା ଭଉଣୀ ଗାୟତ୍ରୀ ଦେବୀଙ୍କୁ ସର୍ଭିସ୍ ରିଭଲଭରରୁ ଗୁଳି ମାରିଥିଲେ। ଗୁଳିଟି ଗଳାକୁ ଛେଦ କରି ବାହାରିଯିବାରୁ ଘଟଣାସ୍ଥଳରେ ହିଁ ଗାୟତ୍ରୀଙ୍କର ମୃତ୍ୟୁ ହୋଇଥିଲା। ଏହାପରେ ଓମଚନ୍ଦ୍ର ନିଜ କାନ ପାଖରେ ଗୁଳି ମାରି ଜୀବନ ହାରିଥିଲେ। ଆଉ ମାତ୍ର ଦୁଇ ମାସ ପରେ ଓମଚନ୍ଦ୍ରଙ୍କର ବିବାହ ହେବାର ଥିଲା। ଘଟଣା ସମ୍ପର୍କରେ ଖବର ପାଇ ପୁଲିସ ଓ ଫରେନସିକ୍ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

### ସଲୱାର୍ ଖୋଲିବାକୁ ଚେଷ୍ଟା ବଳାତ୍କାର ଉଦ୍ୟମ ନୁହେଁ
## ପାଟନା ହାଇକୋର୍ଟଙ୍କ ରାୟକୁ ନେଇ ସୁପ୍ରିମକୋର୍ଟଙ୍କ ଉଦ୍‌ବେଗ

ନୂଆଦିଲ୍ଲୀ,୨୩।୯ଃ ପାଟନା ହାଇକୋର୍ଟଙ୍କ ଏକ ବିବାଦୀୟ ରାୟକୁ ନେଇ ସୁପ୍ରିମକୋର୍ଟ ଗଭୀର ଉଦବେଗ ପ୍ରକାଶ କରିଛନ୍ତି। ଜଣେ ମହିଳାଙ୍କ ସାଲୱାର ଖୋଲିବା ପ୍ରୟାସ ଓ ଅଶାଳୀନ ଆଚରଣ ଭଳି ଘଟଣା 'ବଳାତ୍କାର ଉଦ୍ୟମ' ପରିସରଭୁକ୍ତ ନୁହେଁ ବୋଲି ପାଟନା ହାଇକୋର୍ଟ ଦେଇଥିବା ରାୟର ସୁପ୍ରିମକୋର୍ଟ ସ୍ୱୟଂ ପ୍ରଣୋଦିତ (ନିଜଆଡୁ) ସଂଜ୍ଞା ଗ୍ରହଣ କରିଛନ୍ତି। ବିଚାରପତି ସୂର୍ଯ୍ୟ କାନ୍ତଙ୍କ ନେତୃତ୍ୱରେ ଗଠିତ ତିନିଜଣିଆ ଖଣ୍ଡପୀଠ ଏହି ମାମଲାର ତଥ୍ୟାବଳୀ ଯାଞ୍ଚ କରିବାକୁ କହିଛନ୍ତି। ଶୁଣାଣି ସମୟରେ ଅଭିଯୁକ୍ତଙ୍କୁ ନୋଟିସ ଜାରି କରିବାକୁ ବିହାରର ଆଡଭୋକେଟ ଜେନେରାଲଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରକାଶ ଥାଉ କି, ୨୦୦୮ ମସିହାର ବାଙ୍କା ଜିଲ୍ଲାର ଏକ ମାମଲାରେ ପାଟନା ହାଇକୋର୍ଟ ଅଭିଯୁକ୍ତଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗରୁ ମୁକ୍ତ କରିଥିଲେ। ହାଇକୋର୍ଟ ମତ ଦେଇଥିଲେ ଯେ ଏହା ମହିଳାଙ୍କ ଲଜ୍ଜା ନିବାରଣ ଅପରାଧ ଅନ୍ତର୍ଗତ ଆସୁଥିଲେ ମଧ୍ୟ ଏହାକୁ ବଳାତ୍କାର ଉଦ୍ୟମ କୁହାଯାଇପାରିବ ନାହିଁ। ତେବେ ସୁପ୍ରିମକୋର୍ଟ ପୂର୍ବରୁ ଏଭଳି ମାମଲାଗୁଡ଼ିକରେ ସମସ୍ତ ଅଦାଲତକୁ ସମ୍ବେଦନଶୀଳତା ଅବଲମ୍ବନ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଥିଲେ।

### । କରମ୍ ଡାଲ ବିସର୍ଜନ ବେଳେ ଅଘଟଣ ।
## ପାଣିରେ ଗଲା ୬ ଶିଶୁଙ୍କ ଜୀବନ



ରାଞ୍ଚି,୨୩।୯ଃ ଝାଡ଼ଖଣ୍ଡର ପାଲାମୁ ଜିଲ୍ଲାରେ କରମ ଡାଲ ବିସର୍ଜନ ବେଳେ ବୁଧବାର ପୃଥକ୍ ଘଟଣାରେ ୬ ଜଣ ଶିଶୁଙ୍କର ପାଣିରେ ବୁଡ଼ି ମୃତ୍ୟୁ ହୋଇଛି। ବୋକ୍ୟା ଅଞ୍ଚଳରେ କୋଏଲ ନଦୀରେ କରମ ଡାଲ ବିସର୍ଜନବେଳେ ୫ ଶିଶୁଙ୍କର ପାଣିରେ ବୁଡ଼ି ମୃତ୍ୟୁ ହୋଇଛି। କୋଏଲ ନଦୀ ନିକଟରେ ଥିବା ଏକ ପୋଖରୀରେ ଶିଶୁମାନେ କରମ ଡାଲ ବିସର୍ଜନ କରୁଥିବାବେଳେ ବୁଡ଼ି ଯାଇଛନ୍ତି। କରମ ପର୍ବରେ କରମ ଡାଲ ବିସର୍ଜନ ଅନ୍ତିମ ପର୍ଯ୍ୟାୟ ହୋଇଥାଏ। ଜଣେ ଶିଶୁର ତଲାସୀ ଏବେ ବି ଚାଲିଛି। ଅନ୍ୟ ଏକ ପୃଥକ୍ ଘଟଣାରେ ନାନି ଝରିଆରେ କରମ ଡାଲ ବିସର୍ଜନ ବେଳେ ଜଣେ ୧୫ ବର୍ଷୀୟା ଜଣେ କିଶୋରୀଙ୍କର ପାଣିରେ ବୁଡ଼ି ମୃତ୍ୟୁ ହୋଇଛି। ପୁଲିସ ପ୍ରଭାବିତ ଅଞ୍ଚଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଚଳାଇଛି।

### ।ମେଘାଳୟରେ ରାଜନୈତିକ ଓଲଟପାଲଟ।
## ବିଜେପିରେ ସାମିଲ ହେଲେ ୟୁଡିପିର ୮ ବିଧାୟକ



ନୂଆଦିଲ୍ଲୀ, ୨୩।୯ଃ ଉତ୍ତର-ପୂର୍ବ ରାଜ୍ୟ ମେଘାଳୟର ରାଜନୀତିରେ ଏକ ବଡ଼ଧରଣର ଓଲଟପାଲଟ ଦେଖିବାକୁ ମିଳିଛି। ରାଜ୍ୟର କ୍ଷମତାସୀନ ଓ ମେଣ୍ଟ ସରକାରରେ ସାମିଲ ଥିବା ୟୁନାଇଟେଡ୍ ଡେମୋକ୍ରାଟିକ୍ ପାର୍ଟି (ୟୁଡିପି) କୁ ଏକ ବଡ଼ ଝଟକା ଲାଗିଛି। ଦଳର ୧୨ ଜଣ ବିଧାୟକଙ୍କ ମଧ୍ୟରୁ ପ୍ରାୟ ୮ ଜଣ ବିଧାୟକ ଆଜି ଆନୁଷ୍ଠାନିକ ଭାବେ ଭାରତୀୟ ଜନତା ପାର୍ଟି (ବିଜେପି)ରେ ଯୋଗ ଦେଇଛନ୍ତି। ଏହି ମିଶ୍ରଣ ପରେ ମେଘାଳୟ ବିଧାନସଭାରେ ବିଜେପିର ସଦସ୍ୟ ସଂଖ୍ୟା ୧୦କୁ ବୃଦ୍ଧି ପାଇଛି ଏବଂ ଏହା ଏବେ ନ୍ୟାସନାଲ ପିପୁଲ୍ସ ପାର୍ଟି (ଏନପିପି) ପରେ ଦ୍ୱିତୀୟ ସବୁଠାରୁ ବଡ଼ ଦଳ ଭାବେ ପରିଣତ ହୋଇଛି। କେନ୍ଦ୍ରମନ୍ତ୍ରୀ କିରେନ୍ ରିଜିଜୁ, ବିଜେପି ସାଂସଦ ସମ୍ବିତ ପାତ୍ର, ମେଘାଳୟ ବିଜେପି ସଭାପତି ଓ ରାଜ୍ୟ ପ୍ରଭାରୀ ଅନିଲ ଆଣ୍ଟୋନିଙ୍କ ଉପସ୍ଥିତିରେ ଏହି ନେତାମାନେ ପଦ୍ମ ଶିବିରରେ ସାମିଲ ହୋଇଛନ୍ତି। ବିଜେପିରେ ଯୋଗ ଦେଇଥିବା ନେତାମାନଙ୍କ ମଧ୍ୟରେ ମେଘାଳୟର କ୍ୟାବିନେଟ୍ ମନ୍ତ୍ରୀ ଲଖମେନ୍ ରିମ୍ବୁଇ, ପିୟସ୍ ମାର୍ୱେନ୍, କିର୍ମେନ୍ ଶ୍ୟଲ୍ଲା, ମାଇରାଲବୋର୍ଣ୍ଣ ସିଏମ୍, ମ୍ୟାଥ୍ୟୁ କୁର୍ବାହ, ଓଲନ୍ ସିଂହ ସୁଇନ୍, ବାଲାଜିଦ୍ କୁପର ସିନରେମ୍ ଏବଂ ସିନଶର ଲିଙ୍ଗଦୋହ ଥବାହ ସାମିଲ ଅଛନ୍ତି।

### ଆମେରିକା-ଇରାନ ଗୁରୁତ୍ୱପୂର୍ଣ୍ଣ ବୈଠକ
# ସୈନ୍ୟ ହଟାଇଲେ ମାତ୍ର ୭ ଦିନରେ ଖୋଲିବ ହର୍ମୁଜ୍



ନ୍ୟୁୟର୍କ,୨୩।୯ଃ ଆମେରିକା ଓ ଇରାନ ମଧ୍ୟରେ ଲାଗି ରହିଥିବା ଉତ୍ତେଜନା ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବିକାଶ ସାମ୍ନାକୁ ଆସିଛି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କଡ଼ା ଚେତାବନୀ ପରେ ଆମେରିକା ଓ ଇରାନର ଅଧିକାରୀଙ୍କ ମଧ୍ୟରେ ନ୍ୟୁୟର୍କଠାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି। ପ୍ରାୟ ତିନି ଘଣ୍ଟା ଧରି ଚାଲିଥିବା ଏହି ଆଲୋଚନାକୁ ଡୋନାଲ୍ଡ ଟ୍ରମ୍ପ୍ 'ବହୁତ ଭଲ' ବୋଲି ବର୍ଣ୍ଣନା କରିଛନ୍ତି। ବୈଠକ ପୂର୍ବରୁ ଟ୍ରମ୍ପ୍ ଇରାନକୁ ଧ୍ୱଂସ କରିଦେବାର ଧମକ ଦେଇଥିଲେ ମଧ୍ୟ ଏହି ଆଲୋଚନା ପରେ ପରିସ୍ଥିତିରେ ପରିବର୍ତ୍ତନ ଆସିବାର ସମ୍ଭାବନା ଦେଖାଯାଇଛି।

ତେବେ ଇରାନର ସରକାରୀ ଗଣମାଧ୍ୟମରୁ ମିଳିଥିବା ସୂଚନା ଅନୁଯାୟୀ, ତେହେରାନ ପକ୍ଷରୁ ଷ୍ଟ୍ରେଟ୍ ଅଫ୍ ହର୍ମୋଜକୁ ନେଇ ଏକ ସର୍ତ୍ତ ରଖାଯାଇଛି। ଇରାନ ଦାବି କରିଛି ଯେ ଯଦି ଆମେରିକା ସେଠାରୁ ନିଜର ସୈନ୍ୟ ବାହିନୀ ହଟାଇ ନିଏ, ତେବେ ମାତ୍ର ୭ ଦିନ ଭିତରେ ହର୍ମୋଜ୍ ପ୍ରଣାଳୀକୁ ପୁଣିଥିଲେ ଖୋଲିଦିଆଯିବ। ବର୍ତ୍ତମାନ ଏହି ଆଲୋଚନା ପରେ ଆଗାମୀ ଦିନରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ କିଭଳି ରହିବ, ତାହା ଉପରେ ସମସ୍ତଙ୍କ ନଜର ରହିଛି। ନ୍ୟୁୟର୍କରେ ଅନୁଷ୍ଠିତ ଏହି ବୈଠକରେ ଆମେରିକା ପକ୍ଷରୁ ସ୍ୱତନ୍ତ୍ର ପ୍ରତିନିଧି ଷ୍ଟିଭ୍ ୱିଟକଫ୍ ଓ ଜେରେଡ୍ କୁଶନର୍ ଅଂଶଗ୍ରହଣ କରିଥିବା ବେଳେ ଇରାନ ପକ୍ଷରୁ ବୈଦେଶିକ ମନ୍ତ୍ରୀ ଅବାସ ଆରାଘାଚି ଯୋଗଦେଇଥିଲେ। ଜାତିସଂଘ ମହାସଭା ଅବସରରେ ଏହି ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ପରେ ଟ୍ରମ୍ପ୍ କହିଛନ୍ତି ଯେ ଉଭୟ ଦେଶ ମଧ୍ୟରେ ହୋଇଥିବା ଆଲୋଚନା ଅତ୍ୟନ୍ତ ଫଳପ୍ରଦ ହୋଇଛି ଏବଂ ଖୁବ୍ ଶୀଘ୍ର ଆଉ ଏକ ବୈଠକ ମଧ୍ୟ ଅନୁଷ୍ଠିତ ହେବ।

### ● ବନ୍ଦେ ମାତରମ୍ ଗାନ ମାମଲା
## କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ଜବାବ ତଲବ



ନୂଆଦିଲ୍ଲୀଃ 'ବନ୍ଦେ ମାତରମ୍'ର ଛଅଟି ପଦ ଗାନକୁ ବାଧ୍ୟତାମୂଳକ କରୁଥିବା ଆଇନକୁ ଚ୍ୟାଲେଞ୍ଜ କରି ଆଗତ ଏକ ଆବେଦନ ଉପରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କଠାରୁ ଜବାବ ଲୋଡିଛନ୍ତି। କର୍ଣ୍ଣାଟକୀ କଣ୍ଠଶିଳ୍ପୀ ଟି.ଏମ୍. କୃଷ୍ଣା ଏହି ଆବେଦନ ଦାଖଲ କରିଛନ୍ତି। ବନ୍ଦେ ମାତରମର ଚାରୋଟି ପଦ ସ୍ପଷ୍ଟ ଭାବରେ ହିନ୍ଦୁ ଦେବତାମାନଙ୍କ ପ୍ରତି ଭକ୍ତି ଆହ୍ୱାନ କରେ ଏବଂ ସେହି ଅଂଶଗୁଡ଼ିକୁ ଗାନ କରିବାକୁ ବାଧ୍ୟତାମୂଳକ କରିବା ଦେଶର ଧର୍ମନିରପେକ୍ଷ ଚରିତ୍ରକୁ ଉଲ୍ଲଂଘନ କରୁଛି ବୋଲି କୃଷ୍ଣା ଉଲ୍ଲେଖ କରିଛନ୍ତି। ଆବେଦନରେ କୁହାଯାଇଛି ଯେ, ଜାତୀୟ ସମ୍ମାନ ଅପମାନ ନିବାରଣ ଆଇନ ଅଧୀନରେ ବନ୍ଦେ ମାତରମ୍‌କୁ ଅନ୍ତର୍ଭୁକ୍ତ କରିବା ପାଇଁ ସଂଶୋଧନ ଏକାନ୍ତ ସ୍ୱେଚ୍ଛାଚାରୀ ଏବଂ ବ୍ୟକ୍ତିଗତ ସ୍ୱାଧୀନତାର ଉଲ୍ଲଂଘନ କରୁଛି ଏବଂ ଏକ ସଂଖ୍ୟାଗରିଷ୍ଠ ଧାର୍ମିକ ବାର୍ତ୍ତାକୁ ସୂଚିତ କରୁଛି। ସୁପ୍ରିମକୋର୍ଟ କହିଛନ୍ତି, ବନ୍ଦେ ମାତରମ୍ ଜାତୀୟ ସଙ୍ଗୀତ। ଏହା ସହ ସମ୍ବିଧାନର ଧାରା ୨୫ ଏବଂ ୨୬ ଅନୁଯାୟୀ ମୌଳିକ ଅଧିକାର ସମ୍ପର୍କରେ ଦଣ୍ଡନୀୟ ପରିଣାମ ସମ୍ପର୍କରେ ବିଚାର କରାଯିବା ଜରୁରୀ। ସମ୍ବିଧାନର ଏହି ଧାରା ଧର୍ମ ସ୍ୱାଧୀନତାର ମୌଳିକ ଅଧିକାରକୁ ସୁନିଶ୍ଚିତ କରେ, ବ୍ୟକ୍ତିଗତ ଏବଂ ସାମୂହିକ ଧାର୍ମିକ ସ୍ୱାଧୀନତାକୁ ସୁରକ୍ଷା ଦିଏ।

### ଯୁଦ୍ଧ ବନ୍ଦ ପାଇଁ ଭାରତକୁ ବଳି
## ରୁଷ ସହ ଭାରତର ତୈଳ ବାଣିଜ୍ୟ ବନ୍ଦ କରିବାକୁ ଟ୍ରମ୍ପଙ୍କୁ ପରାମର୍ଶ



ନ୍ୟୁୟର୍କ, ୨୩।୯ଃ ୟୁକ୍ରେନ ଯୁଦ୍ଧ ବନ୍ଦ କରିବା ନେଇ ଚାଲିଥିବା ପ୍ରୟାସ ଭିତରେ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ଏକ ବଡ଼ ଓ ବିସ୍ମୟକର ବୟାନ୍ ଦେଇଛନ୍ତି। ନ୍ୟୁୟର୍କରେ ଜାତିସଂଘ ସାଧାରଣ ପରିଷଦର ଅଧିବେଶନ ଅବସରରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟିବା ସହ ଏକ ଗଣମାଧ୍ୟମ ସାକ୍ଷାତକାରରେ ଜେଲେନସ୍କି ଭାରତକୁ ପରୋକ୍ଷରେ ଟାର୍ଗେଟ କରିଛନ୍ତି। ରୁଷ-ୟୁକ୍ରେନ ଯୁଦ୍ଧକୁ ବନ୍ଦ କରିବା ବାହାନାରେ ସେ ଭାରତ ଭଳି ବନ୍ଧୁରାଷ୍ଟ୍ରର ଆର୍ଥିକ ହିତକୁ ବଳି ପକାଇବାକୁ ଚାହୁଁଥିବା ସ୍ପଷ୍ଟ ଜଣାପଡ଼ିଛି।

ଜେଲେନସ୍କି ଅଭିଯୋଗ କରିଛନ୍ତି ଯେ ରୁଷ ନିଜର ଆର୍ଥିକ ଅଭିବୃଦ୍ଧି ଓ ଯୁଦ୍ଧ ଜାରି ରଖିବା ପାଇଁ ସମ୍ପୂର୍ଣ୍ଣ ଭାବେ ଭାରତ, ଚୀନ୍ ଓ ତୁର୍କୀ ସହ ଚାଲିଥିବା ତେଲ ବାଣିଜ୍ୟ ଉପରେ ନିର୍ଭରଶୀଳ। ଭାରତ ରୁଷିଆଠାରୁ ସୁବିଧାଜନକ ତଥା କମ୍ ଦରରେ ଅଶୋଧିତ ତେଲ କ୍ରୟ କରୁଥିବାରୁ, ଏହାକୁ ମସ୍କୋର ମୁଖ୍ୟ ଆର୍ଥିକ ଉତ୍ସ ବୋଲି ଦର୍ଶାଇଛନ୍ତି। ସେ ଦାବି କରିଛନ୍ତି ଯେ ଯଦି ଭାରତ ଓ ଅନ୍ୟ ଦେଶଗୁଡ଼ିକ ରୁଷଠାରୁ ତେଲ କିଣିବା ସମ୍ପୂର୍ଣ୍ଣ ବନ୍ଦ କରିଦିଅନ୍ତି, ତେବେ ରୁଷର ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯିବ ଏବଂ ମସ୍କୋ ବାଧ୍ୟ ହୋଇ ଯୁଦ୍ଧ ବନ୍ଦ କରିବ।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନିକଟରେ ଏକ ନୂତନ ଆଇନରେ ସ୍ୱାକ୍ଷର କରିଛନ୍ତି, ଯାହା ଅଧୀନରେ ରୁଷରୁ ତେଲ କିଣୁଥିବା ଦେଶଗୁଡ଼ିକ ଉପରେ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଲଗାଯିବାର ବ୍ୟବସ୍ଥା ରହିଛି। ଏହି ପରିପ୍ରେକ୍ଷୀରେ ଜେଲେନସ୍କିଙ୍କ ଏପରି ଆହ୍ୱାନ ଭାରତର ଆର୍ଥିକ ସୁରକ୍ଷା ଓ ଶକ୍ତି ଆବଶ୍ୟକତା ପ୍ରତି ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି। ୟୁକ୍ରେନର ନିଜସ୍ୱ ସ୍ୱାର୍ଥ ହାସଲ ପାଇଁ ସେ ଭାରତକୁ ରୁଷ ସହ ତେଲ କାରବାର ବନ୍ଦ କରିବାକୁ ବାଧ୍ୟ କରିବାକୁ ଚାହୁଁଛନ୍ତି, ଯାହା ଦ୍ୱାରା ଭାରତୀୟ ଅର୍ଥନୀତି ଗଭୀର ଭାବେ ପ୍ରଭାବିତ ହେବାର ଆଶଙ୍କା ରହିଛି।

# ପୂଜା ବିବାଦକୁ ନେଇ ସ୍ତ୍ରୀ, ପୁଅ ଓ ଦୁଇ ପୁରୋହିତଙ୍କୁ ହତ୍ୟା



ଆଜମଗଡ଼, ୨୩।୯ଃ ଉତ୍ତର ପ୍ରଦେଶର ଆଜମଗଡ଼ ଜିଲ୍ଲାରୁ ଏକ ମର୍ମନ୍ତୁଦ ଓ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ଅହରୌଲା ଥାନା ଅଞ୍ଚଳାନ୍ତର୍ଗତ ଶମ୍ଭୁପୁର ଗହଜୀ ଗାଁରେ ପୂଜାକୁ ନେଇ ହୋଇଥିବା ବିବାଦର କରୁଣ ପରିଣତି ସ୍ୱରୂପ ଜଣେ ବ୍ୟକ୍ତି ନିଜ ସ୍ତ୍ରୀ, ଦୁଇ ପୁରୋହିତ ଏବଂ ନିଜ ପୁଅକୁ ଗୁଳି କରି ହତ୍ୟା କରିବା ପରେ ଶେଷରେ ପୁଲିସ ଏନକାଉଣ୍ଟରରେ ନିହତ ହୋଇଛନ୍ତି। ସୂଚନା ଅନୁସାରେ, ଅରବିନ୍ଦ ସିଂହଙ୍କ ପରିବାରରେ କିଛି ଦିନ ଧରି ଶାନ୍ତି ପୂଜାକୁ ନେଇ ବିବାଦ ଚାଲିଥିଲା। ଅରବିନ୍ଦ ପୂଜାର ବିରୋଧ କରୁଥିବା ବେଳେ ତାଙ୍କ ସ୍ତ୍ରୀ ବବିତା ଓ ମା' ଘରେ ପାଞ୍ଚ ଦିନିଆ ପୂଜାର ଆୟୋଜନ କରିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଅରବିନ୍ଦ ଘରକୁ ଫେରି ପୂଜା ଚାଲୁଥିବା ଦେଖି ଉତ୍ତେଜିତ ହୋଇପଡ଼ିଥିଲେ ଓ ପ୍ରଥମେ ପୁରୋହିତମାନଙ୍କ ସହ ଯୁକ୍ତିତର୍କ କରିଥିଲେ।

ବିବାଦ କ୍ରମଶଃ ବଢ଼ିବାରୁ ଅରବିନ୍ଦ ଘରେ ଥିବା ନିଜର ଲାଇସେନ୍ସପ୍ରାପ୍ତ ରିଭଲଭର ଆଣି ଅନ୍ଧାଧୁନ୍ ଗୁଳି ଚଳାଇଥିଲେ। ଏହି ଗୁଳିକାଣ୍ଡରେ ତାଙ୍କ ସ୍ତ୍ରୀ ବବିତା, ପୁରୋହିତ ମହେନ୍ଦ୍ର ପାଠକ ଓ ଅଖିଳେଶ ମିଶ୍ରଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଏହାପରେ ସେ ନିଜ ପୁଅକୁ ମଧ୍ୟ ଗୁଳି କରିଥିବା ଅଭିଯୋଗ ହୋଇଛି। ହତ୍ୟାକାଣ୍ଡ ପରେ ଅରବିନ୍ଦ ତାଙ୍କ ଝିଅ ଏବଂ ଏକ ଶିଶୁ କନ୍ୟାକୁ ନେଇ ଘରର ଏକ କୋଠରୀରେ ନିଜକୁ ବନ୍ଦ କରିଦେଇଥିଲେ।

ଖବର ପାଇ ପୁଲିସ, ଏଟିଏସ୍ ଓ ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଘରକୁ ଚାରିପଟୁ ଘେରି

**ପୁଲିସ ଏନକାଉଣ୍ଟରରେ ନିହତ ଅଭିଯୁକ୍ତ**

ଯାଇଥିଲେ। ପୁଲିସ ପକ୍ଷରୁ ତାଙ୍କୁ ଦୀର୍ଘ ସମୟ ଧରି ଆତ୍ମସମର୍ପଣ କରିବା ପାଇଁ ବୁଝାସୁଝା କରାଯାଇଥିଲେ ହେଁ ସେ ଓଲଟା ପୁଲିସ ଉପରେ ଗୁଳି ଚଳାଇଥିଲେ। ପରିଶେଷରେ ପୁଲିସ ଏନକାଉଣ୍ଟରରେ ଅରବିନ୍ଦ ଗୁରୁତର ଭାବେ ଆହତ ହୋଇଥିଲେ ଏବଂ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣା ସମଗ୍ର ଅଞ୍ଚଳରେ ଏବେ ବଡ଼ଧରଣର ଚାଞ୍ଚଲ୍ୟ ଓ ଶୋକର କ୍ଷେତ୍ର ସୃଷ୍ଟି କରିଛି।

## ସାରଜାହରେ କର୍ଣ୍ଣାଟକ ବ୍ୟକ୍ତିଙ୍କୁ ହତ୍ୟା



ସାରଜାହ, ୨୩।୯ଃ ଦୁଇ ମାସ ପୂର୍ବେ ଜୁଲାଇରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ସାରଜାହରେ କର୍ଣ୍ଣାଟକର ଜଣେ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଥିଲା। ତାଙ୍କ ମୃତଦେହ ଏକ କାରରେ ନଅ ଖଣ୍ଡ ହୋଇ କଟା ହୋଇଥିବା ଅବସ୍ଥାରେ ମିଳିଥିଲା। ମୃତ ବ୍ୟକ୍ତିଙ୍କ ନାମ ଆଲଭିନ୍ ପ୍ରକାଶ କୁନ୍ଦର। ଆଲଭିନ୍‌ଙ୍କ ଭାଇ ଅନିଲ୍ ପ୍ରଶାନ୍ତ କୁନ୍ଦରଙ୍କ ଅନୁଯାୟୀ ଦୁଇ ମାସ ପରେ ଘଟଣାର ଖୁଲାସା ହୋଇଛି। ଆଲଭିନ୍ ଗତ ୧୪ ବର୍ଷ ଧରି ସାରଜାହ ବିମାନବନ୍ଦରରେ କାମ କରୁଥିଲେ। ଆଲଭିନ୍ ପ୍ରକାଶ କୁନ୍ଦର ଉଡୁପିର କୁନ୍ଦାପୁରର ବାସିନ୍ଦା। ତାଙ୍କ ସ୍ତ୍ରୀ ଟିନା ଜଣେ ସ୍କୁଲ ଶିକ୍ଷୟିତ୍ରୀ ଏବଂ ପୁଅ ଦଶମ ଶ୍ରେଣୀର ଛାତ୍ର। କିଛି ରିପୋର୍ଟ ଅନୁଯାୟୀ, ଉଭୟ ଏବେ ବି ନିଖୋଜ ଅଛନ୍ତି। ଏପର୍ଯ୍ୟନ୍ତ କୌଣସି ସୂଚନା ମିଳିନାହିଁ। ଆଲଭିନ୍‌ଙ୍କ ଭାଇ ଅନିଲ୍ ଉଡୁପି ପୁଲିସକୁ ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ପୁଲିସ ସାରଜାହରୁ ସୂଚନାକୁ ଅପେକ୍ଷା କରିଛି।

## ୧୫ ଦୋଷୀଙ୍କୁ ୨୨୦ ବର୍ଷ ଜେଲ୍ ଦଣ୍ଡାଦେଶ

କଲମ୍ବୋ, ୨୩।୯ଃ ଶ୍ରୀଲଙ୍କାର ଏକ କୋର୍ଟ ୨୦୧୯ ଇଷ୍ଟର ଆତ୍ମଘାତୀ ଆକ୍ରମଣ ମାମଲାରେ ଦଣ୍ଡାଦେଶ କରିଛନ୍ତି। କୋର୍ଟ ୨୪ ଅଭିଯୁକ୍ତଙ୍କ ମଧ୍ୟରୁ ୧୫ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରି ପ୍ରତ୍ୟେକଙ୍କୁ ୨୨୦ ବର୍ଷ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି। ଆଇଏସଆଇଏସ ସହିତ ଜଡିତ ସ୍ଥାନୀୟ ଇସଲାମିକ ଉଗ୍ରବାଦୀ ଗୋଷ୍ଠୀ ନ୍ୟାସନାଲ ତୌହିଦ ଜମାତ(ଏନଟିଜେ)ର ୯ ଜଣ ଆତ୍ମଘାତୀ ବିସ୍ଫୋରଣକାରୀ ୨୧ ଏପ୍ରିଲ ୨୦୧୯ରେ ତିନୋଟି କ୍ୟାଥୋଲିକ ଚର୍ଚ୍ଚ ଏବଂ ତିନୋଟି ବିଳାସପୂର୍ଣ୍ଣ ହୋଟେଲକୁ ଟାର୍ଗେଟ କରି ଏକ ସିରିଜ ବିସ୍ଫୋରଣ କରିଥିଲେ। ଏହି ଆକ୍ରମଣରେ ୧୧ ଜଣ ଭାରତୀୟଙ୍କ ସମେତ ୨୭୦ ଜଣ ପ୍ରାଣ ହରାଇଥିଲେ ଏବଂ ୫୦୦ ରୁ ଅଧିକ ଆହତ ହୋଇଥିଲେ।

### ବିଜ୍ଞାନ ଜଗତରେ ବଡ଼ ସଫଳତା
# ୭୦ ଡିଗ୍ରୀ ତାପମାତ୍ରାକୁ ମଧ୍ୟ ସହିପାରୁଛି କ୍ଷୁଦ୍ର ଜୀବ



କାଲିଫର୍ଣ୍ଣିଆ,୨୩।୯ଃ ମନୁଷ୍ୟ କିମ୍ବା ଜଟିଳ ଜୀବକୋଷର ବଞ୍ଚିବାର ସର୍ବାଧିକ ତାପମାତ୍ରା ସୀମାକୁ ନେଇ ବୈଜ୍ଞାନିକମାନଙ୍କର ପୁରୁଣା ଧାରଣା ଏବେ ବଦଳି ଯାଇଛି। ଆମେରିକାର କାଲିଫର୍ଣ୍ଣିଆ ସ୍ଥିତ ଲାସେନ୍ ଭୋଲକାନିକ୍ ଜାତୀୟ ପାର୍କର ଏକ ଉଷ୍ମ ପ୍ରସ୍ରବଣରୁ ବୈଜ୍ଞାନିକମାନେ ଏପରି ଏକ କ୍ଷୁଦ୍ର ଜୀବ ଆବିଷ୍କାର କରିଛନ୍ତି, ଯାହା ଅତ୍ୟଧିକ ତାପମାତ୍ରାରେ ମଧ୍ୟ ବଞ୍ଚି ରହିବାର ଅସାଧାରଣ କ୍ଷମତା ରଖିଛି। ନାସା ସହାୟତାରେ ହୋଇଥିବା ଓ 'ସେଲ୍' ପତ୍ରିକାରେ ପ୍ରକାଶିତ ଏହି ଗବେଷଣାରୁ ଜଣାପଡ଼ିଛି ଯେ, 'ଇନସେଣ୍ଡିଆମୋବା କାସକାଡେନ୍ସିସ୍' ନାମକ ଏକ ନୂତନ ଆମୋବା ୬୩ ଡିଗ୍ରୀ ସେଲସିଅସ୍ ତାପମାତ୍ରାରେ ମଧ୍ୟ ସଫଳତାର ସହ ବଂଶବୃଦ୍ଧି କରିପାରେ।

ଆମେରିକାର ଏହି ଜିଓଥର୍ମାଲ ବା ଉଷ୍ମ ଜଳରୁ ସଂଗୃହିତ ନମୁନାଗୁଡ଼ିକୁ ପରୀକ୍ଷା କରିବା ପରେ ଜଣାପଡ଼ିଛି ଯେ, ଏକକୋଷୀ ଜୀବ (ଆମୋବା) ଯାହା ସହଜରେ ନିଜର ଆକାର ପରିବର୍ତ୍ତନ କରିପାରେ, ତାହା ଏତେ ଅଧିକ ତାପମାତ୍ରାରେ ମଧ୍ୟ ସକ୍ରିୟ ରହିପାରେ। ଏହି ଜୀବଟିକୁ ଫାୟାର ଆମୋବା ବା ଅଗ୍ନି ଆମୋବା ଭାବେ ବୋଲି ନାମକରଣ କରାଯାଇଛି। ଲ୍ୟାବ୍ ପରୀକ୍ଷଣରୁ ଜଣାପଡ଼ିଛି ଯେ ଏହା ୬୪ ଡିଗ୍ରୀ ସେଲ୍ସିୟସ୍ ତାପମାତ୍ରାରେ ମଧ୍ୟ ଗତି କରିବା ସହ ଖାଦ୍ୟ ଖୋଜିବାରେ ସକ୍ଷମ ଥିଲା। ଏପରିକି ୭୦ ଡିଗ୍ରୀ ସେଲ୍ସିୟସ୍ ତାପମାତ୍ରାରେ ପାଞ୍ଚ ମିନିଟ୍ ପର୍ଯ୍ୟନ୍ତ ରହିବା ପରେ ମଧ୍ୟ ଏହା ପୁନର୍ଜୀବିତ ହୋଇପାରିଥିଲା, ଯଦିଓ ୮୦ ଡିଗ୍ରୀ ତାପମାତ୍ରା ଏହା ପାଇଁ ଅତ୍ୟଧିକ ପ୍ରତିକୂଳ ସାମ୍ୟ ହୋଇଥିଲା ଏବଂ ଏହା ବଞ୍ଚି ପାରି ନଥିଲା।

ସାଧାରଣତଃ ଅଧିକ ତାପମାତ୍ରା ଜୀବକୋଷର ପ୍ରୋଟିନ୍, କୋଷ ଝିଲ୍ଲୀ ଏବଂ ଜେନେଟିକ୍ ସାମଗ୍ରୀ ବା ଡିଏନ୍‌ଏକୁ ନଷ୍ଟ କରିଦେଇଥାଏ। ବ୍ୟାକ୍ଟେରିଆ ଭଳି ସରଳ ଜୀବଙ୍କ ତୁଳନାରେ ୟୁକେରୋଟିକ୍ ବା ଜଟିଳ ଜୀବକୋଷରେ ଅନେକ ସୂକ୍ଷ୍ମ ଆଭ୍ୟନ୍ତରୀଣ ଗଠନ ଥାଏ, ଯାହା ଚରମ ପରିସ୍ଥିତିରେ କ୍ଷତିଗ୍ରସ୍ତ ହୋଇଥାଏ। ପୂର୍ବରୁ ଏହି ପ୍ରକାର ଜଟିଳ ଜୀବକୋଷଗୁଡ଼ିକ ପାଇଁ ସର୍ବାଧିକ ତାପମାତ୍ରା ସୀମା ପ୍ରାୟ ୬୦ ଡିଗ୍ରୀ ସେଲ୍ସିୟସ୍ ବୋଲି ଆକଳନ କରାଯାଉଥିଲା, ଯାହା କି କିଛି ପ୍ରଜାତିର ଛତ୍ରାକାର ଜୀବ ଓ ଲାଲ୍ ଶୈବାଳରେ ଦେଖିବାକୁ ମିଳିଥିଲା। ମାତ୍ର ଏହି ନୂତନ ଆମୋବା ସେହି ସୀମାକୁ ଆହୁରି ୩ ଡିଗ୍ରୀ ବଢ଼ାଇ ଦେଇଛି।

ଏସ୍‌ଆଇଆର୍ ନେଇ ବିବାଦର ସୂତ୍ରପାତ

# ୧୪ ଥର ଆପତ୍ତି କରିଛନ୍ତି ଦୁଇ ନିର୍ବାଚନ ଆୟୁକ୍ତ

## ଇସିଆଇ ଦେଲା ସ୍ପଷ୍ଟୀକରଣ




ନୂଆଦିଲ୍ଲୀ,୨୩ା୯: ଭୋଟର ତାଲିକା ସଂଶୋଧନ ଲାଗି ଦେଶବ୍ୟାପୀ ଆରମ୍ଭ କରାଯାଇଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ପ୍ରକ୍ରିୟା ବାବଦରେ ତିନି-ସଦସ୍ୟ ବିଶିଷ୍ଟ ନିର୍ବାଚନ କମିଶନ ମଧ୍ୟରୁ ଦୁଇ ଜଣ କମିଶନର୍ ଆପତ୍ତି ଉଠାଇଥିବା ନେଇ ଏକ ଚାଞ୍ଚଲ୍ୟକର ଖବର ପ୍ରକାଶ ପାଇବା ପରେ ସାରା ଦେଶରେ ଏକ ନୂତନ ବିବାଦର ସୂତ୍ରପାତ ହୋଇଛି। ଏସଆଇଆର୍‌ର ବୈଧତାକୁ ନେଇ ବିଭିନ୍ନ ରାଜନୈତିକ ତଥା ଅଣ-ରାଜନୈତିକ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ବୁଧବାର ନିର୍ବାଚନ ଆୟୋଗ (ଇସି) ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାକୁ ନେଇ ନିର୍ବାଚନ ଆୟୋଗ (ଇସି) ଭିତରେ କୌଣସି ଆଭ୍ୟନ୍ତରୀଣ ମତଭେଦ ନାହିଁ। ଦେଶର ଭୋଟର ତାଲିକା ସଂଶୋଧନ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଅଭିଯାନ ସମ୍ବନ୍ଧରେ ନିଆଯାଇଥିବା ସମସ୍ତ ନିଷ୍ପତ୍ତି ସର୍ବସମ୍ମତି କ୍ରମେ ଗ୍ରହଣ କରାଯାଇଛି ବୋଲି ଭାରତୀୟ ନିର୍ବାଚନ ଆୟୋଗ (ଇସିଆଇ) ପକ୍ଷରୁ ଜାରି ଏକ ପ୍ରେସ୍ ବିବୃତ୍ତିରେ କୁହାଯାଇଛି।

ସୂଚନା ଦିଆଯାଇପାରେ ଯେ ଅବାଞ୍ଛିତ ଭୋଟରଙ୍କୁ ବାଦ୍ ଦେବା ଲାଗି ୨୦୨୫ ଜୁନରେ ପ୍ରଥମ କରି ବିହାରରେ ଏସଆଇଆର ମାଧ୍ୟମରେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ତା'ପରଠୁ ଏ ପର୍ଯ୍ୟନ୍ତ ଦେଶର ୩୦ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ୧୩ ଲକ୍ଷରୁ ଅଧିକ ମତଦାତାଙ୍କ ନାମ ବାଦ୍ ପଡ଼ିସାରିଛି। ଏହି ଘଟଣା ନିର୍ବାଚନ ଆୟୋଗଙ୍କ ଭୂମିକାକୁ ଦେଶବ୍ୟାପୀ ଜନ-ଅସନ୍ତୋଷର କେନ୍ଦ୍ରରେ ରଖିଥିବା ବେଳେ ପ୍ରମୁଖ ଇଂରାଜୀ ଦୈନିକ ସମ୍ବାଦପତ୍ର 'ଦ ଇଣ୍ଡିଆନ୍ ଏକ୍ସପ୍ରେସ୍' ତା'ର ରିପୋର୍ଟରେ ଯେଉଁ ଚାଞ୍ଚଲ୍ୟକର ତଥ୍ୟଟି ପ୍ରକାଶ କରିଛି ତାହା ହେଉଛି, ଏହି ସମୟଖଣ୍ଡ ମଧ୍ୟରେ ତିନି ସଦସ୍ୟ ବିଶିଷ୍ଟ ନିର୍ବାଚନ କମିଶନ (ଇସି) ମଧ୍ୟରେ ବାରମ୍ବାର ଏସଆଇଆର ପ୍ରସଙ୍ଗକୁ ନେଇ ପ୍ରଶ୍ନ ଉଠାଯାଇଥିଲା। ତିନି ଜଣ ନିର୍ବାଚନ କମିଶନରଙ୍କ ମଧ୍ୟରୁ ଦୁଇ ନିର୍ବାଚନ ଆୟୁକ୍ତ ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀ ପ୍ରଥମରୁ ଏସଆଇଆରକୁ ନେଇ ଲିଖିତ ଭାବେ ଆପତ୍ତି କରିଥିଲେ। ଗତ ୧୦ ମାସ ମଧ୍ୟରେ ଏସଆଇଆର ପ୍ରକ୍ରିୟା ଚାଲିଥିବା ବେଳେ ଦୁଇଜଣ ନିର୍ବାଚନ କମିଶନର ଆୟୋଗଙ୍କ ନିଷ୍ପତ୍ତି ଉପରେ ୧୪ ଥର ଆପତ୍ତି ଉଠାଇଥିଲେ। ମାତ୍ର ସେମାନଙ୍କ କାର୍ଯ୍ୟକୁ ଅନଧିକୃତ ଓ ବେଆଇନ ବୋଲି ଦର୍ଶାଇ ପ୍ରତ୍ୟାଖ୍ୟାନ କରାଯାଇଥିବା ଉକ୍ତ ରିପୋର୍ଟରେ ଦାବି କରାଯାଇଥିଲା। ଏହି ଖବର ପରେ ଆୟୋଗ ପକ୍ଷରୁ ଏହାର ଦୃଢ଼ ପ୍ରତିବାଦ କରାଯାଇଛି।

ନିର୍ବାଚନ ଆୟୋଗର ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଓ ନିର୍ବାଚନ କମିଶନର ସୁଖବୀର ସିଂହ ସନ୍ଧୁ ଓ ବିବେକ ଯୋଶୀଙ୍କ ମିଳିତ ଅନୁମୋଦନ କ୍ରମେ ସମସ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଅଧିକାରୀମାନେ ସ୍ପଷ୍ଟ କରିଛନ୍ତି ଯେ କମିଶନର ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀ ବିଭିନ୍ନ ରାଜ୍ୟରେ ଭୋଟର ତାଲିକାରୁ ନାମ କାଟିବା ଏବଂ ଭୋଟର ତଥ୍ୟ ପରିଚାଳନା ଭଳି କିଛି ପ୍ରସଙ୍ଗରେ ନିଜର ମତ ତଥା ଚିନ୍ତାପ୍ରକଟ କରିଥିଲେ। ତେବେ ଏହାକୁ ଅସହମତି କିମ୍ବା ବିବାଦ କୁହାଯାଇପାରିବ ନାହିଁ। କାରଣ ଶେଷରେ ସମସ୍ତ ନିଷ୍ପତ୍ତି ସର୍ବସମ୍ମତି କ୍ରମେ ହିଁ ଅନୁମୋଦିତ ହୋଇଥିଲା।

## ବିଜେଡିର ସାଂଗଠନିକ ବୈଠକ ଅନୁଷ୍ଠିତ



କଟକ, ୨୩ା୯ (ସଂଚାର ବ୍ୟୁରୋ): ବିଜୁ ଜନତା ଦଳ କଟକ ମହାନଗର ସାଙ୍ଗଠନିକ ଜିଲ୍ଲା ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। କଟକ ମହାନଗର ସାଙ୍ଗଠନିକ ଜିଲ୍ଲା ସଭାପତି ସୁଦେଶ ଦାସଙ୍କ ସଭାପତିତ୍ୱ ଓ କଟକ ମେୟର ସୁଭାଷ ସିଂହଙ୍କ ନେତୃତ୍ୱରେ ଏହି ବୈଠକ ଆୟୋଜିତ ହୋଇଥିଲା।ଏହି ବୈଠକରେ ଆଗାମୀ ଦିନରେ ଦଳର ସାଙ୍ଗଠନିକ ସ୍ଥିତିକୁ ଅଧିକ ସୁଦୃଢ଼ ଓ କ୍ରିୟାଶୀଳ କରିବା ପାଇଁ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହା ସହିତ ଆସନ୍ତା ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀର ପରିପ୍ରେକ୍ଷୀରେ ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀରେ ଦଳ ପକ୍ଷରୁ ଆୟୋଜିତ ହେବାକୁ ଥିବା ବ୍ୟାପକ 'ଜନସମ୍ପର୍କ ପଦଯାତ୍ରା'ର ରୂପରେଖ ଓ ପ୍ରସ୍ତୁତି ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି।

## 'ଅମରେଶର ପ୍ରେମିକାମାନେ' ଓ 'ଜୀବନ ଛନ୍ଦ' ଉନ୍ମୋଚିତ



ଭୁବନେଶ୍ୱର,୨୩ା୯(ସଂଚାର ବ୍ୟୁରୋ): କାହାଣୀରେ ପ୍ରେମ ଉଭରିଲେ ପ୍ରେମ ଚାଲିଗଲେ, ପାଠକଙ୍କୁ ପ୍ରେମଗପ ପଢ଼ିବାକୁ ଭଲ ଲାଗେ। କଥାକାର ତଥା ବରିଷ୍ଠ ସାମ୍ବାଦିକ ଅମରେଶ ବିଶ୍ୱାଳଙ୍କ ପ୍ରେମଗଳ୍ପଗୁଡ଼ିକରେ ପ୍ରେମର ଏକ ନିଆରା ପରିବେଶକୁ ସଂରଚିତ କରିଯାଇଥାଏ। ଏହା ସାଧାରଣ ପାଠକଙ୍କୁ ଶୈଳୀଯୁକ୍ତ କରିପକାଏ। 'ମଧୁଲିତା ପ୍ରକାଶନୀ' ପକ୍ଷରୁ ପ୍ରକାଶିତ ଦୁଇଟି ପୁସ୍ତକ ଓ 'ମଧୁଲିତା' ପତ୍ରିକାର ବିଶେଷ ସଂଖ୍ୟା ଉନ୍ମୋଚନ ଉତ୍ସବରେ ଅତିଥିମାନେ ଏହା କହିଛନ୍ତି। ସ୍ଥାନୀୟ ବୁଦ୍ଧ ମନ୍ଦିରରେ ବରିଷ୍ଠ କବି ତଥା ପ୍ରମୁଖ ନିରାକାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପ୍ରସିଦ୍ଧ ସାହିତ୍ୟିକ, ଶିଶୁ ଲେଖକ ତଥା ସମ୍ପାଦକ ଦାଶ ବେନହୁର ଯୋଗ ଦେଇଥିଲେ। ସେହିପରି ମୁଖ୍ୟବକ୍ତା ଭାବେ [illegible] ଦାସ। ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ ଲେଖିକା କଳ୍ପନା ମିଶ୍ର। ମୁଖ୍ୟ ଅତିଥି ଦାଶ ବେନହୁର କହିଥିଲେ, ଅମରେଶଙ୍କ କାହାଣୀଗୁଡ଼ିକରେ ପ୍ରେମ ଏକ ଉଭରିତ ପ୍ରରକ୍ ଯାଇପାରିଛି। ସେହିପରି ମୁଖ୍ୟବକ୍ତା ଶ୍ରୀ ଦାସ ଅମରେଶଙ୍କ କାହାଣୀର କିଛି ନିର୍ଦ୍ଦିଷ୍ଟ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ସମୀକ୍ଷା କରିଥିଲେ କବି ମନୋରଞ୍ଜନ ଷଡ଼ଙ୍ଗୀ। ସୁଜାତା ମହାନ୍ତିଙ୍କ କବିତା ପୁସ୍ତକ 'ଜୀବନ ଛନ୍ଦ'ର ସମୀକ୍ଷା କରିଥିଲେ ପ୍ରସିଦ୍ଧ ଟେଲିଭିଜନ ଉପସ୍ଥାପକ କେପି। ଭାଷାବିତ ଡ. ଦେବାଶିଷ ମହାପାତ୍ର, ବରିଷ୍ଠ ସାମ୍ବାଦିକ ଅପୂର୍ବ ମହାନ୍ତି, ଲେଖକ ତଥା ବରିଷ୍ଠ ପ୍ରଶାସନିକ ଅଧିକାର ଅଶୋକ ବେହେରା ପ୍ରକାଶିତ ପୁସ୍ତକ ସମ୍ପର୍କରେ ମତ ରଖିଥିଲେ।

## ମିଳିଲା ପ୍ରମାଣ | ନିଆଳି ପନିରରେ ମିଶୁଥିଲା ଡିଟର୍ଜେଣ୍ଟ ଓ ମଇଦା



କଟକ,୨୩ା୯(ସଂଚାର ବ୍ୟୁରୋ): ବଜାରରେ ବିକ୍ରି ହେଉଥିବା ପନିର ଠିକ୍ ନା ଅପମିଶ୍ରିତ ଆସିଛି ରିପୋର୍ଟ। କାରଣ ଅଗଷ୍ଟ ୧୯ରେ କଟକରୁ ଜବତ ହୋଇଥିବା ପ୍ରାୟ ୭୩ କ୍ୱିଣ୍ଟାଲ ପନିର ଅପମିଶ୍ରିତ ବୋଲି ମିଳିଛି ପ୍ରମାଣ। ଆଗୁରି ମଧ୍ୟ ରିପୋର୍ଟରେ ଯେଉଁ ତଥ୍ୟ ରହିଛି ତାହା ଅତି ସାଂଘାତିକ। ଏହି ପନିରରେ ମିଶୁଥିଲା ମଇଦା ଓ ତା' ସହ ମିଶାଯାଉଥିଲା ଡିଟରଜେଣ୍ଟ, ଯାହା ସ୍ୱାସ୍ଥ୍ୟ ପାଇଁ ମାରାତ୍ମକ।

ସଂଗୃହୀତ ପନିର ନମୁନାର ପରୀକ୍ଷଣ ହରିୟାଣାରେ ହୋଇଛି। ଯାହାର ରିପୋର୍ଟ ରାଜ୍ୟ ଖାଦ୍ୟ ସୁରକ୍ଷା କମିଶନରଙ୍କ ନିକଟରେ ପହଞ୍ଚିଛି ବୋଲି କହିଛନ୍ତି କଟକ ମହାନଗର ନିଗମର ସ୍ୱାସ୍ଥ୍ୟ ଅଧିକାରୀ। ସବୁଠାରୁ ବଡ଼ କଥା ହେଲା, ଏହିସବୁ ପନିର ଆସିଥିଲା ନିଆଳିରୁ। ଗତ ଅଗଷ୍ଟ ୧୯ ସନ୍ଧ୍ୟାରେ କଟକ ଲିଙ୍କ ରୋଡ୍ ନିକଟରୁ ଏହିସବୁ ପନିର ଜବତ କରିଥିଲା କଟକ ମ୍ୟୁନିସିପାଲିଟି କର୍ପୋରେସନ୍ ବା କେଏମ୍‌ସିର ଖାଦ୍ୟ ସୁରକ୍ଷା ଟିମ୍। ଜବତ ହୋଇଥିବା ପ୍ରାୟ ୭୩ କ୍ୱିଣ୍ଟାଲ ପନିରକୁ ସେହି ରାତିରେ ହିଁ ନଷ୍ଟ କରାଯାଇଥିଲା ଓ ଏହାର ନମୁନା ଟେଷ୍ଟ ପାଇଁ ପଠାଯାଇଥିଲା। ଆଉ ଏବେ ତାହାର ରିପୋର୍ଟରୁ ହୋଇଛି ବଡ଼ ଖୁଲାସା।

ତେବେ ଜବତ ହୋଇଥିବା ଅପମିଶ୍ରିତ ପନିର ନିଆଳିରୁ ଆସିବାର ହେବାଟା ସ୍ପଷ୍ଟ ହୋଇସାରିଛି। କିନ୍ତୁ ନିଆଳି ପନିର କେବଳ କଟକ ଆସୁନାହିଁ, ବରଂ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ମଧ୍ୟ ସପ୍ଲାଏ କରାଯାଉଛି। ତେଣୁ ଅପମିଶ୍ରଣ କରୁଥିବା ଲୋକଙ୍କ ଉପରେ ଆଗକୁ କ'ଣ କାର୍ଯ୍ୟାନୁଷ୍ଠାନ ହେଉଛି ତାହା ଅପେକ୍ଷା।

● ପୁଣି ବଦଳିଲା ୱାର୍ଡ ପୁନର୍ଗଠନ ଓ ଆସନ ସଂରକ୍ଷଣ ସମୟସୂଚୀ

## ନଭେମ୍ବର ୩୦ରେ ସରିବ ପ୍ରକ୍ରିୟା

ଭୁବନେଶ୍ୱର,୨୩ା୯(ସଂଚାର ବ୍ୟୁରୋ): ଆଗାମୀ ପୌର ନିର୍ବାଚନ ପାଇଁ ୱାର୍ଡ ପୁନର୍ଗଠନ/ବିଭାଜନ ଓ ଆସନ ସଂରକ୍ଷଣ ପ୍ରକ୍ରିୟା ସମ୍ପନ୍ନ କରିବାକୁ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସଂଶୋଧିତ ସମୟସୂଚୀ ଜାରି ହୋଇଛି। ଏହି ନୂଆ ସମୟସୂଚୀ ଭୁବନେଶ୍ୱର, କଟକ, ବ୍ରହ୍ମପୁର ଓ ରାଉରକେଲା ମହାନଗର ନିଗମ ସମେତ ବୌଦ୍ଧ ଜିଲ୍ଲାକୁ ବାଦ୍ ଦେଇ ୯୯ଟି ପୌରପାଳିକା ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ପ୍ରଯୁଜ୍ୟ ହେବ। ୪ ମହାନଗର ନିଗମ ସମ୍ପର୍କରେ ସମ୍ପୃକ୍ତ କମିଶନରମାନେ ୱାର୍ଡ ବିଭାଜନ ଓ ଆସନ ସଂରକ୍ଷଣ ସମ୍ପର୍କିତ ତଥ୍ୟ ନିର୍ଦ୍ଧାରିତ ଫର୍ମ-୧ ଓ ଫର୍ମ-୨ ସହ ସ୍କେଚ୍ ମ୍ୟାପ୍ ଆକାରରେ ଅକ୍ଟୋବର ୮ ସୁଦ୍ଧା ବିଭାଗକୁ ଦାଖଲ କରିବେ। ସରକାରଙ୍କ ପକ୍ଷରୁ ଚିଠା ବିଜ୍ଞପ୍ତି ଅକ୍ଟୋବର ୨୨ରେ ପ୍ରକାଶ ପାଇବ ଏବଂ ଆପତ୍ତି ଓ ପ୍ରସ୍ତାବ ଦାଖଲର ଶେଷ ତାରିଖ ଅକ୍ଟୋବର ୩୧ ରହିଛି। ସେହିପରି ୯୯ଟି ପୌରପାଳିକା ଓ ଏନ୍‌ଏସି ପାଇଁ ସମ୍ପୃକ୍ତ ଜିଲ୍ଲାପାଳମାନେ ଅକ୍ଟୋବର ୧୨ରେ ଚିଠା ବିଜ୍ଞପ୍ତି ପ୍ରକାଶ କରି ଆପତ୍ତି ଓ ପ୍ରସ୍ତାବ ଆହ୍ୱାନ କରିବେ। ଏଥିପାଇଁ ଅକ୍ଟୋବର ୨୧ ଶେଷ ତାରିଖ। ଅକ୍ଟୋବର ୨୮ରେ ପ୍ରାଥମିକ ବିଜ୍ଞପ୍ତି ପ୍ରକାଶ ପରେ ଏହା ବିରୋଧରେ ଅକ୍ଟୋବର ୨୮ରୁ ନଭେମ୍ବର ୧୧ ମଧ୍ୟରେ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ନିକଟରେ ଅପିଲ୍ କରାଯାଇପାରିବ। ଜିଲ୍ଲାପାଳମାନେ ଅପିଲ୍ ଆବେଦନ ଓ ନିଜର ମତାମତ ନଭେମ୍ବର ୧୨ ସୁଦ୍ଧା ନିର୍ଦ୍ଦେଶକ, ପୌର ପ୍ରଶାସନଙ୍କ ନିକଟକୁ ପଠାଇବେ। ଅପିଲ୍‌ର ଶୁଣାଣି ଓ ଚୂଡ଼ାନ୍ତ ନିଷ୍ପତ୍ତି ନଭେମ୍ବର ୧୮ରୁ ୨୫ ମଧ୍ୟରେ କରାଯିବ। ଆବଶ୍ୟକ ସଂଶୋଧନ ପରେ ଚୂଡ଼ାନ୍ତ ବିଜ୍ଞପ୍ତି ନଭେମ୍ବର ୩୦ରେ ପ୍ରକାଶ ପାଇବ।

## ବୁଲଡୋଜର ଚଲାଇ କଫ୍ ସିରପ୍ ଭାଙ୍ଗିଲେ ମୁଖ୍ୟମନ୍ତ୍ରୀ

କୋଲକାତା,୨୩ା୯: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିଶାମୁକ୍ତ ଭାରତ ଆହ୍ୱାନକୁ ଆଖି ଆଗରେ ରଖି ରାଜ୍ୟ ସରକାର ଏକ କଠୋର ପଦକ୍ଷେପ ଗ୍ରହଣ କରିଛନ୍ତି। ଏକ ବୁଲଡୋଜର ସାହାଯ୍ୟରେ ନିଷିଦ୍ଧ କାଶ ସିରପ୍ 'ଫେନ୍‌ସିଡିଲ'ର ୩ ଲକ୍ଷ ୧୦ ହଜାର ବୋତଲକୁ ନଷ୍ଟ କରାଯାଇଥିଲା। ଖୋଦ୍ ମୁଖ୍ୟମନ୍ତ୍ରୀ ବୁଲଡୋଜରର ଚାଳକ ଆସନରେ ବସି ଏହାକୁ ଚୂର୍ଣ୍ଣ କରିବା ସହ ରାଜ୍ୟରେ ନିଶା କାରବାରକୁ ଆଉ ବରଦାସ୍ତ କରାଯିବ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ରାଜ୍ୟରେ ଘଟୁଥିବା ଅପରାଧ ପଛରେ ନିଶାସକ୍ତ ବ୍ୟକ୍ତିମାନେ ଜଡ଼ିତ ଥିବା ସେ ମତ ଦେଇଛନ୍ତି। ବାଂଲାଦେଶ ସୀମା ଦେଇ ହେଉଥିବା ଏହି ବେଆଇନ କାଶ ସିରପ୍ ଚାଲାଣକୁ ରୋକିବା ପାଇଁ କଡ଼ା ନଜର ରଖାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

## ଚିତଳ ହରିଣ ମୃତଦେହ ଉଦ୍ଧାର

କୋଲକାତା,୨୩ା୯: ପଶ୍ଚିମବଙ୍ଗର ନୟାଗ୍ରାମସ୍ଥିତ ଖଡିକାମାଥାନି ଷ୍ଟାଡିୟମ୍ ନିକଟରୁ ଏକ ପୂର୍ଣ୍ଣବୟସ୍କ ଚିତଳ ହରିଣର ମୃତଦେହ ଉଦ୍ଧାର କରାଯାଇଛି। ଷ୍ଟାଡିୟମ୍‌ଠାରୁ ପ୍ରାୟ ୨୦୦ ମିଟର ଦୂରରେ ଥିବା ଏକ ବୁଦା ମଧ୍ୟରେ ହରିଣଟି ପଡ଼ିଥିଲା। ନୟାଗ୍ରାମ ରେଞ୍ଜ୍ କାର୍ଯ୍ୟାଳୟର ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛନ୍ତି। ବନ ବିଭାଗର ଆକଳନ ଅନୁଯାୟୀ ହରିଣଟି ପ୍ରାୟ ୮ ରୁ ୯ ବର୍ଷର ଥିଲା। ତେବେ ମୃତ୍ୟୁର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିବାବେଳେ ପୋଷ୍ଟ-ମର୍ଟମ ରିପୋର୍ଟ ଆସିବା ପରେ ଏହା ସ୍ପଷ୍ଟ ହେବ ବୋଲି ଅଧିକାରୀମାନେ ଜଣାଇଛନ୍ତି। ବନ ବିଭାଗ ପକ୍ଷରୁ ଏହି ଘଟଣାର ସମ୍ପୂର୍ଣ୍ଣ ତଦନ୍ତ କରାଯାଉଛି।



## ରାଜ୍ୟରାଣୀ ଏକ୍ସପ୍ରେସ୍ ଧକ୍କାରେ ୪ ଛାତ୍ର ମୃତ

● ଜଣେ ଛାତ୍ରଙ୍କ ଅବସ୍ଥା ସଙ୍କଟାପନ୍ନ
● ରେଳ ଧାରଣା ପାର୍ ବେଳେ ଚାପିଦେଲା ଟ୍ରେନ୍

ଗଜପତି,୨୩ା୯ (ସଂଚାର ବ୍ୟୁରୋ): ରାଉରକେଲା-ଗୁଣୁପୁର ଏକ୍ସପ୍ରେସ୍ ରାଜ୍ୟରାଣୀ ଟ୍ରେନ୍ ଧକ୍କାରେ ୪ ଜଣ କଲେଜ ଛାତ୍ର ମୃତ୍ୟୁବରଣ କରିଛନ୍ତି। ଏଥିସହ ଜଣେ ଛାତ୍ର ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କର ଅବସ୍ଥା ସଙ୍କଟାପନ୍ନ ରହିଛି। ଏଭଳି ଏକ ଦୁଃଖଦ ଘଟଣା ଘଟିଛି ପଡ଼ୋଶୀ ଆନ୍ଧ୍ର ପ୍ରଦେଶର ଶ୍ରୀକାକୁଲମ୍ ଜିଲ୍ଲା ଅନ୍ତର୍ଗତ ନୌପଡା ଓ ଟେକ୍କାଲି ମଧ୍ୟସ୍ଥ ରେଳ ଧାରଣାରେ। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ମିଳିଥିବା ସୂଚନାନୁଯାୟୀ, ରାଉରକେଲାରୁ ଗୁଣୁପୁର ଅଭିମୁଖେ ଯାଉଥିବା ରାଜାରାଣୀ ଏକ୍ସପ୍ରେସ୍ ନୌପଡା ପାର ହୋଇସାରିଥିବା ବେଳେ ଟେକ୍କାଲି ମଣ୍ଡଳର ରବିଭାଲସା ଜଙ୍କ୍‌ସନ୍ ନିକଟବର୍ତ୍ତୀ ବର୍ମା କଲୋନୀ ଓ ବାମିଡିବାଣୀ କୋନେରୁ ନିକଟରେ ଅଚାନକ ୫ ଜଣ କଲେଜ ଛାତ୍ର ସାମ୍ନାକୁ ଆସିଯାଇଥିଲେ। କଲେଜ ଛାତ୍ରମାନେ ରେଳ ଧାରଣା ପାର୍ ହେଉଥିବା ବେଳେ ଦ୍ରୁତ ବେଗରେ ଆସୁଥିବା ଟ୍ରେନ୍ ସମ୍ପର୍କରେ ଜାଣିପାରିନଥିଲେ। ଫଳରେ ଘଟଣାସ୍ଥଳରେ ୪ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଭାବେ ଆହତ ହୋଇଥିଲେ। ଆହତ ବ୍ୟକ୍ତିଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ଡାକ୍ତରଖାନାକୁ ପଠାଯାଇଥିବା ପ୍ରାଥମିକ ସୂଚନାରୁ ଜଣାପଡ଼ିଛି। ଘଟଣା ସମ୍ପର୍କରେ ଖବର ପାଇ ସମ୍ପୃକ୍ତ ରେଳ କର୍ତ୍ତୃପକ୍ଷ ଓ ସ୍ଥାନୀୟ ପ୍ରଶାସନର ବରିଷ୍ଠ ପଦାଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ମୃତ୍ୟୁବରଣ କରିଥିବା ୪ ଜଣ ଛାତ୍ରଙ୍କ ନାମ ବିଶାଖା ରାଓ, ଦିଲୀପ କୁମାର, ଶିବା ଓ ଶରତ କୁମାର ବୋଲି ଜଣାପଡ଼ିଛି। ସେହିପରି ଆହତ ହୋଇଥିବା ଛାତ୍ରଙ୍କ ନାମ ସଲମାନ ରାଜୁ। ମୃତାହତମାନଙ୍କ ଘର ଟେକ୍କାଲି ଅଧୀନସ୍ଥ ଡାମରା ଗ୍ରାମରେ ଓ ସେମାନଙ୍କର ବୟସ ୧୬ରୁ ୧୭ ମଧ୍ୟରେ ବୋଲି ଜଣାପଡ଼ିଛି।

# ଖାଦ୍ୟ ଅପମିଶ୍ରଣ, ରୋକିବା ଦାୟିତ୍ୱ କାହାର ?



ଭୁବନେଶ୍ୱର,୨୩ା୯: ଭୁବନେଶ୍ୱର ଓ କଟକ ସମେତ ଆଖପାଖ ଅଞ୍ଚଳରେ ଲୋକେ କିଣୁଥିବା ନିଆଳି ଅଞ୍ଚଳରେ ପ୍ରସ୍ତୁତ ପନିର୍ ଖାଦ୍ୟ ପାଇଁ ଅନୁପଯୁକ୍ତ ବୋଲି ସରକାରୀ କଳ ଦ୍ୱାରା କରାଯାଇଥିବା ନମୁନା ପରୀକ୍ଷା ରିପୋର୍ଟରୁ ସ୍ପଷ୍ଟ ହୋଇଥିବାବେଳେ କେଉଁ ପନିର୍ ଖାଦ୍ୟ ଉପଯୁକ୍ତ ବୋଲି ଖାଉଟିମାନେ ପ୍ରଶ୍ନ କରୁଛନ୍ତି। ଏଠାରେ ଉଲ୍ଲେଖନୀୟ ଯେ ବର୍ଷବର୍ଷ ଧରି ଓଡ଼ିଶା ବଜାରରେ ଅପମିଶ୍ରିତ ଓ ନକଲି ଦୁଗ୍ଧ ଏବଂ ପନିର, ଛେନା, ଘିଅ ସମେତ ଅନ୍ୟାନ୍ୟ ସାମଗ୍ରୀ ଖାଉଟିମାନଙ୍କୁ ଯୋଗାଯାଉଛି। ପୂର୍ବରୁ କୋଲ୍‌କାତାରୁ ଅଣାଯାଉଥିବା ଏଭଳି ନକଲି ପନିର ବିପୁଳ ପରିମାଣରେ ଜବତ ହୋଇଥିଲେ ମଧ୍ୟ ଏବେ ବି ଏହାର ବଜାର ବାଲେଶ୍ୱରରୁ ପୁରୀ ପର୍ଯ୍ୟନ୍ତ ଲମ୍ବିଛି। ଏମିତିକି ରାଉରକେଲା, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ଅନୁଗୋଳ, ଢେଙ୍କାନାଳ ଆଦିରେ ମଧ୍ୟ ଏପରି ବିପଜ୍ଜନକ ପନିର ବିକ୍ରୟ ଚାଲିଛି।

ବର୍ଷ ବର୍ଷ ଧରି ଏଭଳି ବିପଜ୍ଜନକ ବେପାର ଚାଲିବା ପରେ ଅପମିଶ୍ରିତ ଖାଦ୍ୟ ଖାଇ ବହୁ ଲୋକ ରୋଗାକ୍ରାନ୍ତ ହେଉଛନ୍ତି। ତେବେ ମଝିରେ ମଝିରେ ଧର୍ମକୁ ଆଖିଠାର ଭଳି ଧରପଗଡ଼ କରି କର୍ତ୍ତୃପକ୍ଷ ତାଙ୍କ କର୍ତ୍ତବ୍ୟ ସାରିଦେଉଛନ୍ତି। ରାଜଧାନୀ, କଟକ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଏବେ ଖୋଲାଖୋଲି ଭାବେ ଟ୍ୟାଙ୍କର୍‌ରେ ହଜାର ହଜାର ଲିଟର ଦୁଗ୍ଧ ବିକ୍ରି ଚାଲିଛି। ବିକ୍ରେତାମାନେ କହୁଛନ୍ତି ଯେ ଏସବୁ ଦୁଗ୍ଧ କୁଆଡ଼େ ସେମାନଙ୍କ ଗୋପାଳନ ଫାର୍ମ ଓ ଆଖପାଖ ଗାଁରୁ ସଂଗ୍ରହ ହୋଇ ଆସୁଛି। ଏହି ଦୁଗ୍ଧରୁ ସେମାନେ ଛେନା, ପନିର ଆଦି ତିଆରି କରିବି ବିକୁଥିବା କହୁଛନ୍ତି। କିନ୍ତୁ ଏସବୁ ଦୁଗ୍ଧ ଓ ଅନ୍ୟାନ୍ୟ ସାମଗ୍ରୀର ଯାଞ୍ଚ ହେଉନାହିଁ। ଡାକ୍ତରମାନେ କହୁଛନ୍ତି ଯେ ମା' କ୍ଷୀରର ବିକଳ୍ପ ଭାବେ ଗାଈ କ୍ଷୀରକୁ ବ୍ୟବହାର କରାଯାଉଥିବା ବେଳେ ଏବେ ନକଲି ଗାଈ କ୍ଷୀର ଓ ସେଥିରୁ ଉତ୍ପାଦିତ ସାମଗ୍ରୀ ଶିଶୁମାନଙ୍କ ସ୍ୱାସ୍ଥ୍ୟ ପାଇଁ ପ୍ରଶ୍ନବାଚୀ ଛିଡ଼ା କରୁଛି। ଏମିତିକି ବୟସ୍କ ଲୋକେ ବି ଏହି ଅପମିଶ୍ରିତ ଓ ନକଲି କ୍ଷୀର ଓ ସେଥିରୁ ଜାତ ସାମଗ୍ରୀ ଖାଇ ବିଭିନ୍ନ ରୋଗ ବ୍ୟାଧିରେ ସଂକ୍ରମିତ ହେଉଛନ୍ତି। ବିଶ୍ୱାସରେ ବିଷ ଦେଇ ଚାଲିଥିବା ଏହି ଭୟଙ୍କର ବେପାର ମଣିଷ ଶରୀର ଉପରେ 'ସ୍ଲୋ ପଏଜନ୍' ଭଳି କାମ କରୁଛି।

ନିଆଳି ପନିରର ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା ଓ ସେ ସଂକ୍ରାନ୍ତରେ ଭୟଙ୍କର ରିପୋର୍ଟ ଆସିବା ପରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଲାଗି ଏହି ରିପୋର୍ଟ ଉପରେ ମୁଖ୍ୟ ଖାଦ୍ୟ ନିରାପତ୍ତା କମିଶନର ପଦକ୍ଷେପ ନେବା କଥା। ଅତୀତରେ ବିଭିନ୍ନ ସ୍ଥାନରେ ପରୀକ୍ଷା କରାଯାଇଥିବା ଦୁଗ୍ଧରେ ଲୁଗାଧୁଆ ପାଉଡର, ରାସାୟନିକ ସାର ଓ ଅନ୍ୟାନ୍ୟ ସାମଗ୍ରୀ ଥିବା ଜଣାପଡିଥିଲେ ମଧ୍ୟ ଏଯାବତ ତା'ର ପ୍ରତିକାର କରାଯାଇପାରିନାହିଁ। ରାଜଧାନୀ ଓ କଟକ ଉପକଣ୍ଠ ସମେତ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ପୂର୍ବରୁ ଅନେକ ନକଲି ଘିଅ, ମସଲା, ତେଲ ଆଦି ଜବତ କରାଯାଇଥିଲା। ଏବେ ବି 'ପୂଜା ପାଇଁ' ବୋଲି ଲେଖାଯାଇଥିବା ଅପମିଶ୍ରିତ ନକଲି ଘିଅ ରାଜଧାନୀ ସମେତ ରାଜ୍ୟର ସବୁ ଅଞ୍ଚଳରେ ବିପୁଳ ପରିମାଣରେ ଉପଲବ୍ଧ।

ସେହିଭଳି ବଜାରରେ ମିଳୁଥିବା କଦଳୀ, ସେଓ, ଅଙ୍ଗୁରଠାରୁ ଆରମ୍ଭ କରି ବିଭିନ୍ନ କିସମର ଫଳ, ପନିପରିବା, ଶାଗ, ମାଛ, ମାଂସ, ଶୁଖୁଆ ଇତ୍ୟାଦିରେ ରାସାୟନିକ ପଦାର୍ଥମାନ ରହୁଛି। ଏମିତିକି ଫଳ ପଚାଇବା ପାଇଁ ବିଭିନ୍ନ କିସମର ରାସାୟନିକ ସାମଗ୍ରୀ ବ୍ୟବହାର କରାଯାଉଛି। ଏହାଛଡ଼ା ହରମୋନ୍, କୀଟନାଶକ, ରାସାୟନିକ ସାର ଆଦିର ଉପାଦାନ ମଧ୍ୟ ଅନେକ କ୍ଷେତ୍ରରେ ଏଗୁଡ଼ିକରେ ରହୁଛି। ଡାଲି, ଚାଉଳ, ମଟର, ବୁଟ, ଗହମ ଆଦିକୁ ପୋକଙ୍କ ଦାଉରୁ ରକ୍ଷା କରିବା ପାଇଁ ବି ରାସାୟନିକ ପଦାର୍ଥ ପ୍ରୟୋଗ ହେଉଛି। ବସ୍ତୁତଃ ଖାଉଟିମାନେ ଖାଦ୍ୟ ସାମଗ୍ରୀ କିଣିବା ବେଳେ ତାହା ସହ ମାଗଣାରେ ରୋଗ ଆଣୁଛନ୍ତି। ସବୁ ସ୍ଥାନରେ ନିୟମିତ ଯାଞ୍ଚ ସହିତ ଅପମିଶ୍ରଣକାରୀଙ୍କ ବିରୋଧରେ କଠୋର ଦଣ୍ଡବିଧାନର ବ୍ୟବସ୍ଥା କରାଯାଇପାରିଲେ ଅକାଳ ମୃତ୍ୟୁରୁ ବହୁ ଜୀବନ ବଞ୍ଚିଯାଇପାରନ୍ତା ବୋଲି ସମାଜ ବିଜ୍ଞାନୀମାନେ କହୁଛନ୍ତି। (ତଥ୍ୟ)

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କଳିଙ୍ଗପଟ୍ଟନମ୍‌ଠାରେ...

ପରିସ୍ଥିତିରେ ସୁଧାର ଆସିବ ବୋଲି ଆଶା କରାଯାଉଛି। ଏହି ପରିସ୍ଥିତିର ମୁକାବିଲା ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ମୋଟ ୩୩ଟି ଓଡ୍ରାଫ୍ ଟିମ୍ ମୁତୟନ କରାଯାଇଛି। ଗଞ୍ଜାମରେ ୬, ଗଜପତିରେ ୩, କୋରାପୁଟରେ ୬, ମାଲକାନଗିରିରେ ୩, ରାୟଗଡ଼ାରେ ୩, କଳାହାଣ୍ଡିରେ ୨ ଓ ବଲାଙ୍ଗିରରେ ଗୋଟିଏ ଟିମ୍ ମୁତୟନ ହୋଇଛି। ଏହାଛଡ଼ା ଗଞ୍ଜାମର ଛତ୍ରପୁରସ୍ଥିତ ଓଡ୍ରାଫ୍ ୟୁନିଟ୍‌ର ୯ଟି ଟିମ୍ ରିଜର୍ଭ ରଖାଯାଇଛି। ଉପକୂଳରେ ସମୁଦ୍ର ଅଶାନ୍ତ ରହିବା ସମ୍ଭାବନା ଥିବାରୁ ସମସ୍ତ ବନ୍ଦରରେ ସ୍ଥାନୀୟ ସତର୍କ ସଙ୍କେତ ସଂଖ୍ୟା-୩ ଉତ୍ତୋଳନ କରାଯାଇଛି ଓ ସମୁଦ୍ରକୁ ମତ୍ସ୍ୟଜୀବୀଙ୍କ ପ୍ରବେଶ ଉପରେ ନିଷେଧ ଜାରି ରହିଛି। ଏହାର ଶତପ୍ରତିଶତ ଅନୁପାଳନ ନିଶ୍ଚିତ କରିବାକୁ ଜିଲ୍ଲା ପ୍ରଶାସନକୁ କୁହାଯାଇଛି। ପ୍ରଭାବିତ ହେବାକୁ ଥିବା ଅଞ୍ଚଳଗୁଡିକ ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଓ କଳାହାଣ୍ଡିକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଇଥିବା ବେଳେ ନୂଆପଡ଼ା, ବଲାଙ୍ଗୀର, କନ୍ଧମାଳ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ରେ ଜିଲ୍ଲା ପ୍ରଶାସନ ତଥା ରାଜସ୍ୱ ବିଭାଗ ପକ୍ଷରୁ ସମସ୍ତ ଆବଶ୍ୟକ ପ୍ରସ୍ତୁତି କରାଯାଇଛି। ସେହିପରି ଜିଲ୍ଲା ଓ ବ୍ଲକ୍ ଆପାତକାଳୀନ କାର୍ଯ୍ୟ କେନ୍ଦ୍ରଗୁଡ଼ିକୁ ୨୪x୭ କାର୍ଯ୍ୟରତ ରଖିବା, ସମ୍ବେଦନଶୀଳ ବସତି ଚିହ୍ନଟ କରିବା, ଆଶ୍ରୟସ୍ଥଳ ପ୍ରସ୍ତୁତ ରଖିବା ଓ ଶୁଖିଲା ଖାଦ୍ୟ, ଶିଶୁ ଖାଦ୍ୟ, ପାନୀୟ ଜଳ ଓ ପରିଷ୍କାରତା ସାମଗ୍ରୀ ମହଜୁଦ ରଖିବା ଉପରେ ଗୁରୁତ୍ୱ ଦିଆଯାଇଛି। ଓଡ୍ରାଫ୍, ଏନ୍‌ଡିଆରଏଫ୍ ଓ ଅଗ୍ନିଶମ ସେବା ଦଳକୁ ପୂର୍ବରୁ ମୁତୟନ ଓ ସଜ୍ଜ ରଖାଯାଇଥିବା ବେଳେ ଉଦ୍ଧାର ନୌକା, ଲାଇଫ୍ ଜାକେଟ୍ ଓ ପାୱାର ବୋଟ୍ ମଧ୍ୟ ପ୍ରସ୍ତୁତ ରଖାଯାଇଛି। ଜଳସମ୍ପଦ ବିଭାଗ ପକ୍ଷରୁ ନଦୀ ଓ ଜଳାଶୟର ଜଳସ୍ତର ନିରନ୍ତର ନିରୀକ୍ଷଣ, ସମ୍ବେଦନଶୀଳ ବନ୍ଧ ସ୍ଥାନଗୁଡ଼ିକର ପରୀକ୍ଷା ଏବଂ ଆବଶ୍ୟକସ୍ଥଳେ ନିୟନ୍ତ୍ରିତ ଜଳମୁକ୍ତି ପାଇଁ ସମନ୍ୱୟ କରାଯାଉଛି। ସହରାଞ୍ଚଳରେ ଡ୍ରେନେଜ୍ ବ୍ୟବସ୍ଥା ନିରୀକ୍ଷଣ, ନିମ୍ନାଞ୍ଚଳ ଅଣ୍ଡରପାସ୍‌ରେ ଡି-ୱାଟରିଂ ପମ୍ପ ମୁତୟନ ଓ ଆବଶ୍ୟକସ୍ଥଳେ ଟ୍ରାଫିକ୍ ଡାଇଭର୍ସନ୍ ପାଇଁ ମଧ୍ୟ ପ୍ରସ୍ତୁତି ରହିଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ପଞ୍ଚାୟତିରାଜ ଓ ପାନୀୟ ଜଳ, ଶକ୍ତି, ବାଣିଜ୍ୟ ଓ ପରିବହନ, ନିର୍ମାଣ, କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପଶୁସମ୍ପଦ ବିଭାଗକୁ ମଧ୍ୟ ଆବଶ୍ୟକ ପ୍ରସ୍ତୁତି ସହ ସଜାଗ ରହିବାକୁ କୁହାଯାଇଛି। ରାଜ୍ୟ ଓ ଜିଲ୍ଲା ସ୍ତରରେ ସ୍ଥିତିର ରିଅଲ୍-ଟାଇମ୍ ନିରୀକ୍ଷଣ କରାଯାଉଥିବା ବେଳେ ଭାରି ବର୍ଷା, ଜଳବନ୍ଦୀ, ଆଶ୍ରୟସ୍ଥଳ, ବିଦ୍ୟୁତ୍ ଓ ପାନୀୟ ଜଳ ଯୋଗାଣ, ଉଦ୍ଧାରକାରୀ ଦଳର ମୁତୟନ ଓ ଜଳାଶୟର ସଂରକ୍ଷଣ ସ୍ଥିତି ଉପରେ ନିରନ୍ତର ନଜର ରଖାଯାଉଛି।

### ରାଜ୍ୟରେ ବଢ଼ିଛି...

ଏବେ ଖାଉଟୀଙ୍କୁ ପନିପରିବା କ୍ଷେତ୍ରରେ ଅଧିକ ଦହଗଞ୍ଜ ହେବାକୁ ପଡୁଛି। ସେହିପରି ଜାତୀୟ ଦର ତୁଳନାରେ ଓଡ଼ିଶାରେ କେତେକ ଖାଦ୍ୟଦ୍ରବ୍ୟର ଦର ମଧ୍ୟ କମ୍ ଥିବାମ ମନ୍ତ୍ରୀ ସୂଚାଇଛନ୍ତି। ସେ କହିଛନ୍ତି ଯେ ଜାତୀୟ ତୁଳନାରେ ଓଡ଼ିଶାରେ ହରଡ଼ ଡାଲିର ଦର ୩.୧୩ ପ୍ରତିଶତ କମ୍ ରହିଛି। ଏହାଛଡ଼ା ମୁଗ ଡାଲି ବି ଓଡ଼ିଶାରେ ଜାତୀୟ ଦର ତୁଳନାରେ ପାଖାପାଖି ୪.୧୫ ପ୍ରତିଶତ କମ୍, ବୁଟ ଡାଲି ୩.୯୦ ପ୍ରତିଶତ, ବିରି ଡାଲି ୧.୭୫ ପ୍ରତିଶତ ଓ ଆଳୁ ୩୧.୮୭ ପ୍ରତିଶତ କମ୍ ରହିଛି ବୋଲି ମନ୍ତ୍ରୀ କହିଛନ୍ତି। ତେବେ ରାଜ୍ୟର ପ୍ରମୁଖ ବଜାର ଉପରେ ରାଜ୍ୟ ସରକାର ନିୟମିତ ନଜର ରଖିଛନ୍ତି ଓ ନିୟମିତ ବ୍ୟବଧାନରେ ଡାଲି ଓ ଚିନି କଳ ମାଲିକମାନେ ମହଜୁଦ ରଖୁଥିବା ଷ୍ଟକ୍ ଯାଞ୍ଚ୍ କରୁଛନ୍ତି ବୋଲି ମନ୍ତ୍ରୀ ସ୍ପଷ୍ଟ କରିଦେଇଛନ୍ତି।

### ଶୁଣାଣି...

ଯେ ଡିଜିପି ଚୟନକୁ ରାଜନୈତିକ ହସ୍ତକ୍ଷେପରୁ ମୁକ୍ତ ରଖିବା ପାଇଁ ସୁପ୍ରିମକୋର୍ଟ ପୂର୍ବରୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇସାରିଛନ୍ତି। ସୁଶାନ୍ତ କୁମାର ନାଥଙ୍କ ସଚ୍ଚୋଟତା ପ୍ରମାଣପତ୍ର ପ୍ରତ୍ୟାହାର ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ୨୦୧୨ ନଭେମ୍ବର ୨ର ଅଫିସ ମେମୋରେଣ୍ଡମ୍ ଓ ଜାନକୀ ରମଣ ମାମଲାର ରାୟକୁ ଉଲ୍ଲେଖ କରି ସେ କହିଥିଲେ ଯେ ଜଣେ ଅଫିସର ନିଲମ୍ବିତ ହୋଇ ନ ଥିଲେ ଅବା ତାଙ୍କ ବିରୋଧରେ କୌଣସି ଚାର୍ଜସିଟ୍ ଦାଖଲ ହୋଇ ନ ଥିଲେ କିମ୍ବା ଫୌଜଦାରୀ ମାମଲା ବିଚାରଧୀନ ନ ଥିଲେ ତାଙ୍କର ସଚ୍ଚୋଟତା ପ୍ରମାଣପତ୍ର ରୋକିବା ସମ୍ପୂର୍ଣ୍ଣ ବେଆଇନ। ରାଜ୍ୟ ସରକାର ଅଗଷ୍ଟ ୩ରେ ସିବିଆଇକୁ ପତ୍ର ଲେଖିବା, ଅଗଷ୍ଟ ୪ରେ ସିବିଆଇ ଜବାବ ଦେବା ଓ ଅଗଷ୍ଟ ୫ରେ ୟୁପିଏସସିକୁ ଚିଠି ଲେଖି ପ୍ରମାଣପତ୍ର ପ୍ରତ୍ୟାହାର କରାଯିବା ଦର୍ଶାଉଛି ଯେ ପସନ୍ଦର ଅଫିସରଙ୍କୁ ତାଲିକାରେ ଭର୍ତ୍ତି କରିବା ପାଇଁ ଏହିସବୁ କରାଯାଇଛି। ଏହି ମାମଲାରେ କୋର୍ଟଙ୍କୁ ସହାୟତା କରୁଥିବା ବରିଷ୍ଠ ଆମିକସ୍ କ୍ୟୁରି ରାଜୁ ରାମଚନ୍ଦ୍ରନ ନିଜର ୧୩ ପୃଷ୍ଠାର ରିପୋର୍ଟ ଉପସ୍ଥାପନ କରି ଅଗଷ୍ଟ ୧୦ରେ ରାଜ୍ୟ ସରକାର ପଠାଇଥିବା ସଂଶୋଧିତ ଯୋଗ୍ୟତା ତାଲିକାକୁ ସମ୍ପୂର୍ଣ୍ଣ ଅଣଦେଖା କରିବା ଉଚିତ ଓ କେବଳ ମେ ୧୪ର ମୂଳ ତାଲିକାକୁ ହିଁ ବିଚାରକୁ ନିଆଯିବା ଉଚିତ ବୋଲି କହିଥିଲେ। କେନ୍ଦ୍ର ସରକାରଙ୍କୁ ଦୁଇ ଜଣ ଅଫିସରଙ୍କର ୩୨ ବର୍ଷର କାର୍ଯ୍ୟକାଳ ସମ୍ପୂର୍ଣ୍ଣ ହୋଇଥିବାର ମିଛ ତଥ୍ୟ ଦେଇ ଅସ୍ଥାୟୀ ଏକ୍ସ-କ୍ୟାଡର ଡିଜି ପଦବୀ ଅଣାଯାଇଥିବା ବେଳେ ଅନ୍ୟ ଏକ ରିପୋର୍ଟରେ ସଞ୍ଜିବ ପଣ୍ଡାଙ୍କ କାର୍ଯ୍ୟକାଳ ୩୦ ବର୍ଷ ୧୧ ମାସ ବୋଲି ଦର୍ଶାଯାଇଛି, ଯାହାକି ରାଜ୍ୟ ସରକାରଙ୍କ ବୃହତ୍ ତ୍ରୁଟି ଓ ଡିଜି ପଦବୀ ସୃଷ୍ଟିର ମୂଳ ଆଧାର ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସମସ୍ତ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ କୋର୍ଟ ଆଜିର ଶୁଣାଣିକୁ ସ୍ଥଗିତ ରଖିଛନ୍ତି ଓ ଆସନ୍ତାକାଲି ଅପରାହ୍ନ ସାଢ଼େ ୧୨ଟାରେ ପୁଣିଥରେ ଏହି ମାମଲାର ଶୁଣାଣି ହେବ ବୋଲି ଖଣ୍ଡପୀଠ ଦିନ ଧାର୍ଯ୍ୟ କରିଛନ୍ତି।

### ୨.୪୭ ଲକ୍ଷ କୋଟିର...

ରାଜ୍ୟର ଯୁବପିଢ଼ିଙ୍କ ପାଇଁ ଗୁଣାତ୍ମକ ନିଯୁକ୍ତି ସୃଷ୍ଟି କରିବା ଏବଂ ସମସ୍ତ ଅଞ୍ଚଳର ସମାନ୍ତରାଳ ଶିଳ୍ପ ବିକାଶ ସୁନିଶ୍ଚିତ କରିବା। ନିବେଶ ସୂଚୀରେ ପ୍ରଥମ ଥର ପାଇଁ ଡାଟା ସେଣ୍ଟର, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ), ସେମିକଣ୍ଡକ୍ଟର, ଲାବ୍-ଗ୍ରୋନ୍ ଡାଇମଣ୍ଡ (କୃତ୍ରିମ ହୀରା) ଏବଂ ସବୁଜ ଶକ୍ତି ପରି ଆଧୁନିକ ନୂତନ-ଯୁଗର ଶିଳ୍ପଗୁଡ଼ିକ ପ୍ରାଧାନ୍ୟ ବିସ୍ତାର କରିଛନ୍ତି। ବୈଠକର ସବୁଠାରୁ ବଡ଼ ଆକର୍ଷଣ ଥିଲା ଆଇଟି, ଆଇଟିଇଏସ ଓ ଡାଟା ସେଣ୍ଟର କ୍ଷେତ୍ର। କେବଳ ଏହି କ୍ଷେତ୍ରର ୪ଟି ପ୍ରକଳ୍ପରେ ୧,୪୨,୯୪୧ କୋଟି ଟଙ୍କା ନିବେଶ ହେବ। ହାଇ ଡେନ୍‌ସିଟି ଡାଟାସେଣ୍ଟର ଲିମିଟେଡ୍ ଖୋର୍ଦ୍ଧାରେ ୧,୦୪,୫୫୦ କୋଟି ଟଙ୍କା ନିବେଶରେ ଏକ ସମନ୍ୱିତ ଡାଟା ସେଣ୍ଟର ସ୍ଥାପନ କରିବ। ସେଣ୍ଟ୍ରାଫୋର୍ଜ ଏଆଇ ଲିମିଟେଡ୍ ପୁରୀରେ ୨୨,୬୩୪ କୋଟି ଟଙ୍କା ବ୍ୟୟରେ ଏକ ଏଆଇ ଡାଟା ସେଣ୍ଟର ଓ ଗ୍ଲୋବାଲ କ୍ୟାପାବିଲିଟି ସେଣ୍ଟର ନିର୍ମାଣ କରିବ। ଏଚସିଏଲ ଟେକ୍ନୋଲୋଜିସ (ଏଚସିଏଲ) ଖୋର୍ଦ୍ଧାରେ ୧୪,୨୫୭ କୋଟି ଟଙ୍କାର ଏଆଇ-ଅପ୍ଟିମାଇଜ୍ଡ ଡାଟା ସେଣ୍ଟର ପ୍ରତିଷ୍ଠା କରିବ। ଏଥିସହ ଆରକେଡି କନଷ୍ଟ୍ରକ୍ସନ କଟକରେ ୧,୫୦୦ କୋଟି ଟଙ୍କାର ଡାଟା ସେଣ୍ଟର ସ୍ଥାପନ କରିବ। ସ୍ୱାସ୍ଥ୍ୟସେବାରେ ଆଦାନୀ ଫାଉଣ୍ଡେସନ ଖୋର୍ଦ୍ଧାରେ ୨,୧୫୦ କୋଟି ଟଙ୍କା ବ୍ୟୟରେ ଏକ ୧,୦୦୦ ଶଯ୍ୟା ବିଶିଷ୍ଟ ମଲ୍ଟି-ସୁପର-ସ୍ପେସିଆଲିଟି ହସ୍ପିଟାଲ ନିର୍ମାଣ କରିବ। ଏହି ପ୍ରକଳ୍ପକୁ ଆଜି ଏଚଏଲସିଏରେ ଅନୁମୋଦନ ମିଳିଛି। ରାଜ୍ୟର ଶକ୍ତି ସୁରକ୍ଷାକୁ ମଜବୁତ କରିବା ପାଇଁ ୪ଟି ବୃହତ୍ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ଏନଏଲସି ଇଣ୍ଡିଆ ଦେବଗଡ଼ରେ ୩୪,୭୬୩.୫୧ କୋଟି ବିନିଯୋଗରେ ୩,୨୦୦ ମେଗାୱାଟ୍ ଥର୍ମାଲ ପାୱାର ପ୍ଲାଣ୍ଟ ଏବଂ ଅନୁଗୋଳରେ ୧୧,୬୦୪.୧୯ କୋଟି ନିବେଶରେ ୧,୦୮୦ ମେଗାୱାଟ୍ ପ୍ଲାଣ୍ଟ ପ୍ରତିଷ୍ଠା କରିବ। ରାୟଗଡ଼ାରେ 'ବେକେମ୍ ଇନଫ୍ରା' ୪,୦୨୦ କୋଟି ଓ କୋରାପୁଟରେ 'ଶ୍ରୀ ଆବନ୍ତିକା କଣ୍ଟ୍ରାକ୍ଟର' ୩,୯୦୦ କୋଟି ନିବେଶରେ ଜଳବିଦ୍ୟୁତ୍ ପ୍ରକଳ୍ପ ନିର୍ମାଣ କରିବେ।

### ଡି. ପୁରନ୍ଦେଶ୍ୱରୀ...

ଦାୟିତ୍ୱ ଦିଆଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି ମଧ୍ୟରେ ବିନୋଦ ତାୱଡେଙ୍କୁ ଉତ୍ତର ପ୍ରଦେଶର ରାଜ୍ୟ ପ୍ରଭାରୀ ଭାବେ ନିଯୁକ୍ତ କରାଯାଇଛି। ତାଙ୍କ ସହ ୪ ଜଣ ନେତା ଜଗଦୀଶ ପଟେଲ, ମେଘା କୁଲକର୍ଣ୍ଣୀ, ଡକ୍ଟର ପ୍ରଦୀପ ବର୍ମା ଓ ଅନନ୍ତ ଓଝାଙ୍କୁ ସହ-ପ୍ରଭାରୀ ଭାବେ ନିଯୁକ୍ତ କରାଯାଇଛି। ବିଜେପିର ରାଷ୍ଟ୍ରୀୟ ମହାସଚିବ ହରିଶ ଦ୍ୱିବେଦୀଙ୍କୁ ବିହାର ଓ କର୍ଣ୍ଣାଟକ, ଶ୍ରୀକାନ୍ତ ଶର୍ମାଙ୍କୁ ହିମାଚଳ ପ୍ରଦେଶ ଏବଂ ସ୍ମୃତି ଇରାନୀଙ୍କୁ ଛତିଶଗଡ଼ ଓ ହରିୟାଣାର ପ୍ରଭାରୀ ନିଯୁକ୍ତ କରାଯାଇଛି। ବରିଷ୍ଠ ନେତା ରାମ ମାଧବଙ୍କୁ ତାମିଲନାଡୁ ଓ ଉତ୍ତରାଖଣ୍ଡର ପ୍ରଭାରୀ ନିଯୁକ୍ତ କରାଯାଇଛି। ଉତ୍ତରାଖଣ୍ଡରେ ତାଙ୍କ ସହ ଅରବିନ୍ଦ ମେନନ ଓ ବାଂସୁରୀ ସ୍ୱରାଜଙ୍କୁ ସହ-ପ୍ରଭାରୀ ନିଯୁକ୍ତ କରାଯାଇଛି। ତାମିଲନାଡୁରେ ନିର୍ମଳ କୁମାର ସୁରାଣା ଓ ଡକ୍ଟର କେ.ଅରୁଣା ତାଙ୍କର ସହ-ପ୍ରଭାରୀ ହେବେ। ସଂଗଠନରେ ସବୁଠୁ ବଡ଼ ନାଁ ମଧ୍ୟରେ ଥିବା ସୁନୀଲ ବଂଶଲଙ୍କୁ ତେଲଙ୍ଗାନା ଓ ପଶ୍ଚିମବଙ୍ଗ ଉଭୟର ପ୍ରଭାରୀ ନିଯୁକ୍ତ କରାଯାଇଛି। ତେଲଙ୍ଗାନାରେ ଅଭୟ ପାଟିଲ ଓ ରେଖା ଶର୍ମା ତାଙ୍କର ସହ-ପ୍ରଭାରୀ ହେବ। ପଶ୍ଚିମବଙ୍ଗରେ ଲାଲ ସିଂହ ଆର୍ଯ୍ୟ, ରାଜେନ୍ଦ୍ର ସିଂହ ଓ ପିଙ୍କି କୁଶୱାହାଙ୍କୁ ସହ-ପ୍ରଭାରୀ ନିଯୁକ୍ତ କରାଯାଇଛି। ସେହିପରି ତରୁଣ ଚୁଗ୍‌ଙ୍କୁ ଗୁଜରାଟର ପ୍ରଭାରୀ କରାଯାଇଛି। ତାଙ୍କ ସହ ଅଜୟ ମହାୱାର ଏବଂ ଗୋମତି ସାଇ ସହ-ପ୍ରଭାରୀ ନିଯୁକ୍ତ ହୋଇଛନ୍ତି। ଡକ୍ଟର ସତୀଶ ପୁନିଆ ଜାମ୍ମୁ-କାଶ୍ମୀର ଦାୟିତ୍ୱରେ ଥିବାବେଳେ ରୀନା କାଶ୍ୟପ ସହ-ପ୍ରଭାରୀ ଦାୟିତ୍ୱରେ ଅଛନ୍ତି। ପଞ୍ଜାବ ଦାୟିତ୍ୱରେ ଥିବା ଡକ୍ଟର ସତୀଶ ପୁନିୟାଙ୍କୁ ପୁଣି ଥରେ ରାଜ୍ୟ ଦାୟିତ୍ୱ ଦିଆଯାଇଛି। ତାଙ୍କ ସହ ବୀରେନ୍ଦ୍ର ସଚଦେବ ଓ ଅଲକା ଗୁରୁଜାର ସହ-ପ୍ରଭାରୀ ନିଯୁକ୍ତ ହୋଇଛନ୍ତି। ମଧ୍ୟପ୍ରଦେଶରେ ବିପ୍ଲବ କୁମାର ଦେବଙ୍କୁ ପ୍ରଭାରୀ ଓ ରେଖା ବର୍ମାଙ୍କୁ ସହ-ପ୍ରଭାରୀ ଭାବେ ନିଯୁକ୍ତ କରାଯାଇଛି। ମହାରାଷ୍ଟ୍ର ପାଇଁ ବୈଜୟନ୍ତ ପଣ୍ଡାଙ୍କୁ ପ୍ରଭାରୀ ଭାବରେ ନିଯୁକ୍ତ କରାଯାଇଛି, ଅମିତ ମାଲବ୍ୟ, ସଦାନନ୍ଦ ଶେଠ ତନୱାଡେ ଏବଂ କମଲଜିତ ସେହରାୱତଙ୍କୁ ସହ-ପ୍ରଭାରୀ ଭାବରେ ନିଯୁକ୍ତ କରାଯାଇଛି। ରାଜସ୍ଥାନରେ ସଞ୍ଜୟ ଭାଟିଆଙ୍କୁ ପ୍ରଭାରୀ ଭାବେ ନିଯୁକ୍ତି ମିଳିଛି। କବିତା ପାଟିଦାର ଓ କୁଲଜିତ ଚହଲ ସହ-ପ୍ରଭାରୀ ରହିଛନ୍ତି। ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ମଧ୍ୟ ନୂତନ ନିଯୁକ୍ତି ଦିଆଯାଇଛି। ଆସାମରେ ମଙ୍ଗଳ ପାଣ୍ଡେଙ୍କୁ ପ୍ରଭାରୀ ନିଯୁକ୍ତ କରାଯାଇଛି ଓ ଫାଙ୍ଗନନ୍ କୋନ୍ୟାକ୍ ଏବଂ ମନୋଜ ଟିଗଗାଙ୍କୁ ସହ-ପ୍ରଭାରୀ କରାଯାଇଛି।

### ପଛୁଆ ବର୍ଗଙ୍କୁ...

ମନ୍ତ୍ରୀ ନିଜ ଉତ୍ତରରେ ଆହୁରି ଦର୍ଶାଇଛନ୍ତି ଯେ 'ଟ୍ରିପଲ ଟେଷ୍ଟ' ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ୨୦୨୨ ପଞ୍ଚାୟତ ନିର୍ବାଚନ ସମୟରେ ପଛୁଆ ବର୍ଗକୁ ୨୭ ପ୍ରତିଶତ ସଂରକ୍ଷଣ ଦିଆଯାଇପାରିନଥିଲା। ଏହାକୁ ନେଇ ହାଇକୋର୍ଟରେ ମାମଲା ପହଞ୍ଚିବା ପରେ ବାଧ୍ୟ ହୋଇ ଏହି ସଂରକ୍ଷଣ ବ୍ୟବସ୍ଥାକୁ ପ୍ରତ୍ୟାହାର କରିବାକୁ ପଡ଼ିଥିଲା। ତେବେ ଆଗାମୀ ନିର୍ବାଚନରେ ପଛୁଆ ବର୍ଗକୁ ଆଇନଗତ ଭାବେ କିପରି ସଂରକ୍ଷଣ ମିଳିପାରିବ, ସେ ନେଇ ସରକାର ସମସ୍ତ ସାମ୍ବିଧାନିକ ଦିଗକୁ ଅନୁଧ୍ୟାନ କରୁଛନ୍ତି। ଆସନ୍ତା ବର୍ଷ ପ୍ରଥମାର୍ଦ୍ଧରେ ରାଜ୍ୟ ସରକାର ପଞ୍ଚାୟତ ଓ ପୌର ନିର୍ବାଚନ କରିବାକୁ ପ୍ରସ୍ତୁତି ଚଳାଇଥିବା ବେଳେ ପୌରାଞ୍ଚଳଗୁଡ଼ିକେର ୱାର୍ଡ ପୁନର୍ଗଠନ ଓ ସଂରକ୍ଷଣ ପାଇଁ ଧାର୍ଯ୍ୟ ସମୟ ସୀମାକୁ ସରକାର ବାରମ୍ବାର ଘୁଞ୍ଚାଇ ଚାଲିଛନ୍ତି।

## ବାସି ଖାଦ୍ୟ ନଷ୍ଟ, ୮ ହଜାର ଜରିମାନା



ନବରଙ୍ଗପୁର,ଉମରକୋଟ, ୨୩।୯ (ସଂଚାର ବ୍ୟୁରୋ): ଉମରକୋଟ ସହରର ବିଭିନ୍ନ ହୋଟେଲରେ ଖାଦ୍ୟର ମାନ ଓ ସୁରକ୍ଷାକୁ ନେଇ ଅଭିଯୋଗ ଆସୁଥିବା ବେଳେ ଆଜି ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଯାଞ୍ଚ କରାଯାଇଛି। ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ବିଭାସ ମଜୁମଦାରଙ୍କ ନେତୃତ୍ୱରେ ଦୁଇଟି ହୋଟେଲରେ ଚଢ଼ାଉ କରାଯାଇଥିଲା। ଯାଞ୍ଚ ସମୟରେ ହୋଟେଲରୁ ବାସି ଚିକେନ, ବାସି ତରକାରୀ, ମିଠା ଓ କେକ ଆଦି ମିଳିଥିବା ଜଣାପଡ଼ିଛି। ଏହି ଖାଦ୍ୟ ସାମଗ୍ରୀଗୁଡ଼ିକୁ ଅଧିକାରୀମାନେ ନଷ୍ଟ କରିଦେଇଥିବା ବେଳେ ଦୁଇଟି ହୋଟେଲରୁ ମୋଟ ୮ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଆଜିର ଯାଞ୍ଚ ପରେ ଖାଦ୍ୟ ବ୍ୟବସାୟୀଙ୍କ ମଧ୍ୟରେ ଏହାକୁ ନେଇ ସଚେତନତା ବଢ଼ିବ ବୋଲି ଆଶା କରାଯାଉଛି।

ତେବେ ଉମରକୋଟ ବଜାରରେ ଅପମିଶ୍ରିତ ପନିର ବିକ୍ରି ନେଇ ପୂର୍ବରୁ ଉଠିଥିବା ଅଭିଯୋଗ ଉପରେ କେବେ ଯାଞ୍ଚ କରାଯିବ, ତାହାକୁ ନେଇ ଏବେ ସାଧାରଣରେ ପ୍ରଶ୍ନ ଉଠିଛି।

## କୋଟି କୋଟି ଟଙ୍କା ଥାଇବି

# ଦୂର ହୋଇପାରୁନି ଆନନ୍ଦପୁର କଲେଜ ସମସ୍ୟା

### ଅଟକି ରହିଛି ୭କୋଟି

### ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ କାମ ନକରିବାକୁ କାହିଁକି ଗୁଁ ପୁଁ




ଆନନ୍ଦପୁର,୨୩।୯ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲାର ଏକ ପୁରାତନ ଶିକ୍ଷାନୁଷ୍ଠାନ ହେଉଛି ଆନନ୍ଦପୁର ମହାବିଦ୍ୟାଳୟ। ୧୯୬୪ରେ ପ୍ରତିଷ୍ଠିତ ଏହି ମହାବିଦ୍ୟାଳୟ ଦୀର୍ଘ ବର୍ଷ ଧରି ଅଞ୍ଚଳର ଉଚ୍ଚଶିକ୍ଷାର ଏକ ପ୍ରମୁଖ କେନ୍ଦ୍ର ଭାବେ ରହିଆସିଛି। କିନ୍ତୁ ଏବେ ମହାବିଦ୍ୟାଳୟର ଉନ୍ନତିକୁ ନେଇ ଉଠିଛି ବଡ଼ ପ୍ରଶ୍ନ। କାରଣ ମହାବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୭ କୋଟି ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଥିବା ରିପୋର୍ଟ ପ୍ରକାଶ ପାଇଥିଲା। ଏହି ଅର୍ଥରେ ବହୁମୁଖୀ ହଲ୍, ସେମିନାର ହଲ୍ ଓ କ୍ରୀଡ଼ା ପଡ଼ିଆ ଭଳି କାର୍ଯ୍ୟ କରାଯିବାର କଥା ମଧ୍ୟ ରହିଥିଲା। ତେଲେ ଅଭିଯୋଗ ହେଉଛି, ଟଙ୍କା ଆସିଲା, ଯୋଜନା ହେଲା, ଉନ୍ନତିର ସ୍ୱପ୍ନ ଦେଖାଗଲା, କିନ୍ତୁ କାମ ଆରମ୍ଭ କରିବ କିଏ? ଏହି ପ୍ରଶ୍ନ ଏବେ ଆନନ୍ଦପୁର ମହାବିଦ୍ୟାଳୟ ପରିସରରୁ ଉଠୁଛି।

ମହାବିଦ୍ୟାଳୟ ପକ୍ଷରୁ କାମକୁ ଆଗେଇ ନେବା ପାଇଁ ପ୍ରୟାସ ଚାଲିଥିବା ବେଳେ, ପୂର୍ତ୍ତ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ମଧ୍ୟରେ ଦାୟିତ୍ୱ ନେବାକୁ ନେଇ ଦ୍ୱନ୍ଦ୍ୱ ଥିବା ଅଭିଯୋଗ ହୋଇଛି। ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ କୁଆଡ଼େ କୁହାଯାଉଛି, ବିଧାୟକଙ୍କ ସହ ଆଲୋଚନା କରନ୍ତୁ, ତା'ପରେ କାମ ଆଗକୁ ବଢ଼ିବ। ତେବେ ପ୍ରଶ୍ନ ହେଉଛି, ସରକାରୀ ଅର୍ଥରେ ହେବାକୁ ଥିବା ଏକ ଶିକ୍ଷାନୁଷ୍ଠାନର ଉନ୍ନତି ପାଇଁ ପ୍ରତ୍ୟେକ ପଦକ୍ଷେପରେ ରାଜନୈତିକ ହସ୍ତକ୍ଷେପ ଦରକାର କି? ଯଦି ବିଭାଗର ନିଜସ୍ୱ ନିୟମ ଓ ପ୍ରକ୍ରିୟା ଅଛି, ତେବେ ସେହି ପ୍ରକ୍ରିୟା ଅନୁସାରେ କାମ କାହିଁକି ଆଗେଇ ନଯିବ? ବିଧାୟକଙ୍କୁ ଦେଖାଇ ବିଭାଗୀୟ ଅଧିକାରୀ ନିଜ ଦାୟିତ୍ୱରୁ ଦୂରେଇ ଯାଉଛନ୍ତି କି? କାରଣ ଏଠାରେ କଥା କୌଣସି ବ୍ୟକ୍ତି କିମ୍ବା ଦଳର ନୁହେଁ, ଛାତ୍ରଛାତ୍ରୀଙ୍କ ଭବିଷ୍ୟତର, ଆନନ୍ଦପୁର ମହାବିଦ୍ୟାଳୟର ଭିତ୍ତିଭୂମିର, ସରକାର ଘୋଷଣା କରିଥିବା ଅର୍ଥ ସଠିକ୍ ସମୟରେ ସଠିକ୍ କାମରେ ଲାଗିବାର କଥା।

ତେଣୁ ଆନନ୍ଦପୁର ମହାବିଦ୍ୟାଳୟର ୭ କୋଟି ଟଙ୍କାର ପ୍ରକଳ୍ପ କେଉଁଠି ଅଟକିଛି, କାହା ପାଖରେ ଅଟକିଛି ଏବଂ କେବେ ଗତି ପାଇବ, ଏହାର ଉତ୍ତର ଆନନ୍ଦପୁରବାସୀଙ୍କୁ ମିଳିବା ଦରକାର। ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ଓ ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ସ୍ପଷ୍ଟତା ଆଣିବାକୁ ଦାବି ହେଉଛି।

## ତିନି ଛୁଆର ମା' ଦୁଇଟି ଛୁଆର ବାପ ସାଙ୍ଗରେ ଫେରାର, ଥାନାରେ ଅଭିଯୋଗ

ସଇଁତଲା, ୨୩।୯ (ସଂଚାର ବ୍ୟୁରୋ): ସଇଁତଲା ଥାନା ଅନ୍ତର୍ଗତ ସମରା ଆଦିବାସୀପଡ଼ା ଗ୍ରାମର ଜଣେ ମହିଳା ତାଙ୍କ ତିନି ଛୁଆଙ୍କୁ ଛାଡ଼ି ଟିଟିଲାଗଡ଼ ଥାନା ଅନ୍ତର୍ଗତ ଟିମନଭାଡ଼ି ଗ୍ରାମର ଜଣେ ଯୁବକଙ୍କ ସହ ଫେରାର ହୋଇଥିବା ନେଇ ସଇଁତଲା ଥାନାରେ ଅଭିଯୋଗ ହୋଇଛି।

ଅଭିଯୋଗକାରୀ ସୁବାଷ ଦେବଗୁରୁଙ୍କ କହିବା ଅନୁଯାୟୀ, ତାଙ୍କର ତିନି ଝିଅଙ୍କ ମଧ୍ୟରୁ ଜଣଙ୍କ ବିବାହ ସରିଥିବା ବେଳେ ଅନ୍ୟ ଦୁଇ ଛୁଆଙ୍କ ବୟସ ପ୍ରାୟ ୧୨ ବର୍ଷ ବୋଲି ଜଣାପଡ଼ିଛି। ଅଭିଯୋଗ ଅନୁସାରେ, ଗତ ସୋମବାର ଦିନ ଚପଲ କିଣିବା ପାଇଁ ବଜାରକୁ ଯିବାକୁ କହି ମହିଳା ଜଣକ ଘରୁ ବାହାରିଥିଲେ। ପରେ ସେ ଟିଟିଲାଗଡ଼ ଥାନା ଅନ୍ତର୍ଗତ ଟିମନଭାଡ଼ି ଗ୍ରାମର କ୍ରିଷ୍ଣା ମାଝୀଙ୍କ ସହ ଚାଲିଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ପରିବାର ପକ୍ଷରୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରାଯାଇଥିଲେ ମଧ୍ୟ ମହିଳାଙ୍କ ସନ୍ଧାନ ମିଳିନଥିବା କୁହାଯାଇଛି। ଏନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇ ମହିଳାଙ୍କୁ ଖୋଜି ବାହାର କରିବାକୁ ଅନୁରୋଧ କରାଯାଇଛି। ପୁଲିସ ଅଭିଯୋଗ ଆଧାରରେ ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

## କୋଇଲା ବୋଝେଇ ଟ୍ରଲର ଚାପାରେ ଗାଁ ଗୌନ୍ତିଆଙ୍କ ମୃତ୍ୟୁ

### ଦୀର୍ଘ ୧୫ ଘଣ୍ଟା ଆନ୍ଦୋଳନ ପରେ ହଟିଲା ରାସ୍ତା ଅବରୋଧ



ସୁନ୍ଦରଗଡ଼,୨୩।୯ (ସଂଚାର ବ୍ୟୁରୋ): ଗତକାଲି ସନ୍ଧ୍ୟା ୭ ଟା ସମୟରେ କୋଲ୍ କରିଡର ରୋଡ୍‌ର ଝିମେର ମହୁଲ ପେଟ୍ରୋଲ ପମ୍ପ ନିକଟରେ ଘଟିଥିଲା ମର୍ମନ୍ତୁଦ ଦୁର୍ଘଟଣା। କୋଇଲା ବୋଝେଇ ଟ୍ରଲର ଚାପାରେ ଘଟଣାସ୍ଥଳରେ ହିଁ ପ୍ରାଣ ହରାଇଥିଲେ ଝିମେର ମହୁଲ ଗାଁର ଗୌନ୍ତିଆ ହେମନ୍ତ ନାଏକ।

ଖବର ପ୍ରଚାରିତ ହେବା ପରେ ଘଟଣାସ୍ଥଳରେ ଜମିଥିଲେ ଶତାଧିକ ସ୍ଥାନୀୟ ଲୋକ ଏବଂ ମୃତଦେହକୁ ରାସ୍ତା ଉପରେ ରଖି ଥିଲେ । କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରିବାରୁ କୋଇଲା ପରିବହନ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ଉଭୟ ପଟରେ ଶହ ଶହ ଗାଡି ଗୁଡିକ ଅଟକି ରହିଥିଲେ । ରାତ୍ରି ୨ଟା ପର୍ଯ୍ୟନ୍ତ ଭଷ୍ମା ପୋଲିସ ଓ ଟାଙ୍ଗରପାଲି ତହସିଲଦାର ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କଲାପରେ ମଧ୍ୟ କୌଣସି ସମାଧାନ ହୋଇ ପାରି ନ ଥିଲା । ସକାଳ ୯ ଟାରେ ଭଷ୍ମା ଥାନା ଅଧିକାରୀ, ଦର୍ଲିପାଲିରେ ଅବସ୍ଥିତ 'ରାଇଜ' ଅନୁଷ୍ଠାନର ସଭାପତି ଅଜୟ କୁମାର ନାଏକ, ଆନ୍ଦୋଳନକାରୀ ଏବଂ ମୃତ ପରିବାର ସହିତ ଆଲୋଚନା ହେଲା ପରେ ସମାଧାନ ହୋଇଥିଲା । ଟ୍ରକ ମାଲିକ ସଂଘ ପକ୍ଷରୁ ୨ ଲକ୍ଷ, ଫରାସ ପକ୍ଷରୁ ୪ ଲକ୍ଷ ଏବଂ ଏମ୍‌ଏସିଟି ଜରିଆରେ ୨ ଲକ୍ଷ, ମୋଟ ୮ ଲକ୍ଷ ଟଙ୍କା କ୍ଷତିପୂରଣ ଯୋଗାଇ ଦେବାର ପ୍ରତିଶ୍ରୁତି ମିଳିବା ପରେ ରାସ୍ତା ଅବରୋଧରୁ ଓହରିଛନ୍ତି ସ୍ଥାନୀୟ ଲୋକେ।

ତେବେ କେବଳ କ୍ଷତିପୂରଣ ନୁହେଁ, ଏହି ରାସ୍ତାରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ସୁରକ୍ଷାକର୍ମୀ ମୁତୟନ ଏବଂ ପାର୍କିଂ ବ୍ୟବସ୍ଥା ଦାବି କରି ଜିଲ୍ଲାପାଳ ଓ ଭଷ୍ମା ପୋଲିସକୁ ଲିଖିତ ଆବେଦନ କରିଛନ୍ତି ସ୍ଥାନୀୟ ଲୋକେ।

## ବ୍ୟାସନଗର ରମ୍ଭାସ ଛକରେ ଆରୋଗ୍ୟମ ୱେଲନେସ କେନ୍ଦ୍ର ଉଦ୍‌ଘାଟିତ



ଯାଜପୁର ରୋଡ଼, ୨୩।୯ (ସଂଚାର ବ୍ୟୁରୋ): ବ୍ୟାସନଗର ପୌରାଅଂଚଳ ସହରର ରମ୍ଭାସ ଛକ ନିକଟରେ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସେବା ପାଇଁ ନୂତନ ଆରୋଗ୍ୟମ ୱେଲନେସ କେନ୍ଦ୍ର ଆଜି ଶୁଭ ଉଦଘାଟନ ହୋଇଯାଇଛି। ଅଂଚଳର ଜଣାଶୁଣା ସମାଜସେବୀ ପ୍ରମିତ ପହିଙ୍କ ପ୍ରଚେଷ୍ଟାରେ ଏହି ଯୋଗ ଓ ୱେଲନେସ କେନ୍ଦ୍ର ଖୋଲାଯାଇଛି। ଏହି ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଜେଡି ନେତା ଶ୍ରୀ ଭବ ପ୍ରସାଦ ଦାସ ଯୋଗଦେଇ ଫିତା କାଟି କେନ୍ଦ୍ରକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ୟାସନଗର ପୌର ପରିଷଦ ଅଧ୍ୟକ୍ଷ ଶ୍ରୀ ସୁଭାଷ ଚନ୍ଦ୍ର ବଳ, କାଉନସିଲର ଶିବାନନ୍ଦ ନାୟକ, ମୋନାଲିସା ସାହୁ, ବିଜୟ ଜେନା, ଓକିଲ ତପସ୍ୱିନୀ ଶତପଥୀ ଓ ବ୍ରିଜେଶ ପତି ଉପସ୍ଥିତ ଥିଲେ। ଏହି ଅବସରରେ ଯୋଗ ଶିକ୍ଷାବିତ୍ ପ୍ରସନ୍ନ ସାହୁ, ରାଜେଶ ପ୍ରସାଦ ନାୟକ, ସସ୍ମିତା ମନୋହରୀ ଓ ମନୋରମା ବେହେରା ଯୋଗ ଦ୍ୱାରା ଶରୀର ଓ ମନ ସୁସ୍ଥ ଏବଂ ରୋଗମୁକ୍ତ ରହିବା ଉପରେ ଆଲୋଚନା କରିଥିଲେ। ଶେଷରେ ସ୍ମରଣିକା ସାହୁ, ରଞ୍ଜିତ ପହି, ପ୍ରତାପ ହରଣ, ଅମୂଲ୍ୟ ବେହେରା ଓ ରବୀନ୍ଦ୍ର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ୨୮ ମାଛଧରା ବୋଟକୁ ଆଶ୍ରୟ ଦେଲା ପାରାଦୀପ ବନ୍ଦର

- ୨୪୮ ମତ୍ସ୍ୟଜୀବୀଙ୍କୁ ମିଳିଲା ସୁରକ୍ଷିତ ଆଶ୍ରୟ



ପାରାଦୀପ, ୨୩।୯ (ସଂଚାର ବ୍ୟୁରୋ): ବଙ୍ଗୋପସାଗରରେ ଗଭୀର ଅବପାତ ଯୋଗୁଁ ସମୁଦ୍ର ଅଶାନ୍ତ ଥିବାରୁ ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ୨୮ଟି ମାଛଧରା ବୋଟକୁ ସୁରକ୍ଷିତ ଆଶ୍ରୟ ଦିଆଯାଇଛି। ବନ୍ଦରର ଇକ୍ୟୁ-୧ ବର୍ଥରେ ଏହି ବୋଟଗୁଡ଼ିକୁ ରଖାଯାଇଛି। ଏହି ବୋଟଗୁଡ଼ିକରେ ମୋଟ ୨୪୮ ଜଣ ମତ୍ସ୍ୟଜୀବୀ ଥିବାବେଳେ, ଅଧିକାଂଶ ମତ୍ସ୍ୟଜୀବୀ ଆନ୍ଧ୍ରପ୍ରଦେଶର ବୋଲି ଜଣାପଡ଼ିଛି। ଖରାପ ପାଣିପାଗ ଯୋଗୁଁ ସମୁଦ୍ରରେ ରହିବା ବିପଦପୂର୍ଣ୍ଣ ହୋଇଥିବାରୁ ସେମାନଙ୍କୁ ବନ୍ଦର ପକ୍ଷରୁ ଏହି ଆଶ୍ରୟ ଦିଆଯାଇଛି। ମତ୍ସ୍ୟଜୀବୀଙ୍କ ଜୀବନ ସୁରକ୍ଷାକୁ ଗୁରୁତ୍ୱ ଦେଇ ବନ୍ଦର ପକ୍ଷରୁ ନିଆଯାଇଥିବା ଏହି ପଦକ୍ଷେପକୁ ସ୍ୱାଗତ କରାଯାଇଛି। ପ୍ରତିକୂଳ ପାଣିପାଗ ସମୟରେ ସମୁଦ୍ରକୁ ନଯିବା ଏବଂ ସତର୍କ ରହିବାକୁ ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି।

## ସାମୁଦ୍ରିକ ନେତୃତ୍ୱ ପାଇଁ କୃଷ୍ଣ ବାପି ରାଜୁଙ୍କୁ 'ଟାଇମ୍ସ ଆଇକନ୍ସ' ସମ୍ମାନ




ପାରାଦୀପ, ୨୩।୯ (ସଂଚାର ବ୍ୟୁରୋ): ଓଡ଼ିଶାର ସାମୁଦ୍ରିକ କ୍ଷେତ୍ରର ବିକାଶ ତଥା ରାଜ୍ୟର ଆର୍ଥିକ ଅଭିବୃଦ୍ଧିରେ ଅବଦାନ ପାଇଁ ପାରାଦୀପ ବନ୍ଦର ପ୍ରାଧିକରଣର ସଚିବ ଶ୍ରୀ କୃଷ୍ଣ ବାପି ରାଜୁଙ୍କୁ 'ଟାଇମ୍ସ ଆଇକନ୍ସ ଅଫ୍ ଓଡ଼ିଶା-୨୦୨୬' ସମ୍ମାନ ପ୍ରଦାନ କରାଯାଇଛି। 'ଏକ୍ସେଲେନ୍ସ ଇନ୍ ମ୍ୟାରିଟାଇମ୍ ଲିଡରଶିପ୍ ଆଣ୍ଡ କଣ୍ଟ୍ରିବ୍ୟୁସନ୍ ଟୁ ଓଡ଼ିଶାସ୍ ଇକୋନୋମିକ୍ ଗ୍ରୋଥ୍' ଶ୍ରେଣୀରେ ତାଙ୍କୁ ଏହି ପ୍ରଶଂସାପତ୍ର ପ୍ରଦାନ କରାଯାଇଛି। ଭୁବନେଶ୍ୱରର ହୋଟେଲ ମେଫେୟାର କନଭେନସନ୍‌ଠାରେ ୨୧ ତାରିଖରେ ଆୟୋଜିତ ଏକ ଭବ୍ୟ ସମ୍ମାନ ସମାରୋହରେ ବଲିଉଡ୍‌ର ବିଶିଷ୍ଟ ଅଭିନେତ୍ରୀ ପୁନମ ଧିଲ୍ଲୋନ୍ ଶ୍ରୀ ରାଜୁଙ୍କୁ ଏହି ପ୍ରଶଂସାପତ୍ର ପ୍ରଦାନ କରିଥିଲେ।

ପାରାଦୀପ ବନ୍ଦରର ସାମୁଦ୍ରିକ କାର୍ଯ୍ୟକଳାପ, ବନ୍ଦର ବିକାଶ ଏବଂ ଓଡ଼ିଶାର ଆର୍ଥିକ ପ୍ରଗତିକୁ ସମର୍ଥନ କରୁଥିବା ବିଭିନ୍ନ ପଦକ୍ଷେପରେ ଶ୍ରୀ ରାଜୁଙ୍କ ଭୂମିକାକୁ ଏହି ସମ୍ମାନ ମାଧ୍ୟମରେ ସ୍ୱୀକୃତି ଦିଆଯାଇଛି। ଏଥିସହ ରାଜ୍ୟରେ ଏକ ଶକ୍ତିଶାଳୀ ଓ ସୁଦୃଢ଼ ସାମୁଦ୍ରିକ ପରିବେଶ ବ୍ୟବସ୍ଥା ଗଠନ ଦିଗରେ ତାଙ୍କ ଅବଦାନକୁ ମଧ୍ୟ ସମ୍ମାନିତ କରାଯାଇଛି।

ଏହି ସମ୍ମାନ ପାରାଦୀପ ବନ୍ଦର ପ୍ରାଧିକରଣର ସାମୁଦ୍ରିକ ବିକାଶ ଓ ଓଡ଼ିଶାର ଆର୍ଥିକ ପ୍ରଗତିରେ ଭୂମିକାକୁ ଆହୁରି ଗୌରବାନ୍ୱିତ କରିଛି।

## ଗଭୀର ଅବପାତ ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନର ବ୍ୟାପକ ପ୍ରସ୍ତୁତି



ମାଲକାନଗିରି, ୨୩।୯ (ସଂଚାର ବ୍ୟୁରୋ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତକୁ ଦୃଷ୍ଟିରେ ରଖି ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଭୀଷଣ ବର୍ଷାର ମୁକାବିଲା ପାଇଁ ପ୍ରସ୍ତୁତିକୁ ଯୁଦ୍ଧକାଳୀନ ଭିତ୍ତିରେ କରାଯାଇଛି। ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ନେତୃତ୍ୱରେ ସମ୍ପୂର୍ଣ୍ଣ ଜିଲ୍ଲା ପ୍ରଶାସନିକ କଳ ସଜାଗ ଓ ପ୍ରସ୍ତୁତ ରହିଛି। ଜିଲ୍ଲାପାଳ ସମସ୍ତ ବିଡିଓ, ତହସିଲଦାର ଓ ପ୍ରଶାସନିକ ଅଧିକାରୀମାନଙ୍କୁ ୨୪ ଘଣ୍ଟିଆ ଆଲର୍ଟରେ ରହିବାକୁ ନିର୍ଦ୍ଦେଶ ଦେବା ସହ ନିଜେ ସମ୍ବେଦନଶୀଳ ତଥା ଜଳମଗ୍ନ ଅଞ୍ଚଳ ଓ ସେତୁଗୁଡ଼ିକୁ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରୁଛନ୍ତି।

ପ୍ରଶାସନ ସ୍ୱାସ୍ଥ୍ୟ ସେବାକୁ ସର୍ବାଧିକ ପ୍ରାଥମିକତା ଦେଇ ବର୍ତ୍ତମାନ ସୁଦ୍ଧା ବିଭିନ୍ନ ମା ଗୃହରେ ୭୭ ଜଣ ଗର୍ଭବତୀଙ୍କୁ ସୁରକ୍ଷିତ ଭାବେ ରଖିଥିବା ବେଳେ ସେମାନଙ୍କ ଜରୁରୀକାଳୀନ ସ୍ଥାନାନ୍ତର ପାଇଁ ଆମ୍ବୁଲାନ୍ସ ସେବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରଖାଯାଇଛି।

ଅପରପକ୍ଷରେ, ବର୍ଷା ଯୋଗୁଁ ଯେଉଁସବୁ ରାସ୍ତାରେ ଗଛ ପଡ଼ିଯାଇଥିଲା, ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଓଡ୍ରାଫ୍ ଓ ଅଗ୍ନିଶମ ଦଳ ଦ୍ୱାରା ସେହି ସମସ୍ତ ରାସ୍ତାକୁ ତୁରନ୍ତ ସଫା କରାଯାଇ ଯାତାୟାତ ସ୍ୱାଭାବିକ କରାଯାଇଛି। ଏହାସହ ଜିଲ୍ଲାର ପାଙ୍ଗାମ, କନ୍ୟାଶ୍ରମ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପୋଲ ନିକଟରେ ପ୍ରଶାସନିକ ଅଧିକାରୀ ଓ ଉଦ୍ଧାରକାରୀ ଦଳ ସଜାଗ ହୋଇ ରହିଛନ୍ତି। ଜିଲ୍ଲାର ଗିରକାନପଲ୍ଲୀ, ଢୁଙ୍ଗିଆପୁଟ, ବଦିଲି ଏବଂ ମୋଟୁ ସ୍ଥିତ ବନ୍ୟା ଆଶ୍ରୟସ୍ଥଳୀଗୁଡ଼ିକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରଖାଯାଇଛି। ମାଲକାନଗିରି ଓ ବାଲିମେଲା ପୌରପାଳିକା ସହରର ବିପଦପୂର୍ଣ୍ଣ ତଥା ତଳିଆ ଅଞ୍ଚଳରେ ରହୁଥିବା ଲୋକଙ୍କୁ ସ୍ଥାନାନ୍ତର କରିବା ପାଇଁ ୪ଟି ବହୁମୁଖୀ କେନ୍ଦ୍ର ପ୍ରସ୍ତୁତ ରଖାଯାଇଛି। ଯାତ୍ରୀମାନଙ୍କ ସୁରକ୍ଷା ଦୃଷ୍ଟିରୁ ହାଇଦ୍ରାବାଦ ଅଭିମୁଖେ ଯାଉଥିବା ବସ୍‌ଗୁଡ଼ିକୁ ସୁକମା ରୋଡ୍ ଦେଇ ଡାଇଭର୍ଟ କରାଯାଇଛି।

ପ୍ରତିକୂଳ ପାଗ ଯୋଗୁଁ ସତୀଗୁଡ଼ା, ଚିତ୍ରକୋଣ୍ଡା ଏବଂ ଧନୁର୍ଜୟଗୁଡ଼ାରେ ନୌକା ବିହାର ଓ ଜଳକ୍ରୀଡ଼ାକୁ ଅସ୍ଥାୟୀ ଭାବେ ବ୍ୟାନ କରାଯିବା ସହ ମତ୍ସ୍ୟଜୀବୀମାନଙ୍କୁ ନଦୀ ବା ଜଳାଶୟ ମଧ୍ୟକୁ ନଯିବା ପାଇଁ ଚେତାବନୀ ଦିଆଯାଇଛି। ଯେକୌଣସି ଜରୁରୀକାଳୀନ ସହାୟତା ପାଇଁ ଟୋଲ୍ ଫ୍ରି ନମ୍ବର '୦୬୮୬୧-୨୩୧୩୭୨' ଜାରି କରାଯାଇଛି। ଜିଲ୍ଲାପାଳ ଜନସାଧାରଣଙ୍କୁ ନିବେଦନ କରିଛନ୍ତି ଯେ କେହି ବି ଆତଙ୍କିତ ନହୋଇ ସରକାରୀ ନିର୍ଦ୍ଦେଶାବଳୀ ପାଳନ କରନ୍ତୁ ଏବଂ ନିରାପଦ ସ୍ଥାନରେ ରୁହନ୍ତୁ।

## ସୁନିଆଁ ତିଥିରେ ଗଜଲକ୍ଷ୍ମୀ ପୂଜା ପାଇଁ ମାଟି ଅନୁକୂଳ

### କମଗରା ଘାଟରୁ ମାଟି ଉଠାଇଲେ ସହରର ବିଭିନ୍ନ ପୂଜା କମିଟି



ଢେଙ୍କାନାଳ, ୨୩।୯ (ସଂଚାର ବ୍ୟୁରୋ): ଢେଙ୍କାନାଳର ବିଶ୍ୱପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜାକୁ ନେଇ ଆରମ୍ଭ ହୋଇଛି ପାରମ୍ପରିକ ପ୍ରସ୍ତୁତି। ପବିତ୍ର ସୁନିଆଁ ତିଥି ଅବସରରେ ଆଜି ଗଜଲକ୍ଷ୍ମୀ ପୂଜା ପାଇଁ ମାଟି ଅନୁକୂଳ କରାଯାଇଛି। ଏହି ଅବସରରେ ସହରର ବିଭିନ୍ନ ପୂଜା ବଜାରର କମିଟି ସଦସ୍ୟମାନେ କମଗରା ଘାଟରେ ପହଞ୍ଚି ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା କରିବା ସହ ମାଟି ଉଠାଇଥିଲେ।

ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଗଜଲକ୍ଷ୍ମୀ ପୂଜା ପାଇଁ ମାଟି ଅନୁକୂଳ କାର୍ଯ୍ୟକୁ ନେଇ ପୂଜା କମିଟି ଓ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି। କମଗରା ଘାଟରେ ବିଭିନ୍ନ ବଜାରର ପୂଜା କମିଟି ସଦସ୍ୟମାନେ ଏକାଠି ହୋଇ ମା' ଗଜଲକ୍ଷ୍ମୀଙ୍କ ମୃଣ୍ମୟୀ ପ୍ରତିମା ନିର୍ମାଣ ପାଇଁ ମାଟି ସଂଗ୍ରହ କରିଥିଲେ। ମାଟି ଅନୁକୂଳ ପରେ ଏହାକୁ ପୂଜା ମଣ୍ଡପକୁ ନିଆଯାଇ ପ୍ରତିମା ନିର୍ମାଣ ପ୍ରକ୍ରିୟା ଆରମ୍ଭ ହେବ।

ଢେଙ୍କାନାଳର ଗଜଲକ୍ଷ୍ମୀ ପୂଜାର ରହିଛି ଦୀର୍ଘ ପରମ୍ପରା ଓ ସ୍ୱତନ୍ତ୍ର ଐତିହ୍ୟ। ପୂଜାକୁ ନେଇ ସହରର ବିଭିନ୍ନ ବଜାର ଓ ସାହିରେ ଏବେଠାରୁ ଚଳଚଞ୍ଚଳତା ବଢ଼ିବାରେ ଲାଗିଛି। ପୂଜା ମଣ୍ଡପ ନିର୍ମାଣ, ସାଜସଜ୍ଜା, ତୋରଣ ଓ ଆଲୋକୀକରଣ ଆଦି କାର୍ଯ୍ୟ ଧୀରେଧୀରେ ଆରମ୍ଭ ହେବାକୁ ଯାଉଥିବା ବେଳେ ମାଟି ଅନୁକୂଳ ସହ ପୂଜାର ଶୁଭାରମ୍ଭ ହୋଇଥିବାରୁ ସହରବାସୀଙ୍କ ମଧ୍ୟରେ ଆନନ୍ଦ ଓ ଉତ୍ସାହ ପ୍ରକାଶ ପାଇଛି।

ମା' ଗଜଲକ୍ଷ୍ମୀଙ୍କ ମୃଣ୍ମୟୀ ପ୍ରତିମା ନିର୍ମାଣରେ ମାଟିର ଗୁରୁତ୍ୱ ରହିଥିବାରୁ ମାଟି ଅନୁକୂଳକୁ ପୂଜାର ଏକ ପ୍ରମୁଖ ପରମ୍ପରା ଭାବେ ଗ୍ରହଣ କରାଯାଏ।

## ଖୋର୍ଦ୍ଧା ଜିଲ୍ଲା ଭରାତ ସ୍କାଉଟ୍ସ ଗାଇଡ୍ସର ସଫଳତା

## ଜିଲ୍ଲା ସମ୍ପାଦକ ସୁଧାକରଙ୍କୁ ରଘୁନାଥ ସେବା ସମ୍ମାନ



ଖୋର୍ଦ୍ଧା, ୨୩।୯ (ସଂଚାର ବ୍ୟୁରୋ): ଅଦ୍ୟ ଓଡିଶା ରାଜ୍ୟ ଭାରତ ସ୍କାଉଟ୍ସ ଓ ଗାଇଡ୍ସର ପ୍ରତିଭା ସମ୍ମାନ ସମାରୋହ ଭୁବନେଶ୍ୱର ସ୍କାଉଟ ଭବନ ଠାରେ ଖୋର୍ଦ୍ଧା ଜିଲ୍ଲା ସ୍କାଉଟ୍ସ ଗାଇଡ୍ସ ସମ୍ପାଦକ ସୁଧାକର ମହାପାତ୍ରଙ୍କୁ ତାଙ୍କ ସାଙ୍ଗଠନିକ ଦକ୍ଷତା, ଉତ୍ସର୍ଗୀକୃତ ସେବା ପାଇଁ ଚଳିତ ୨୦୨୬ ପାଇଁ "ରଘୁନାଥ ସେବା ସମ୍ମାନ" ପ୍ରଦାନ କରାଯାଇଛି। ଏଥି ସହିତ ସ୍କାଉଟ ମାଷ୍ଟର ଚିତରଞ୍ଜନ ବରାଳଙ୍କୁ 'ଲାଇଫ ଟାଇମ ଆଚିଭ ସେବା ସମ୍ମାନ' ଓ ରଚିତା ପଟ୍ଟନାୟକଙ୍କୁ 'ବସନ୍ତ ସେବା ସମ୍ମାନ' ମିଳିଛି । ଭାରତ ସ୍କାଉଟ୍ସ ଗାଇଡ୍ସ ଜାତୀୟ ଉପସଭାପତି ତଥା ରାଜ୍ୟ ମୁଖ୍ୟ କମିଶନର ଡ଼ଃ କାଳିପ୍ରସାଦ ମିଶ୍ର, ରାଜ୍ୟ ସଭାପତି ତଥା ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ରାଜ୍ୟ ଉପସଭାପତି ପ୍ରାକ୍ତନ ଜଷ୍ଟିସ ମନୋରଞ୍ଜନ ମହାନ୍ତି,ରାଜ୍ୟ ସମ୍ପାଦକ ଶରତ ଚନ୍ଦ୍ର ପାଇକରାୟ, ଯୁଗ୍ମସମ୍ପାଦକ ମିହିର ରଞ୍ଜନ ପଟ୍ଟନାୟକ, ଯୁଗ୍ମ ସମ୍ପାଦିକା ଅନାମିକା ଦାଶଙ୍କ ଗହଣରେ ଏହି ସେବା ସମ୍ମାନ ପ୍ରଦାନ କରାଯାଇଥିଲା ।

## ରାସ୍ତାକଡ଼ରେ ପଡ଼ିଛି ସରକାରୀ ଔଷଧ

### ଗର୍ଭବତୀ, ରୋଗୀ, ଶିଶୁଙ୍କୁ ଦିଆଯାଉନି ଆବଶକୀୟ ଔଷଧ



ଫୁଲବାଣୀ, ୨୩।୯ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫୁଲବାଣୀ ସହର ପଟାବାଲି ସାହିସ୍ଥିତ ସୁନାସିର ନଗରରେ ସରକାରୀ ଔଷଧ ରାସ୍ତାକଡ଼ରେ ପଡ଼ିଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଅଞ୍ଚଳରେ ପଡ଼ିଥିବା ଏହି ଔଷଧଗୁଡ଼ିକରେ ଓଡ଼ିଶା ସରକାରଙ୍କ ଔଷଧ 'ବିକ୍ରୟ ପାଇଁ ନୁହେଁ' ବୋଲି ଉଲ୍ଲେଖ ମଧ୍ୟ କରାଯାଇଛି । ଘଟଣାସ୍ଥଳରେ ଛୋଟ ଛୁଆଙ୍କ ପାଇଁ ବ୍ୟବହୃତ କଫ୍ ସିରପ୍, ଗର୍ଭଧାରଣ ପରୀକ୍ଷା କିଟ୍, ଇଞ୍ଜେକସନ୍, ଭିଟାମିନ, ସମେତ ବିଭିନ୍ନ ପ୍ରକାରର ଔଷଧ ପଡ଼ିଥିବା ଦେଖିବାକୁ ମିଳିଛି ।

ଚିନ୍ତାର ବିଷୟ ଔଷଧ ମଧ୍ୟରୁ କେତେକର ମିଆଦ ଶେଷ ହୋଇଯାଇଥିବା ଦେଖିବାକୁ ମିଳିଥିବା ବେଳେ, କେତେକ ଔଷଧର ମିଆଦ ଏବେ ମଧ୍ୟ ରହିଥିବା ଦେଖାଯାଇଛି। ତେବେ ଏଠି ପ୍ରଶ୍ନ ଉଠୁଛି ସରକାରୀ ବ୍ୟବସ୍ଥାରୁ ଏହି ଔଷଧଗୁଡ଼ିକ ଏଠାକୁ ଆସିଲା କିପରି ? କିଏ ଏହାକୁ ଏଠାରେ ଫିଙ୍ଗିଲା ? ମିଆଦ ଶେଷ ଔଷଧ ସହିତ ମିଆଦ ଥିବା ଔଷଧ ମଧ୍ୟ ଏଠାରେ କାହିଁକି ପଡ଼ିଥିଲା ? ଏହାର ପ୍ରକୃତ କାରଣ ଏବେ ତଦନ୍ତ ସାପେକ୍ଷ।

ଘଟଣାକୁ ନେଇ ଉଚ୍ଚସ୍ତରୀୟ ତଦନ୍ତ କରାଯିବା ସହିତ, ଯଦି କୌଣସି ଅବହେଳା କିମ୍ବା ଅନିୟମିତତା ପ୍ରମାଣିତ ହୁଏ, ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ସିଡିଏମଓ ଦାୟିତ୍ୱରେ ଥିବା ସିଡିଏମଓ ପି.କେ ତ୍ରିପାଠୀ ।

# ଅସ୍ତରଙ୍ଗରେ ବିଭିନ୍ନ ଔଷଧ ଦୋକାନରେ ଚଢ଼ାଉ

### ଖୋର୍ଦ୍ଧା ଜୋନ୍ ସହକାରୀ ନିୟନ୍ତ୍ରକଙ୍କ ନେତୃତ୍ୱରେ ଚଢ଼ାଉ

### ଆଳସାହିରୁ ମୁଖ୍ୟ ବଜାର ଯାଏଁ ଦୁଇ ଘଣ୍ଟା ଧରି ମାରାଥନ ଯାଞ୍ଚ




କାକଟପୁର/ଅସ୍ତରଙ୍ଗ, ୨୩।୯ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ଏବେ ଔଷଧ ବ୍ୟବସାୟୀଙ୍କ ପାଇଁ କଡା ସଙ୍କେତ। ଜୀବନ ରକ୍ଷାକାରୀ ଔଷଧ ନାଁରେ ଚାଲିଥିବା ବେପରୁଆ କାରବାର ଉପରେ ରୋକ ଲଗାଇବାକୁ ଡ୍ରଗ୍ସ ବିଭାଗର ଫ୍ଲାଇଂ ସ୍କ୍ୱାଡ୍ ବୁଧବାର ଅପରାହ୍ନରେ ଅସ୍ତରଙ୍ଗ ବଜାରରେ ହଠାତ୍ ପ୍ରବେଶ କରିଥିଲା। ଆଳସାହିରୁ ନଗର ଛକ ଓ ଅସ୍ତରଙ୍ଗ ମୁଖ୍ୟ ବଜାର ଯାଏଁ ବିଭିନ୍ନ ମେଡିସିନ ଷ୍ଟୋରରେ ପ୍ରାୟ ଦୁଇ ଘଣ୍ଟା ଧରି ଚାଲିଲା ଏହି ହାଇ-ଭୋଲଟେଜ୍ ରେଡ୍। ଏହି ଚଢ଼ାଉର ନେତୃତ୍ୱ ନେଇଥିଲେ ଖୋର୍ଦ୍ଧା ଜୋନ୍ ସହକାରୀ ଔଷଧ ନିୟନ୍ତ୍ରକ ଡ଼. ସୁଦର୍ଶନ ବିଶ୍ୱାଳ। ତାଙ୍କ ସହ ପୁରୀ ଜିଲ୍ଲା ଔଷଧ ନିରୀକ୍ଷକ ଡ଼. ଜ୍ଞାନଦା ଶୁଭଲକ୍ଷ୍ମୀ ନନ୍ଦ ଏବଂ ବିଭାଗୀୟ ଅଧିକାରୀ ହିତେଶ କୁମାର ବେହେରାଙ୍କୁ ନେଇ ଗଠିତ ତିନି ଜଣିଆ ସ୍ୱତନ୍ତ୍ର ଟିମ୍ ପ୍ରତ୍ୟେକ ଦୋକାନରେ ଯାଞ୍ଚ କରିଥିଲେ।

ସୂତ୍ର ଅନୁଯାୟୀ, ବିଭାଗ ପାଖକୁ ବାରମ୍ବାର ଅଭିଯୋଗ ଆସୁଥିଲା ଯେ ଗ୍ରାମାଞ୍ଚଳରେ ଅନେକ ମେଡିକାଲ ଷ୍ଟୋର ବିନା ଫାର୍ମାସିଷ୍ଟରେ ଚାଲୁଛି। ବିନା ଡାକ୍ତରୀ ପ୍ରେସକ୍ରିପସନରେ ଆଣ୍ଟିବାୟୋଟିକ୍ ଓ ନିଶା ଔଷଧ ବିକ୍ରି ହେଉଛି। ଅଧିକ ଦାମ ନିଆଯାଉଛି ଓ ଏକ୍ସପାୟାରୀ ଔଷଧ ମଧ୍ୟ ବିକ୍ରି ହେଉଛି ବୋଲି ସନ୍ଦେହ କରାଯାଉଥିଲା।

ଯାଞ୍ଚ ସମୟରେ ଦୋକାନର ଡ୍ରଗ୍ସ ଲାଇସେନ୍ସ ଅଛି କି ନାହିଁ, ଲାଇସେନ୍ସର ବୈଧତା ସରିଛି କି ନାହିଁ, ରେଜିଷ୍ଟର୍ଡ ଫାର୍ମାସିଷ୍ଟ ଦୋକାନରେ ଉପସ୍ଥିତ ଅଛନ୍ତି କି ନାହିଁ, ଔଷଧ କେଉଁ ହୋଲସେଲର ଠାରୁ ଆସୁଛି ତାର ବିଲ୍ ଓ ଷ୍ଟକ୍ ରେଜିଷ୍ଟର, ଏବଂ ଔଷଧ ସଂରକ୍ଷଣ ପାଇଁ ତାପମାତ୍ରା ବ୍ୟବସ୍ଥା ଠିକ୍ ଅଛି କି ନାହିଁ। ଏହା ସହ କିଛି ସନ୍ଦେହଜନକ ଔଷଧର ନମୁନା ସଂଗ୍ରହ କରି ଡ୍ରଗ୍ ଟେଷ୍ଟିଂ ଲାବୋରେଟୋରୀକୁ ପଠାଯାଇଛି। ଫ୍ଲାଇଂ ସ୍କ୍ୱାଡ୍ ପହଞ୍ଚିବା ଖବର ପାଇ କିଛି ଦୋକାନୀ ସଟର ବନ୍ଦ କରି ଚାଲି ଯାଇଥିଲେ। ଯେଉଁମାନେ ଯାଞ୍ଚର ସମ୍ମୁଖୀନ ହେଲେ, ସେମାନଙ୍କ ମଧ୍ୟରୁ ଅନେକଙ୍କ ପାଖରେ ଫାର୍ମାସିଷ୍ଟ ନଥିବା ଦେଖାଯାଇଛି। ଏହି ଚଢ଼ାଉ ପରେ ଅସ୍ତରଙ୍ଗ ଅଞ୍ଚଳର ଅସାଧୁ ବ୍ୟବସାୟୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି।

## ଏସଡ଼ିଜେଏମଙ୍କ ସରକାରୀ ବାସଭବନରୁ ଏସି ପାଇପ ଓ ତାର ଚୋରି ଅଭିଯୋଗରେ ନାବଳକ ଗିରଫ



ନୀଳଗିରି, ୨୩।୯ (ସଂଚାର ବ୍ୟୁରୋ): ନୀଳଗିରି ସବ ଡିଭିଜନାଲ ଜୁଡ଼ିସିଆରୀ ମାଜିଷ୍ଟ୍ରେଟ ଙ୍କ ସରକାରୀ ବାସଭବନ ରେ ଲଗାଯାଇଥିବା ୩ ଗୋଟି ଏସି ରୁ ତମ୍ବା ପାଇପ ଚୋରି ଅଭିଯୋଗ ରେ ନାବଳକ ଗିରଫ ହୋଇଥିବା ଜଣାପଡ଼ିଛି।

ଜୈନିକ ନାବାଳକର ଘର ନୀଳଗିରି ଏନଏସି ୮ ନମ୍ବର ୱାଡ଼ ଚିମିନିଭାଟି ଗ୍ରାମର ବୋଲି ଜଣା ପଡ଼ିଛି। ସେ ଗତ ୨୨ତାରିଖ ମଙ୍ଗଳବାର ବିଳମ୍ବିତ ରାତ୍ରିରେ ଏସି ପାଇପ ଚୋରି କରିଥିବା ନେଇ ନୀଳଗିରି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏନେଇ ନୀଳଗିରି ଥାନା ପକ୍ଷରୁ ୪୩୦/୨୦୨୬ ରେ ଏକ ମାମଲା ରୁଜ୍ଜୁ କରାଯାଇଥିବା ବେଳେ ଆସନ୍ତା ଗୁରୁବାର ବାଲେଶ୍ୱର ଜୁଭେନାଇଲ କୋର୍ଟ ରେ ହାଜର ହେବା ନେଇ ଆଇଓ ଠାକୁରାଦାସ ମୁର୍ମୁ ସୂଚନା ଦେଇଛନ୍ତି।

ପ୍ରକାଶ ଥାଉକି ନୀଳଗିରି ଅଂଚଳରେ ବିଭିନ୍ନ ସ୍ଥାନରେ ଏହିଭଳି ଏସି, ମେସିନର ତମ୍ବା ତାର ଓ ପାଇପ ଚୋରିକରି ଖସିଯାଉଥିଲେ । ସମୟ ବଡ଼ ବଳ ବାନ ।

ଏକାଦଶ ଆୟୁର୍ବେଦ ଦିବସ ପାଳିତ

# ଆୟୁଷ ଚିକିତ୍ସାର ଲୋକପ୍ରିୟତା ବଢ଼ିଛି



ଭୁବନେଶ୍ୱର,୨୩।୯(ସଂଚାର ବ୍ୟୁରୋ)ଃ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶାରେ ଆୟୁର୍ବେଦ ସ୍ୱାସ୍ଥ୍ୟସେବାର ଭିତ୍ତିଭୂମି ଓ ଗୁଣବତ୍ତା ବୃଦ୍ଧି ପାଇଁ ବ୍ୟାପକ ପଦକ୍ଷେପ ନିଆଯାଉଛି। ଆର୍ଥିକ ବର୍ଷ ୨୦୨୪-୨୫ ଓ ୨୦୨୫-୨୬ରେ ୪୦୦ କୋଟିରୁ ଉର୍ଦ୍ଧ୍ୱ ବ୍ୟୟରେ ୫୭୭ରୁ ଅଧିକ ଆୟୁଷ ପ୍ରକଳ୍ପ ଅନୁମୋଦିତ ହୋଇଛି। ମୟୂରଭଞ୍ଜର ରାଇରଙ୍ଗପୁରଠାରେ ୮୫.୭୮ କୋଟି ଟଙ୍କା ବ୍ୟୟରେ ସରକାରୀ ଆୟୁର୍ବେଦ ମେଡିକାଲ କଲେଜ ଓ ହସ୍ପିଟାଲ ସ୍ଥାପନ ଏହି ପ୍ରୟାସର ଏକ ପ୍ରମୁଖ ପଦକ୍ଷେପ। ଭୁବନେଶ୍ୱରରେ ୧୦୦ ଶଯ୍ୟା ବିଶିଷ୍ଟ ଆୟୁର୍ବେଦ ହସ୍ପିଟାଲ ଏବଂ ଜଟଣୀରେ ୧୦୦ ଶଯ୍ୟା ବିଶିଷ୍ଟ ନେଚୁରୋପାଥି ହସ୍ପିଟାଲ ଭୂମିପୂଜନ ହୋଇସାରିଛି। ରାୟଗଡ଼ା, ଗଜପତି ଓ ମାଲକାନଗିରିରେ ୩ଟି ନୂତନ ସରକାରୀ ଆୟୁର୍ବେଦ ମେଡିକାଲ କଲେଜ ଏବଂ ନୂଆପଡ଼ା ଓ ନୟାଗଡ଼ରେ ୨ଟି ସରକାରୀ ହୋମିଓପାଥିକ ମେଡିକାଲ କଲେଜ ସ୍ଥାପନ ପାଇଁ ୨୦୦ କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା କରାଯାଇଛି। ଏହା ଫଳରେ ଆୟୁଷ ଶିକ୍ଷା ଅଧିକ ବିକାଶ କରିବ ବୋଲି ଏକାଦଶ ଆୟୁର୍ବେଦ ଦିବସ ପାଳନ ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି।

ଭୁବନେଶ୍ୱରସ୍ଥିତ ସରକାରୀ ଆୟୁର୍ବେଦିକ ହସ୍ପିଟାଲରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି ଯେ ଆୟୁଷ ସେବାର ଗୁଣବତ୍ତା ବୃଦ୍ଧି ପାଇଁ ସମସ୍ତ ସରକାରୀ ଆୟୁଷ ମେଡିକାଲ କଲେଜ ଓ ୧୧୯୧ଟି ଆୟୁଷ ଔଷଧାଳୟରେ ହାଉସକିପିଙ୍ଗ୍, ପରିଚ୍ଛନ୍ନତା, ସୁରକ୍ଷା ଓ ଲିନେନ୍ ବ୍ୟବସ୍ଥା ସୁଦୃଢ଼ କରାଯାଇଛି। ସରକାରୀ ଆୟୁର୍ବେଦ ଓ ହୋମିଓପାଥିକ ହସ୍ପିଟାଲରେ ୧୬ ପ୍ରକାରର ମାଗଣା ପାଥୋଲୋଜି ପରୀକ୍ଷା ଓ ଆବଶ୍ୟକ ଆୟୁଷ ଔଷଧର ନିରବଚ୍ଛିନ୍ନ ଯୋଗାଣ ପାଇଁ ୨୧.୪୭ କୋଟି ଟଙ୍କା ବ୍ୟୟ କରାଯାଉଛି। କିଛି ଜିଲ୍ଲାରେ ପଞ୍ଚକର୍ମ ସୁବିଧା ଆରମ୍ଭ ହୋଇଥିବା ବେଳେ ଇ-ସଞ୍ଜୀବନୀ ମେଡିସିନ ସେବା ମାଧ୍ୟମରେ ୫୦ଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ବିଶେଷଜ୍ଞ ପରାମର୍ଶ ଯୋଗାଇ ଦିଆଯାଉଛି। ଏହା ସହ ୪୨୨ଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିରକୁ ସୁଦୃଢ଼ କରାଯାଇଛି।

ଆୟୁଷ ଶିକ୍ଷା ଓ ମାନବ ସମ୍ବଳ ବିକାଶ ଦିଗରେ ମଧ୍ୟ ଷ୍ଟାଇପେଣ୍ଡ ଓ ଅଧ୍ୟାପକଙ୍କ ପାରିଶ୍ରମିକ ବୃଦ୍ଧି, ୪ ହଜାରରୁ ଉର୍ଦ୍ଧ୍ୱ ଆୟୁଷ ଡାକ୍ତରଙ୍କ ପାରିଶ୍ରମିକ ବୃଦ୍ଧି ଓ ଦକ୍ଷତା ବିକାଶ ପ୍ରଶିକ୍ଷଣ ଭଳି ପଦକ୍ଷେପ ନିଆଯାଇଛି। ଯୋଗ, ଆୟୁର୍ବେଦ ଓ ହୋମିଓପାଥି ସମ୍ପର୍କରେ ଜନସଚେତନତା ପାଇଁ ବିଭିନ୍ନ ଶିବିର ଓ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଆୟୁଷ କ୍ଷେତ୍ରରେ ଭିତ୍ତିଭୂମି, ଚିକିତ୍ସା, ଶିକ୍ଷା, ମାନବ ସମ୍ବଳ ଓ ଡିଜିଟାଲ୍ ସେବାର ସମନ୍ୱିତ ବିକାଶ ମାଧ୍ୟମରେ ଓଡ଼ିଶା ଏକ ସୁଦୃଢ଼ ଓ ଲୋକାଭିମୁଖୀ ଆୟୁଷ ବ୍ୟବସ୍ଥା ଗଠନ ଦିଗରେ ଆଗକୁ ବଢ଼ୁଛି। କାର୍ଯ୍ୟକ୍ରମରେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ଏକାମ୍ର (ଭୁବନେଶ୍ୱର) ବିଧାୟକ ବାବୁ ସିଂ, ସ୍ୱାସ୍ଥ୍ୟ ସଚିବ ଅଶ୍ୱତୀ ଏସ. ପ୍ରମୁଖ ଉପସ୍ଥିତ ଥିଲେ।

ରାଜଧାନୀରେ ହତ୍ୟା

## ପତ୍ନୀଙ୍କୁ ଡାଙ୍ଗରେ ପିଟିପିଟି ମାରିଦେଲା ସ୍ୱାମୀ

### ୬ ମାସ ହେଲା ମାନସିକ ମେଡିସିନ ଖାଉଥିଲେ

ଭୁବନେଶ୍ୱର,୨୩।୯(ସଂଚାର ବ୍ୟୁରୋ)ଃ ରାଜଧାନୀରେ ହତ୍ୟା। ସାମାନ୍ୟ କଥାକୁ କେନ୍ଦ୍ର କରି ପତ୍ନୀଙ୍କୁ ଡାଙ୍ଗରେ ପିଟିପିଟି ହତ୍ୟା କରିଛି ସ୍ୱାମୀ। ଏଭଳି ଘଟଣା ନୟାପଲ୍ଲୀ ଥାନା ଅନ୍ତର୍ଗତ ବ୍ରିଟ୍ କଲୋନୀରେ ବୁଧବାର ସନ୍ଧ୍ୟାରେ ଘଟିଛି। ହତ୍ୟାକାରୀ ସ୍ୱାମୀ ସର୍ବେଶ୍ୱର ପ୍ରଧାନ(୩୨)ଙ୍କୁ ପୁଲିସ ଅଟକ ରଖି ପଚରାଉଚରା କରୁଥିବା ବେଳେ ହତ୍ୟାର ପ୍ରକୃତ କାରଣ ଜଣାପଡ଼ିନାହିଁ। ତେବେ ସର୍ବେଶ୍ୱର ଗତ ୬ ମାସ ହେବ ମାନସିକ ରୋଗ ଲାଗି ମେଡିସିନ ଖାଉଥିବା ପ୍ରାଥମିକ ତଦନ୍ତରୁ ପୁଲିସ ଜାଣିବାକୁ ପାଇଛି। ଦେଢ଼ବର୍ଷ ତଳେ ସର୍ବେଶ୍ୱର ପ୍ରେମ କରି ବନସ୍ମିତା ସ୍ୱାଇଁ(୨୬)ଙ୍କୁ ବିବାହ କରିଥିବା ବେଳେ ତାଙ୍କର ୬ ମାସର ଏକ ଶିଶୁକନ୍ୟା ରହିଥିବା ଜଣାପଡ଼ିଛି। ସର୍ବେଶ୍ୱରଙ୍କ ନିଜ ଘର କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗରରେ ହୋଇଥିବା ବେଳେ ସେ ବ୍ରିଟ୍ କଲୋନୀରେ ତାଙ୍କ ବାପାଙ୍କ ପାଖରେ ରହୁଥିଲେ। ତାଙ୍କ ବାପା ଠିକାଦାରୀ କରୁଥିବା ବେଳେ ଅଭିଯୁକ୍ତ ସର୍ବେଶ୍ୱର ତାଙ୍କ କାମ ଦେଖାରେଖା କରନ୍ତି। ତେବେ ଗତ କିଛିଦିନ ହେବ ମାନସିକ ଭାରସାମ୍ୟ ହରାଇଥିବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ସେ ମେଡିସିନ ଖାଉଥିଲେ। ବୁଧବାର ସନ୍ଧ୍ୟାରେ ପତ୍ନୀଙ୍କ ସହ କୌଣସି କଥାରୁ ପାଟିତୁଣ୍ଡ ହେବାରୁ ସେ ଡାଙ୍ଗରେ ପତ୍ନୀଙ୍କ ମୁଣ୍ଡକୁ ବାଡ଼େଇ ବାଡ଼େଇ ତାଙ୍କୁ ହତ୍ୟା କରିଥିବା ଜଣାପଡ଼ିଛି। ଖବର ପାଇ ନୟାପଲ୍ଲୀ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ବନସ୍ମିତାଙ୍କ ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ଲାଗି କ୍ୟାପିଟାଲ ହସ୍ପିଟାଲ ପଠାଇଥିବା ଜଣାପଡ଼ିଛି। ଏନେଇ ଅଧିକ ତଦନ୍ତ ଚାଲୁଥିବା ଥାନାଧିକାରୀ ସୂଚନା ଦେଇଛନ୍ତି।

● ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

## ବନ୍ଧାହେଲେ ଗାଇସିଲେଟ୍ ପିଇଓ



ସମ୍ବଲପୁର,୨୩।୯(ସଂଚାର ବ୍ୟୁରୋ)ଃ ଦୁର୍ନୀତି ନିବାରଣ ବିଭାଗ (ଭିଜିଲାନ୍ସ)ର ବଡ଼ ଆକ୍ସନ। ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଜଣେ ପିଇଓ ଗିରଫ ହୋଇଛନ୍ତି। ଆୟଠାରୁ ପ୍ରାୟ ୩୦୦ ପ୍ରତିଶତ ଅଧିକ ସମ୍ପତ୍ତି ଠାବ କରିଛି ସମ୍ବଲପୁର ଭିଜିଲାନ୍ସ ଟିମ୍। ଏନେଇ ଆଜି ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଭିଜିଲାନ୍ସ ଏସପି ପିକେ ଦ୍ୱିବେଦୀ। ସେ ଦେଇଥିବା ସୂଚନାନୁଯାୟୀ, ଗିରଫ ହୋଇଥିବା ଅଧିକାରୀ ହେଉଛନ୍ତି ବରଗଡ଼ ଜିଲ୍ଲା ଗାଇସିଲେଟ୍ ବ୍ଲକ୍ ଅନ୍ତର୍ଗତ କଟାଭାଲ ଗ୍ରାମପଞ୍ଚାୟତର ପିଇଓ କାର୍ତ୍ତିକେଶ୍ୱର ବେହେରା। ସେ ଗୌରେନମୁଣ୍ଡା ଗ୍ରାମପଞ୍ଚାୟତର ଇନଚାର୍ଜ ପିଇଓ ଭାବେ ମଧ୍ୟ ଦାୟିତ୍ୱରେ ଥିଲେ। ତାଙ୍କ ନିକଟରୁ ଆୟଠାରୁ ପ୍ରାୟ ୩୦୦ ପ୍ରତିଶତ ଅଧିକ ସମ୍ପତ୍ତି ଠାବ ହୋଇଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଚଢ଼ାଉ ଓ ତଦନ୍ତ ବେଳେ ଦୁଇଟି ବହୁତଳ କୋଠା, ଗୋଟିଏ ମାର୍କେଟ କମ୍ପ୍ଲେକ୍ସ, ଗୋଟିଏ ଗୋଦାମ ଏବଂ ୩୫ଟି ମୂଲ୍ୟବାନ ପ୍ଲଟ୍ ଠାବ ହୋଇଛି। ଏଥିସହ ନଗଦ ଟଙ୍କା, ଗାଡ଼ି ଓ ସୁନା ମଧ୍ୟ ଠାବ କରିଛି ଭିଜିଲାନ୍ସ। ଏହି ସମ୍ପତ୍ତିର ଉତ୍ସ ସମ୍ପର୍କରେ ସେ ସନ୍ତୋଷଜନକ ହିସାବ ଦେଇପାରି ନ ଥିବା ଅଭିଯୋଗ ହୋଇଛି। ଶ୍ରୀ ବେହେରାଙ୍କୁ ଭିଜିଲାନ୍ସ ଗିରଫ କରିବା ପରେ ବରଗଡ଼ର ସ୍ପେଶାଲ ଜଜ୍, ଭିଜିଲାନ୍ସଙ୍କ ଅଦାଲତରେ ହାଜର କରିଛି। ଏଥିସହ ଘଟଣାରେ ଆହୁରି ତଦନ୍ତ ଜାରି ରହିଛି।

## ମା' ହତ୍ୟାକାରୀକୁ ଆଜୀବନ ଜେଲ

ବାରିପଦା,୨୩।୯(ସଂଚାର ବ୍ୟୁରୋ)ଃ ଆଜି ଏକ ହତ୍ୟା ମାମଲାର ବିଚାରକରି ଅତିରିକ୍ତ ଜିଲ୍ଲା ଓ ଦୌରାଜଜ (ଦ୍ୱିତୀୟ) ସୁମନ କୁମାର ମିଶ୍ର ଅଭିଯୁକ୍ତ ମୟୂରଭଞ୍ଜ ଜିଲ୍ଲା ଶୂଳିଆପଦା ଥାନା ଅନ୍ତର୍ଗତ ଚିଆଁପଦା ଗ୍ରାମର କାହ୍ନୁ କିସ୍କୁ (୩୧)କୁ ଭାରତୀୟ ନ୍ୟାୟ ସଂହିତା ଦଫା ୧୦୩(୧)ରେ ଆଜୀବନ ସଶ୍ରମ କାରାଦଣ୍ଡ ସମେତ ଦୁଇ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ପରିପ୍ରେକ୍ଷୀରେ ଦୋଷୀକୁ ଅଧିକ ୬ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସକାଶେ ଆଦେଶ ଦିଆଯାଇଛି। ମାମଲାର ବିବରଣୀରୁ ଜଣାପଡ଼ିଛି ଯେ ଗତ ୨୦୨୫ ମାର୍ଚ୍ଚ ୭ରେ ଉକ୍ତ ଗ୍ରାମର ଜବା କିସ୍କୁ ବୋବେଇ ଘାସକୁ ଝାଡୁ ତିଆରି କରିବା ପାଇଁ ଘରେ ରଖିଥିଲେ। ତେବେ ଅଭିଯୁକ୍ତ ପୁଅ କାହ୍ନୁ ବୋବେଇ ଘାସଗୁଡ଼ିକୁ ଏଣେତେଣେ ଫିଙ୍ଗାଫୋପଡ଼ା କରୁଥିଲା। ଏଥିରେ ମା' ଜବା ବିରକ୍ତ ହେବାରୁ କାହ୍ନୁ ଉତ୍ତ୍ୟକ୍ତ ହୋଇ ଏକ ବାଡ଼ିରେ ତାଙ୍କ ମୁଣ୍ଡକୁ ଆଘାତ ଦେଇଥିଲା। ଫଳରେ ମୁଣ୍ଡରୁ ଅତ୍ୟଧିକ ରକ୍ତସ୍ରାବ ହେବାରୁ ଜବାଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଯାଇଥିଲା। ଏ ବାବଦରେ ଜବାଙ୍କ ସାନ ପୁଅ ମହାନ୍ତିର ଅଭିଯୋଗ ମୁତାବକ ଶୂଳିଆପଦା ଥାନାରେ ୩୯/୨୫ରେ ଏକ ହତ୍ୟା ମାମଲା ରୁଜୁ କରାଯାଇ ଅଭିଯୁକ୍ତ କାହ୍ନୁକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଆଜି ଅଦାଲତ ୧୨ ଜଣ ସାକ୍ଷୀଙ୍କ ସାକ୍ଷ୍ୟଓ ଆବଶ୍ୟକୀୟ ପ୍ରମାଣକୁ ଭିତ୍ତି କରି ଚୂଡ଼ାନ୍ତ ରାୟ ପ୍ରକାଶ କରିଛନ୍ତି। ଉକ୍ତ ମାମଲାକୁ ସତ୍ୟବ୍ରତ ମହାନ୍ତି ଓ ଗଣେଶ୍ୱର ସାହୁ ପରିଚାଳନା କରୁଥିବା ବେଳେ ଜିଲ୍ଲା ଅଭିଯୋଗ ନିର୍ଦ୍ଦେଶାଳୟ ପକ୍ଷରୁ ମାମଲାର ନିରୀକ୍ଷଣ କରାଯାଉଥିଲା।

## ବାଇକକୁ ଧକ୍କା ଦେଲା ଟ୍ରକ୍ଃ ଦମ୍ପତି ମୃତ

କେନ୍ଦୁଝର,୨୩।୯(ସଂଚାର ବ୍ୟୁରୋ)ଃ ବାଇକକୁ ଧକ୍କା ଦେଲା ଟ୍ରକ୍। ଦମ୍ପତିଙ୍କ ମୃତ୍ୟୁ। କେନ୍ଦୁଝର ଟାଉନ ଥାନା ଧୁରପଦରେ ଭୟାବହ ଦୁର୍ଘଟଣା। ସୂଚନାନୁଯାୟୀ, ବାଇକରେ ଦମ୍ପତି ଯାଉଥିବା ବେଳେ ଧୁରପଦା ନିକଟରେ ସେମାନଙ୍କୁ ଏକ ଟ୍ରକ୍ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଉଭୟଙ୍କର ମୃତ୍ୟୁ ଘଟିଛି। ତେବେ ମୃତ ଦମ୍ପତିଙ୍କ ପରିଚୟ ମିଳିପାରିନାହିଁ। ଦୁର୍ଘଟଣା ଘଟାଇଥିବା ଗାଡ଼ିଟି ତେଲକୋଇ ବ୍ଲକ ଜଗମୋହନ ଅଞ୍ଚଳର ବୋଲି ଜଣାପଡ଼ିଛି। ଦୁର୍ଘଟଣା ପରେ ଟ୍ରକ୍‌ଟି ଫେରାର ହୋଇଯାଇଛି। ମୃତଦେହକୁ ଜବତ କରି କେନ୍ଦୁଝର ଟାଉନ ଥାନା ପୁଲିସ ତଦନ୍ତ କରୁଛି। ଏଥିସହ ପୁଲିସ୍ ଫେରାର୍ ଟ୍ରକ୍‌କୁ ଧରିବା ପାଇଁ ମଧ୍ୟ ତଦନ୍ତ ଚଳାଇଛି।

## ରାସ୍ତାରେ ଓଲଟିଲା କଦଳୀ ବୋଝେଇ ଟ୍ରକ୍



ଭୁବନେଶ୍ୱର,୨୩।୯(ସଂଚାର ବ୍ୟୁରୋ)ଃ ରାଜଧାନୀ ଭୁବନେଶ୍ୱରର ଜୟଦେବ ବିହାର ଜାତୀୟ ରାଜପଥରେ ଏକ କାର୍‌କୁ ଧକ୍କା ଦେଇ କଦଳୀ ବୋଝେଇ ଟ୍ରକ୍ ଓଲଟିପଡ଼ିଛି। ଏହି ଦୁର୍ଘଟଣାରେ ଟ୍ରକ୍ ଡ୍ରାଇଭର ଜଣଙ୍କ ଗୁରୁତର ଭାବେ ଆହତ ହୋଇଥିବା ବେଳେ ନୟାପଲ୍ଲୀ ପୁଲିସ ତାଙ୍କୁ ଉଦ୍ଧାର କରିଛି। ମିଳିଥିବା ସୂଚନାନୁଯାୟୀ, ଉକ୍ତ କଦଳୀ ବୋଝେଇ ଟ୍ରକ୍‌ଟି ଆନ୍ଧ୍ରପ୍ରଦେଶରୁ ଯାଜପୁର ଅଭିମୁଖେ ଯାତ୍ରା କରୁଥିବା ସମୟରେ ଜୟଦେବ ବିହାର ନିକଟସ୍ଥ ଜାତୀୟ ରାଜପଥରେ ଏହା ଏକ କାର୍‌କୁ ଧକ୍କା ଦେଇ ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟିପଡ଼ିଥିଲା। ଦୁର୍ଘଟଣା ଖବର ପାଇ ନୟାପଲ୍ଲୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଭାବେ ଆହତ ହୋଇଥିବା ଟ୍ରକ୍ ଡ୍ରାଇଭରଙ୍କୁ ଉଦ୍ଧାର କରି ନିକଟସ୍ଥ ହସ୍ପିଟାଲ୍‌ରେ ଭର୍ତ୍ତି କରିଛି। ଏଥିସହ ପୁଲିସ୍ ତା'ର ତଦନ୍ତ ବି ଜାରି ରଖିଛି।

● 'ଦମନ'ରେ ଅପରାଧୀ ଓ ଅସାମାଜିକଙ୍କ ବିରୋଧରେ କଡ଼ା ପଦକ୍ଷେପ

## ୧୦୯ ଏନ୍‌ବିଡବ୍ଲ୍ୟୁ କାର୍ଯ୍ୟକାରୀ, ୧୪୮ ଅବକାରୀ ମାମଲା

ଭୁବନେଶ୍ୱର,୨୩।୯(ସଂଚାର ବ୍ୟୁରୋ)ଃ ଆଗାମୀ ପାର୍ବଣକୁ ଦୃଷ୍ଟିରେ ରଖି ରାଜ୍ୟରେ ଶାନ୍ତି, ଶୃଙ୍ଖଳା ଓ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ପୁଲିସ, କମିଶନରେଟ୍ ପୁଲିସ, ରେଳବାଇ ପୁଲିସ ଓ ଅନ୍ୟାନ୍ୟ ପୁଲିସ ୟୁନିଟ୍‌ଗୁଡ଼ିକର ମିଳିତ ସମନ୍ୱୟରେ ଚାଲିଥିବା ସ୍ୱତନ୍ତ୍ର ଅଭିଯାନ 'ଦମନ'କୁ ଅଧିକ ଜୋରଦାର କରାଯାଇଛି। ଗତ ୨୧ରୁ ରାଜ୍ୟବ୍ୟାପୀ ଚାଲିଥିବା ଏହି ଅଭିଯାନରେ ଅପରାଧୀ ଓ ଅସାମାଜିକଙ୍କ ବିରୋଧରେ ବ୍ୟାପକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଅଦ୍ୟାବଧି ୧୦୯ଟି ଜାମିନବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) କାର୍ଯ୍ୟକାରୀ କରାଯାଇଥିବା ବେଳେ ୪୦ ଜଣଙ୍କ ବିରୋଧରେ ବିଏନ୍‌ଏସ୍‌ଏସ୍ ଧାରା ୧୨୯ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯାଇଛି। ସେହିପରି ଅବକାରୀ ଆଇନ ଉଲ୍ଲଂଘନ ବିରୋଧରେ ୧୪୮ଟି ମାମଲା ରୁଜୁ କରାଯାଇ ୬ ଜଣଙ୍କୁ ଗିରଫ କରାଯାଇଛି। ଏହି କାର୍ଯ୍ୟାନୁଷ୍ଠାନରେ ବିପୁଳ ପରିମାଣର ଦେଶୀ ଓ ବିଦେଶୀ ମଦ ସହ ଅନ୍ୟାନ୍ୟ ଅବକାରୀ ସାମଗ୍ରୀ ଜବତ ହୋଇଛି। ଏହି ସମୟରେ ୮୯୫ ଲିଟର ଦେଶୀ ମଦ, ୧୯୩ ଲିଟର ବିଦେଶୀ ମଦ, ୯୮ ଲିଟର ଆସ୍କା-୪୦, ୨୦୯ ଲିଟର ଦେଶୀ ମହୁଲି ଜବତ କରାଯାଇଛି।

ସେହିପରି ନିଶାଦ୍ରବ୍ୟ ବିରୋଧୀ ଅଭିଯାନରେ ୧୫ଟି ଏନ୍‌ଡିପିଏସ୍ ମାମଲା ରୁଜୁ କରାଯାଇ ୧୮ ଜଣଙ୍କୁ ଗିରଫ କରାଯାଇଛି। ପ୍ରାୟ ୧,୯୧୮ କେଜି ଗଞ୍ଜେଇ, ୬୩.୬୨୮ ଗ୍ରାମ୍ ବ୍ରାଉନ୍‌ସୁଗର ଓ ୬୦ ବୋତଲ କଫ୍ ସିରପ୍ ଜବତ କରାଯାଇଛି। ଏଥିସହ ନିଶା କାରବାରରେ ବ୍ୟବହୃତ ଯାନବାହନ, ମୋବାଇଲ ଫୋନ୍ ଓ ନଗଦ ଟଙ୍କା ମଧ୍ୟ ଜବତ ହୋଇଛି। ଏହାବ୍ୟତୀତ ଜୁଆ ଓ ବେଆଇନ ଚାନ୍ଦା ଆଦାୟ ବିରୋଧରେ ମଧ୍ୟ ଚଢ଼ାଉ କରାଯାଇଛି। ଜୁଆ ସମ୍ପର୍କିତ ୨ଟି ମାମଲାରେ ୧୦ ଜଣ ଗିରଫ ହୋଇଥିବା ବେଳେ ୩ଟି ବେଆଇନ ଚାନ୍ଦା ଆଦାୟ ମାମଲାରେ ୩ ଜଣଙ୍କୁ ଗିରଫ କରାଯାଇଛି। ଏହି ମାମଲାରେ ନଗଦ ଟଙ୍କା ଓ ମୋବାଇଲ ଫୋନ୍ ଜବତ କରାଯାଇଛି। ଏହାବ୍ୟତୀତ ବେଆଇନ ଅସ୍ତ୍ରଶସ୍ତ୍ର ବିରୋଧରେ ଅଭିଯାନ ସମୟରେ ଗୋଟିଏ ବନ୍ଧୁକ ଓ ମାରଣାସ୍ତ୍ର ଜବତ କରାଯାଇଛି। ଅପରାଧୀଙ୍କ ଗତିବିଧି ଉପରେ ନଜର ରଖିବା ସହ ସୀମାନ୍ତ ଅଞ୍ଚଳରେ ୧୫୧ଟି ବ୍ଲକିଂ ଓ ବର୍ଡର ସିଲିଂ କରାଯାଇଛି। ସଂଗଠିତ ଅପରାଧ ବିରୋଧରେ ମଧ୍ୟ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯାଇଛି। ପାର୍ବଣ ସମୟରେ ରାଜ୍ୟବାସୀଙ୍କ ସୁରକ୍ଷା, ଶାନ୍ତି ଓ ନିରାପଦ ପରିବେଶ ସୁନିଶ୍ଚିତ କରିବା ପାଇଁ 'ଦମନ' ଅଭିଯାନ ଆସନ୍ତା ୩୦ ପର୍ଯ୍ୟନ୍ତ ଜାରି ରହିବ। ଅପରାଧୀ ଓ ଅସାମାଜିକଙ୍କ ବିରୋଧରେ ଏହି ଅଭିଯାନକୁ ଆଗାମୀ ଦିନରେ ଆହୁରି ବ୍ୟାପକ କରାଯିବ ବୋଲି ଡିଜିପି ଶ୍ରୀ ମିଶ୍ର କହିଛନ୍ତି।



## ମୁଖ୍ୟ ରାସ୍ତାରେ ହାତୀ, ଯାତାୟାତ ପ୍ରଭାବିତ

ଆଠଗଡ଼,୨୩।୯(ସଂଚାର ବ୍ୟୁରୋ)ଃ ଆଠଗଡ଼ରେ ହାତୀ ଉପଦ୍ରବ। ଆଠଗଡ଼ ବନାଞ୍ଚଳ ପାଞ୍ଚଗାଁ ନୂଆସଡ଼କ ନିକଟରେ ଆତଙ୍କ ଖେଳାଇଛି ହାତୀ। ସୋରିଷପାଳ ସଂରକ୍ଷିତ ଜଙ୍ଗଲରୁ ହାତୀଟି ଆସିଛି। ତିଗିରିଆ ସେକ୍ସନ ପାଦ ଦେଶରେ ଥିବା ନୂଆସଡ଼କ-ଗୋଡ଼ିଝରିଆ ରାସ୍ତାର କଲମି ବଗିଚା ନିକଟରେ ଗୋଟିଏ ହାତୀଟି ପହଞ୍ଚିଥିଲା। ହାତୀଟି ରାସ୍ତା କଡ଼ରେ ଥିବା ଜମିଗୁଡ଼ିକରେ ପଶି ବ୍ୟାପକ ଫସଲ ନଷ୍ଟ କରିଛି। ହାତୀଟି ବହୁ ସମୟ ଧରି ମୁଖ୍ୟ ରାସ୍ତା ଉପରେ ବୁଲିବା ଯୋଗୁଁ ଯାତାୟାତ ମଧ୍ୟ ପ୍ରଭାବିତ ହୋଇଛି। ପରେ ହାତୀଟି ଏକ ପୋଖରୀ ଭିତରେ ପଶି ଜଳ କ୍ରୀଡ଼ା କରିଥିଲା।

ପୋଖରୀରେ ହାତୀଟି ଦୀର୍ଘ ସମୟ ଧରି ରହିବା ସହ ଜଳକ୍ରୀଡ଼ା କରୁଥିବା ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଥିଲା। ହାତୀଟିକୁ ଦେଖିବା ପାଇଁ ଆଖପାଖ ଅଞ୍ଚଳର ଲୋକଙ୍କ ଭିଡ଼ ଲାଗିଥିଲା। ତେବେ ହାତୀ ନିକଟକୁ ନ ଯିବାକୁ ବନ ବିଭାଗ ପକ୍ଷରୁ ଲୋକଙ୍କୁ ସତର୍କ କରାଯାଇଛି। ହାତୀଟିକୁ ସୁରକ୍ଷିତ ଭାବେ ଜଙ୍ଗଲ ଭିତରକୁ ଘଉଡ଼ାଇବା ପାଇଁ ବନ ବିଭାଗର କର୍ମଚାରୀମାନେ ଉଦ୍ୟମ ଚଳାଇଛନ୍ତି।

## ବନ୍ଧୁକ, ଅଫୁଟା ଗୁଳି ଓ ମାଗାଜିନ ଜବତଃ ଜଣେ ଗିରଫ



ସୋନପୁର,୨୩।୯(ସଂଚାର ବ୍ୟୁରୋ)ଃ ପାଟ୍ରୋଲିଂ ଡ୍ୟୁଟି ସମୟରେ ବୈଦ୍ୟନାଥ ବ୍ରିଜ୍ ନିକଟରେ ଅବୈଧ ଅସ୍ତ୍ରଶସ୍ତ୍ର ବିକ୍ରି ଓ କାରବାର ନେଇ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ସୋନପୁର ପୁଲିସ ଚଢ଼ାଉ କରିଛି। ତେବେ ପୁଲିସ ଟିମ୍‌କୁ ଦେଖି ଦୁଇ ଜଣ ବ୍ୟକ୍ତି ଘଟଣାସ୍ଥଳରୁ ଦୌଡ଼ି ପଳାଇଥିବା ବେଳେ ଜଣେ ବ୍ୟକ୍ତିଙ୍କୁ କାବୁ କରାଯାଇଛି। ଗିରଫ ବ୍ୟକ୍ତି ଜଣଙ୍କ ସତ୍ୟରାମ ଚୌଳିଆ (୨୩) ବୋଲି ଜଣାପଡ଼ିଛି। ତାଙ୍କୁ ପୁଲିସ୍ ତଲାସୀ କରିବା ସମୟରେ ତାଙ୍କଠାରୁ ଗୋଟିଏ ବନ୍ଧୁକ, ୩ଟି ଅଫୁଟା ଗୁଳି ଓ ଗୋଟିଏ ମାଗାଜିନ ସହ ୧୦ ହଜାର ଟଙ୍କା ଓ ଗୋଟିଏ ଆଇଫୋନ ଜବତ କରାଯାଇଛି। ଜବତ ଅସ୍ତ୍ରଶସ୍ତ୍ର ରଖିବା ପାଇଁ ସତ୍ୟରାମ କୌଣସି ବୈଧ ଲାଇସେନ୍ସ କିମ୍ବା ଆଇନସମ୍ମତ ଅନୁମତି ଦେଖାଇ ପାରି ନ ଥିଲେ। ପଚରାଉଚରା ସମୟରେ ଅବୈଧ ଅସ୍ତ୍ରଶସ୍ତ୍ର ଓ ଗୁଳିର ବିକ୍ରୟ ତଥା କାରବାରରେ ତାଙ୍କ ସମ୍ପୃକ୍ତି ଥିବା ନେଇ ସେ ସୂଚନା ଦେଇଥିବା ପୁଲିସ କହିଛି। ଏହି ଅସ୍ତ୍ରକୁ ଡକାୟତି ଓ ରାହାଜାନି ସମୟରେ ଲୋକଙ୍କୁ ଭୟଭୀତ କରିବା ପାଇଁ ବ୍ୟବହାର କରାଯାଇଥିବା ନେଇ ମଧ୍ୟ ସୂଚନା ମିଳିଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ପୁଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

## ୬୦୦ ବୋତଲ କଫ ସିରପ ଜବତଃ ଦୁଇ ଗିରଫ



ସୁବର୍ଣ୍ଣପୁର,୨୩।୯(ସଂଚାର ବ୍ୟୁରୋ)ଃ ସୁବର୍ଣ୍ଣପୁର ଜିଲ୍ଲା ତରଭା ପୁଲିସ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇବା ପରେ ଏକ ଟିମ୍ ଥାନା ଅନ୍ତର୍ଗତ ଦୁଙ୍ଗୁରିପାଲି ଛକରେ ଚଢ଼ାଉ କରି ବେଆଇନ କଫ ସିରପ ଚାଲାଣ ସମୟରେ ଦୁଇ ଜଣଙ୍କୁ ଗିରଫ କରିଛି। ଏଥିସହ ସେମାନଙ୍କଠାରୁ ପୁଲିସ୍ ୬୦୦ ବୋତଲ କଫ୍ ସିରପ ମଧ୍ୟ ଜବତ କରିଛି। ଉକ୍ତ ଦୁଇ ବ୍ୟକ୍ତି କଫ ସିରପ ବାବଦରେ କୌଣସି ବୈଧ କାଗଜପତ୍ର ଦେଖାଇ ନ ପାରିବାରୁ ସେମାନଙ୍କୁ ଗିରଫ କରାଯାଇଛି। ଏ ସମ୍ପର୍କରେ ଏନ୍‌ଡିପିଏସ୍ ଧାରା ଅନୁଯାୟୀ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ଦେବେନ୍ଦ୍ର ପାତ୍ର ଓ ସତ୍ୟଜିତ ପାତ୍ର। ସେମାନେ ସମ୍ପର୍କରେ ଭାଇ ଓ ସୁବର୍ଣ୍ଣପୁର ଜିଲ୍ଲା ତରଭା ଥାନା ଅନ୍ତର୍ଗତ ବଲାଡି ଗ୍ରାମର ବାସିନ୍ଦା ବୋଲି ଜଣାପଡ଼ିଛି।

● ବେଆଇନ ସାର ଦୋକାନ ଉପରେ ଚଢ଼ାଉ

## ୪୮ ପ୍ୟାକେଟ୍ ସାର ଓ କୀଟନାଶକ ଜବତ; ଦୋକାନ ସିଲ୍



ସତ୍ୟବାଦୀ,୨୩।୯(ସଂଚାର ବ୍ୟୁରୋ)ଃ ସତ୍ୟବାଦୀ ଥାନା ଅନ୍ତର୍ଗତ ଅଳଗୁମ ପଞ୍ଚାୟତ ଜିପୁର ଅଞ୍ଚଳରେ ବେଆଇନ ଭାବେ ଚାଲିଥିବା ଏକ ସାର ଦୋକାନ ଉପରେ ପ୍ରଶାସନ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଛି। ସତ୍ୟବାଦୀ କୃଷି ବିଭାଗ, ପୁଲିସ ଓ ତହସିଲ ପ୍ରଶାସନର ମିଳିତ ସହଯୋଗରେ ଏହି ଚଢ଼ାଉ ହୋଇଥିଲା।

ସୂଚନାନୁଯାୟୀ, ଜିପୁର ଅଞ୍ଚଳରେ ଦୀର୍ଘଦିନ ଧରି କୌଣସି ବୈଧ ଅନୁମତିପତ୍ର ନ ଥାଇ ବେଆଇନ ଭାବେ ସାର ଓ କୀଟନାଶକ ଔଷଧ ବିକ୍ରି ହେଉଥିବା ଖବର ପ୍ରଶାସନ ନିକଟରେ ପହଞ୍ଚିଥିଲା। ଏହାପରେ ସତ୍ୟବାଦୀ କୃଷି ବିଭାଗର ଅଧିକାରୀ ସୁଦେଷ୍ଣା ପରିଡ଼ା, ସତ୍ୟବାଦୀ ପୁଲିସ ଓ ଅତିରିକ୍ତ ତହସିଲଦାର ଓମ ପ୍ରକାଶ ପରିଡ଼ାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଅଚାନକ ଦୋକାନରେ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ଦୋକାନରୁ ୪୮ ପ୍ୟାକେଟ୍ ବେଆଇନ ଫର୍ଟିଲାଇଜର ସମେତ ବିପୁଳ ପରିମାଣର କୀଟନାଶକ ଔଷଧ ଜବତ କରାଯାଇଥିଲା। ପରେ ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ଦୋକାନକୁ ସମ୍ପୂର୍ଣ୍ଣ ସିଲ୍ କରିଦିଆଯାଇଛି। ଏହି ବେଆଇନ କାରବାରରେ ସମ୍ପୃକ୍ତ ଯୁବକଙ୍କ ବିରୋଧରେ ସତ୍ୟବାଦୀ କୃଷି ବିଭାଗ ପକ୍ଷରୁ ସତ୍ୟବାଦୀ ଥାନାରେ ଲିଖିତ ଅଭିଯୋଗ ଦାୟର ହୋଇଛି। ଅଭିଯୋଗକୁ ଆଧାର କରି ପୁଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି। ଚାଷୀମାନଙ୍କୁ ବେଆଇନ ସାର ଓ କୀଟନାଶକ ବିକ୍ରିରୁ ସୁରକ୍ଷା ଦେବା ସହ ଅନୁମତି ବିନା ଏଭଳି କାରବାର ଉପରେ ପ୍ରଶାସନର ଚଢ଼ାଉକୁ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ସ୍ୱାଗତ କରିଛନ୍ତି।

ଅତାବିରାରେ ମର୍ମନ୍ତୁଦ ଦୁର୍ଘଟଣା

## ଚାଲିଗଲା ପରିବାରର ରୋଜଗାରିଆ ପୁଅ

● ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକ
● ପରିବାରର ୫ ସଦସ୍ୟ ଅସହାୟ



ଅତାବିରା,୨୩।୯(ସଂଚାର ବ୍ୟୁରୋ)ଃ ସମ୍ବଲପୁର-ବରଗଡ଼ ୫୩ ନମ୍ବର ଜାତୀୟ ରାଜପଥର ଅତାବିରାରେ ଗତକାଲି ସନ୍ଧ୍ୟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ଏଥିରେ ଜଣେ ଯୁବକଙ୍କର ମୃତ୍ୟୁ ହୋଇଛି। ମୃତ ଯୁବକ ଜଣଙ୍କ ହେଉଛନ୍ତି ଅତାବିରା ମିନାର ବନ୍ଧ ପଡ଼ାର ବସନ୍ତ ଚୌଧୁରୀ (୩୫)। ସେ ଠେଲାଗାଡ଼ିରେ ଜଳଖିଆ ବିକ୍ରି କରି ନିଜର ୮ ପ୍ରାଣୀ କୁଟୁମ୍ବ ପୋଷୁଥିଲେ। ମିଳିଥିବା ସୂଚନାନୁସାରେ, ଗତକାଲି ସନ୍ଧ୍ୟା ପ୍ରାୟ ୬ଟାରେ ପରିବାରର ଏକମାତ୍ର ରୋଜଗାରିଆ ପୁଅ ବସନ୍ତ ଅତାବିରା ହାଇସ୍କୁଲ ପଟରୁ ନିଜ ଠେଲାଗାଡ଼ି ଧରି ଘରକୁ ଫେରୁଥିବା ସମୟରେ ଦମଦମା ବ୍ରିଜ ନିକଟରେ ଏକ ଅନିୟନ୍ତ୍ରିତ ପିକଅପ୍ (ନଂ.ସିଜି୦୪ପିଏସ ୨୧୬୩) ତାଙ୍କୁ ପଛପଟୁ ଖୁବ୍ ଜୋରରେ ଧକ୍କା ଦେଇଥିଲା। ଧକ୍କା ଏତେ ଭୟଙ୍କର ଥିଲା ଯେ ଠେଲାଗାଡ଼ିଟି ସମ୍ପୂର୍ଣ୍ଣ ଚୂରମାର ହୋଇଯାଇଥିବା ବେଳେ ଗାଡ଼ିଟି ବସନ୍ତଙ୍କୁ ପ୍ରାୟ ୨ କିମି ଦୂର ଲାଦେରପାଲି ଛକ ପର୍ଯ୍ୟନ୍ତ ଘୋଷାଡ଼ି ନେଇଯାଇଥିଲା। ସେଠାରେ ଗାଡ଼ିରୁ ମୃତଦେହ ତଳେ ପଡ଼ିଯିବା ପରେ ସ୍ଥାନୀୟ ଲୋକେ ଏହା ଦେଖି ରୁଣ୍ଡ ହୋଇଯାଇଥିଲେ। ଦୁର୍ଘଟଣା ଖବର ପ୍ରଚାରିତ ହେବା ପରେ ଉତ୍ତ୍ୟକ୍ତ ପଡ଼ାବାସୀ ଓ ପରିବାର ଲୋକେ ଲାଦେରପାଲି ଛକରେ ମୃତଦେହ ରଖି ୫୩ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ରାସ୍ତାରେ ଶହ ଶହ ସଂଖ୍ୟାରେ ଯାନବାହନ ଦୀର୍ଘ ସମୟ ଅଟକି ରହିଥିଲା। ଖବର ପାଇ ଘଟଣାସ୍ଥଳରେ ଅତାବିରା ଥାନା ଆଇଆଇସି, ବରଗଡ଼ ଏସଡିପି, ବରଗଡ଼ ଗ୍ରାମାଞ୍ଚଳ ଆଇଆଇସି ଓ ସଦର ଆଇଆଇସି ପହଞ୍ଚିଥିଲେ। ପରେ ଅତାବିରା ଅତିରିକ୍ତ ତହସିଲଦାର ରୋଶନି ରାଣୀ ଖମାରୀ, ୧ ନମ୍ବର କାଉନସିଲର, ବିଜେଡି ନେତା ସିଦ୍ଧାର୍ଥ ଶଙ୍କର ପଣ୍ଡା ଓ ଆପ୍ ନେତା ଜୟକୃଷ୍ଣ ଛୁରିଆ ଆଲୋଚନକେରିବା ପରେ ରାସ୍ତାରୋକ ହଟିଥିଲା।

ଏମ୍‌ଏମ୍‌ଡିଆର ବିବାଦଃ ବିଜେପି ସାଂସଦଙ୍କୁ ସୁଜାତାଙ୍କ ପ୍ରଶ୍ନ

# ମା, ମାଟି ସହ ଅନ୍ୟାୟ କରିଛନ୍ତି ବିଜେପି ସାଂସଦ

● ଆଇନ ପ୍ରତ୍ୟାହାର ନହେବାଯାଏଁ ଚାଲିବ ପ୍ରତିବାଦ
● ବିଜେପି କହିଲା, ବିଜେଡି ନେତାଙ୍କ ମଧ୍ୟରେ ନାହିଁ ସମନ୍ୱୟ





ଭୁବନେଶ୍ୱର,୨୩।୯(ସଂଚାର ବ୍ୟୁରୋ)ଃ ବିଜେପି ନେତା ଓ ସାଂସଦମାନେ ରାଜଧର୍ମ ଭୁଲିଯାଇଛନ୍ତି। ନିଜ ମା' ଓ ମାଟି ପ୍ରତି ଅନ୍ୟାୟ କରିଛନ୍ତି। ଖଣି ସଂଶୋଧନ ବିଲ୍ (ଏମ୍‌ଏମ୍‌ଡିଆର୍)କୁ ସମର୍ଥନ କରିଥିବା ବିଜେପି ସାଂସଦମାନେ ଉତ୍ତର ଦିଅନ୍ତୁ, ସେମାନେ କାହା ସହିତ ଅଛନ୍ତି। ନିଜ ମାତୃଭୂମି ସହିତ ନା ଆଉ କାହା ସହିତ? ଓଡ଼ିଶାର ଜେନ-ଜି ଓ ତାଙ୍କ ଭବିଷ୍ୟତ ସହ ନା ଯେଉଁମାନେ ଓଡ଼ିଶାର ସାମ୍ବିଧାନିକ ଅଧିକାର ଛଡ଼ାଇ ନେଉଛନ୍ତି ସେମାନଙ୍କ ସହିତ? ସଂଶୋଧିତ ଏମଏମଡିଆର ଆଇନକୁ ନେଇ ଆଜି ରାଜ୍ୟ ସରକାର ଓ ବିଜେପିକୁ ଏଭଳି ଟାର୍ଗେଟ କରିଛନ୍ତି ବିଜେଡି ନେତ୍ରୀ ସୁଜାତା ରାଉତ।

ଏକ ଭିଡିଓ ବାର୍ତ୍ତାରେ ସେ କହିଛନ୍ତି ଯେ ଓଡ଼ିଶା ବିରୋଧୀ ବିଲ୍ ଆଗରୁ ଆସୁ ନ ଥିଲା। କାରଣ ୨୪ ବର୍ଷ ଧରି ନବୀନ ପଟ୍ଟନାୟକ ରାଜ୍ୟର ଅଧିକାରର ସୁରକ୍ଷା କରି ଆସିଥିଲେ। ବିଜେଡି ସାଂସଦ, ଓଡ଼ିଶାର ସ୍ୱାର୍ଥ ବିରୋଧୀ ଯେକୌଣସି ପଦକ୍ଷେପକୁ ଦୃଢ଼ ଭାବେ ବିରୋଧ କରୁଥିଲେ। ଯେପର୍ଯ୍ୟନ୍ତ ଏହି ସଂଶୋଧିତ ଏମଏମଡିଆର ଆଇନ ପ୍ରତ୍ୟାହୃତ ନ ହୋଇଛି, ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ତା'ର ଲଢ଼େଇ ଜାରି ରଖିବ। ସୁଜାତାଙ୍କ କହିବାନୁସାରେ, ସୁପ୍ରିମକୋର୍ଟଙ୍କ ୨୦୨୪ର ରାୟ ପରେ ରାଜ୍ୟଗୁଡ଼ିକର ଖଣିଜ ଅଧିକାର ଉପରେ ଟିକସ ଲଗାଇବାର ସାମ୍ବିଧାନିକ କ୍ଷମତାକୁ ନେଇ ଏକ ବଡ଼ ଆଇନଗତ ଦିଗ ସ୍ପଷ୍ଟ ହୋଇଥିଲା। ୯ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ରାୟରେ କହିଥିଲେ ଯେ ରୟାଲଟି ନିଜେ ଟିକସ ନୁହେଁ ଓ ରାଜ୍ୟମାନଙ୍କର ଖଣିଜ ଅଧିକାର ଉପରେ ଟିକସ ଲଗାଇବାର କ୍ଷମତା ରହିଛି। ଏହି ରାୟକୁ ଆଧାର କରି ଓଡ଼ିଶା ଭଳି ଖଣିଜ ସମୃଦ୍ଧ ରାଜ୍ୟ ଅତିରିକ୍ତ ରାଜସ୍ୱ ପାଇବାର ସୁଯୋଗ ପାଇଥିଲେ। ସଂଶୋଧିତ ଆଇନରେ ରାଜ୍ୟମାନଙ୍କ ଦ୍ୱାରା ଖଣିଜ ଅଧିକାର ଓ ଖଣିଜ ଜମି ଉପରେ ଅତିରିକ୍ତ ଟିକସ, ସେସ୍ କିମ୍ବା ଅନ୍ୟାନ୍ୟ ଲେଭି ଲଗାଇବାର କ୍ଷମତାକୁ ସୀମିତ କରାଯାଇଛି ବୋଲି ସେ କହିଛନ୍ତି। ସେପଟେ ସୁଜାତାଙ୍କ ଦାବିର ଜବାବ ରଖିଛନ୍ତି ବିଜେପି ବିଧାୟକ ଅଶୋକ ମହାନ୍ତି। ଅଶୋକଙ୍କ କହିବା ଅନୁସାରେ, ଦଳକୁ ଚଳଚଞ୍ଚଳ କରିବା ପାଇଁ ବିଜେଡି ବିଧାନସଭା ବନ୍ଦ ଏଜେଣ୍ଡା ଆପଣାଇଛି। ସୁଜାତା ଖଣି ପ୍ରସଙ୍ଗ ଉଠାଉଥିବା ବେଳେ ବିଜେଡି ବିଧାୟକମାନେ ବହି ତ୍ରୁଟି ପ୍ରସଙ୍ଗରେ ଆଲୋଚନା ଦାବି କରୁଥିବା ସେ କହିଛନ୍ତି। ବହି ତ୍ରୁଟି ପ୍ରସଙ୍ଗରେ ଆଲୋଚନା ପାଇଁ ସରକାର ପ୍ରସ୍ତୁତ ଓ ବିରୋଧୀଙ୍କ ପ୍ରଶ୍ନର ଉତ୍ତର ଦେବାକୁ ମଧ୍ୟ ସରକାର ପ୍ରସ୍ତୁତ ବୋଲି ଅଶୋକ କହିଛନ୍ତି। ବିଧାନସଭାର ମୂଲ୍ୟବାନ ସମୟ ନଷ୍ଟ ନକରି ନେତାମାନଙ୍କ ମଧ୍ୟରେ ସମନ୍ୱୟ ରଖିବାକୁ ସେ ଆହ୍ୱାନ ଦେଇଛନ୍ତି।

ପ୍ରତିଷ୍ଠାତାଃ ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକଃ ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକଃ ଅଜିତ କୁମାର ଦାଶ

## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୩,୩୨୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୦,୫୪୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୩,୩୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୪୦,୫୪୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୩,୩୨୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୪୦,୫୪୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୩,୩୨୦ ଟଙ୍କା ଓ ୨୨ କ୍ୟାରଟେ ୧,୪୦,୫୪୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୫୩,୩୨୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୦,୫୪୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୩,୩୨୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୦,୫୪୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୪୯,୯୦୦ ଟଙ୍କା ହୋଇଛି ।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ବି ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୬ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା ୫୫ ପଇସା ରହିଛି ।

# କସ୍‌ମେଟିକ୍ସ ପ୍ରଡକ୍ଟରେ ଲାଗିବ ଭେଜ୍ ନନଭେଜ୍ ଚିହ୍ନ




**ନୂଆଦିଲ୍ଲୀ,୨୩।୯ଃ** ଏଣିକି ସାବୁନ, ସାମ୍ପୁ, ଟୁଥପେଷ୍ଟ କିମ୍ବା କସମେଟିକ୍ସ କିଣିବା ବେଳେ ପ୍ୟାକେଟ୍‌ରେ ଏକ ନୂଆ ଚିହ୍ନ ଦେଖିବାକୁ ମିଳିବ। ଆଉ ଏହି ଚିହ୍ନ ଆପଣଙ୍କୁ ବତାଇବ କେଉଁଟା ଭେଜ୍ ଆଉ କେଉଁଟା ନନଭେଜ୍। ମାନେ ଆମିଷ ଓ ନିରାମିଷ କେଉଁଟା। ଆମିଷ ପାଇଁ ଗୋଟିଏ ଅଲଗା ରଙ୍ଗର ଚିହ୍ନ ଓ ନିରାମିଷ ସହ ଜଡ଼ିତ ପ୍ରଡକ୍ଟ ପାଇଁ ଆଉ ଗୋଟିଏ ରଙ୍ଗର ଚିହ୍ନ। ବ୍ୟକ୍ତିଗତ ବ୍ୟବହାର ସାମଗ୍ରୀ କିଣିବା ବେଳେ ଗ୍ରାହକଙ୍କୁ ଏହି ଚିହ୍ନ ମାଧ୍ୟମରେ ତଥ୍ୟ ମିଳିବ। କେନ୍ଦ୍ର ସରକାର ନୂଆ ପ୍ୟାକେଜିଂ ନିୟମରେ କେତେଗୁଡ଼ିଏ ପରିବର୍ତ୍ତନ କରିଛନ୍ତି, ଯାହା ଜାଣିବା ଗ୍ରାହକଙ୍କ ପାଇଁ ଜରୁରୀ। ସାବୁନ, ସାମ୍ପୁ, ଟୁଥପେଷ୍ଟ, କସ୍ମେଟିକ୍ସ ଓ ଅନ୍ୟାନ୍ୟ ବ୍ୟକ୍ତିଗତ ବ୍ୟବହାର(ସୌଚ ସାମଗ୍ରୀ) ସାମଗ୍ରୀକୁ ବିଷୟରେ ଗ୍ରାହକଙ୍କୁ ସ୍ପଷ୍ଟ ସୂଚନା ଦେବାକୁ ଏହି ନୂଆ ପ୍ୟାକେଜିଂ ନିୟମ କରାଯାଇଛି। ଉପଭୋକ୍ତା ବିଭାଗ ପକ୍ଷରୁ ଜାରି ହୋଇଥିବା Legal Metrology (Packaged Commodities) Fourth Amendment Rules, 2026 ଅନୁସାରେ ଏହି ନୂଆ ବ୍ୟବସ୍ଥା ଲାଗୁ ହେବ । ସଂଶୋଧିତ ନିୟମରେ Rule 6ରେ ନୂଆ କ୍ଲଜ୍ 6(4A)(d) ଯୋଡ଼ାଯାଇଛି । ଏହା ଅନୁସାରେ ପ୍ୟାକେଟ୍‌ର Principal Display Panel, ଅର୍ଥାତ୍ ଯେଉଁ ମୁଖ୍ୟ ଅଂଶରେ ଆବଶ୍ୟକୀୟ ସୂଚନା ଦିଆଯାଏ, ତାହାର ଉପର ଭାଗରେ ଏହି ରଙ୍ଗୀନ ଡଟ୍ ରହିବ । ନିରାମିଷ ସାମଗ୍ରୀରୁ ତିଆରି ଉତ୍ପାଦ ପାଇଁ ସବୁଜ ରଙ୍ଗର ଡଟ୍ ଚିହ୍ନ ଓ ଆମିଷ ସାମଗ୍ରୀରୁ ତିଆରି ଉତ୍ପାଦ ପାଇଁ ଲାଲ କିମ୍ବା ବାଦାମୀ ରଙ୍ଗର ଡଟ୍ ଚିହ୍ନ ଦିଆଯିବ। ସେପ୍ଟେମ୍ବର ୨୧, ୨୦୨୬ରେ ଗେଜେଟ୍‌ରେ ଏହି ସଂଶୋଧନ ପ୍ରକାଶ ପାଇଛି। ନୋଟିଫିକେସନ୍ ଅନୁସାରେ, ଅଫିସିଆଲ୍ ଗେଜେଟରେ ପ୍ରକାଶ ତାରିଖରୁ ହିଁ ଏହି ନିୟମ ଲାଗୁ ହୋଇଛି। ଏହି ପରିବର୍ତ୍ତନ ଆଇନଗତ ମାପବିଜ୍ଞାନ ଅଧିନିୟମ, ୨୦୦୯ ଅଧୀନରେ କରାଯାଇଛି। ଗ୍ରାହକଙ୍କୁ ଉତ୍ପାଦର ଉତ୍ସ ସମ୍ପର୍କରେ ସ୍ପଷ୍ଟ ସୂଚନା ଦେବା ଦିଗରେ ଏହା ଏକ ନୂଆ ପ୍ୟାକେଜିଂ ବ୍ୟବସ୍ଥା।

# ବେଜିଂକୁ ଇଲେକ୍ଟ୍ରୋନିକ୍ସ ରପ୍ତାନୀ କରୁଛି ନୂଆଦିଲ୍ଲୀ

## ବ୍ରିକ୍ସ ଦେଶକୁ ଏକ୍ସପୋର୍ଟ ବଢ଼ିଛି ୩୪%



**ନୂଆଦିଲ୍ଲୀ,୨୩।୯ଃ** ଦୀର୍ଘଦିନ ଧରି ଚାଲି ଆସିଥିବା ଭାରତ-ଚୀନ୍ ବାଣିଜ୍ୟ ସମୀକରଣରେ ଚୀନ୍ ଅଧିକ ରପ୍ତାନୀ କରୁଥିଲା ଆଉ ଭାରତ ଆମଦାନୀ କରୁଥିଲା। ଫଳରେ ଚୀନ ସହିତ ଭାରତର ବାଣିଜ୍ୟିକ ନିଅଣ୍ଟ ବିଶ୍ୱର ଅନ୍ୟ ଦେଶ ତୁଳନାରେ ବହୁ ଅଧିକ ଥିଲା। ଏବେ ବି ଯଦିଓ ଚୀନ ସହ ଭାରତର ବାଣିଜ୍ୟିକ ନିଅଣ୍ଟ ରହିଛି, ତଥାପି ଦୁଇ ଦେଶର ଦୀର୍ଘକାଳୀନ ବାଣିଜ୍ୟିକ ସମୀକରଣରେ ଏକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଲାଣି। ସରକାରୀ ତଥ୍ୟ ଅନୁସାରେ, ଆର୍ଥିକ ବର୍ଷ ୨୦୨୬-୨୭ର ପ୍ରଥମ ୫ ମାସ, ଅର୍ଥାତ୍ ଏପ୍ରିଲରୁ ଅଗଷ୍ଟ ମଧ୍ୟରେ ଚୀନ୍କୁ ଭାରତର ରପ୍ତାନି ପ୍ରାୟ ୪୦ ପ୍ରତିଶତ ବଢ଼ିଛି। ଏହାର ସିଧା ଅର୍ଥ ଭାରତ ଏବେ ଉତ୍ପାଦନରେ ଓ ରପ୍ତାନୀରେ ଚୀନ ସହ ଟକ୍କର ଦେବାକୁ ବାହାରିଲାଣି। ବ୍ରିକ୍ସ ସମ୍ମିଳନୀ ୨୦୨୬ରେ ସଦସ୍ୟ ଦେଶଗୁଡ଼ିକ ମଧ୍ୟରେ ବାଣିଜ୍ୟ ଓ ଆର୍ଥିକ ସହଯୋଗ ବଢ଼ାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହାରି ମଧ୍ୟରେ ଭାରତର ରପ୍ତାନିକୁ ନେଇ ଆସିଥିବା ନୂଆ ତଥ୍ୟ ଗୁରୁତ୍ୱ ବହନ କରୁଛି। ବିଶେଷକରି ଚୀନ ସମେତ ପ୍ରମୁଖ ବ୍ରିକ୍ସ ଦେଶଗୁଡ଼ିକୁ ଭାରତର ରପ୍ତାନିରେ ଉଲ୍ଲେଖନୀୟ ବୃଦ୍ଧି ଦେଖାଯାଇଛି। ଚୀନକୁ ଭାରତର ରପ୍ତାନିରେ ୩୯% ବୃଦ୍ଧି ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ୫ ମାସ, ଅର୍ଥାତ୍ ଏପ୍ରିଲରୁ ଅଗଷ୍ଟ ମଧ୍ୟରେ, ବ୍ରିକ୍ସର ୫ଟି ଦେଶକୁ ଭାରତର ରପ୍ତାନିରେ ପ୍ରାୟ ୩୪ ପ୍ରତିଶତ ବୃଦ୍ଧି ହୋଇଛି। ଏହି ସମୟରେ ଭାରତର ରପ୍ତାନି ପ୍ରାୟ ୧୯.୯ ବିଲିୟନ ଡଲାରରେ ପହଞ୍ଚିଛି। ସେହିପରି କେବଳ ଚୀନକୁ ଭାରତର ରପ୍ତାନିକୁ ଦେଖିଲେ, ଏଥିରେ ପ୍ରାୟ ୩୯ ପ୍ରତିଶତ ବୃଦ୍ଧି ହୋଇଛି। ଚୀନକୁ ଭାରତର ରପ୍ତାନି ପ୍ରାୟ ୯.୬ ବିଲିୟନ ଡଲାରରେ ପହଞ୍ଚିଛି। ଦୀର୍ଘଦିନ ଧରି ଭାରତ-ଚୀନ ବାଣିଜ୍ୟରେ ଚୀନରୁ ଭାରତକୁ ଆମଦାନି ଭାରତୀୟ ରପ୍ତାନିଠାରୁ ଅଧିକ ରହିଆସିଛି। ତେଣୁ ଚୀନକୁ ରପ୍ତାନି ବୃଦ୍ଧି ଏହି ବାଣିଜ୍ୟ ସମୀକରଣ ପାଇଁ ଗୁରୁତ୍ୱପୂର୍ଣ୍ଣ। ହେଲେ ଏହି ରପ୍ତାନୀ ବୃଦ୍ଧିରେ ଇଲେକ୍ଟ୍ରୋନିକ୍ସ ଏବଂ ଇଞ୍ଜିନିୟରିଂ ସାମଗ୍ରୀର ବଡ଼ ଭୂମିକା ରହିଛି। ଉଲ୍ଲେଖଯୋଗ୍ୟ, ଏହି ସବୁ କ୍ଷେତ୍ର ଚୀନ୍ର ପାରମ୍ପରିକ ରପ୍ତାନି ଶକ୍ତିର ଅଂଶ। ବିଶେଷଜ୍ଞଙ୍କ ମତରେ, ଚୀନ୍କୁ ଭାରତର ରପ୍ତାନି ବୃଦ୍ଧି ଏକ ଅତ୍ୟନ୍ତ ନିମ୍ନ ଆଧାରରୁ ହୋଇଛି ଏବଂ ଏଆଇ ଓ ଡାଟା ସେଣ୍ଟର ନିର୍ମାଣ କାର୍ଯ୍ୟ ଯୋଗୁ ସୃଷ୍ଟି ହୋଇଥିବା ଚାହିଦା ଏଥିରେ ଭୂମିକା ନେଇଛି। ତେବେ ଏହି ବୃଦ୍ଧିକୁ କେବଳ ସାମୟିକ ଚାହିଦା ଭାବେ ଦେଖିବା ପରିବର୍ତ୍ତେ ଏହା ଭାରତ-ଚୀନ୍ ବାଣିଜ୍ୟ ସମ୍ପର୍କରେ ଏକ ଦୀର୍ଘକାଳୀନ ପରିବର୍ତ୍ତନର ସଙ୍କେତ ହୋଇପାରେ।

# ୮୫% ହେଲା ଶସ୍ତା ହେଲା ହୀରା



ନୂଆଦିଲ୍ଲୀ,୨୩।୯ଃ ହୀରା କିଣିବାକୁ ଯୋଜନା କରୁଥିବା ଲୋକଙ୍କ ପାଇଁ ବଡ଼ ଖବର। ହୀରା କିଣିବା ଏବେ ପୂର୍ବ ତୁଳନାରେ। ଶସ୍ତା ହୋଇପାରେ। ଗତ କିଛି ସମୟ ଧରି ବିଶ୍ୱ ବଜାରରେ ଡାଇମଣ୍ଡ ଦାମ ଉପରେ ଚାପ ରହିଛି। ବିଶେଷକରି ଲ୍ୟାବ୍ ପ୍ରସ୍ତୁତ ହେଉଥିବା ଲ୍ୟାବ୍-ଗ୍ରୋନ୍ ଡାଇମଣ୍ଡର ଦାମ ଦ୍ରୁତ ହ୍ରାସ ପାଉଛି। ଏହାର ପ୍ରଭାବ ନ୍ୟାଚୁରାଲ୍ ଡାଇମଣ୍ଡ ବଜାର ଉପରେ ମଧ୍ୟ ପଡ଼ୁଛି।ନ୍ୟାଚୁରାଲ୍ ଡାଇମଣ୍ଡ ଦାମରେ ହ୍ରାସ ନ୍ୟାଚୁରାଲ୍ ଡାଇମଣ୍ଡ ବା ପ୍ରାକୃତିକ ହୀରା ଦୀର୍ଘଦିନ ଧରି ମହଙ୍ଗା ଅଳଙ୍କାରର ପରିଚୟ ଭାବେ ରହିଆସିଛି। କିନ୍ତୁ ବର୍ତ୍ତମାନ ଏହାର ଦାମ ମଧ୍ୟ ଚାପରେ ରହିଛି। ହୋଲସେଲ୍ ବଜାରରେ ନ୍ୟାଚୁରାଲ୍ ଡାଇମଣ୍ଡର ମୂଲ୍ୟ ୨୦୨୧ ତୁଳନାରେ ପ୍ରାୟ ୩୦ ରୁ ୪୦% ପ୍ରତିଶତ କମିଥିବା ଜଣାପଡ଼ିଛି।ଏହାର ପ୍ରମୁଖ କାରଣ ହେଉଛି ଚାହିଦାରେ ହ୍ରାସ ଏବଂ ବଜାରରେ ବଢ଼ୁଥିବା ଯୋଗାଣ। ଏହା ସହିତ ଲ୍ୟାବ୍-ଗ୍ରୋନ୍ ଡାଇମଣ୍ଡର ବିକଳ୍ପ ମଧ୍ୟ ଗ୍ରାହକଙ୍କ ପାଇଁ ଉପଲବ୍ଧ ହୋଇଛି। ଲ୍ୟାବ୍-ଗ୍ରୋନ୍ ଡାଇମଣ୍ଡ ହେଉଛି ଲ୍ୟାବ୍‌ରେ ପ୍ରସ୍ତୁତ କରାଯାଇଥିବା ହୀରା। ଏହାର ରାସାୟନିକ ଗଠନ ନ୍ୟାଚୁରାଲ୍ ଡାଇମଣ୍ଡ ସହ ସମାନ ହୋଇଥାଏ। ତେବେ ଦୁଇଟି ମଧ୍ୟରେ ବଡ଼ ପାର୍ଥକ୍ୟ ହେଉଛି ଏହାର ମୂଲ୍ୟ। ଲ୍ୟାବ୍-ଗ୍ରୋନ୍ ଡାଇମଣ୍ଡ ସାଧାରଣତଃ ନ୍ୟାଚୁରାଲ୍ ଡାଇମଣ୍ଡ ତୁଳନାରେ ୭୦-୮୫ ପ୍ରତିଶତ ପର୍ଯ୍ୟନ୍ତ ଶସ୍ତା ହୋଇପାରେ। ଫଳରେ କମ୍ ବଜେଟ୍‌ରେ ହୀରା କିଣିବାକୁ ଚାହୁଁଥିବା ଗ୍ରାହକଙ୍କ ମଧ୍ୟରେ ଏହାର ଚାହିଦା ବଢ଼ୁଛି। ଚୀନ୍‌ରୁ ବଢ଼ୁଛି ଲ୍ୟାବ୍ ଡାଇମଣ୍ଡ ଯୋଗାଣ ଲ୍ୟାବ୍-ଗ୍ରୋନ୍ ଡାଇମଣ୍ଡର ବଢ଼ୁଥିବା ଯୋଗାଣରେ ଚୀନ୍‌ର ବଡ଼ ଭୂମିକା ରହିଛି। ବିଶ୍ୱର ୬୦% ଅଧିକ ଲ୍ୟାବ୍-ଗ୍ରୋନ୍ ଡାଇମଣ୍ଡ ଚୀନ୍‌ରେ ଉତ୍ପାଦନ ହେଉଥିବା କୁହାଯାଉଛି। ୨୦୨୬ ର ପ୍ରଥମ ୬ ମାସରେ ଚୀନ୍ରୁ ଲ୍ୟାବ୍ ଡାଇମଣ୍ଡ ରପ୍ତାନି ବର୍ଷକୁ ବର୍ଷ ୬୫.୩ ପ୍ରତିଶତ ବଢ଼ିଛି। ଏହା ଫଳରେ ବଜାରରେ ଶସ୍ତା ଡାଇମଣ୍ଡର ଯୋଗାଣ ଆହୁରି ବଢ଼ୁଛି। ବିଶେଷକରି ମଧ୍ୟମ ମୂଲ୍ୟର ନ୍ୟାଚୁରାଲ୍ ଡାଇମଣ୍ଡ ଉପରେ ଏହାର ପ୍ରଭାବ ପଡ଼ୁଛି। କାରଣ ଗ୍ରାହକମାନେ ଏବେ ନ୍ୟାଚୁରାଲ୍ ଡାଇମଣ୍ଡ ବଦଳରେ ଲ୍ୟାବ୍ ଡାଇମଣ୍ଡକୁ ମଧ୍ୟ ବିକଳ୍ପ ଭାବେ ବିଚାର କରୁଛନ୍ତି।

# ନୋଭୋଟେଲ ଭୁବନେଶ୍ୱର ଜନପଥର ଗ୍ରାଣ୍ଡ ଶୁଭାରମ୍ଭ

**ଭୁବନେଶ୍ୱର,୨୩।୯(ସଂଚାର ବ୍ୟୁରୋ):** ଭୁବନେଶ୍ୱରରେ ଅନ୍ତର୍ଜାତୀୟ ଆତିଥେୟତାର ନୂଆ ଅଧ୍ୟାୟ । ଦୈନନ୍ଦିନ ଜୀବନରେ ସୁସ୍ଥତା, ସନ୍ତୁଳନ ଓ ଦୀର୍ଘାୟୁକୁ ପ୍ରୋତ୍ସାହନ ଦେବାର ଲକ୍ଷ୍ୟ ବିଶ୍ୱସ୍ତରୀୟ ହୋଟେଲ ବ୍ରାଣ୍ଡ ନୋଭୋଟେଲ ରାଜଧାନୀ ଭୁବନେଶ୍ୱରରେ ନୂଆ ଅଧ୍ୟାୟ ଆରମ୍ଭ କରିଛି। ନୋଭୋଟେଲ ଭୁବନେଶ୍ୱର ଜନପଥର ଶୁଭାରମ୍ଭ ସହ ମନ୍ଦିର ମାଳିନୀ ସହରରେ ପ୍ରଥମ ଥର ପାଇଁ ପ୍ରବେଶ କରିଛି ଅନ୍ତର୍ଜାତୀୟ ହସ୍ପିଟାଲିଟି ଗ୍ରୁପ୍ ଆକୋର। ଏହା କେବଳ ଏକ ନୂଆ ହୋଟେଲର ଆଗମନ ନୁହେଁ, ବରଂ ଭୁବନେଶ୍ୱରର ଆତିଥେୟତା କ୍ଷେତ୍ରରେ ଏକ ନୂଆ ମାନଦଣ୍ଡର ଆରମ୍ଭ। ନୋଭୋଟେଲ ଭୁବନେଶ୍ୱର ସହରର ପ୍ରଥମ ଅନ୍ତର୍ଜାତୀୟ ବ୍ରାଣ୍ଡେଡ୍ ହସ୍ପିଟାଲିଟି ଡେଷ୍ଟିନେସନ୍ ଭାବେ ବ୍ୟବସାୟ, ପର୍ଯ୍ୟଟନ ଓ ସାଂସ୍କୃତିକ ପରିଚୟକୁ ବିଶ୍ୱସ୍ତରୀୟ ଆତିଥେୟତା ସହ ଯୋଡ଼ିବାର ନୂଆ ସୁଯୋଗ ସୃଷ୍ଟି କରିଛି। ସହିଦ ନଗର ଜନପଥରେ ବୁଧବାର ଏହାର ଶୁଭାରମ୍ଭ କରାଯାଇଛି। ଭୁବନେଶ୍ୱରର ପ୍ରମୁଖ ବ୍ୟାବସାୟିକ ଓ ପର୍ଯ୍ୟଟନସ୍ଥଳଗୁଡ଼ିକ ସହ ଉନ୍ନତ ଯୋଗାଯୋଗ ରହିଥିବା ଅଞ୍ଚଳରେ ନୋଭୋଟେଲ ଭୁବନେଶ୍ୱର ଜନପଥ ଅବସ୍ଥିତ। ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର, ଭୁବନେଶ୍ୱର ରେଳ ଷ୍ଟେସନ, କଳିଙ୍ଗ ଷ୍ଟାଡିୟମ ସମେତ ସହରର ପ୍ରମୁଖ ବାଣିଜ୍ୟିକ ଅଞ୍ଚଳ ଓ ଐତିହ୍ୟସ୍ଥାନଗୁଡ଼ିକ ଏଠାରୁ ସହଜରେ ପହଞ୍ଚିହେବ। ପ୍ରସିଦ୍ଧ ଲିଙ୍ଗରାଜ ମନ୍ଦିର ମଧ୍ୟ ହୋଟେଲ ନିକଟରେ ରହିଛି। ଏହା ଫଳରେ ବ୍ୟାବସାୟିକ ଓ ପର୍ଯ୍ୟଟନ ଉଦ୍ଦେଶ୍ୟରେ ଭୁବନେଶ୍ୱର ଆସୁଥିବା ଅତିଥିଙ୍କ ପାଇଁ ହୋଟେଲଟି ସୁବିଧାଜନକ ହୋଇପାରିବ। ନୋଭୋଟେଲ ଭୁବନେଶ୍ୱରରେ ମୋଟ ୧୧୮ଟି ରୁମ୍ ଓ ସୁଇଟ୍ ରହିଛି। ଆଧୁନିକ




ଡିଜାଇନ୍ ଓ ଆବଶ୍ୟକ ସୁବିଧା ସହ ଏହି ରୁମଗୁଡ଼ିକୁ ପ୍ରସ୍ତୁତ କରାଯାଇଛି। ସୁପିରିୟର ଓ ଏକ୍ଜିକ୍ୟୁଟିଭ୍ ରୁମ୍ ସହ ଦୀର୍ଘ ସମୟ ରହିବା ଓ ପରିବାର ସହ ଯାତ୍ରା କରୁଥିବା ଅତିଥିଙ୍କ ପାଇଁ ବଡ଼ ସୁଇଟ୍‌ର ବ୍ୟବସ୍ଥା ମଧ୍ୟ ରହିଛି। ଆଧୁନିକ ସୁବିଧା, ଉନ୍ନତ ଇଣ୍ଟରନେଟ୍ ସଂଯୋଗ ଓ ଆରାମଦାୟକ ପରିବେଶ ଏହାର ମୁଖ୍ୟ ବିଶେଷତା। ହୋଟେଲରେ ପ୍ରାୟ ୧୨ ହଜାର ବର୍ଗଫୁଟ୍ ପରିମିତ ଅଞ୍ଚଳରେ ସାମାଜିକ ଓ କାର୍ଯ୍ୟକ୍ରମ ଆୟୋଜନ ପାଇଁ ସ୍ଥାନ ରହିଛି। ବିବାହ, କର୍ପୋରେଟ୍ କାର୍ଯ୍ୟକ୍ରମ, ସମ୍ମିଳନୀ, ବୈଠକ ଓ ବିଭିନ୍ନ ସାମାଜିକ ଉତ୍ସବ ପାଇଁ ଏଠାରେ ବିଭିନ୍ନ ପ୍ରକାରର ଭେନ୍ୟୁ ଉପଲବ୍ଧ। ଛୋଟ ଅନୁଷ୍ଠାନଠାରୁ ଆରମ୍ଭ କରି ବଡ଼ କାର୍ଯ୍ୟକ୍ରମ ପର୍ଯ୍ୟନ୍ତ ଆୟୋଜନ କରିବା ପାଇଁ ଏହି ସ୍ଥାନଗୁଡ଼ିକୁ ଡିଜାଇନ୍ କରାଯାଇଛି। ହୋଟେଲର ଖାଦ୍ୟ ଓ ପାନୀୟ ବ୍ୟବସ୍ଥା ମଧ୍ୟ ଏହାର ଅନ୍ୟତମ ଆକର୍ଷଣ। ଫୁଡ୍ ଏକ୍ସଚେଞ୍ଜ୍ ହେଉଛି ହୋଟେଲର ଅଲ୍-ଡେ ଡାଇନିଂ ରେଷ୍ଟୁରାଣ୍ଟ। ଏଠାରେ ବିଭିନ୍ନ ଅନ୍ତର୍ଜାତୀୟ ଖାଦ୍ୟ ସହ ଆଞ୍ଚଳିକ ଖାଦ୍ୟର ସ୍ୱାଦ ମଧ୍ୟ ମିଳିବ। ନୋଭୋଟେଲ ଭୁବନେଶ୍ୱର ଜନପଥର ଜେନେରାଲ ମ୍ୟାନେଜର ନୀଲାଭ ସହାୟ କହିଛନ୍ତି ଯେ ଭୁବନେଶ୍ୱର ପୂର୍ବ ଭାରତର ଏକ ପ୍ରମୁଖ ବ୍ୟାବସାୟିକ ଓ ସାଂସ୍କୃତିକ କେନ୍ଦ୍ର ଭାବେ ଦ୍ରୁତ ଗତିରେ ଆଗକୁ ବଢ଼ୁଛି। ଏହି ବିକାଶ ଯାତ୍ରାର ଅଂଶ ହୋଇପାରିଥିବାରୁ ଆମେ ଗର୍ବିତ। ଆଧୁନିକ ଯାତ୍ରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ନୋଭୋଟେଲ ଭୁବନେଶ୍ୱର ଜନପଥକୁ ପ୍ରସ୍ତୁତ କରାଯାଇଛି। ସର୍ବୋତ୍ତମ ସେବା, ବିଭିନ୍ନ ପ୍ରକାରର ମିଟିଂ ସ୍ପେସ୍ ଓ ଉନ୍ନତ ରହଣି ଅନୁଭୂତି ଏହାର ମୁଖ୍ୟ ବିଶେଷତା।

# ଗୋଲ୍ଡ ଫ୍ଲେକ୍, କନେକ୍ଟ ସହ ଏହି ସିଗାରେଟ୍ ଗୁଡ଼ିକ ହେଲା ମହଙ୍ଗା



ନୂଆଦିଲ୍ଲୀ,୨୩।୯ଃ ସିଗାରେଟ୍ ସେବନ କରୁଥିବା ଲୋକଙ୍କ ପାଇଁ ପୁଣି ଥରେ ପକେଟ୍ ଉପରେ ପ୍ରଭାବ ପଡ଼ିପାରେ । ଆଇଟିସି(ITC) ନିଜର ଲୋକପ୍ରିୟ ବ୍ରାଣ୍ଡ ଗୋଲ୍ଡ ଫ୍ଲେକ୍ ପ୍ରିମିୟମର ମୂଲ୍ୟରେ ସେପ୍ଟେମ୍ବର ୨୦୨୬ରେ ପୁଣି ବୃଦ୍ଧି କରିଛି। ଡିଲର ଚେକ୍ ଅନୁସାରେ ଆସିଥିବା ରିପୋର୍ଟ ମୁତାବିକ , ଏବେ ଗୋଲ୍ଡ ଫ୍ଲେକ୍ ପ୍ରିମିୟମର ୧୦ଟି ସିଗାରେଟ୍ ଥିବା ପ୍ୟାକିଂ ପାଇଁ ଗ୍ରାହକଙ୍କୁ ୧୩୫ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ । ଏହା ପୂର୍ବରୁ ଏହି ପ୍ୟାକ୍ ୧୨୫ ଟଙ୍କାରେ ମିଳୁଥିଲା , ଅର୍ଥାତ୍ କମ୍ପାନୀ ମୂଲ୍ୟରେ ୧୦ ଟଙ୍କା କିମ୍ବା ପ୍ରାୟ ୮ ପ୍ରତିଶତର ବୃଦ୍ଧି କରିଛି । ଆସନ୍ତୁ ବିସ୍ତୃତ ଭାବେ ଜାଣିବା ... ପ୍ରମୁଖ କଥା ଏହା ଯେ, ଚଳିତ ବର୍ଷ ଗୋଲ୍ଡ ଫ୍ଲେକ୍ ପ୍ରିମିୟମର ମୂଲ୍ୟରେ ଦ୍ୱିତୀୟ ଥର ବୃଦ୍ଧି ହୋଇଛି । ଜୁନ୍ ୨୦୨୬ ମସିହାରେ ମଧ୍ୟ କମ୍ପାନୀ ଏହି ବ୍ରାଣ୍ଡର ୧୦-ଷ୍ଟିକ୍ ପ୍ୟାକର ମୂଲ୍ୟ ୧୧୫ଟଙ୍କାରୁ ବଢାଇ ୧୨୫ ଟଙ୍କା କରିଥିଲା । ଏବେ ସେପ୍ଟେମ୍ବରରେ ପୁଣି ଥରେ ୧୦ ଟଙ୍କା ବୃଦ୍ଧି ପରେ ଏହାର ଦାମ୍ ୧୩୫ଟଙ୍କା ହୋଇ ଯାଇଛି । ଏହିପରି ବର୍ଷର ଆରମ୍ଭରୁ ଏବେସୁଦ୍ଧା ଏହି ପ୍ୟାକ୍ ଉପରେ ମୋଟ୍ ୨୦ଟଙ୍କା ବୃଦ୍ଧି ହୋଇ ସାରିଛି । ପ୍ରତିଶତ ହିସାବରେ ଦେଖିବା ତ ମୂଲ୍ୟ ପ୍ରାୟ ୧୭.୪ ପ୍ରତିଶତ ବଢିଛି । ଆଇଟିସି(ITC) ର ଦ୍ୱିତୀୟ ସିଗାରେଟ୍ ବ୍ରାଣ୍ଡ ମଧ୍ୟ ଚଳିତ ବର୍ଷ ମହଙ୍ଗା ହୋଇଛି । ରିପୋର୍ଟ ମୁତାବିକ, କ୍ଲାସିକ୍ କନେକ୍ଟ (Classic Connect) ର ୨୦ଟି ସିଗାରେଟ୍ ଥିବା ପ୍ୟାକ୍‌ର ମୂଲ୍ୟ ୩୯୦ଟଙ୍କାରୁ ବୃଦ୍ଧି ପାଇ ୪୨୮ଟଙ୍କା ହୋଇ ଯାଇଛି । ଅର୍ଥାତ୍ ଏଥିରେ ପ୍ରାୟ ୯.୭୪ ପ୍ରତିଶତ ବୃଦ୍ଧି ଘଟିଛି । ସେହିପରି ଗୋଲ୍ଡ ଫ୍ଲେକ୍ ସୁପର ଷ୍ଟାର୍ (Gold Flake Super Star) ର ୧୦ଟି ସିଗାରେଟ୍ ଥିବା ପ୍ୟାକେଟ୍ ଏବେ ୭୯ଟଙ୍କା ବଦଳରେ ୮୯ ଟଙ୍କାରେ ବିକ୍ରି ହେଉଛି । ଏହି ବ୍ରାଣ୍ଡରେ ପ୍ରାୟ ୧୨.୬୬ ପ୍ରତିଶତ ମୂଲ୍ୟ ବୃଦ୍ଧି ହୋଇଛି । ଏହି ଦୁଇଟି ବ୍ରାଣ୍ଡର ମୂଲ୍ୟରେ ଚଳିତ ବର୍ଷ ପୂର୍ବରୁ ମଧ୍ୟ ପରିବର୍ତ୍ତନ କରାଯାଇ ସାରିଛି। କ୍ଲାସିକ୍ କନେକ୍ଟ (Classic Connect) ର ମୂଲ୍ୟ ଫେବ୍ରୁଆରୀ ମାସରେ ୩୦୦ଟଙ୍କାରୁ ବଢ଼ାଯାଇ ୩୬୦ଟଙ୍କା କରାଯାଇ ଥିଲା ଏବଂ ପରବର୍ତ୍ତୀ ସମୟରେ ଏହାକୁ ୩୯୦ ଟଙ୍କା କରାଯାଇ ଥିଲା । ଅନ୍ୟପଟେ, ଗୋଲ୍ଡ ଫ୍ଲେକ୍ ସୁପର ଷ୍ଟାର୍‌ର ପ୍ୟାକ୍ ପ୍ରଥମେ ୫୯ ଟଙ୍କାରୁ ବୃଦ୍ଧି ପାଇ ୭୦ଟଙ୍କା ହୋଇ ଥିଲା । ଏହାପରେ ଏହାର ମୂଲ୍ୟରେ ଆଉ ଗୋଟିଏ ବୃଦ୍ଧି କରାଯାଇ ଥିଲା । କ୍ରମାଗତ ଭାବେ ହେଉଥିବା ଏହି ମୂଲ୍ୟ ବୃଦ୍ଧି ଯୋଗୁଁ ଆଇଟିସିର ଅନେକ ସିଗାରେଟ୍ ବ୍ରାଣ୍ଡର ଦାମ୍ ବର୍ଷର ଆରମ୍ଭ ତୁଳନାରେ ଅନେକ ଉପରକୁ ଚାଲି ଯାଇଛି । ସିଗାରେଟ୍ ମୂଲ୍ୟରେ ହୋଇଥିବା ଏହି ବୃଦ୍ଧିର ସମ୍ପର୍କ ତମାଖୁ ଉତ୍ପାଦ ଉପରେ ଟିକସ (Tax) ଏବଂ ଶୁଳ୍କ (Duty) ରେ ହୋଇଥିବା ପରିବର୍ତ୍ତନ ସହିତ ଯୋଡ଼ା ଯାଉଛି । ୧ ଫେବ୍ରୁଆରୀ ୨୦୨୬ ମସିହାରୁ ସିଗାରେଟ୍ ଉପରେ GST ହାର ୪୦ ପ୍ରତିଶତ କରାଯାଇ ଥିଲା । ଏହା ସହିତ ଅତିରିକ୍ତ ଅବକାରୀ ଶୁଳ୍କ (Excise Duty) ର ନୂଆ ଢାଞ୍ଚା ମଧ୍ୟ ଲାଗୁ ହୋଇଥିଲା, ଯେଉଁଥିରେ ସିଗାରେଟ୍‌ର ଲମ୍ବ ଏବଂ ଫିଲ୍ଟର୍ ଭଳି ବୈଶିଷ୍ଟ୍ୟ ଆଧାରରେ ଶୁଳ୍କ ଅଲଗା ଅଲଗା ହୋଇ ପାରେ ।

# ଆରମ୍ଭ ହେଲା ପାର୍ବଣ ଋତୁ: ଆକାଶ ଛୁଆଁ ପନିପରିବା ଓ ଫଳ ଦର

**ନୂଆଦିଲ୍ଲୀ,୨୩।୯ଃ** ଉତ୍ସବର ଋତୁ ପାଖେଇ ଆସୁଥିବା ବେଳେ ରାଜଧାନୀ ଦିଲ୍ଲୀ ସମେତ ସାରା ଦେଶରେ ପନିପରିବା ଦର ପୁଣିଥରେ ବୃଦ୍ଧି ପାଇବାରେ ଲାଗିଛି। ଗତ ମାସ ରେ ପନିପରିବା ଦର ୪୦ ରୁ ୫୦ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ଫଳର ଦର ମଧ୍ୟ ଆକାଶଛୁଆଁ ହୋଇଛି। ଏହା ସିଧାସଳଖ ଏବଂ ଗୁରୁତ୍ୱପୂର୍ଣ୍ଣ ଭାବରେ ମଧ୍ୟବିତ୍ତ ପରିବାରର ବଜେଟ୍ ଉପରେ ପ୍ରଭାବ ପକାଉଛି। ଲୋକମାନେ ଫଳ ଓ ପନିପରିବା କିଣିବା କମାଇବାକୁ ଏବଂ ଅନ୍ୟାନ୍ୟ ଖର୍ଚ୍ଚରେ କାଟଛାଣ୍ଟ କରିବାକୁ ବାଧ୍ୟ ହେଉଛନ୍ତି। ପନିପରିବା ଦରର କ୍ରମାଗତ ବୃଦ୍ଧି ଦିଲ୍ଲୀବାସୀଙ୍କ ମଧ୍ୟରେ ଚିନ୍ତା ସୃଷ୍ଟି କରୁଛି। ପରିସ୍ଥିତି ଏପରି ହୋଇଛି ଯେ ଘରେ ପ୍ରତିଦିନ ବ୍ୟବହୃତ ହେଉଥିବା ଆଳୁ ଓ ପିଆଜ ଭଳି ଅତ୍ୟାବଶ୍ୟକ ସାମଗ୍ରୀର ଦର ପୂର୍ବ ଅପେକ୍ଷା ଅଧିକ ରହିଛି। ସବୁଜ ପନିପରିବା ଦରରେ ମଧ୍ୟ ବଡ଼ ଧରଣର ବୃଦ୍ଧି ଘଟିଛି। ହାରାହାରି ଭାବେ ପନିପରିବା ଦର ଦେଢ଼ରୁ ଦୁଇଗୁଣ ବୃଦ୍ଧି ପାଇଛି। ବଜାରରେ ପନିପରିବା ଦର ରିପୋର୍ଟରୁ ଜଣାପଡ଼ିଛି, ଖୁଚୁରା ବଜାରରେ ଟମାଟୋ କିଲୋଗ୍ରାମ ପିଛା ୪୦ ରୁ ୬୦ ଟଙ୍କାରେ ବିକ୍ରି ହେଉଛି। ଅନ୍ୟପକ୍ଷରେ, କିଛି ଦିନ ପୂର୍ବେ କିଲୋଗ୍ରାମ ପିଛା ୩୦-୪୦ ଟଙ୍କାରେ ବିକ୍ରି ହେଉଥିବା ପିଆଜର ଦର ବର୍ତ୍ତମାନ ୮୦ ଟଙ୍କାକୁ ବୃଦ୍ଧି ପାଇଛି। ଅଦା ଓ ରସୁଣ ଦର ମଧ୍ୟ ବୃଦ୍ଧି ପାଇଛି। ଅଦା କିଲୋଗ୍ରାମ ପିଛା ପ୍ରାୟ ୨୪୦ ଟଙ୍କାରେ ବିକ୍ରି ହେଉଛି। ଭେଣ୍ଡି, କାକୁଡ଼ି ଏବଂ ଗୋଲ ଲାଉ ଭଳି ଅନ୍ୟାନ୍ୟ ସବୁଜ ପନିପରିବାର ହୋଲସେଲ୍ ଏବଂ ଖୁଚୁରା ଦରରେ ମଧ୍ୟ ଉଲ୍ଲେଖନୀୟ ବୃଦ୍ଧି ଦେଖିବାକୁ ମିଳୁଛି। ହୋଲସେଲ୍ ଓ ଖୁଚୁରା ଦର କଥା କହିଲେ, ହୋଲସେଲ୍ ବଜାରରେ କିଲୋଗ୍ରାମ ପିଛା ୧୨ ଟଙ୍କାରେ ବିକ୍ରି ହେଉଥିବା ଆଳୁ ଖୁଚୁରା ବଜାରକୁ ଆସିବା ବେଳକୁ ୨୦ ଟଙ୍କା ହୋଇଯାଉଛି। ହୋଲସେଲ୍ ବଜାରରେ କିଲୋଗ୍ରାମ ପିଛା ୩୬-୪୫ ଟଙ୍କାରେ ବିକ୍ରି ହେଉଥିବା ପିଆଜ ଖୁଚୁରା ବଜାରରେ ୭୫-୮୦ ଟଙ୍କାରେ ବିକ୍ରି ହେଉଛି। ବଜାରକୁ ସବୁଜ ପରିବା ଆମଦାନୀ କମିବା ଯୋଗୁଁ ଦର ବୃଦ୍ଧି ପାଇଛି।



**ମାତିଛନ୍ତି ମାଫିଆ**

# ପଶ୍ଚିମବଙ୍ଗକୁ ବେଆଇନ ବାଲି ଚାଲାଣ

ବାଲିଆପାଳ,୨୩।୯ (ସଂଚାର ବ୍ୟୁରୋ): ବାଲିଆପାଳ ତହସିଲ ଅଞ୍ଚଳରେ ଦିନକୁ ଦିନ ଚୋରା ବାଲିଚାଲାଣ ବଢ଼ିବାରେ ଲାଗିଛି। ଟ୍ରାକ୍ଟର, ଡମ୍ପର,ଇଞ୍ଜିନଚାଳିତ ଡଙ୍ଗାରେ ଦିନ ରାତି ବାଲି ବୋଝେଇ କରି ପଶ୍ଚିମବଙ୍ଗକୁ ଚାଲାଣ କରାଯାଉଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।



ଅଭିଯୋଗ ଅନୁସାରେ ଅସ୍ତି ପଞ୍ଚାୟତରେ ବଡ଼ାପାଳ ନିକଟରେ ପ୍ରତ୍ୟେକ ଦିନ ପ୍ରାୟ ସୁବର୍ଣ୍ଣରେଖା ନଦୀ ତଟରୁ ତିନି ଚାରିଟି ସ୍ଥାନରୁ ୫୦ ରୁ ଅଧିକ ଟ୍ରାକ୍ଟର ସାହାର୍ଯ୍ୟରେ ବେଧଡକ ଭାବେ ବାଲି ଉତ୍ତୋଳନ କରି ଅବାଧରେ ଚାଲାଣ କରାଯାଉଛି। ସୁବର୍ଣ୍ଣରେଖା ଗର୍ଭରୁ ଯନ୍ତ୍ର ଚାଳିତ ଡଙ୍ଗାରେ ବେଲଚା ସାହାର୍ଯ୍ୟରେ ବାଲି ଉତ୍ତୋଳନ କରି କୂଳରେ ରଖାଯାଉଛି। ତତ୍ କ୍ଷଣାତ ଟ୍ରାକ୍ଟରରେ ଲୁଡ କରିଯାଇ ଚାଲାଣ କରାଯାଉଛି। ଏହା ବ୍ୟତୀତ ଆଖପାଖ ଅଞ୍ଚଳରେ ବାଲିକୁ ଠୁଳ କରି ରଖାଯାଉଛି। ରାତିରେ ବଡ ବଡ ଡମ୍ପରରେ ବୋଝେଇ କରି ପଶ୍ଚିମବଙ୍ଗକୁ ପଠାଯାଉଛି। ବାଲି ଟ୍ରାକ୍ଟର ଗୁଡିକ ସହଜରେ ଯିବା ଆସିବା ପାଇଁ ନଦୀ ବନ୍ଧକୁ ଅଧାରୁ କାଟି ତଳକୁ ଗଡାଣିଆ କରାଯାଇଛି। ଫଳରେ ନଦୀ ବନ୍ଧ ବିପଦ ସଙ୍କୁଳ ହୋଇଛି।

ଅନ୍ୟ ପକ୍ଷରେ ନଦୀ ବନ୍ଧ ଉପରେ ହୋଇଥିବା ଗ୍ରାମ୍ୟ ରାସ୍ତାରେ ଦିନ ରାତି ଭାରି ଯାନ ଚଳାଚଳ ପାଇଁ ଖାଲଖମାରରେ ଭର୍ତ୍ତି ହୋଇଗଲାଣି। ସ୍କୁଲପିଲା, ବୟସ୍କ ଲୋକ ଏବଂ ସାଧାରଣ ଯାତାୟାତକାରୀ ରାସ୍ତାରେ ଯିବା ଆସିବା କରିବାକୁ ଭୟ ପ୍ରକାଶ କରିଛନ୍ତି। ଏନେଇ ଅସ୍ତି ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ହରେକୃଷ୍ଣ ଜେନାଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ ହୋଇଆସୁଛି। ମାତ୍ର ବାଲିଆପାଳ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ।

ଚଳିତ ବର୍ଷ ବାଲିଆପାଳ ବ୍ଲକରେ ତିନି ଥର ବନ୍ୟା ଆସି ବ୍ୟାପକ କ୍ଷୟକ୍ଷତି ହୋଇଛି। ପୁଣି ମଙ୍ଗଳବାର ଠାରୁ ଲଘୁଚାପ ଜନିତ ବର୍ଷା ନଦୀ କୂଳିଆ ଲୋକଙ୍କୁ ଭୟଭୀତ କରାଉଛି। ବର୍ଷାସତ୍ତ୍ୱେ ମଧ୍ୟ ମାଫିଆ କିଛି ମାନୁନାହାନ୍ତି। ଯଦି ଆଗକୁ ଏମିତି ନଦୀ ବନ୍ଧ ପାଖରୁ ବାଲି ଉତ୍ତୋଳନ କରାଯିବ ତାହେଲେ ଅସ୍ତି ପଞ୍ଚାୟତର ଥିବା ଗାଁ ଗୁଡିକ ଉପରେ ବିପଦ ହେବ ବୋଲି ସ୍ଥାନୀୟ ବାସିନ୍ଦା କମଳାକାନ୍ତ ପାତ୍ର, ଶରତ ଚନ୍ଦ୍ର ପ୍ରଧାନ,ବଟକୃଷ୍ଣ ଜେନା,ନିର୍ମଳ ବାରିକ, ତ୍ରିଳଚନ ଦାସ, ସୁଜିତ ବେହେରା ପ୍ରମୁଖ କହିଛନ୍ତି। ତେବେ ବାଲିଆପାଳ ତହସିଲ ଅଞ୍ଚଳରେ ଚାଲିଥିବା ବାଲି ଉତ୍ତୋଳନ ଓ ଚାଲାଣ ଉପରେ ପ୍ରଶାସନ କେବେ କଡା ଲଗାମ୍ ଦେଉଛି ତାହାକୁ ଅଞ୍ଚଳବାସୀଙ୍କ ନଜର ରହିଛି।

## ୧୧୩ ଛାତ୍ରଛାତ୍ରୀଙ୍କ ପାଇଁ ମାତ୍ର ୩ ଶିକ୍ଷକ

ବାରିପଦା,୨୩।୯ (ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲା ବିଜାତଳା ବ୍ଲକ ଅନ୍ତର୍ଗତ ନୁଷାଡ଼ିହି ପଞ୍ଚାୟତର ବ ଡ଼ ବେ ଲ ପା ହା ଡ଼ି ବିଦ୍ୟାଳୟରେ ଶିକ୍ଷକ ଅଭାବ ସାଙ୍ଗକୁ ରୋଷେଇ ଘରର ଅବ୍ୟବସ୍ଥା ଏବେ ଚିନ୍ତାର କାରଣ ହୋଇଛି।



*ବିପଦସଙ୍କୁଳ ବିଦ୍ୟାଳୟର ରୋଷେଇ ଘର*

ସୂଚନା ଅନୁସାରେ, ବିଦ୍ୟାଳୟରେ ଶିଶୁବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୧୩ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଏତେ ସଂଖ୍ୟକ ଛାତ୍ରଛାତ୍ରୀଙ୍କ ପାଇଁ ବର୍ତ୍ତମାନ ମାତ୍ର ୩ ଜଣ ଶିକ୍ଷକ ରହିଛନ୍ତି। ଫଳରେ ଶିକ୍ଷାଦାନ ବ୍ୟବସ୍ଥା ପ୍ରଭାବିତ ହେବା ନେଇ ଅଭିଭାବକ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚିନ୍ତା ପ୍ରକାଶ ପାଇଛି। ଅନ୍ୟପକ୍ଷରେ ବିଦ୍ୟାଳୟର ରୋଷେଇ ଘରର ଅବସ୍ଥା ମଧ୍ୟ ଚିନ୍ତାଜନକ। ବର୍ଷା ହେଲେ ରୋଷେଇ ଘର ଭିତରକୁ ବର୍ଷା ପାଣି ପଡୁଥିବା ଅଭିଯୋଗ ହୋଇଛି। ଏଭଳି ଅସୁରକ୍ଷିତ ପରିସ୍ଥିତିରେ ରୋଷେଇ କାର୍ଯ୍ୟ ଚାଲିଥିବାରୁ ଯେକୌଣସି ସମୟରେ ଅଘଟଣ ଘଟିବାର ଆଶଙ୍କା ରହିଛି। ଏଥିସହିତ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ଓ ଖାଦ୍ୟର ସୁରକ୍ଷା ନେଇ ମଧ୍ୟ ପ୍ରଶ୍ନ ଉଠୁଛି।

ବିଦ୍ୟାଳୟର ପ୍ରଧାନଶିକ୍ଷକ ଦାୟିତ୍ୱରେ ଥିବା ପାଣ୍ଡୁ ମାରାଣ୍ଡିଙ୍କ ସୂଚନା ଅନୁସାରେ, ବିଦ୍ୟାଳୟର ଶିକ୍ଷକ ଅଭାବ ଓ ରୋଷେଇ ଘରର ସମସ୍ୟା ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଦିଆଯାଇଛି।

ତେବେ ଛାତ୍ରଛାତ୍ରୀଙ୍କ ଶିକ୍ଷା ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ଶିକ୍ଷକ ଅଭାବ ଦୂର କରିବା ସହ ରୋଷେଇ ଘରର ତୁରନ୍ତ ମରାମତି କରାଯିବାକୁ ଅଭିଭାବକ ଓ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## କବାଡି ରେଫରୀ ଯୋଗ୍ୟତା ହାସଲ କଲେ ସୁଚିତ୍ର ଖଟୋଇ

ସତ୍ୟବାଦୀ,୨୩।୯ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ପିଏମ୍‌ଶ୍ରୀ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ସୁଚିତ୍ର ଖଟୋଇ କବାଡି କ୍ଷେତ୍ରରେ ଆଉ ଏକ ସଫଳତା ହାସଲ କରିଛନ୍ତି। ସେ ଆମେଚର କବାଡି ଫେଡରେସନ୍ ଅଫ୍ ଇଣ୍ଡିଆ (ଏକେଏଫଆଇ)ର କବାଡି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଜାତୀୟ ଓ ଆନ୍ତର୍ଜାତୀୟ କବାଡି ମ୍ୟାଚ୍ ପରିଚାଳନା ପାଇଁ ରେଫରୀ ଯୋଗ୍ୟତା ହାସଲ କରିଛନ୍ତି।



ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟରେ ଯୋଗଦେବା ପରଠାରୁ ଶ୍ରୀ ଖଟୋଇ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ସାମିଲ କରାଇବା ସହ କ୍ରୀଡ଼ା କ୍ଷେତ୍ରରେ ସେମାନଙ୍କ ପ୍ରତିଭା ବିକାଶ ଦିଗରେ ଉଦ୍ୟମ କରିଆସୁଛନ୍ତି। ଏହି ସଫଳତା ତାଙ୍କ କ୍ରୀଡ଼ା ପ୍ରତି ନିଷ୍ଠା ଓ ପ୍ରୟାସର ଆଉ ଏକ ଉଦାହରଣ ବୋଲି କୁହାଯାଉଛି।

ଶ୍ରୀ ଖଟୋଇଙ୍କ ଏହି ସଫଳତା ରାଜ୍ୟ, ପୁରୀ ଜିଲ୍ଲା ତଥା ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ପାଇଁ ଗୌରବର ବିଷୟ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି। ଖବର ପ୍ରଚାର ପରେ ବିଭିନ୍ନ ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ଓ ପୁରାତନ ଛାତ୍ରମାନେ ସୋସିଆଲ ମିଡିଆ ମାଧ୍ୟମରେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଚୋରା ମଦ ବେପାରୀଙ୍କୁ ସାବାଡ଼ କଲେ ଗ୍ରାମବାସୀ

ବାଲିଆପାଳ,୨୩।୯ (ସଂଚାର ବ୍ୟୁରୋ): ଭୋଗରାଇ ଥାନା ଅଧୀନ ଆଉସା ଛକରେ ଚୋରା ମଦ ବେପାରକୁ ନେଇ ତେଜିଲା ଅସନ୍ତୋଷ। ଦୀର୍ଘଦିନ ଧରି ଚାଲିଥିବା ଚୋରା ମଦ ବେପାରକୁ ନେଇ ଗ୍ରାମବାସୀ ଏବଂ ଏସ୍‌ଏଚ୍‌ଜି ମହିଳାମାନଙ୍କ ମଧ୍ୟରେ ଥିବା ପୁଞ୍ଜିଭୂତ ଅସନ୍ତୋଷ ଆଜି ପ୍ରତିଫଳିତ ହୋଇଛି। ଶତାଧିକ ମହିଳା ଏକତ୍ରିତ ହୋଇ ଚୋରା ମଦ ବିକ୍ରିକୁ ବିରୋଧ କରିବା ସହ ମଦ ବୋତଲ ଭାଙ୍ଗିଛନ୍ତି। ଏପରିକି ମଦ ବେପାରୀଙ୍କୁ ମଧ୍ୟ ଗ୍ରାମବାସୀ ବିରୋଧ କରିଥିବା ଜଣାପଡ଼ିଛି।



ଭୋଗରାଇ ଥାନା ଅଧୀନ ଆଉସା ଛକ। ଦିନ ଦିନ ଧରି ଚାଲିଥିବା ଚୋରା ମଦ ବେପାରକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ବଢ଼ୁଥିଲା ଅସନ୍ତୋଷ। ବିଶେଷ କରି ମଦ ବେପାର ଯୋଗୁଁ ଗାଁର ପରିବେଶ ଖରାପ ହେଉଥିବା ଅଭିଯୋଗ କରି ଗ୍ରାମବାସୀ ଏବଂ ଏସ୍‌ଏଚ୍‌ଜି ମହିଳାମାନେ ପୂର୍ବରୁ ପୋଲିସ ଓ ଅବକାରୀ ବିଭାଗ ନିକଟରେ ବାରମ୍ବାର ଅଭିଯୋଗ କରିଥିବା କହିଛନ୍ତି।ତେବେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଚୋରା ମଦ ବେପାର ଉପରେ ରୋକ୍ ଲାଗୁନଥିବା ଅଭିଯୋଗ କରି ଆଜି ତାତି ଉଠିଥିଲେ ଗ୍ରାମବାସୀ। ଶତାଧିକ ମହିଳା ଏକତ୍ରିତ ହୋଇ ଚୋରା ମଦ ବେପାର ବିରୋଧରେ ମୁହାଁ ଖୋଲିଥିଲେ। ମଦ ବୋତଲ ଭାଙ୍ଗିବା ସହ ବେପାରୀଙ୍କୁ ମଦ ବିକ୍ରି ବନ୍ଦ କରିବାକୁ ଚେତାବନୀ ଦେଇଥିବା ଜଣାପଡ଼ିଛି।

ଘଟଣାକୁ ନେଇ ଆଉସା ଛକରେ କିଛି ସମୟ ପାଇଁ ଉତ୍ତେଜନାମୂଳକ ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଥିଲା। ତେବେ ଏହି ଘଟଣା ସମୟରେ ଘଟଣାସ୍ଥଳରେ ପୋଲିସ ପହଞ୍ଚିନଥିବା ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି।

ଚୋରା ମଦ ବେପାର ଉପରେ ପ୍ରଶାସନ କେବେ ରୋକ୍ ଲଗାଇବ ଏବଂ ଗ୍ରାମବାସୀଙ୍କ ଅଭିଯୋଗ ଉପରେ କେବେ କାର୍ଯ୍ୟାନୁଷ୍ଠାନ ହେବ, ତାହାକୁ ନେଇ ଏବେ ପ୍ରଶ୍ନ ଉଠିଛି।

## ୩୨ ଗ୍ରାମ ହେରୋଇନ୍ ଜବତ, ଜଣେ ଗିରଫ

ପାରାଦୀପ,୨୩।୯ (ସଂଚାର ବ୍ୟୁରୋ): ପାରାଦୀପ ଅବକାରୀ ବିଭାଗ ପକ୍ଷରୁ ଜିରୋ ପଏଣ୍ଟ ରୋଡ଼ରେ ଥିବା ପେଟ୍ରୋଲ ପମ୍ପ ନିକଟରେ ଚଢ଼ାଉ କରାଯାଇ ୩୨ ଗ୍ରାମ ହେରୋଇନ୍ ଜବତ କରାଯାଇଛି। ଜବତ ହେରୋଇନ୍‌ର ମୂଲ୍ୟ ପ୍ରାୟ ୩ ଲକ୍ଷ ୨୦ ହଜାର ଟଙ୍କା। ଏଥିସହ ଏକ ସ୍କୁଟି ମଧ୍ୟ ଜବତ କରାଯାଇଛି।




ଏହି ଘଟଣାରେ ପ୍ରମୋଦ ପାଲ (୨୯) ନାମକ ଜଣେ ଯୁବକଙ୍କୁ ଅବକାରୀ ବିଭାଗ ଧରିଛି। ପାରାଦୀପ ଅବକାରୀ ନିରୀକ୍ଷକ ଶ୍ରୀକାନ୍ତ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଥିଲା। ଏଥିରେ ଓଆଇସି ଧର୍ମପଦ ଦାସ, ଏଏସଆଇ ଗୟାଧର ସେଠୀ, ମନୋରଞ୍ଜନ ଦାସ, ଜୟଦେବ ପାତ୍ର ଓ ସନ୍ତୋଷୀ ସାହୁ ସାମିଲ ଥିଲେ।

## ବାଇକ ସହ ୫୦ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ଫୁଲବାଣୀ,୨୩।୯ (ସଂଚାର ବ୍ୟୁରୋ): ଗୋଚ୍ଛାପଡା ପୁଲିସ ବାଇକ ସହ ଗଞ୍ଜେଇ ଜବତ କରିଥିବା ବେଳେ ଜଣେ ଯୁବକ କୁ ଗିରଫ କରିବାରେ ସଫଳ ହୋଇଛି। ଗୋଚ୍ଛା ପଡା ପୁଲିସ ର ସୂଚନା ଅନୁସାରେ



ଗଞ୍ଜେଇ ଚାଲାଣ ହେଉଥିବା ନେଇଁ ପୁଲିସ କୁ ସୂଚନା ମିଳିଥିଲା ସୂଚନା ଆଧାର ରେ ଗୋଚ୍ଛା ପଡା ଥାନା ଅଧିକାରୀ ଶୁଭ୍ରଜିତ ସାମନ୍ତରାୟ ଙ୍କ ନେତୃତ୍ୱ ରେ ଏକ ଟିମ ଗୋଚ୍ଛା ପଡା ପଞ୍ଚାୟତ ର ବନ୍ଧୁଲି ଛକ ଠାରେ ଜଗି ରହିଥିଲେ ବାଲନ୍ଦା ପଡା ପଟୁ ଫୁଲବାଣୀ ଆଡକୁ ଆସୁଥିବା ଏକ ବାଇକ କୁ ଅଟକାଇବା ପରେ ବାଇକ ଚାଳକ ଦୁଇ ଟି ବସ୍ତା ବାଇକ ରେ ବାନ୍ଧି ଗଞ୍ଜେଇ ନେଉଥିବା ପୁଲିସ ତନଖି ପରେ ଜାଣିପାରିଥିଲା ଓ ଘଟଣା ସ୍ଥଳ ରେ ବାଇକ ଓ ଗଞ୍ଜେଇ ଜବତ କରିବା ସହ ଗଞ୍ଜେଇ ଚାଲାଣ କରୁଥିବା ଗୋଚ୍ଛା ପଡା ଥାନା ଅଧୀନ ପକାରୀ ପଞ୍ଚାୟତ ଜିଡିଙ୍ଗ ପଡା ଗାଁର ସୁଧୀର କୁଦେଇ (୨୪ ) ବର୍ଷ କୁ ଗିରଫ କରିଥିଲେ। ତେବେ ଟିମ ରେ ଗୋଚ୍ଛା ପଡା ଏସ ଆଇ ଅନନ୍ତ ପ୍ରଧାନ ଙ୍କ ସହ ଯବାନ ମାନେ ସାମିଲ ହୋଇଥିଲେ ଏବଂ ଏହି ଗଞ୍ଜେଇ ବାଲନ୍ଦା ପଡା ଅଞ୍ଚଳ ରୁ ବୌଦ୍ଧ ଜିଲ୍ଲା କୁ ଚାଲାଣ ହେଉଥିବା ପୁଲିସ ସୂଚନା ଦେଇଛି। ଗଞ୍ଜେଇ ଓଜନ ପରେ ପଚାଶ କିଲୋ ହୋଇଥିବା ବେଳେ ଗୋଚ୍ଛା ପଡା ଥାନାରେ ଗଞ୍ଜେଇ ଚାଲାଣ କୁ ନେଇଁ ଏକ ମାମଲା ରୁଜୁ କରି ସୁଧୀର କୁଦେଇ କୁ କୋର୍ଟ ଚାଲାଣ କରାଯାଇଥିବା ଗୋଚ୍ଛା ପଡା ଥାନା ଅଧିକାରୀ ଶୁଭ୍ରଜିତ ସାମନ୍ତରାୟ ସୂଚନା ଦେଇଛନ୍ତି।

## ବିବାହିତାଙ୍କୁ ନିର୍ଯାତନା ଓ ଟଙ୍କା-ଗହଣା ଚୋରି ଅଭିଯୋଗରେ ମୁଖ୍ୟ ଅଭିଯୁକ୍ତ ଗିରଫ

ମହାକାଳପଡ଼ା,୨୩।୯(ସଂଚାର ବ୍ୟୁରୋ): ଜଣେ ମହିଳାଙ୍କୁ ବିବାହ ପରେ ନିର୍ଯାତନା, ଗର୍ଭପାତ ପାଇଁ ବାଧ୍ୟ କରିବା, ମାଡ଼ପିଟ ଓ ଧମକ ଦେବା ସହ ଟଙ୍କା ଓ ସୁନାଗହଣା ନେଇ ଫେରାର ହୋଇଯିବା ଅଭିଯୋଗରେ ମହାକାଳପଡ଼ା ପୁଲିସ ତେନ୍ତୁଳିକନ୍ଧା ଗ୍ରାମର ଦୀପକ ପ୍ରଧାନ (୩୨)ଙ୍କୁ ଗିରଫ କରିଛି।



ଅଭିଯୋଗ ଅନୁଯାୟୀ, ଅଭିଯୋଗ କାରିଣୀ ଓ ଗିରଫ ବ୍ୟକ୍ତି ଉଭୟ ଗୋଟିଏ ଗାଆଁର। ମହିଳା ଜଣକଙ୍କର ସ୍ୱାମୀଙ୍କ ଦେହାନ୍ତ ପରେ ସେ ତାମିଲନାଡୁର ତିରୁପୁରରେ କାମ କରୁଥିବା ସମୟରେ ଦୀପକଙ୍କ ସହ ପରିଚୟ ହୋଇଥିଲା। ପରେ ଦୁହେଁ କୋର୍ଟରେ ବିବାହ କରି ତିରୁପୁରରେ ଏକାଠି ରହୁଥିଲେ। ମହିଳାଙ୍କ ଅଭିଯୋଗ ଅନୁସାରେ, ଦୀପକ ତାଙ୍କ ଇଚ୍ଛା ବିରୋଧରେ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହ ଗର୍ଭପାତ ପାଇଁ ଚାପ ପକାଉଥିଲେ। ଏନେଇ ମହାକାଳପଡ଼ା ଥାନାରେ ଅଭିଯୋଗ ହୋଇଥିଲା। ଏହାସହ ମହିଳା ଡ୍ୟୁଟିରେ ଥିବା ସମୟରେ ଘରୁ ପ୍ରାୟ ୬ ଲକ୍ଷ ଟଙ୍କା ଓ ବିଭିନ୍ନ ସୁନାଗହଣା ନେଇ ଦୀପକ ଫେରାର ହୋଇଥିବା ଅଭିଯୋଗ ହୋଇଛି। ପରେ ମହିଳାଙ୍କୁ ଫୋନରେ ଧମକ ଦିଆଯାଇଥିବା ମଧ୍ୟ ଅଭିଯୋଗରେ ଦର୍ଶାଯାଇଛି। ଅଭିଯୋଗ ଆଧାରରେ ପୁଲିସ ତଦନ୍ତ କରି ଗତକାଲି ଭୁବନେଶ୍ୱରର ଏକ ରାସ୍ତାକଡ଼ରୁ ଦୀପକଙ୍କୁ ଗିରଫ କରିଥିଲା। ଆଜି ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି।

# ପଞ୍ଚଲିଙ୍ଗେଶ୍ୱରଙ୍କ ପୀଠ ସ୍ଥଳୀରେ କଣା ହାତୀର ତାଣ୍ଡବ

**କୁମ୍ଭକର୍ଣ୍ଣ ନିଦ୍ରାରେ କୁଲଡ଼ିହା ବନ ବିଭାଗ**

ନୀଳଗିରି,୨୩।୯ (ସଂଚାର ବ୍ୟୁରୋ): ଦୀର୍ଘ ବର୍ଷେରୁ ଅଧିକ ସମୟ ଧରି କୁଲଡ଼ିହା ଅଭୟାରଣ୍ୟ ର ଏକ କଣା ହାତୀ (ଯାହାର ଏକ ଆଖି ନଷ୍ଟ ହୋଇ ଯାଇଛି) ଅଭୟାରଣ୍ୟ ସ୍ଥିତ ଦେବଗିରି ପାହାଡ ପାଦ ଦେଶ ତଥା ପଞ୍ଚଲିଙ୍ଗେଶ୍ୱର ଶୈବ ପୀଠ ନିକଟରେ କ୍ରମାଗତ ଭାବେ ଉପଦ୍ରବ ରଚି ଚାଲିଛି। ଏନେଇ ଅଞ୍ଚଳବାସୀଙ୍କ ବହୁ କ୍ଷୟ କ୍ଷତି ହେବା ସହିତ ପର୍ଯ୍ୟଟକ ଆସିବାକୁ ଭୟ କରୁଥିବା ସୂଚନା ମିଳିଛି।



ସୂଚନାରୁ ଜଣାଯାଇଛି ଉତ୍ତର ଓଡ଼ିଶା ର ପ୍ରସିଦ୍ଧ ବାବା ପଞ୍ଚଲିଙ୍ଗେଶ୍ୱର ଶୈବ ପୀଠ ନିକଟସ୍ଥ ଅଞ୍ଚଳରେ ରହି ପାଖା ପାଖି ଅଞ୍ଚଳ ର ରାସ୍ତା ପାଖ ଦୋକାନ ଭାଙ୍ଗିବା, ନବ ନିର୍ମିତ ପତିତ ପାବନ ମନ୍ଦିର ହତାରେ ପାଚେରୀ ଭାଙ୍ଗି ପଶି ଉପଦ୍ରବ କରିବା ଯୋଗୁଁ,ଏଠାକୁ ଆସୁ ଥିବା ଶହ ଶହ ଶ୍ରଦ୍ଧାଳୁ ଭୟ ଭୀତ ଅବସ୍ଥାରେ ଜାତାୟତ କରୁଥିବା କୁହାଯାଇଛି। ପାନ୍ଥନିବାସ, ଚିଲଡ୍ରେନ ପାର୍କ ପାଚେରୀକୁ ଭାଙ୍ଗି ଥିବା ଦେଖାଯାଇଛି। ପ୍ରତିଦିନ ଏହି କଣା ହାତୀଟି ଯେକୌଣସି ସମୟରେ ଉପଦ୍ରବ ଆରମ୍ଭ କରି ଦେଉଛି। ସ୍ଥାନୀୟ ଲୋକେ, ମନ୍ଦିର ପୂଜାରୀ ଘଣ୍ଟା ବାଡେଇ ହାତୀ ଘଉଡିବାର ଉଦ୍ୟମ କରୁଥିଲେ ମଧ୍ୟ ସେଥିରେ କିଛି ସୁଫଳ ମିଳୁନ ଥିବା ଅଭିଯୋଗ ହୋଇଛି।

ଏ ସଂପର୍କରେ ବାରମ୍ବାର କୁଲଡିହା ବନ ବିଭାଗ କୁ ଅବଗତ କରାଯାଇ ଥିଲେ ମଧ୍ୟ ବନ ବିଭାଗ କୋମାରେ ଥିବା ପରି ପ୍ରତୀୟମାନ ହେଉଛି। ଜଙ୍ଗଲ ଓ ହାତୀ ସୁରକ୍ଷା ପାଇଁ ରାଜ୍ୟ ତଥା କେନ୍ଦ୍ର ସରକାର ପ୍ରଚୁର ଅର୍ଥ ବ୍ୟୟ ବରାଦ କରୁଥିଲେ ମଧ୍ୟ ଏଠାରେ ତାର ଉପଯୁକ୍ତ ବିନିଯୋଗ ହେଉ ନ ଥିବା ଅଭିଯୋଗ ହେଉଛି । ଏହି ଘଟଣା ବାଲେଶ୍ୱର ବନ୍ୟ ପ୍ରାଣୀ ଡିଭିଜନ ର ଡି.ଏଫ୍.ଓ. ଙ୍କ ନଜରରେ ଥିଲେ ମଧ୍ୟ, କାହିଁକି ଯେ ସେ, ଏହାର ପ୍ରତିକାର ପାଇଁ ଠୋସ ପଦକ୍ଷେପ ନେଉ ନାହାଁନ୍ତି, ତାହା କାହାକୁ ଜଣା ନାହିଁ।

ତେବେ ଏ ସମ୍ପର୍କରେ ସ୍ଥାନୀୟ ବିଧାୟକ ସନ୍ତୋଷ କୁମାର ଖଟୁଆ ଓ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କୁ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ନିବେଦନ କରିଥିବା ବେଳେ, ଜିଲ୍ଲାପାଳ ଓ ଡିଏଫ୍ଓଙ୍କ କୁମ୍ଭକର୍ଣ୍ଣ ନିଦ୍ରା କେବେ ଭାଙ୍ଗିବ ବୋଲି ଅନେକ ପରିବେଶ ପ୍ରେମୀ ଓ ସ୍ଥାନୀୟ ବୁଦ୍ଧିଜୀବି ପ୍ରଶ୍ନ ଉଠାଇଛନ୍ତି।

## ଲଗାଣ ବର୍ଷାରେ ଭାଙ୍ଗିଲା ପୋଲ



ଫୁଲବାଣୀ, ୨୩।୯ (ସଂଚାର ବ୍ୟୁରୋ): ଲଗାଣ ବର୍ଷାରେ ଭାଙ୍ଗିଲା ପୋଲ, ବାହ୍ୟ ଜଗତରୁ ବିଚ୍ଛିନ୍ନ ୫୦ ପରିବାର । ଏଭଳି ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ୍ ଅନ୍ତର୍ଗତ ହୋଇଛନ୍ତି ବାଲିଗୁଡ଼ା ବ୍ଲକ୍ ବାଟାଗୁଡ଼ା ପଞ୍ଚାୟତର ସିଙ୍ଗମିଲା ଗାଁରେ। ଲଘୁଚାପ ଜନିତ ଲଗାଣ ବର୍ଷାରେ ଗାଁ ପୁର୍ବରୁ ଥିବା ଏକ ପୋଲ ଭୁଷୁଡ଼ି ପଡ଼ିଥିବା ଜଣାପଡ଼ିଛି । ଯାହା ଫଳରେ ସିଙ୍ଗମିଲା ଗାଁ ରୁ ବାଟାଗୁଡ଼ା ପଞ୍ଚାୟତକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ଛାତ୍ରଛାତ୍ରୀଙ୍କ ସ୍କୁଲ, କଲେଜ ଯିବା ଓ ଗ୍ରାମବାସୀ ଦୈନନ୍ଦିନ କାର୍ଯ୍ୟରେ ବାଟାଗୁଡ଼ା ଓ ବାଲିଗୁଡ଼ା ଯିବାରେ ବାଧା ସୃଷ୍ଟି ହୋଇପଡ଼ିଥିବା ଜଣାପଡ଼ିଛି। ଗତ କିଛି ବର୍ଷ ପୂର୍ବରୁ ପୋଲଟି ନିର୍ମାଣ ହୋଇଥିଲା କିନ୍ତୁ, ପାଖା ପାଖି ତିନି ବର୍ଷ ହେବ ଏହି ଛୋଟ ପୋଲର ସ୍ଥିତ ଦୁର୍ବଳ ଥିବା ନେଇ ଅଞ୍ଚଳବାସୀ ବ୍ଲକ୍ ପ୍ରଶାସନ ପାଖରେ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ତାହାର ସମାଧାନ ହୋଇନଥିବା ବେଳେ ଲଗାଣ ବର୍ଷାରେ ଏବେ ପୋଲଟି ଭୁଷୁଡ଼ି ପଡ଼ିଥିବା ଗ୍ରାମବାସୀ କହିଛନ୍ତି ।

**ଦୁବିଆ ଗାଁରେ ୭ ବର୍ଷ ଧରି ମଦ ବନ୍ଦ**

# ମଦମୁକ୍ତ ଗାଁ ଭାବେ ଆଖପାଖ ଅଞ୍ଚଳରେ ଚର୍ଚ୍ଚା

ଝରିଗାଁ,୨୩।୯ (ସଂଚାର ବ୍ୟୁରୋ): ଝରିଗାଁ ବ୍ଲକ୍ ଅନ୍ତର୍ଗତ ଡ଼ଙ୍ଗରୀଗୁଡ଼ା ପଞ୍ଚାୟତର ଦୁବିଆ ଗ୍ରାମରେ ଦୀର୍ଘ ପ୍ରାୟ ୭ ବର୍ଷ ଧରି ମଦ ବନ୍ଦ ରହିବା ଅଞ୍ଚଳରେ ଏକ ଦୃଷ୍ଟାନ୍ତ ସୃଷ୍ଟି କରିଛି। କରୋନା ମହାମାରୀ ସମୟରୁ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଗାଁରେ ମଦ ପ୍ରସ୍ତୁତି, ବିକ୍ରି ଓ ସେବନକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିଲା। ଆଜି



ପର୍ଯ୍ୟନ୍ତ ଗାଁରେ ମଦ ରାନ୍ଧିବା ଓ ବିକିବା ପରମ୍ପରା ବନ୍ଦ ରହିଥିବାରୁ ଦୁବିଆ ଗାଁ ଏବେ ଆଖପାଖ ଅଞ୍ଚଳରେ ଏକ ପ୍ରାଦର୍ଶିକ ମଦମୁକ୍ତ ଗାଁ ଭାବେ ବେଶ୍ ଚର୍ଚ୍ଚାରେ ରହିଛି।

ଗ୍ରାମବାସୀଙ୍କ ଏହି ନିଷ୍ପତ୍ତି କେବଳ ମଦ ବନ୍ଦ କରିବାରେ ସୀମିତ ନୁହେଁ, ବରଂ ଗାଁରେ ଶାନ୍ତି, ସୁସ୍ଥ ପରିବେଶ ଓ ସାମାଜିକ ଏକତା ବଜାୟ ରଖିବାର ଏକ ବଡ଼ ପ୍ରୟାସ ଭାବେ ଦେଖାଯାଉଛି। ମଦ୍ୟପାନ ଯୋଗୁଁ ପରିବାରରେ ଦେଖାଦେଉଥିବା ବିଭିନ୍ନ କଳହ ଓ ସମସ୍ୟାକୁ ରୋକିବା ସହ ଯୁବପିଢ଼ିକୁ ଏକ ସୁସ୍ଥ ଓ ଉଜ୍ଜ୍ୱଳ ଭବିଷ୍ୟତ ଦେବା ଦିଗରେ ଏହି ସାମୂହିକ ନିଷ୍ପତ୍ତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।

ଏହି ସାମାଜିକ ସୁଧାର ଅଭିଯାନକୁ ସଫଳ କରିବାରେ ଗ୍ରାମର ମହେନ୍ଦ୍ର ମାଝୀଙ୍କ ସମେତ କୈଳାଶ, କର୍ଣ୍ଣ, ଲମ୍ବୁଧର, ଜଗନ୍ନାଥ, ଗଣପତି, ଭୁବନ୍ତ, ଶିବ, ଧନୀରମ ଓ ଗୋପାଳ ପ୍ରମୁଖ ଗ୍ରାମବାସୀଙ୍କୁ ସଚେତନ କରିବା ଓ ଏକତା ବଜାୟ ରଖିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି।

ଏ ସମ୍ପର୍କରେ ଗ୍ରାମର ବାସିନ୍ଦା ମହେନ୍ଦ୍ର ମାଝୀ କହିଛନ୍ତି, "ଆମ ଗାଁରେ ପ୍ରାୟ ୭ ବର୍ଷ ହେଲା ମଦ ସମ୍ପୂର୍ଣ୍ଣ ବନ୍ଦ ହୋଇଛି। ଗ୍ରାମବାସୀଙ୍କ ଦୃଢ଼ ଏକତା ଓ ସହଯୋଗ ଯୋଗୁଁ ଆଜି ପର୍ଯ୍ୟନ୍ତ ଆମେ ଏହି ନିଷ୍ପତ୍ତିକୁ ବଜାୟ ରଖିପାରିଛୁ। ଆମର ଇଚ୍ଛା ଆଗାମୀ ଦିନରେ ଆମ ଅଞ୍ଚଳର ପ୍ରତ୍ୟେକ ଗାଁ ମଦମୁକ୍ତ ହେଉ, ଯେଉଁଥିରେ ପରିବାରରେ ଶାନ୍ତି ରହିବ, ଯୁବପିଢ଼ି ସଠିକ୍ ରାସ୍ତାରେ ଆଗେଇବେ ଏବଂ ଆମ ସମାଜ ଆହୁରି ଶକ୍ତିଶାଳୀ ହେବ।" ଦୁବିଆ ଗ୍ରାମବାସୀଙ୍କ ଏହି ପ୍ରଶଂସନୀୟ ପଦକ୍ଷେପ ଆଜି ଅନ୍ୟ ଗାଁଗୁଡ଼ିକ ପାଇଁ ଏକ ସାମାଜିକ ପ୍ରେରଣାର ବିଷୟ ପାଲଟିଛି।

## ହାତୀ ଆକ୍ରମଣରେ ବୃଦ୍ଧ ଗୁରୁତର

ଢେଙ୍କାନାଳ,୨୩।୯ (ସଂଚାର ବ୍ୟୁରୋ): ଢେଙ୍କାନାଳ ଜିଲ୍ଲାରେ ପୁଣି ହାତୀ ଆତଙ୍କ। ଗତକାଲି ରାତ୍ରୀ ସମୟରେ ଶୌଚ ପାଇଁ ବାଡ଼ିକୁ ଯାଇଥିବା ଜଣେ ବୃଦ୍ଧଙ୍କୁ ହାତୀ ଆକ୍ରମଣ କରିଥିବା ବେଳେ ଘଟଣାରେ ସେ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଗଁଦିଆ ଥାନା ଅନ୍ତର୍ଗତ ଷଡ଼ଙ୍ଗୀ ବନାଞ୍ଚଳର ବରଦା



ଗ୍ରାମରେ ଏହି ଅଭାବନୀୟ ଘଟଣାଘଟିଛି। ଆହତ ବ୍ୟକ୍ତି ଜଣକ ହେଲେ ବରଦା ଗ୍ରାମର ୫୮ ବର୍ଷୀୟ ରୋହିତ ମହାନ୍ତି।

ଗତକାଲି ରାତ୍ରୀ ସମୟରେ ରୋହିତ ଶୌଚ ପାଇଁ ନିଜ ବାଡ଼ିପଟକୁ ଯାଇଥିବା ବେଳେ, ସେଠାରେ ପୂର୍ବରୁ ଲୁଚି ରହିଥିବା ଏକ ହାତୀ ହଠାତ୍ ତାଙ୍କୁ ଆକ୍ରମଣ କରିଥିଲା। ହାତୀଟି ନିଜ ଦାନ୍ତରେ ରୋହିତଙ୍କ ପେଟକୁ ଆକ୍ରମଣ କରିବାରୁ ସେ ଗୁରୁତର ଭାବେ କ୍ଷତବିକ୍ଷତ ହୋଇ ପଡ଼ିଥିଲେ। ପରିବାର ଓ ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ବନ ବିଭାଗର କର୍ମଚାରୀମାନେ ତତକ୍ଷଣାତ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ନିଜ ବିଭାଗୀୟ ଗାଡ଼ିରେ ଗୁରୁତର ରୋହିତଙ୍କୁ ଉଦ୍ଧାର କରି ପ୍ରଥମେ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ତାଙ୍କ ଅବସ୍ଥା ଅଧିକ ଗୁରୁତର ହେବାରୁ ଡାକ୍ତରମାନେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଛନ୍ତି।

## ଖଲିଗୁଡ଼ାରେ ସୋନୁ ମାଝୀ ୟୁଥ୍ କ୍ଲବ୍ ସିଜନ୍-୩ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ

ନବରଙ୍ଗପୁର,୨୩।୯ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା ଖଲିଗୁଡ଼ାରେ ସୋନୁ ମାଝୀ ୟୁଥ୍ କ୍ଲବ୍ ପକ୍ଷରୁ ସିଜନ୍-୩ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ସମାରୋହ ଆୟୋଜିତ ହୋଇଯାଇଛି।



ଏହି କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ସ୍ଥାନୀୟ ପ୍ରତିନିଧି ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଉପସ୍ଥିତ ଅତିଥିମାନଙ୍କ ମଧ୍ୟରେ ନବରଙ୍ଗପୁର ଜିଲ୍ଲା ଯୁବ ବିଜେପି ନେତା ବାଦଲ୍ ପଟ୍ଟନାୟକ, ସମାଜ ସେବୀ ସାଗର ପଟ୍ଟନାୟକ, ସତ୍ୟ ପଟ୍ଟନାୟକ, ସରପଞ୍ଚ ଭଗବତୀ ଭତ୍ରା ବ୍ଲକ୍ ଚେୟାରମ୍ୟାନ୍ / ସଭାପତି ହେମଲତା ମାଝୀ, ପୂର୍ବତନ ସରପଞ୍ଚ ଯଦୁ ନାୟକ, ପୂର୍ବତନ ସମିତି ସଭ୍ୟା ସୁଜାତା ନାୟକ, କ୍ଲବ୍ କର୍ମକର୍ତ୍ତା ସଭାପତି କପିଳାସ ନାୟକ, ଉପସଭାପତି ଜଗତ ସାନ୍ତା (ଟୁକୁ), ସମ୍ପାଦକ କିଶୋର ଭତ୍ରା, କ୍ୟାସିଅର୍ ସୁଧାଂଶୁ କିରନ, ଓ ନରେଶ ଧବାଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

ଟୁର୍ଣ୍ଣାମେଣ୍ଟ ଟି ଦିର୍ଘ ୯ ଦିନ ଧରି ଜାରି ରୋହିବ। ପ୍ରଥମ ଦିନର ମ୍ୟାଚ୍ ରେ ଚିତ୍ରକୁଟ ସିଓ୍ୱାଇଏ ସହିତ ରାଇଜିଂ ଷ୍ଟାର୍ ଜୟପୁର ମଧ୍ୟରେ ହେଇଥିଲା। ଏହି ମ୍ୟାଚ୍‌ରେ ଚିତ୍ରକୁଟ ୪-୦ ଗୋଲ୍‌ରେ ରାଇଜିଂ ଷ୍ଟାର୍ ଜୟପୁରକୁ ପରାସ୍ତ କରି ଭବ୍ୟ ବିଜୟ ହାସଲ କରିଛି।

ଦ୍ୱିତୀୟ ମ୍ୟାଚ୍ ଉମରକୋଟ ଏସ୍‌ଆର୍‌ଏମ୍ ସହିତ ଲକି-୧୧, ମୁଣ୍ଡାଗୁଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା।

**ଜୈବ ବିବିଧତା ପଞ୍ଜିକା ପାଇଁ ବିରଳ କର୍ମଶାଳା**

# ସମୁଦ୍ର କାହାର ? ଏବେ ତା'ର ହିସାବ ରଖିବ ଗାଁ

କାକଟପୁର/ଅସ୍ତରଙ୍ଗ,୨୩।୯ (ସଂଚାର ବ୍ୟୁରୋ): ସମୁଦ୍ର କାହାର? ଏହି ପ୍ରଶ୍ନ ବହୁ ଦିନରୁ ଅନୁତ୍ତରିତ ହୋଇ ରହିଥିଲା। ହେଲେ ଏବେ ତାର ଉତ୍ତର ମିଳିଛି - ସମୁଦ୍ର ହେଉଛି ଗାଁ ଲୋକଙ୍କର। ଆଉ ଏହି ଅଧିକାରକୁ କାଗଜ କଲମରେ ଲେଖିବାକୁ ବୁଧବାର ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପରିସରରେ ଥିବା ମିଟିଂ ହଲରେ ଆରମ୍ଭ ହୋଇଛି ଏକ ବିରଳ ଅଭିଯାନ। ନାଁ ହେଉଛି ଜନ ଜୈବ ବିବିଧତା ପଞ୍ଜିକା ବା ପିପଲ୍ସ ବାୟୋଡାଇଭରସିଟି ରେଜିଷ୍ଟର। ଓଡ଼ିଶାର ସମୁଦ୍ର କୂଳ କେବଳ ବାଲି ଓ ଢେଉ ନୁହେଁ, ଏହା ଏକ ଜୀବନ୍ତ ପାଠାଗାର। ଏହି ପାଠାଗାରର ପ୍ରତି ପୃଷ୍ଠାରେ ଲୁଚି ରହିଛି ପ୍ରକୃତିର ଅମୂଲ୍ୟ ସମ୍ପଦ। ହେଲେ



ଜଳବାୟୁ ପରିବର୍ତ୍ତନ, ପ୍ରଦୂଷଣ ଓ ଅତ୍ୟଧିକ ବ୍ୟବହାର ଯୋଗୁଁ ଏହି ପୃଷ୍ଠା ଧୀରେ ଧୀରେ ଛିଣ୍ଡି ଯାଉଛି। ତାକୁ ବଞ୍ଚାଇବାକୁ ଏବେ ଗାଁ ହିଁ ଲେଖିବ ସମୁଦ୍ରର ଡାଏରୀ। ଏଭଳି ଏକ ବିରଳ ଓ ଐତିହାସିକ ଅଭିଯାନର ଶୁଭାରମ୍ଭ ହୋଇଛି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରୁ।

ଓଡ଼ିଶା ଜୈବ ବିବିଧତା ବୋର୍ଡ଼, ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ଏବଂ ସାପନା ଅନୁଷ୍ଠାନର ମିଳିତ ସହଯୋଗରେ ଆୟୋଜିତ ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ପୁରୀ ବନ୍ୟପ୍ରାଣୀ ବନଖଣ୍ଡର ଡିଏଫଓ ଶିଶିର କୁମାର ମିଶ୍ର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଣୀ ବିଜ୍ଞାନୀ ଡ଼. ଶିବ ପ୍ରସାଦ ପରିଡା, ଉଦ୍ଭିଦ ବିଜ୍ଞାନୀ ଡ଼. ପ୍ରଶାନ୍ତ ନାୟକ, ଓଡ଼ିଶା ଜୈବ ବିବିଧତା ବୋର୍ଡ଼ର ବରିଷ୍ଠ ବୈଜ୍ଞାନିକ, ପୁରୀ ବନ୍ୟପ୍ରାଣୀ ବନଖଣ୍ଡର ରେଞ୍ଜ ଅଫିସର ପ୍ରମୁଖ ଉପସ୍ଥିତ ରହି ବିଏମସି ସଦସ୍ୟମାନଙ୍କୁ ବୈଜ୍ଞାନିକ ପଦ୍ଧତିରେ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସାପନାର ମନୋରଞ୍ଜନ ମିଶ୍ର ସୁଚାରୁ ରୂପେ ପରିଚାଳନା କରିଥିଲେ।

ଏହି କର୍ମଶାଳାରେ ଅସ୍ତରଙ୍ଗ ବ୍ଲକ ଅଧୀନ ସହନ, ଗୁଣ୍ଡଳବା, ସୁଦିକେଶ୍ୱର, ଛୁରୀଆନା, ତଣ୍ଡାହାର, ବେଲଙ୍ଗ, ଶିଶୁଅ, ନଗର, ଝାଡଲିଙ୍ଗ ଓ ନୂଆଗଡ ପରି ଉପକୂଳବର୍ତ୍ତୀ ୧୦ରୁ ଅଧିକ ପଞ୍ଚାୟତର ଜୈବ ବିବିଧତା ପରିଚାଳନା ସମିତିର ସଭାପତି, ସମ୍ପାଦକ ଓ ସଦସ୍ୟମାନେ ଯୋଗ ଦେଇଥିଲେ। ବିଶେଷ କରି ଅନେକ ମହିଳା ଓ ମତ୍ସ୍ୟଜୀବୀ ପୁରୁଷ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଏହି ସମିତି ନିଜ ଅଞ୍ଚଳର ସମସ୍ତ ଜୈବ ସମ୍ପଦକୁ ଲିପିବଦ୍ଧ କରିବ।




# ଶୀତଦିନରେ ଅଦା ପ୍ରତିରୋଧକ ଶକ୍ତି ବଢ଼ାଇବା ସହିତ କମାଇଥାଏ କୋଲେଷ୍ଟ୍ରଲ



ଆୟୁର୍ବେଦରେ ଅଦାକୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜଡିବୁଟି ଭାବରେ ଗଣାଯାଇଛି। ଔଷଧୀୟ ଗୁଣର ଭଣ୍ଡାର ହେଉଛି ଅଦା ଯାହା ଭୋକ ବଢାଇବାରେ ମଧ୍ୟ ସାହାଯ୍ୟ କରିଥାଏ। ଥଣ୍ଡା ଏବଂ କାଶ ବ୍ୟତୀତ ଅଦା ଶ୍ୱାସ ଜନିତ ରୋଗ, ଗଣ୍ଠି ଯନ୍ତ୍ରଣା ଏବଂ ବାନ୍ତି ଭଳି ସମସ୍ୟାରୁ ମଧ୍ୟ ମୁକ୍ତି ଦେଇଥାଏ। ଯଦି ଆପଣ ଅଦା ଦ୍ୱାରା ନିଜ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବାକୁ ଚାହାଁନ୍ତି, ତେବେ ଆପଣ ପ୍ରତିଦିନ ଅଦାକୁ ବିଭିନ୍ନ ଉପାୟରେ ଖାଦ୍ୟରେ ସାମିଲ କରିପାରିବେ। ଅଦାରେ ଅନେକ ପରିମାଣର ଆଣ୍ଟିଅକ୍ସିଡାଣ୍ଟ, ଭିଟାମିନ୍, ମିନେରାଲ୍ସ, ଭିଟାମିନ୍ ବି ୩, ଭିଟାମିନ୍ ବି ୬ ଏବଂ ପୋଟାସିୟମ୍ ମଧ୍ୟ ରହିଥାଏ, ଯାହା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ। ଏଭଳି ପରିସ୍ଥିତିରେ, ଆଜି ଆମେ ଶୀତଦିନେ ଆପଣଙ୍କ ଖାଦ୍ୟରେ ଅଦାକୁ ଅନ୍ତର୍ଭୁକ୍ତ କରିବାର ଉପାୟ ବିଷୟରେ କହିବାକୁ ଯାଉଛୁ। ଏହାର ବ୍ୟବହାର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସାହାଯ୍ୟ କରେ।

ଅଦାର କାଢ଼ା ତିଆରି କରିବା ପାଇଁ ଅଦା, ଗୋଲମରିଚ, ଲବଙ୍ଗ ଏବଂ ବଡ଼ ଗୁଜୁରାତି ଏକ ଗ୍ଲାସ ପାଣିରେ ମିଶାଆନ୍ତୁ। ତା'ପରେ ଆପଣ ଏହି ଜଳକୁ ଅଧା ହେବା ପର୍ଯ୍ୟନ୍ତ ଭଲ ଭାବରେ ଫୁଟାନ୍ତୁ। ଏହା ପରେ, ଏହି ଜଳକୁ ପୁଣି ଫିଲ୍ଟର୍ କରନ୍ତୁ ଏବଂ ଏହାକୁ ପିଅନ୍ତୁ। ଏହା ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରେ ଏବଂ ଶୀତଦିନେ ଘଟୁଥିବା ଥଣ୍ଡା, କାଶ ଭଳି ସମସ୍ୟାରୁ ଆପଣଙ୍କୁ ଦୂରେଇ ରଖେ। ଅନେକ ସମୟରେ ଲୋକମାନେ ମାଂସପେଶୀର ଯନ୍ତ୍ରଣା ମଧ୍ୟ ଭୋଗିଥାନ୍ତି, ଯେଉଁଥିପାଇଁ ସେମାନେ ପେନ୍ କିଲର୍ ଖାଇଥାନ୍ତି। କିନ୍ତୁ ଏହିପରି ଔଷଧ ସ୍ୱାସ୍ଥ୍ୟ ଉପରେ କ୍ଷତି ପହଞ୍ଚାଇପାରେ। ତେଣୁ ଏଥିଲାଗି ଅଦା ପାଣି ପିଅନ୍ତୁ। ମାଂସପେଶୀରେ ଯନ୍ତ୍ରଣା ସମସ୍ୟାରୁ ଆରାମ ମିଳିବ।

ଯଦି ଆପଣ ଆଚାର ଖାଇବାକୁ ଭଲ ପାଆନ୍ତି, ତେବେ ଆପଣ ରୁଟି କିମ୍ବା ଭାତ ସହିତ ଅଦା ଆଚାର ଖାଇପାରିବେ। ଆପଣ ଘରେ ଅଦା ଆଚାର ତିଆରି କରିପାରିବେ କିମ୍ବା ଆପଣ ଏହାକୁ ବଜାରରୁ କିଣି ପାରିବେ। ଅଦାର ସୁପ୍ ପ୍ରସ୍ତୁତ କରିବା ପାଇଁ ଚାହୁଁଥିଲେ ଆପଣ ଏଥିରେ ବ୍ରୋକଲି(ରଙ୍ଗବେରଙ୍ଗର ଫୁଲକୋବି) କିମ୍ବା ଛତୁ ମିଶାଇପାରିବେ। ଏହାଦ୍ୱାରା ସୁପର ପୋଷକତତ୍ତ୍ୱ ବୃଦ୍ଧି ହୁଏ। ଏହି ସୁପ୍ ଆପଣଙ୍କୁ ଅଧିକ ସମୟ କାମ କରିବାକୁ ଶକ୍ତି ଦେଇଥାଏ। ଅଦା ପାଣିରେ ଲେମ୍ବୁ ରସ ଏବଂ ମହୁ ମିଶାଇ ପିଇବା ଦ୍ୱାରା ଗର୍ଭାବସ୍ଥା ସମୟରେ ବାନ୍ତି ହେବାର ସମସ୍ୟା ଦୂର ହୋଇଥାଏ। କୋଲେଷ୍ଟ୍ରଲକୁ କମ୍ କରିବାରେ ଏବଂ ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ମଧ୍ୟ ଅଦାକୁ ଶୁଖାଇ ଗୁଣ୍ଡ କରି ଖାଇପାରିବେ।

ଅଧିକାଂଶ ଲୋକ କ୍ଷୀର ସହିତ ଅଦା ଚାକୁ ବହୁତ ପସନ୍ଦ କରନ୍ତି। କିନ୍ତୁ ଏହା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ ବୋଲି କୁହାଯାଏ। ଏପରି ପରିସ୍ଥିତିରେ ଅଦାକୁ ଏକ ଗ୍ଲାସ ପାଣିରେ ପକାଇ ଭଲ ଭାବରେ ଫୁଟାନ୍ତୁ। ତା'ପରେ ତୁମେ ଏହି ପାଣିକୁ ଫିଲ୍ଟର୍ କରନ୍ତୁ। ଏହା ପରେ ଆପଣ ଏଥିରେ ଲେମ୍ବୁ ରସ ଏବଂ ମହୁ ମିଶାନ୍ତୁ। ଏହି ଚା'କୁ ଦିନକୁ ଦୁଇରୁ ତିନିଥର ପିଇବା ଦ୍ୱାରା ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ।



# ସ୍ମରଣଶକ୍ତି ବଢ଼ାଇବ ଅଖରୋଟ୍

ଡ୍ରାଏ ଫ୍ରୁଟ୍ସ ବା ଶୁଖିଲା ଫଳରେ ଅନେକ ସ୍ୱାସ୍ଥ୍ୟ ଉପକାରୀ ଗୁଣ ଥିବା ଆମେ ସମସ୍ତେ ଜାଣନ୍ତି। ଅଧିକାଂଶ ଲୋକେ ମଧ୍ୟ ଡ୍ରାଏ ଫ୍ରୁଟ୍ସ ଖାଇଥାନ୍ତି। ଡ୍ରାଏ ଫ୍ରୁଟ୍ସକୁ ଖାଇବା ଦ୍ୱାରା ବ୍ରେନ ପାୱାର ବଢ଼ିବା ସହ ଫେସ୍ ମଧ୍ୟ ଗ୍ଲୋ କରିଥାଏ। ଏଥିପାଇଁ ଡ୍ରାଏ ଫ୍ରୁଟ୍ସ ସମସ୍ତଙ୍କ ପାଇଁ ଉପଯୋଗୀ ହୋଇଥାଏ। ବିଶେଷ କରି ଶୀତଦିନରେ ଡ୍ରାଏ ଫ୍ରୁଟ୍ସ ଖାଇବା ସ୍ୟାସ୍ଥ୍ୟ ପାଇଁ ବେସ୍ ଲାଭଦାୟକ ହୋଇଥାଏ। ଅନେକ ଡ୍ରାଏ ଫ୍ରୁଟ୍ସ ରହିଛି ସେଥି ମଧ୍ୟରୁ ଅଖରୋଟ ଅନ୍ୟତମ। ଏହାକୁ ଖାଇବା ଦ୍ୱାରା ଆପଣଙ୍କ ସ୍ୱାସ୍ଥ୍ୟ ଠିକ ରହିଥାଏ। ଅଖରୋଟରେ ଭିଟାମିନ୍, ଓମେଗା-୩, ଆଣ୍ଟିଅକ୍ସିଡାଣ୍ଟ, ଫାଇବର, କ୍ୟାଲସିୟମ ଏବଂ ପୋଟାସିୟମ ଭଳି ବହୁ ପରିମାଣରେ ଉପାଦାନ ରହିଥାଏ। ତେବେ ଅଖରୋଟ ଖାଇଲେ ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ କେତେ ଲାଭ ଦାୟକ ହେବ, ଆସନ୍ତୁ ଜାଣିବା।

ହେଲ୍ଥ ଏକ୍ସପର୍ଟସଙ୍କ କହିବା ଅନୁସାରେ, ପ୍ରତିଦିନ ଦୁଇଟି ଅଖରୋଟ୍ ଖାଇବା ଦ୍ୱାରା ମାନସିକ ଅବସାଦ ନହୋଇ ବରଂ ମନରେ ସ୍ଥିରତା ଆସିବା ସହ କ୍ୟାନ୍ସରର ବିପଦ ବି ହ୍ରାସ ପାଏ। କ୍ୟାନ୍ସର ଭଳି ଘାତକ ରୋଗରୁ ନିଜକୁ ସୁରକ୍ଷିତ ରଖିବାକୁ ପ୍ରତିଦିନ ଅଖରୋଟ୍ ଖାଇବା ଏକ ବେଷ୍ଟ ଅପ୍ସନ। ଏକ୍ସପର୍ଟସଙ୍କ ମୁତାବକ, ପ୍ରତିଦିନ ଦୁଇଟି ଲେଖାଏଁ ଭିଜା ଅଖରୋଟ ଖାଇଲେ କ୍ୟାନ୍ସରର ବିପଦ ଅନେକ ମାତ୍ରାରେ ହ୍ରାସ ପାଏ। ତେଣୁ ଅଖରୋଟକୁ ଡେଲି ଡାଏଟରେ ସାମିଲ କରିବାକୁ ଭୁଲନ୍ତୁନାହିଁ। କେବଳ କ୍ୟାନ୍ସର ନୁହେଁ, ଅଖରୋଟରେ କ୍ୟାଲସିୟମ୍ ମ୍ୟାଗ୍ନେସିୟମ୍, ପୋଟାସିୟମ୍ ଆଣ୍ଟିଅକ୍ସିଡାଣ୍ଟ ଥିବାରୁ ପ୍ରତିଦିନ ୨୫ ଗ୍ରାମ ଅଖରୋଟ ଖାଇଲେ ରକ୍ତଚାପ ନିୟନ୍ତ୍ରଣରେ ରୁହେ। ଏହାସହ କୋରୋନାରୀ ଆର୍ଟରି ଡିଜିଜ୍ ଏବଂ ଷ୍ଟ୍ରୋକର ଆଶଙ୍କା ବି କମିଯାଏ। ଅଖରୋଟରେ ଓମେଗା -୩, ଫ୍ୟାଟି ଏସିଡର ମାତ୍ରା ଅଧିକ ମାତ୍ରାରେ ଥିବାରୁ ମାନସିକ ଅବସାଦକୁ କମାଇଥାଏ। ଏହାସହ ମାନସିକ କ୍ଷମତା ବି ବୃଦ୍ଧି ପାଏ। ପିଲାମାନଙ୍କୁ ବି ଅଖରୋଟ ପ୍ରତିଦିନ ଖାଇବାକୁ ଦେବା ଦରକାର। ମହିଳାମାନେ ଗର୍ଭବତୀ ଥିବା ସମୟରେ ପ୍ରତିଦିନ ଅଖରୋଟ୍ ଖାଇଲେ ଗର୍ଭସ୍ଥ ଶିଶୁର ମାନସିକ ବିକାଶ ବେଶ୍ ଭଲ ହୋଇଥାଏ। ଆଜିକାର ଧାଁଦୌଡ ଭିତରେ ଅନେକ ଥକିଯିବା ଭଳି ସମସ୍ୟା ସାମାନ୍ୟ ହେଲାଣି। ଯଦି ଆପଣ ବି ଏଭଳି ସମସ୍ୟା ଭୋଗୁଛନ୍ତି ତାହେଲେ ଆଜିଠୁ ହିଁ ଅଖରୋଟ ଖାଇବା ଆରମ୍ଭ କରିଦିଅନ୍ତୁ। ଭିଜା ଅଖରୋଟ ଖାଇବା ଦ୍ୱାରା ଶରୀରରେ ମେଲାଟୋନିନ୍ ହର୍ମୋନ୍ ତିଆରି ହୁଏ, ଯାହା ଭଲ ନିଦ ପାଇଁ ମଧ୍ୟ ବେଶ୍ ସହାୟକ ହୋଇଥାଏ। ଏହାସହ ଅଖରୋଟରେ ଭିଟାମିନ୍ ବି -୭ ମାତ୍ରା ପ୍ରଚୁର ଥିବାରୁ କେଶମୂଳ ମଜଭୂତ ହେବା ସହ କେଶର ଝଡ଼ିବା ବନ୍ଦ ହେବା ସହ କେଶ ମୁଲାୟମ୍ ଓ ଘନ ହୋଇଥାଏ। ତାହେଲେ ଆଉ ଡେରି କାହିଁକି। ମାତ୍ର ଦୁଇଟି ଅଖରୋଟ ଯଦି ଆପଣଙ୍କୁ ଏତେସବୁ ଉପାୟରେ ଫିଟ ରଖେ ତେବେ ଏହାକୁ ନିଶ୍ଚୟ ଭାବରେ ନିଜ ସକାଳ ଖାଇବା ଲିଷ୍ଟରେ ସାମିଲ କରନ୍ତୁ।



# ଗୋଲମରିଚରେ ରହିଛି ଅନେକ ଲାଭକାରୀ ଗୁଣ

ସମସ୍ତ ଲୋକେମାନେ ଚାହିଁଥାନ୍ତି ଯେ ସେ କିପରି ସୁସ୍ଥ ରହିବେ। ସୁସ୍ଥ ରହିବାକୁ ମଣିଷ ବହୁତ କିଛି କାର୍ଯ୍ୟ କରିଥାଏ। ଅସମ୍ଭବ ଜିନିଷକୁ ମଧ୍ୟ ସମ୍ଭବ କରାଇଥାଏ। ସ୍ୱାସ୍ଥ୍ୟ ଭଲ ରହିଲେ ସବୁ କାର୍ଯ୍ୟ ଠିକଠାକରେ ହୋଇଥାଏ ନଚେତ୍ ଅନେକ ସମସ୍ୟାକୁ ସାମ୍ନା କରିବାକୁ ପଡିଥାଏ। ଆଜିକାଲି ସମୟରେ ଯେଉଁ ରୋଗ ହେଉଛି ତାହା ଦୂର ହେବା ଖୁବ୍ କଷ୍ଟକର ହୋଇପଡୁଛି। ଶରୀର ଅସୁସ୍ଥ ହେଲେ କୌଣସି କାମରେ ମନ ଲାଗି ନଥାଏ। ତେଣୁ ଅଧିକାଂଶ ଲୋକେ ଶରୀରକୁ ସୁସ୍ଥ ରଖିବା ପାଇଁ ମର୍ଣ୍ଣିଂ ୱାକ୍, ସାଇକେଲ ରେସ୍ ଏବଂ ଡାଏଟ କରିଥାନ୍ତି। ସୁସ୍ଥ ରହିବାକୁ ହେଲେ ପୁଷ୍ଟିକର ଖାଦ୍ୟ ଖାଇବା ନିହାତି ଆବଶ୍ୟକ। ଖାସ୍ କରି ଯଦି ଆମେ ଦିନ ଆରମ୍ଭରୁ ସ୍ୱାସ୍ଥ୍ୟ ଉପଯୋଗୀ ଜିନିଷ ଖାଇବା ତେବେ ତାହା ଶରୀରକୁ ଫିଟ୍ ରଖିବାରେ ସାହାଯ୍ୟ କରିଥାଏ। ଆଜି ଆମେ ଆପଣଙ୍କୁ ସେଭଳି ଏକ ଜିନିଷ ସମ୍ପର୍କରେ କହିବୁ ଯାହା ଆପଣଙ୍କ କିଚେନରୁ ସହଜରେ ମିଳିବ। ଯାହା ଆପଣଙ୍କୁ ଅନେକ ଫାଇଦା ଦେବ। ତେବେ ଆସନ୍ତୁ ସେହି ଜିନିଷ ସମ୍ପର୍କରେ ଜାଣିବା। ଭାରତୀୟ ଖାଦ୍ୟରେ ଅନେକ ପ୍ରକାର ମସଲା ବ୍ୟବହାର କରାଯାଇଥାଏ। ଖାଦ୍ୟର ସ୍ୱାଦ ବଢ଼ାଇବା ପାଇଁ ଗୋଲମରିଚ ବହୁଳ ବ୍ୟବହୃତ ହୋଇଥାଏ। ଏହି ମସଲାକୁ ଆପଣ ସମସ୍ତ ପ୍ରକାର ରୋଷେଇରେ ବ୍ୟବହାର କରି ପାରିବେ। ଏହା କେବଳ ସ୍ୱାଦକୁ ବଢାଇ ନଥାଏ ବରଂ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ। ଗୋଲମରିଚ ଗରମ ହୋଇଥାଏ ସେଥିପାଇଁ ଶୀତଦିନେ ଆପଣମାନେ ଏହାକୁ ଆରାମରେ ବ୍ୟବହାର କରିପାରିବେ। ଗୋଲମରିଚରେ ଭିଟାମିନ ଏବଂ କ୍ୟାଲ୍ସିୟମ ରହିଛି। ଯାହା ବେଲି ଫ୍ୟାଟ୍ କମ କରିବାରେ ସହାୟକ କରିଥାଏ। ଯଦି ଓଜନ ହ୍ରାସ କରିବାର ଯାତ୍ରାକୁ ସହଜ କରିବାକୁ ଚାହୁଁଛନ୍ତି ତେବେ ଆପଣଙ୍କ ଡାଏଟ୍ ଲିଷ୍ଟରେ ଏହାକୁ ଆଡ୍ କରିପାରିବେ।

ଏଥିରେ ଥିବା ଏହାର ଆଣ୍ଟିଅକ୍ସିଡାଣ୍ଟ ଏବଂ ଆଣ୍ଟି-ଇନ୍ଫ୍ଲେମାଟୋରୀ ଗୁଣ ମୁହଁରେ ଦେଖାଦେଉଥିବା ସମସ୍ୟାକୁ ଦୂର କରିବା ସହ ତ୍ୱଚାର ଉଜ୍ଜ୍ୱଳତାକୁ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ। ବର୍ତ୍ତମାନ ସମୟରେ ଗ୍ୟାସ ଏବଂ ଏସିଡିଟି ଖୁବ୍ ସାଧାରଣ କଥା ପାଲଟିଗଲାଣି। ଏହି ସବୁ ସମସ୍ୟା ପାଁ ଗୋଲମରିଚ ବେଷ୍ଟ ହୋଇଥାଏ। ଯାହା ଖାଦ୍ୟ ହଜମ କରିବାକୁ ସହଜ କରି ଦେଇଥାଏ। ଗୋଲମରିଚକୁ ମସ୍ତିଷ୍କ ପାଇଁ ଲାଭଦାୟକ ବୋଲି ବିବେଚନା କରାଯାଏ। ଯାହା ମାନସିକ ସ୍ୱାସ୍ଥ୍ୟକୁ ଉନ୍ନତ କରିଥାଏ। ଏଥିସହ ଗୋଲମରିଚ ଥଣ୍ଡା ଏବଂ କଫ ଜନିତ ସମସ୍ୟାରୁ ରକ୍ଷା କରିଥାଏ। ଲିଭର ଜନିତ ସମସ୍ୟାକୁ ମଧ୍ୟ ଦୂର କରିଥାଏ। ଏତିକି ନୁହେଁ ଏଥିରେ ଥିବା ଭିଟାମିନ୍ ସି ଏବଂ ଅନ୍ୟାନ୍ୟ ପୋଷକ ତତ୍ତ୍ୱ ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବାରେ ବଡ଼ ଭୂମିକା ନିର୍ବାହ କରିଥାଏ। ତେଣୁ ଆପଣମାନେ ସକାଳୁ ଗୋଲମରିଚ ଖାଇବାର ଅଭ୍ୟାସ କରନ୍ତୁ। ଯାହା ଚୁଟକିରେ ଅନେକ ସ୍ୱାସ୍ଥ୍ୟ ସମସ୍ୟାରୁ ମୁକ୍ତି ଦେଇଥାଏ।

# ଲମ୍ବା ଓ ମଜଭୁତ କେଶ ପାଇଁ ବ୍ୟବହାର କରନ୍ତୁ କଫି ମାସ୍କ

ଆମ ଭିତରୁ ଏମିତି ଅନେକ ଜଣ ଅଛନ୍ତି ଯେଉଁ ମାନଙ୍କର ସକାଳ ଆରମ୍ଭ ହୁଏ କେବଳ କଫିରୁ। ସ୍ୱାସ୍ଥ୍ୟ ଓ ସୁନ୍ଦରତା ପାଇଁ ମଧ୍ୟ କଫିର ଆବଶ୍ୟକତା ଅନେକ୍। ଆଜ୍ଞା ହଁ, ଏଥିରେ ଏମିତି କିଛି ଗୁଣ ଅଛି ଯାହା ତ୍ୱଚା ଓ କେଶର ସୁନ୍ଦରତା ପାଇଁ ସାହାଯ୍ୟ କରିଥାଏ। କଫିରେ ଥିବା କାଫ୍ରେଇନ୍ କେଶର ସୁନ୍ଦରତା ବଢାଇବା ସହ କେଶକୁ ମଜବୁତ୍ ରଖିଥାଏ। କେଶର ରୁକ୍ଷାପଣକୁ ମଧ୍ୟ ଦୁର କରିଥାଏ। କଫି ଏକ ପ୍ରକାରର ଭଲ କଣ୍ଡିସନର୍ ଓ ମସାଜର୍ ହୋଉଥାଏ। ଏଥିରେ ଥିବା ଆଣ୍ଟିଅକ୍ସିଡେଣ୍ଟ୍ କେଶ ମୁଳକୁ ସୁସ୍ଥ ରଖିଥାଏ। କଫି ବହୁତ୍ ଗୁଡିଏ ସୌନ୍ଦର୍ଯ୍ଯ ସମଧାନର ଉପାୟ। ଏହି ଉପାୟରେ ଆପଣ ନିଜେ ଘରେ ବସି ନିଜର ସୁନ୍ଦରତା ନିଖାରି ପାରିବେ। ଆସନ୍ତୁ ଜାଣିବା କେଶ ପାଇଁ କଫିର ଆବଶ୍ଯକତା। କଫି କେଶର ଗ୍ରୋଥ୍ ବଢାଇଥାଏ ଓ କେଶକୁ କୋମଳ ମଧ୍ୟ କରିଥାଏ। ୧ ଚାମଚ୍ କଫି ପାଉଡରେ ୨ ଚାମଚ ଅଲିଭ୍ ଅଏଲ୍ ମିଶାଇ ଏକ ପେଷ୍ଟ୍ ପ୍ରସ୍ତୁତ କରନ୍ତୁ। ଏହି ପେଷ୍ଟକୁ କେଶରେ ଲଗାନ୍ତୁ ଓ କିଛି ସମୟ ମସାଜ୍ କରନ୍ତୁ। ୧୫ ରୁ ୩୦ ମିନିଟ୍ ରଖିବା ପରେ ପାଣିରେ ଧୋଇ ନିଅନ୍ତୁ। ଏପରି ସପ୍ତାହକୁ ଦୁଇ ଥର କରନ୍ତୁ। ପ୍ରଥମେ କଫିକୁ ଫୁଟାଇବା ପରେ ଥଣ୍ଡା କରିବା ପାଇଁ ରଖିଦେବା। ତାପରେ ଏହା ସହ ୧ଚାମଚ୍ କଫି ପାଉଡର୍ ଓ ୨ଚାମଚ୍ ହେୟାର୍ କଂଡିସନର୍ ମିଶାଇବା। ତା'ପରେ ଏହାକୁ କେଶରେ ଲଗାଇବା ଏବଂ ଗୋଟେ ଘଣ୍ଟା ପରେ ଧୋଇନେବା।





# ହାଡ଼ ଏବଂ କ୍ୟାନସର ସମସ୍ୟା ପାଇଁ ବ୍ରୋକଲି

ବର୍ତ୍ତମାନ ସମୟରେ ଅନେକ ପ୍ରକାର ସ୍ୱାସ୍ଥ୍ୟଗତ ସମସ୍ୟା ଦେଖିବାକୁ ମିଳୁଛି। ଖରାପ ପାଣିପାଗ ଏବଂ ଖାଦ୍ୟପେୟ ହେଉଛି ଏହାର ମୁଖ୍ୟ କାରଣ। ଭଲ ସ୍ୱାସ୍ଥ୍ୟ ପାଇଁ ଭଲ ଖାଦ୍ୟର ଆବଶ୍ୟକତା ରହିଛି ନଚେତ୍ ସ୍ୱାସ୍ଥ୍ୟକୁ ଖରାପ କରିଦେଇଥାଏ। ଆମ ସୁସ୍ଥ ଶରୀର ଗଠନ ପାଇଁ ସମସ୍ତ ପନିପରିବାର ଆବଶ୍ୟକତା ରହିଛି। ଯାହା ଆମକୁ ଅନେକ ପୋଷକ ତତ୍ତ୍ୱ ଯୋଗାଇଥାଏ। ସମସ୍ତ ପନିପରିବାରେ କିଛି ନା କିଛି ବିଶେଷ ଗୁଣ ରହିଛି। ଯାହା ଆମ ସ୍ୱାସ୍ଥ୍ୟଗତ ସମସ୍ୟାକୁ ଦୂର କରିବାରେ ସାହାଯ୍ୟ କରିଥାଏ। ଆଜି ଆମେ ଆପଣଙ୍କୁ ସେହିଭଳି ସୁପରଫୁଡ୍ ସମ୍ପର୍କରେ ଜଣାଇବୁ। ସମସ୍ତ ପନିପରିବା ଭଳି ବ୍ରୋକଲି ମଧ୍ୟ ଆମ ଶରୀର ପାଇଁ ଉପଯୋଗୀ। ଯାହା ସାଧାରଣତଃ କୋବି ଭଳି ଦେଖାଯାଇଥାଏ। କିନ୍ତୁ ସେଇଟା କୋବି ନୁହେଁ। ଦେଖିବାକୁ ଠିକ୍ ଫୁଲ କୋବି ଭଳି ଏବଂ ନୀଳ ରଙ୍ଗର। ଯାହାର ଚାହିଦା ବର୍ତ୍ତମାନ ସମୟରେ ଖୁବ୍ ବଢିଛି। ଯାହାକୁ ଶୀତଦିନେ ଖୁବ୍ ସହଜରେ ମାର୍କେଟରୁ ମିଳିଯାଇଥାଏ। କିନ୍ତୁ କିଛି ଲୋକ ଏହାକୁ ଖାଇବାକୁ ପସନ୍ଦ କରି ନଥାନ୍ତି। ଯାହା ଆମ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ। ବ୍ରୋକଲିରେ ଅନେକ ପୋଷକ ତତ୍ତ୍ୱ ଭରପୁର ମାତ୍ରାରେ ରହିଛି। ଯାହା ଶରୀର ପାଇଁ ବରଦାନ ସଦୃଶ ହୋଇଥାଏ। ସାଲାଡ୍ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ପନିପରିବା ପର୍ଯ୍ୟନ୍ତ ଅନେକ ପ୍ରକାରର ପନିପରିବା ତିଆରିରେ ବ୍ରୋକୋଲି ବ୍ୟବହାର କରାଯାଏ। ବ୍ରୋକଲିରେ କେଉଁ ସବୁ ଉପାଦାନ ରହିଛି ଆସନ୍ତୁ ପ୍ରଥମେ ସେସମ୍ପର୍କରେ ଜାଣିବା। ବ୍ରୋକଲିରେ ଭରପୁର ମାତ୍ରାର ପ୍ରୋଟିନ୍, କ୍ୟାଲସିୟମ୍, କାର୍ବୋହାଇଡ୍ରୋଟ, ଆଇରନ, ଭିଟାମିନ ଏ, ସି ଏବଂ ଅନ୍ୟାନ୍ୟ ପୋଷକ ରହିଛି। ଏହା ସହିତ ଆଣ୍ଟିଅକ୍ସିଡାଣ୍ଟ, ପୋଟାସିୟମ୍, ସେଲେନିୟମ୍, ଭିଟାମିନ୍ ବି, ଫାଇବର ଏବଂ ଫସଫରସ ଭଳି ଗୁଣ ମଧ୍ୟ ଏଥିରେ ରହିଛି। ଯାହା ସମସ୍ତ ବର୍ଗର ଲୋକଙ୍କ ପାଇଁ ଲାଭଦାୟକ ବୋଲି ପ୍ରମାଣିତ ହୋଇଛି। ତେବେ ଆସନ୍ତୁ ଏହି ବ୍ରୋକଲିର ଚମତ୍କାରୀ ଗୁଣ ସମ୍ପର୍କରେ ଜାଣିବା।

ଡାଇବେଟିସ ରୋଗୀଙ୍କ ପାଇଁ ସବୁଜ ପନିପରିବା ଫଳପ୍ରଦ ହୋଇଥାଏ। ସେହି ସବୁ ମଧ୍ୟରୁ ବ୍ରୋକଲି ଅନ୍ୟତମ। ଯାହା ଡାଇବେଟିସ୍ ରୋଗୀଙ୍କ ପାର୍‌ଇ ବେଷ୍ଟ ହୋଇଥାଏ। ବ୍ରୋକଲି ଖାଇବା ଦ୍ୱାରା ଶର୍କରା ସ୍ତରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ। ଏଥିରେ ଥିବା ଭିଟାମିନ୍ ସି ଏବଂ ଜିଙ୍କ ରୋଗ ପ୍ରତିରୋଧକ ଶକ୍ତି ବଢାଇଥାଏ। ଯାହା ଖାଇବା ଦ୍ୱାରା ରୋଗ ସହିତ ଲଢେଇ କରିବାର କ୍ଷମତାକୁ ବୃଦ୍ଧି କରେ। ପିଲାମାନଙ୍କ ପାଇଁ ଏହା ଉପଯୁକ୍ତ ଖାଦ୍ୟ ବୋଲି କୁହାଯାଇପାରେ। ବ୍ରୋକଲିରେ ଫାଇବର, ପୋଟାସିୟମ୍ ଏବଂ ପ୍ରୋଟିନରେ ଭରପୁର। ଯାହା ଖାଇବା ଦ୍ୱାରା ଅଧିକ ସମୟ ପର୍ଯ୍ୟନ୍ତ ପେଟକୁ ଫୁଲ କରି ରଖିଥାଏ। ଫଳରେ ଓଜନ ଯାତ୍ରାକୁ ସହଜ କରିଥାଏ। ଏତିକି ନୁହେଁ ବରଂ ଲିଭର ସମସ୍ୟା ପାଇଁ ଏହା ଶକ୍ତିଶାଳୀ ହୋଇଥାଏ। ତେଣୁ ଏହାକୁ ଆପଣ ଡାଏଟ ପ୍ଲାନରେ ଆଡ୍ କରିପାରିବେ। କ୍ୟାନସର ଭଳି ମାରାତ୍ମକ ରୋଗରୁ ମଧ୍ୟ ରକ୍ଷା କରିଥାଏ। ଏହି ସବୁ ସମସ୍ୟା ଥିଲେ ଏହାକୁ ନିଶ୍ଚିନ୍ତ ଖାଆନ୍ତୁ। କ୍ୟାଲସିୟମର ଅଭାବ ଥିଲେ ହାଡ଼ ଜନିତ ସମସ୍ୟା ଦେଖିବାକୁ ମିଳିଥାଏ। ଯାହା ଏବେ ଘରେ ଘରେ ଖୁବ୍ ସାଧାରଣ କଥା ହୋଇଗଲାଣି। ଏହି ସବୁ ସମସ୍ୟା ଦେଖାଦେଉଥିଲେ ସେସବୁ ପାଇଁ ଚିନ୍ତା କରନ୍ତୁ ନାହିଁ। ଯେଉଁଥି ପାଇଁ ପ୍ରଭାବଶାଳୀ ହୋଇଥାଏ ବ୍ରୋକଲି। ହାଡ଼ ଜନିତ ସମସ୍ୟାଠାରୁ ମୁକ୍ତି ଦେବା ସହ ହାଡ଼କୁ ମଜବୁତ କରେ। ତେଣୁ ବ୍ରୋକଲି ଖାଇବାର ଅଭ୍ୟାସ କରନ୍ତୁ।

ବ୍ୟବସ୍ଥାର ବିଡ଼ମ୍ବନା

# ମୌଳିକ ସୁବିଧାରୁ ବଞ୍ଚିତ ଚିଲିମାଲ ଗ୍ରାମବାସୀ



**ବୈପାରିଗୁଡ଼ା,୨୩।୯ (ସଂଚାର ବ୍ୟୁରୋ):** ଉପାନ୍ତ ବୋଲି ଅବହେଳିତ। ପକ୍କା ରାସ୍ତା ନାହିଁ। ରାସ୍ତା ନଥିବାରୁ ଶିକ୍ଷା, ସ୍ୱାସ୍ଥ୍ୟ ସବୁ ଅପହଞ୍ଚ। ସେପଟେ ଚୁଆ ପାଣି ମେଣ୍ଟାଉଛି ଗାଁର ଶୋଷ। ଦୟନୀୟ ସ୍ଥିତିରେ ଦୀର୍ଘବର୍ଷ ଧରି ଜୀବନ କାଟୁଛନ୍ତି କୋରାପୁଟ ବୈପାରିଗୁଡ଼ାର ଚିଲିମାଲ ଗାଁ ଲୋକ। ଉପାନ୍ତକୁ ଛୁଇଁପାରୁନି ବିକାଶ... ପକ୍କା ରାସ୍ତା କ'ଣ ଜାଣିନି ଗାଁ। ମାଟି, କାଦୁଅ ରାସ୍ତାରେ ବର୍ଷବର୍ଷ ଧରି ଚାଲିଛି ଯା'ଆସ। ଏଥିରେ ଗାଡ଼ି ତ' ଦୂରର କଥା ଚାଲିକି ଯିବା କଷ୍ଟକର। ଗାଁ ଭିତରକୁ ଆମ୍ବୁଲାନ୍ସ ଯାଇପାରେନି। ରୋଗୀଙ୍କୁ ଖଟିଆରେ ବୋହି ପ୍ରାୟ ଦେଢ଼ କିମି ନେବାକୁ ପଡ଼େ। ବର୍ଷା ଆସିଲେ ଦୁର୍ଦ୍ଦଶା ବଢ଼ିଯାଏ। ଠପ୍ ହୋଇଯାଏ ଯାତାୟାତ। ଏଭଳି ଦୟନୀୟ ସ୍ଥିତିରେ ବଞ୍ଚୁଛନ୍ତି ବୈପାରୀଗୁଡ଼ା କୋଲାର ପଞ୍ଚାୟତର ଚିଲିମାଲ ଗାଁ। ପ୍ରାୟ ୪୦ ପରିବାର ରହୁଥିବା ଏହି ଗାଁର ଲୋକଙ୍କ ପାଇଁ ରାସ୍ତା ସମସ୍ୟା ନିତିଦିନିଆ ଯନ୍ତ୍ରଣା ପାଲଟିଛି। ରାସ୍ତା ସମସ୍ୟା ପାଇଁ ପିଲା ଅଙ୍ଗନବାଡ଼ି, ସ୍କୁଲ୍ ଯାଇପାରୁନାହାନ୍ତି। ସେପଟେ ଗାଁରେ ଶୁଦ୍ଧ ପାଣି ମୁନ୍ଦାଏ ବି ସ୍ୱପ୍ନ। ୪୦ ପରିବାର ପାଇଁ ରହିଛି ମାତ୍ର ଗୋଟିଏ ନଳକୂପ। ଗତବର୍ଷ ନଳକୂପରେ ସୋଲାର ପାନୀୟ ଜଳ ପ୍ରକଳ୍ପ ବସାଯାଇଥିଲା। ବର୍ଷେ ନପୂରୁଣୁ ସୋଲାର୍ ପ୍ରକଳ୍ପ ଅଚଳ ହୋଇପଡ଼ିଛି। ହ୍ୟାଣ୍ଡେଲ୍ ଲଗାଇ ପାଣି ବାହାର କଲେ ଗୋଳିଆ ପାଣି ବାହାରୁଛି। ଫଳରେ ଚୁଆ ପାଣି ଉପରେ ଭରସା କରୁଛନ୍ତି ଲୋକେ। ଯେଉଁଥିପାଇଁ ଲୋକେ ରୋଗରେ ପଡୁଥିବା ଅଭିଯୋଗ ହୋଇଛି। ରାସ୍ତା ଓ ପାଣି ସମସ୍ୟା ନେଇ ବାରମ୍ବାର ସରପଞ୍ଚଙ୍କଠାରୁ ଆରମ୍ଭ କରି ବିଧାୟକ ଓ ଜିଲ୍ଲାପାଳଙ୍କ ନିକଟରେ ଗୁହାରି କରିଛନ୍ତି ଗାଁ ଲୋକ। ହେଲେ ସମାଧାନ ହୋଇପାରୁନି। ଖୁବଶୀଘ୍ର ରାସ୍ତା ନିର୍ମାଣ କରିବା ସହ ନଳକୂପ ମରାମତି କରାଯିବ କହିଛନ୍ତି ସରପଞ୍ଚ। ପ୍ରତିଶ୍ରୁତି କେବେ ବାସ୍ତବ ରୂପ ନେବ ତାକୁ ଅପେକ୍ଷା।

● ଦିଘା ସମୁଦ୍ରରେ ଉତ୍ତାଳ ଢେଉ

## ପର୍ଯ୍ୟଟକଙ୍କ ପାଇଁ କଡ଼ା ନଜରଦାରୀ



**ବାଲିଆପାଳ,୨୩।୯(ସଂଚାର ବ୍ୟୁରୋ):** ଓଡ଼ିଶା-ପଶ୍ଚିମବଙ୍ଗ ସୀମାନ୍ତର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଦିଘାରେ ଏବେ ଅଶାନ୍ତ ସମୁଦ୍ର। ସମୁଦ୍ରରେ ବଡ଼ ବଡ଼ ଢେଉ ଉଠି ସୁରକ୍ଷା ପ୍ରାଚୀର ଟପି ସମୁଦ୍ରତଟରେ ଆସି ଆଘାତ କରୁଛି। ଏହା ସହିତ ମଝିରେ ମଝିରେ ବର୍ଷା ଓ ଜୋରଦାର ପବନ ଯୋଗୁଁ ସମୁଦ୍ର ଅଧିକ ଅଶାନ୍ତ ହୋଇପଡ଼ିଛି। ପରିସ୍ଥିତିକୁ ଦେଖି ଦିଘା ସମୁଦ୍ରତଟରେ ପ୍ରଶାସନ ପକ୍ଷରୁ ବଢ଼ାଇ ଦିଆଯାଇଛି ସୁରକ୍ଷା ଓ ନଜରଦାରୀ। ଦିଘା ସମୁଦ୍ରରେ ଦେଖିବାକୁ ମିଳୁଛି ଉତ୍ତାଳ ରୂପ। ସମୁଦ୍ର ଭିତରୁ ଉଠୁଥିବା ବଡ଼ ବଡ଼ ଢେଉ ଜୋରରେ କୂଳ ଆଡ଼କୁ ମାଡ଼ି ଆସୁଛି। ଢେଉର ତୀବ୍ରତା ଏତେ ଅଧିକ ରହିଛି ଯେ, ଅନେକ ସ୍ଥାନରେ ସମୁଦ୍ରର ପାଣି ସୁରକ୍ଷା ପ୍ରାଚୀର ଟପି ସମୁଦ୍ରତଟରେ ପହଞ୍ଚୁଛି। ଏହା ସହିତ ଆକାଶ ମେଘାଚ୍ଛନ୍ନ ରହିବା ସହ ମଝିରେ ମଝିରେ ବର୍ଷା ହେଉଛି। ଜୋରଦାର ପବନ ବହୁଥିବାରୁ ସମୁଦ୍ରର ଢେଉ ଆହୁରି ଉଗ୍ର ହେଉଛି। ଫଳରେ ସମୁଦ୍ରତଟରେ ଥିବା ପର୍ଯ୍ୟଟକଙ୍କ ପାଇଁ ବିପଦର ଆଶଙ୍କା ରହିଛି, ସମ୍ଭାବ୍ୟ ବିପଦକୁ ଦୃଷ୍ଟିରେ ରଖି ଦିଘା ପ୍ରଶାସନ ପକ୍ଷରୁ ସମୁଦ୍ରତଟରେ ନଜରଦାରୀ ବଢ଼ାଇ ଦିଆଯାଇଛି। ବିଭିନ୍ନ ସମୁଦ୍ରଘାଟକୁ ଦଉଡ଼ିରେ ଘେରାଯାଇଛି। ପର୍ଯ୍ୟଟକମାନେ ଯେପରି ସମୁଦ୍ରର ଅଧିକ ନିକଟକୁ ଯାଇନପାରିବେ, ସେଥିପାଇଁ ସୁରକ୍ଷାକର୍ମୀମାନେ ସତର୍କ ନଜର ରଖୁଛନ୍ତି। ସମୁଦ୍ରର ଉତ୍ତାଳ ରୂପ ଦେଖିବା ପାଇଁ ପର୍ଯ୍ୟଟକଙ୍କ ଭିଡ଼ ହେଉଥିଲେ ମଧ୍ୟ ସୁରକ୍ଷାକୁ ପ୍ରାଥମିକତା ଦେଇ ସମୁଦ୍ର ଭିତରକୁ ନଯିବା ପାଇଁ ପ୍ରଶାସନ ପକ୍ଷରୁ ବାରମ୍ବାର ସତର୍କ କରାଯାଉଛି। ବିଶେଷକରି ଢେଉ ଅଧିକ ଉଚ୍ଚ ଥିବା ସ୍ଥାନଗୁଡ଼ିକରେ ପର୍ଯ୍ୟଟକଙ୍କ ଗତିବିଧି ଉପରେ କଡ଼ା ନଜର ରଖାଯାଉଛି। ବର୍ତ୍ତମାନ ସମୁଦ୍ରର ଏଭଳି ଉତ୍ତାଳ ରୂପ ଦିଘାରେ ସତର୍କତାର ବାତାବରଣ ସୃଷ୍ଟି କରିଛି। ସମୁଦ୍ରତଟକୁ ଆସୁଥିବା ପର୍ଯ୍ୟଟକମାନେ ପ୍ରଶାସନର ନିର୍ଦ୍ଦେଶ ମାନିବା ସହ ସୁରକ୍ଷିତ ଦୂରତାରେ ରହିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

## କରମ ପରବରେ କୁଡୁମୀ ସେନା ସଭାପତି ସମ୍ମାନୀତ

**ବୈଶିଙ୍ଗା,୨୩।୯(ସଂଚାର ବ୍ୟୁରୋ):** ଆମ ନିର୍ବାଚନ ମଣ୍ଡଳୀର ଉଦୀୟମାନ ଯୁବକ ଜୈମୁନୀ କୁମାର ମହାନ୍ତ କୁଡୁମୀ ମାନଙ୍କୁ ଆଦିବାସୀ ମାନ୍ୟତା ପାଇଁ ୧୫ ବର୍ଷ ଧରି ପଲ୍ଲୀ ଗୁ ଦିଲ୍ଲୀ ପର୍ଯ୍ୟନ୍ତ ଲଢ଼ି ଚାଲିଛନ୍ତି। ତାଙ୍କ ପ୍ରଚେଷ୍ଟାରେ ପଶ୍ଚିମବଙ୍ଗ ର



ମେଦିନୀପୁର ସହର କରମ ପରବ କମିଟି ପକ୍ଷରୁ ପବିତ୍ର କରମ ପରବ ସମାରୋହ ବହୁ ଧୁମ ଧାମ ରେ ପାଳିତ ହୋଇଛି। ଏହି ଉପଲକ୍ଷେ ମଙ୍ଗଳବାର ଦିନ ସହରରେ ଏକ ବିଶାଳ କରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।ଶୋଭାଯାତ୍ରାଟି ରଙ୍ଗାମାଟିରୁ ଆରମ୍ଭ ହୋଇ ବିଦ୍ୟାସାଗର ହଲ୍ ଗୀତାଞ୍ଜଳି ପର୍ଯ୍ୟନ୍ତ ସହର ପରିକ୍ରମା କରିଥିଲା। ଶତାଧିକ ଯୁବକ-ଯୁବତୀ କରମ ଡାଳ ଧରି ପାରମ୍ପରିକ ମାଦଳର ତାଳେ ନାଚ ଗାନ କରିଥିଲେ। ପରେ ଗୀତାଞ୍ଜଳି ମୁକ୍ତ ମଞ୍ଚରେ ଆୟୋଜିତ ମୁଖ୍ୟ ସଭାରେ ଅସମ୍ମାନୀୟ ଅତିଥି ଭାବେ କୁଡୁମୀ ସମାଜର ବରିଷ୍ଠ ସଂଗଠକ ତଥା କୁଡୁମୀ ସେନା ପ୍ରତିଷ୍ଠାତା ସଭାପତି ଜୈମୁନି କୁମାର ମହାନ୍ତଙ୍କ ଯୋଗ ଦେଇଥିଲେ। ତାଙ୍କୁ କମିଟି ପକ୍ଷରୁ ସ୍ୱତନ୍ତ୍ର ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବେ ପଶ୍ଚିମବଙ୍ଗ ସରକାରଙ୍କ ପଶୁ ସମ୍ପଦ ବିଭାଗ ମନ୍ତ୍ରୀ ଅରାଜେଶ ମହାତଙ୍କ, ସମ୍ମାନୀୟ ଅତିଥି ଭାବେ ବିଧାୟକ ଅବିମାନ ମହାତଙ୍କ ଓ ବିଧାୟକ ଅଶଙ୍କର ଗୁଛାଇତଙ୍କ ଯୋଗ ଦେଇ କରମ ସଂସ୍କୃତିର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

## ୩ କ୍ୱିଣ୍ଟାଲ ଗଞ୍ଜେଇ ସହ ୩ କିରଣ ଜବତ, ୭ଗିରଫ

**ସୁବର୍ଣ୍ଣପୁର,୨୩।୯(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ପୃଥକ୍ ସ୍ଥାନରେ ଚଢ଼ାଉ କରି ଗଞ୍ଜେଇ ଜବତ କରିଛି ଓ ପଡୋଶୀ ବୌଦ୍ଧ ଜିଲ୍ଲାରୁ ଦାମୀ ଠାରେ ଗଞ୍ଜେଇ ବାହର ରାଜ୍ୟ ଝାଡ଼ଖଣ୍ଡକୁ ଚୋରାଚାଲାଣ କରାଯାଉଥିଲା। ଏହିସମୟରେ ଅବକାରୀ ବିଭାଗ ଯାଞ୍ଚ କଲା ବେଳେ ୩ଟିକାର୍ ଜବତ କରାଯିବା ସହ ୭ଜଣଙ୍କୁ ଗିରଫ କରିଛନ୍ତି। ଗଞ୍ଜେଇ ପ୍ୟାକେଟ୍ ଭର୍ତ୍ତି ୧୫ ବଡ଼ ବସ୍ତାକୁ ଓଜନ ପରେ ୩ କୁଇଣ୍ଟାଲ ୮ କିଲୋ ଗଞ୍ଜେଇ ଜବତ ହୋଇଛି। ଅଭିଯୁକ୍ତମାନଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି ଜବତ ଗଞ୍ଜେଇର ବଜାର ମୂଲ୍ୟ ୩ କୋଟିରୁ ଉର୍ଦ୍ଧ୍ୱହେବ ବୋଲିଅବକାରୀ ଅଧୀକ୍ଷକ ପ୍ରବୀର କୁମାର ସାମଲ ସୂଚନା ଦେଇଛନ୍ତି। ଅବକାରୀ ବିଭାଗର ଜିଲ୍ଲା ମୋବାଇଲ ୟୁନିଟ୍ ପକ୍ଷରୁ ବୀରମହାରାଜପୁର ଥାନା ଫୁଲଚରା ଛକ ନିକଟରେ ଚଢ଼ାଉ କରାଯାଇ ଏକ ନମ୍ବର ବିହୀନ କାର୍‌କୁ ସନ୍ଦେହରେ ଅଟକ ରଖାଯାଇଥିଲା। ତନଖି ସମୟରେ କାର୍ ପଛପଟ ସିଟ୍ ତଳୁ ୮ ପ୍ୟାକେଟ୍ କେଟ୍ ଗଞ୍ଜେଇ (୧ କୁଇଣ୍ଟାଲ ୬୦ କିଲୋ) ମିଳିଥିଲା। ଏ ସମ୍ପର୍କରେ ଅବକାରୀ ଜିଲ୍ଲା ମୋବାଇଲ ୟୁନିଟ୍ ପକ୍ଷରୁ ଏକ ମାମଲା ରୁଜୁ ହେବା ସହ ସୁନ୍ଦରଗଡ଼ ଜିଲ୍ଲା ବିଶ୍ରା ଥାନା କୋପରଣ୍ଡା ଅଞ୍ଚଳର ତାରିଣୀ ମହାତୋ ଓ ବଗଡ଼େଗା ଅଞ୍ଚଳର ମନସୁନ୍ ଓରାମ ଙ୍କୁ ଗିରଫ କରାଯାଇଛି। ସୋନପୁର ଅବକାରୀ ଥାନା ପକ୍ଷରୁ ସହରର ବୁଢ଼ାରଜା ଛକ ନିକଟରେ ଚଢ଼ାଉ କରାଯାଇ ବୌଦ୍ଧ ଜିଲା ମନମୁଣ୍ଡା ପଟୁ ଆସୁଥିବା ସ୍କୋର୍ପିଓ (ନଂ ଜେଏଚ ୦୧ ଇଓ୍ୱାଇ ୩୩୧୬)କୁ ତନଖି କରାଯିବା ବେଳେ ୪ ବସ୍ତା ଗଞ୍ଜେଇ (୮୮ କିଲୋ) ମିଳିଥିଲା। ଏହି ଘଟଣାରେ ଝାଡ଼ଖଣ୍ଡର ସିମଡେଗା ଜିଲ୍ଲା ଜାଲଡେଗା ଥାନା ଲାମଡେଗାର ଅଜିତ ସମଦ ପୂର୍ବ ଅଞ୍ଚଳର ଚୋର୍ନହସ ମିଞ୍ଜଙ୍କୁ ଗିରଫ କରାଯାଇଛି। ସେହିପରି ସୋନପୁର ଅବକାରୀ ରେଞ୍ଜ ପକ୍ଷରୁ ଉଲୁଣ୍ଡା ଥାନା ଉଦେପଦର ନିକଟରେ ଚଢ଼ାଉ କରାଯାଇ ଏକ କାର୍ (ନଂ. ଜେଏଚ ୦୧ ଇୟୁ ୦୬୨୫)ରୁ ୬୦ କିଲୋ ଗଞ୍ଜେଇ ଜବତ ହୋଇଥିଲା। ଏହି ଘଟଣାରେ



ଡ୍ରାଇଭର ତଥା ଝାଡ଼ଖଣ୍ଡ ସିମଡେଗା ଜିଲ୍ଲା କୋଲେବିରା ଥାନା ତୁଟିକେଲ ଅଞ୍ଚଳର ବେନାସ ଗିରି, ଗଞ୍ଜେଇ ବ୍ୟବସାୟୀ ଗିରିଡିହ ଜିଲ୍ଲା ତାରାଟଣ୍ଡ ଥାନା କୋରବନ୍ଧ ଅଞ୍ଚଳର ରାହୁଲ କୁମାର ମଣ୍ଡଳ ଓ ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ଥାନା ଘୋଡାପଡ଼ା ଗ୍ରାମର ଜିତେନ ତିର୍କୀଙ୍କୁ ଗିରଫ କରାଯାଇଛି।

## ଭାଙ୍ଗିଲା ପାଚେରି, ବିଦ୍ୟାଳୟ ଭିତରେ ପଶିଲା ଗାଁର ମଇଳା ପାଣି



**ପାତ୍ରପୁର,୨୩।୯ (ସଂଚାର ବ୍ୟୁରୋ):** ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ଗଞ୍ଜାମ ଜିଲା ପାତ୍ରପୁର ଅଞ୍ଚଳରେ ପ୍ରବଳ ବର୍ଷା ଲାଗି ରହିଛି। ତୁହାକୁ ତୁହା ବର୍ଷା ସହ ପନ ମଧ୍ୟ ହେଉଛି। ପ୍ରବଳ ବର୍ଷା ଫଳରେ ଗୁଣ୍ଡୁରା ପଞ୍ଚାୟତ ଜଗନ୍ନାଥପୁର ଗ୍ରାମର ବର୍ଷାଜଳ ଗ୍ରାମରେ ଥିବା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଶି ପୋଖରୀର ଭ୍ରମ ସୃଷ୍ଟି କରିବା ସହ ବିଦ୍ୟାଳୟର ପ୍ରାଚେରି ଭୁଶୁଡି ପଡ଼ିଥିବା ଜଣାପଡ଼ିଛି। ବର୍ଷା ପାଇଁ ଜିଲା ପ୍ରଶାସନ ବିଦ୍ୟାଳୟକୁ ଛୁଟି ଘୋଷଣା କରିଥିବାରୁ ଦୁର୍ଘଟଣାରୁ ରକ୍ଷା ପାଇଥିବା ଜଣାପଡ଼ିଛି। ପ୍ରକାଶ ଥାଉକି, ଗତ ୪ ଦିନ ତଳେ ନିର୍ଦ୍ଧାରିତ ସମୟ ପୂର୍ବରୁ ବିଦ୍ୟାଳୟ ବନ୍ଦ କରିଥିବା ନେଇ ଶିକ୍ଷା ବିଭାଗ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ନିଲମ୍ବନ କରିବା ସହ ୪ ଜଣ ସହକାରୀ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଦେଇଥିଲା।

## ଫୁଲୁଛି ତାମ୍ପରା ହ୍ରଦ, ତୁରନ୍ତ ଗେଟ୍ ଲଗାଇବାକୁ ଚାଷୀଙ୍କ ଦାବି

**ଛତ୍ରପୁର,୨୩।୯ (ସଂଚାର ବ୍ୟୁରୋ):** ବଙ୍ଗୋପସାଗରରେ ସୃଷ୍ଟି ଗଭୀର ଅବପାତ ପ୍ରଭାବରେ ଛତ୍ରପୁର ଏବଂ ଏହାର ଆଖପାଖ ଅଞ୍ଚଳରେ ତୁହାକୁତୁହା ବର୍ଷା ଲାଗିରହିଛି। ଛତ୍ରପୁର ଉପକଣ୍ଠରେ ଥିବା ତାମ୍ପରା ହ୍ରଦର ଜଳସ୍ତର ବୃଦ୍ଧି ପାଇ ଅଖାପାଖ ଅଞ୍ଚଳରେ ଜଳବନ୍ଦୀ ହେବା ପରିସ୍ଥିତି ସୃଷ୍ଟି ହୋଇଛି। ତେବେ ହ୍ରଦର ଜଳସ୍ତର ପାଇଥିବା କାରଣ ଚିତ୍ର ସ୍ପଷ୍ଟ ହୋଇଛି। ଜଳମଗ୍ନ ହୋଇଥିବା ସହରର ୩ଟି ଅଞ୍ଚଳ - ଭାଗ୍ୟଲକ୍ଷ୍ମୀ ନଗର, ପାଲିଆ ଛତ୍ରପୁର ଓ ବ୍ୟାଙ୍କ କଲୋନୀର ଅନେକ ଘର ପାଣି ଘେରରେ ରହିଛି। ଏହି ବିଷୟରେ ଖବର ମିଳିବା ପରେ ଜିଲାପାଳ ଏହାର ତଦାରଖ କରିବା ପାଇଁ ଜଳସେଚନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ବର୍ଷା କାରଣରୁ ତାମ୍ପରା ହ୍ରଦର ବନ୍ୟାଜଳ ନିଷ୍କାସନ କରିବା ପାଇଁ ଅଗସ୍ତି ନୂଆଗାଁ ଗ୍ରାମ ଦେଇ ଋଷିକୂଲ୍ୟା ନଦୀକୁ ଜଳ ନିଷ୍କାସନ ପାଇଁ ୩ଟି ଚେକ ଗେଟ୍ ବ୍ୟବସ୍ଥା କରାଯାଇଛି। କିନ୍ତୁ ୩ଟି ଚେକ୍ ଗେଟ୍ ମଧ୍ୟରୁ ଦୁଇଟି ଗେଟ୍ କାମ ଏବେ ସୁଦ୍ଧା ଶେଷ ହୋଇ ନ ଥିବା ଚାଷୀ ଏବଂ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଜଳ ନିଷ୍କାସନ ନ ହେବାରୁ ହ୍ରଦର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଲା। ୩ଟି ଗେଟ୍ ମଧ୍ୟରୁ ଗୋଟିଏ ଗେଟ୍ କାମ କରୁଥିବାବେଳେ ଅନ୍ୟ ଦୁଇଟିକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଗ୍ରାମବାସୀ ଏବଂ ଚାଷୀ ପ୍ରଶାସନ ପାଖରେ ଦାବି କରିଛନ୍ତି।

## ରୁଫଟପ୍ ସୋଲାର ପାଇଁ ସଚେତନତା ବଢ଼ାଇବ 'ସୋଲାର ରଥ'

**ଝାରସୁଗୁଡ଼ା,୨୩।୯(ସଂଚାର ବ୍ୟୁରୋ):** ପିଏମ୍ ସୂର୍ଯ୍ୟ ଘର: ମାଗଣା ବିଜୁଳି ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ସହ ରୁଫ୍ଟପ୍ ସୋଲାର ଗ୍ରହଣ ପାଇଁ ଉତ୍ସାହିତ କରିବା ଲକ୍ଷ୍ୟରେ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍) ପକ୍ଷରୁ ଝାରସୁଗୁଡ଼ା ଜିଲ୍ଲାରେ 'ସୋଲାର ରଥ' ମାଧ୍ୟମରେ ସଚେତନତା ଅଭିଯାନ ଆରମ୍ଭ ହୋଇଛି। ଝାରସୁଗୁଡ଼ା ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ସବୁଜ ପତାକା ଦେଖାଇ 'ସୋଲାର ରଥ'ର ଶୁଭାରମ୍ଭ କରିଥିଲେ। ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ପ୍ରଥମେ ସମ୍ବଲପୁରରେ ଶୁଭାରମ୍ଭ ହୋଇଥିଲା। ସେଠାରେ ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଏହାର ଉଦ୍ଘାଟନ କରିଥିଲେ। ପରେ ଏହି ରଥ ବରଗଡ଼ ଜିଲ୍ଲାରେ ପହଞ୍ଚିବା ପରେ ଏବେ ଝାରସୁଗୁଡ଼ାରେ ପ୍ରବେଶ କରିଛି। 'ସୋଲାର ରଥ' ମାଧ୍ୟମରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ପିଏମ୍ ସୂର୍ଯ୍ୟ ଘର ଯୋଜନା, ରୁଫ୍ଟପ୍ ସୋଲାର ବ୍ୟବସ୍ଥା, ଏହାର ସୁବିଧା ଓ ଯୋଜନାରେ ଉପଲବ୍ଧ ସହାୟତା ସମ୍ପର୍କରେ ଲୋକଙ୍କୁ ସୂଚନା ଦିଆଯିବ।

## ଜଳ ଓ ଅନ୍ୟାନ୍ୟ ସମସ୍ୟା ନେଇ ସରପଞ୍ଚଙ୍କୁ ଦାବିପତ୍ର

**ବାଲିଆପାଳ,୨୩।୯ (ସଂଚାର ବ୍ୟୁରୋ):** ଜଳେଶ୍ୱର ବ୍ଲକ ସୁଗୋ ଗ୍ରାମ ପଞ୍ଚାୟତ ଗାଁ ମାନଙ୍କରେ ପାନୀୟ ଜଳଯୋଗାଣରେ ଅନେକ ସମୟରେ ଅଚଳାଅବସ୍ଥାର ସମସ୍ୟା ଓ ଗଠନ ମୂଳକ କାମ ବିଷୟ ନେଇ ଆଜି ସରପଞ୍ଚଙ୍କ କାର୍ଯ୍ୟାଳୟରେ ଉନ୍ନୟନ ଓ ସୁରକ୍ଷା ମଞ୍ଚ ସୁଗୋ ଶାଖା ତରଫରୁ



ନେତୃତ୍ୱମାନେ ସରପଞ୍ଚଙ୍କୁ ଜଣାଇବା ସହିତ ବିଭାଗୀୟ ଅଧିକାରୀଙ୍କ ଉଦ୍ଦେଶ୍ୟରେ ୪ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରକୁ ଗ୍ରହଣ କରି ସରପଞ୍ଚ ଶ୍ରୀମତୀ ଜୟନ୍ତୀ ପରିଡ଼ା ପ୍ରତିକ୍ରିୟା ରଖିଛନ୍ତି କି ପଞ୍ଚାୟତକୁ ଆସୁଥିବା ମୋଟ ପାଣ୍ଠିର ୩୦% ଅର୍ଥ ପାଣିପାଇଁ, ବିଦ୍ୟୁତ୍ ବିଲ ଦେବାର ସରକାରୀ ନିର୍ଦ୍ଦେଶନାମା ରହୁଛି, ମାତ୍ର ପଞ୍ଚାୟତରେ ପାଣିପାଇଁ ବିଦ୍ୟୁତ୍ ବାବଦରେ ଦେୟ ୩୦% ରୁ ଅଧିକ ହେଉଥିବାରୁ ଅତିରିକ୍ତ ଦେୟର ବ୍ୟବସ୍ଥାଗତ ଅସୁବିଧା ସୃଷ୍ଟି ହେବା ରେ ସମସ୍ୟା ହେବା ସ୍ୱରୋପ ରାସ୍ତା, ଘାଟ, ପୋଲ, ଆଦି ଉନ୍ନୟନମୂଳକ କାମକୁ କରିବାରେ ପ୍ରଭାବିତ କରିବା ହେବ। ପଞ୍ଚାୟତକୁ ଆସିଥିବା ଅର୍ଥ ସହ ସ୍ୱତନ୍ତ୍ର ଏମ୍.ଏଲ୍.ଏ. ଓ ଚିୟାରମ୍ୟାନ୍‌ଙ୍କ ପାଣ୍ଠିରୁ ଆଣିଥିବା ଅର୍ଥକୁ ବିଭିନ୍ନ କ୍ଷେତ୍ରରେ କରିଥିବା ଖର୍ଚ୍ଚକୁ ଉପସ୍ଥାପନା କରିଥିଲେ। ପ୍ରକାଶ ଥାଉକି, ଡ଼ବଲ ଇଞ୍ଜିନ୍ ବିଜେପି ସରକାର ସବୁ ଲୋକଙ୍କ ଘରକୁ ମାଗଣା ପାନୀୟଜଳ ଯୋଗାଇବା, ମାଗଣା ବିଜୁଳି ଆଦି ଦେବାର ପ୍ରତିଶ୍ରୁତି ଓ ପ୍ରଚାର କରି ସାଧାରଣ ଲୋକଙ୍କୁ ଭ୍ରମିତ କରୁଛି ଯାହାର ବାସ୍ତବତା କୁ ସରପଞ୍ଚ ଦର୍ଶାଇଥିବା ସହିତ ସୁଗୋ କାମାନପଦା ଆଦିବାସୀ ସାହି ଓ କାଶୀଡ଼ିହା ଠାରେ ୨ଟି ନୂଆ ବସୁଧା ପ୍ରକଳ୍ପ ଯଥାଶୀଘ୍ର ଆରମ୍ଭ ହେବାରବୋଲି ପ୍ରକାଶ କରିଥିଲେ। ସମସ୍ତ ଘରକୁ ପାଣି ଯୋଗାଇଦେବା ସହ ବାକିଥିବା ଧାନସିମୁଳିଆ, ଭୁରୁକୁଣ୍ଡା, କାଶିଡିହା ଓ ବାଣିଦା ସ୍କୁଲ ସାମ୍ନା ଆଦିବାସୀ ପଡ଼ାକୁ ଯଥାଶୀଘ୍ର ପାଇପ୍ ବିଛାଣି ପାଇଁ ନେତୃତ୍ୱ ମାନେ ଦାବି ରଖିବା ଉପରେ ସରପଞ୍ଚ ଏହି କାମକୁ ଗୁରୁତ୍ୱ ଦେଇ ସର୍ବୋଚ୍ଚ ଚେଷ୍ଟା କରିବା କରିବା ସ୍ୱରୋପ ଉଚ୍ଚ ପଦାଧିକାରୀଙ୍କ ଯୋଗାଯୋଗ ଓ ଆଲୋଚନାରେ ଅଛନ୍ତି ବୋଲି ଉତ୍ତର ରଖିଥିଲେ।

## ଶ୍ରୀ ସତ୍ୟସାଇ ବିଦ୍ୟାପୀଠରେ ହିନ୍ଦୀ ଦିବସ ପାଳିତ

**ବୈଶିଙ୍ଗା,୨୩।୯ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ରଘୁପୁର ପଞ୍ଚାୟତ ଅଧିନ ଖୁଣ୍ଟାପୁର ସ୍ଥିତ ଶ୍ରୀ ସତ୍ୟ ସାଇ ବିଦ୍ୟାପୀଠ ର ଭାର ପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ଯୁକ୍ତ ମୁକୁନ୍ଦ ସେନାପତି ଙ୍କ ସଭା ପତିତ୍ୱ ରେ



ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଏହି ସଭାରେ ମୁଖ୍ୟ ଅତିଥି ଭାବରେ ବେତନଟୀ ଓଷ୍ଟା ସଙ୍ଘର ସଭାପତି ଶ୍ରୀ ଯୁକ୍ତ ଶିଶିର କୁମାର ନାୟକ ଯୋଗଦେଇ ପିଲାମାନଙ୍କୁ ରାଷ୍ଟ୍ର ଭାଷାକୁ ସମ୍ମାନ ଦେବା ସହ ସମସ୍ତେ ରାଷ୍ଟ୍ର ଭାଷା ଶିଖିବା ପାଇଁ କହିଥିଲେ।ଏହି ସଭାରେ ମୁଖ୍ୟ ବକ୍ତା ଭାବରେ ହିନ୍ଦୀ ଶିକ୍ଷୟିତ୍ରୀ ସ୍ମିଗ୍ଧା ଲେଙ୍କା, ସମ୍ମାନିତ ଅତିଥି ଭାବରେ ଜସ୍ମା ରାଣୀ ଜେନା ଯୋଗ ଦେଇଥିଲେ। ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲା ବେଳେ ଛାତ୍ରୀ ମାନେ ହିନ୍ଦୀ ଭାଷାରେ ମଞ୍ଚ ପରିଚାଳନା କରିବା ସହ ନୃତ୍ୟ, ଗୀତ ପରିବେଷଣ କରିଥିଲେ। କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଧନ୍ୟବାଦ ଅର୍ପଣ କରିଥିଲେ ଦଶମ ଶ୍ରେଣୀ ଛାତ୍ର ପ୍ରମୋଦ କୁମାର ପ୍ରଧାନ।

## ଜିଲ୍ଲା ସାମ୍ବାଦିକ ସମନ୍ୱୟ ସମିତି ପକ୍ଷରୁ ଆଲୋଚନା ଓ ସମ୍ବର୍ଦ୍ଧନା



**ଫୁଲବାଣୀ,୨୩।୯ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ସାମ୍ବାଦିକ ସମନ୍ୱୟ ସମିତି ପକ୍ଷରୁ ସେପ୍ଟେମ୍ବର ୨୩ତାରିଖ (ବୁଧବାର) ପୂର୍ବାହ୍ନ ୧୦ଟା ସମୟରେ ସତ୍ୟ ସାଇ ସ୍କୁଲ ରୋଡ ରେ ଥିବା ସେନାପତି ରେସୀଡେନସୀ ଠାରେ ଜିଲ୍ଲାର ସମସ୍ତ କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ବୃତ୍ତିଗତ ସୁରକ୍ଷା, ମୃତ୍ୟୁ କାଳୀନ ସହାୟତାରାଶି ବୃଦ୍ଧି, ପେନସନ ବ୍ୟବସ୍ଥା ଲାଗୁ କରିବା, ମାଗଣା ରେ ଘର ବାରୀ ଜମି ଯୋଗାଇବା, ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନା ରାଶି ଦଶ ଲକ୍ଷ ଟଙ୍କା କୁ ବୃଦ୍ଧି ଓ ଯୋଜନା ରେ ପିତା ମାତା ଙ୍କୁ ସାମିଲ କରିବା, ସେହିପରି ଗୋପ ବନ୍ଧୁ ଯୋଜନା ରେ ଅନ୍ତର୍ଭୁକ୍ତ ନଥିବା କାର୍ଯ୍ୟ ରତ ସାମ୍ବାଦିକ ଙ୍କୁ ତୁରନ୍ତ ସାମିଲ କରିବା ଆଦି ବିଭିନ୍ନ ଦାବି ପୂରଣ ଲକ୍ଷ୍ୟ ସମନ୍ୱୟ ସମିତି ଗଠିତ ହୋଇଥିବା ନେଇ ବରିଷ୍ଠ ସାମ୍ବାଦିକ ତଥା ସମନ୍ୱୟ ସମିତି ସଭାପତି ସୁନୀଲ ପଟ୍ଟନାୟକ ମତ ବ୍ୟକ୍ତ କରିଥିଲେ। ସେହିପରି ଜିଲ୍ଲା ର ବିଭିନ୍ନ ବ୍ଲକ୍ ଅଞ୍ଚଳ ର କାର୍ଯ୍ୟ ରତ ସାମ୍ବାଦିକ ମାନେ ଯୋଗ ଦେଇ ସାମ୍ବାଦିକ ଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ। ଏହାବ୍ୟତୀତ ଏହି ଅବସରରେ'ଗଣ ତନ୍ତ୍ର ରେ ଗଣ ମାଧ୍ୟମ ର ଭୂମିକା' ସଂପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

ଗାତରେ ରାସ୍ତା ନା ରାସ୍ତାରେ ଗାତ ?

## ମରଣଯନ୍ତା ପାଲଟିଛି ଗୁଡ଼ାରି-ବିର୍ସା ନାଳ ରାସ୍ତା

**ଗୁଡ଼ାରି,୨୩।୯ (ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲା ଗୁଡ଼ାରି ନିକଟସ୍ଥ ବିର୍ସା ନାଳ ବ୍ରିଜ୍‌ରୁ ସହରକୁ ସଂଯୋଗ କରୁଥିବା ପ୍ରାୟ ୨ କିଲୋମିଟର ଦୀର୍ଘ ପ୍ରମୁଖ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ରାସ୍ତାର ବିଭିନ୍ନ ସ୍ଥାନରେ ସୃଷ୍ଟି ହୋଇଥିବା ବଡ଼ ବଡ଼ ଗାତ ଯୋଗୁ ଏବେ "ଗାତରେ ରାସ୍ତା ନା ରାସ୍ତାରେ ଗାତ" ତାହା ବାରିବା କଷ୍ଟକର ହୋଇପଡ଼ିଛି। ଲଗାଣ ବର୍ଷା ଯୋଗୁ ଏହି ଗାତଗୁଡ଼ିକରେ ବର୍ଷାଜଳ ଭର୍ତ୍ତି ହୋଇ ରହୁଥିବାରୁ ଯାତାୟାତ ସମ୍ପୂର୍ଣ୍ଣ ବିପଜ୍ଜନକ ହୋଇପଡ଼ିଛି। ଦୀର୍ଘ ଦିନ ହେବ ରାସ୍ତାଟି ମରାମତି ଅଭାବରୁ ଖାଲଖମାରେ ପରିଣତ ହୋଇଥିଲେ ସୁଦ୍ଧା ସମ୍ପୃକ୍ତ ବିଭାଗ ଏଥିପ୍ରତି ଆଖିବୁଜି ଦେଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ରାସ୍ତାଟି ଗୁଡ଼ାରି ସହର ପାଇଁ ଏକ ଅତ୍ୟାବଶ୍ୟକୀୟ ଲାଇଫଲାଇନ୍। ପ୍ରତିଦିନ ଏହି



ବାଟ ଦେଇ ଶହ ଶହ ଗାଡ଼ିମୋଟର ଚଳାଚଳ କରିଥାଏ। ଏହାସହ ଗୁଡ଼ାରି ବ୍ଲକ୍‌ର ୩ଟି ଗ୍ରାମପଞ୍ଚାୟତ ସମେତ ପଡ଼ୋଶୀ ପଦ୍ମପୁର ଓ ଚନ୍ଦ୍ରପୁର ବ୍ଲକ୍‌କୁ ଯାଆସ କରିବା ପାଇଁ ଏହାହିଁ ପ୍ରମୁଖ ମାଧ୍ୟମ। ସ୍କୁଲ୍, କଲେଜ ପଢ଼ୁଥିବା ହଜାର ହଜାର ଛାତ୍ରଛାତ୍ରୀ ଏବଂ ବିଭିନ୍ନ ପଞ୍ଚାୟତର ବିଦ୍ୟାଳୟଗୁଡ଼ିକୁ ଯାଉଥିବା ଶିକ୍ଷକ-ଶିକ୍ଷୟିତ୍ରୀମାନେ ପ୍ରତିଦିନ ଏହି ବିପଜ୍ଜନକ ରାସ୍ତାରେ ଯାତ୍ରା କରିବାକୁ ବାଧ୍ୟ ହେଉଛନ୍ତି। ବର୍ଷା ଦିନେ ଖାଲଗୁଡ଼ିକରେ ପାଣି ଜମି ରହୁଥିବାରୁ ଛୋଟବଡ଼ ଦୁର୍ଘଟଣା ନିୟମିତ ଘଟୁଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ଏବଂ ରାସ୍ତାର ତୁରନ୍ତ ମରାମତି ନିମନ୍ତେ ସ୍ଥାନୀୟ ଯୁବ ସଂଗଠନ "ୟୁଥ୍ ଫର୍ ଚେଞ୍ଜ" ପକ୍ଷରୁ ଗ୍ରାମ୍ୟ ଉନ୍ନୟନ (ଆରଏନ୍‌ଡି) ବିଭାଗକୁ ଲିଖିତ ଭାବେ ଅବଗତ କରାଯାଇଥିଲା। ବର୍ଷା ସମୟରେ ଏହି ରାସ୍ତାରେ ଯାତାୟାତ କରିବା ଯନ୍ତ୍ରଣା ସଦୃଶ ହେଉଥିବା ବେଳେ ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ନଦେଲେ ଆଗାମୀ ଦିନରେ କୌଣସି ବଡ଼ ଦୁର୍ଘଟଣା ଘଟିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ସହରରେ କୃତ୍ରିମ ବନ୍ୟା

**ଗଂଜାମ,୨୩।୯ (ସଂଚାର ବ୍ୟୁରୋ):** ଗତକାଲି ରାତିରୁ ସମଗ୍ର ଗଞ୍ଜାମ ଜିଲ୍ଲାରେ ବର୍ଷା ଲାଗି ରହିଛି। କ୍ରମଶଃ ବର୍ଷା ଘନିଭୂତ ହୋଇ ବର୍ଷା ପରିମାଣ ବୃଦ୍ଧି ପାଇଓ୍ୱାରେ ଲାଗିଛି। ନଈକୂଳିଆ ଓ ଖାଲୁଆ ଅଞ୍ଚଳ ଗୁଡିକୁ ପ୍ରଶାସନିକ ଅଧିକାରୀ ମାନେ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ବନ୍ୟା ହେଲେ କିମ୍ବା ଖାଲୁଆଅଞ୍ଚଳର ପାଣିଜମିଲେ ସେହି ଅଞ୍ଚଳର ଲୋକ ମାନଙ୍କୁ ବନ୍ୟା, ବାତ୍ୟା ଆଶ୍ରୟସ୍ଥଳୀରେ ଥଇଥାନ କରିବା ପାଇଁ ଏହି ଆଶ୍ରୟସ୍ଥଳିଗୁଡିକୁ ସଜାଡି ରଖାଯାଇଛି। ଗତକାଲି ଠାରୁ ଓ୍ୱନ୍ୟା ଲାଗି ରହିବା ଫଳରେ ବ୍ରହ୍ମପୁର ସହରରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଗାନ୍ଧୀ ନଗର ଓ ଫାଷ୍ଟଗେଟ ଅଞ୍ଚଳରେ ଲୋକଙ୍କ ଘରେ ବର୍ଷି ଜଳ ପ୍ଲାବିତ ହେଉଛି। ସରକାରୀ କର୍ମଚାରୀ, ଆଶା, ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନଓ୍ୱାଡି କର୍ମୀ ମାନେ ନିଜ ନିଜ ଅଞ୍ଚଳରେ ସଜାଗ ରହି ବର୍ଷା ଓ ଆସନ୍ନ ବନ୍ୟା ମୁକାବିଲା ସହ ବିପନ୍ନଙ୍କୁ ସହାୟତା ଯୋଗାଇ ପାଇଁ ପ୍ରସ୍ତୁତ ହୋଇ ରହିଛନ୍ତି।

## ବିଦ୍ୟାଳୟରେ ମଣ୍ଡଳସ୍ତରୀୟ ହିନ୍ଦୀ ଦିବସ

**ହାଟଡିହୀ/ଛେନାପଦୀ,୨୩।୯ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ମରୈଗାଁ ଉଚ୍ଚ ବିଦ୍ୟାଳୟରେ ମଣ୍ଡଳସ୍ତରୀୟ ହିନ୍ଦୀ ଦିବସ ପାଳିତ ହୋଇଯାଇଛି । ହିନ୍ଦୀ ଶିକ୍ଷୟତ୍ରୀ ମିତାରାଣୀ ବିଶ୍ୱାଳଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସଞ୍ଚିତା ବେଗମ ସଭାପତିତ୍ୱ କରିଥିଲେ



। ମୁଖ୍ୟ ଅତିଥି ଭାବେ ହାଟଡିହୀ ବ୍ଲକ ସହଶିକ୍ଷା ଅଧିକାରୀ ପ୍ରମୋଦ କୁମାର ନାୟକ, ମୁଖ୍ୟ ବକ୍ତା ଭାବେ ଜବାହର ନବୋଦୟ ବିଦ୍ୟାଳୟର ଶିକ୍ଷକ ପ୍ରିତିଶ ରଞ୍ଜନ ରାଜୁରୁହା, ସମ୍ମାନିତ ଅତିଥି ଭାବେ ଜିଲା ଓଷ୍ଟା ସଂଘର ସମ୍ପାଦକ ରଞ୍ଜନ କୁମାର ଘଡେଇ, ହାଟଡିହୀ ମଣ୍ଡଳ ହିନ୍ଦୀ ଶିକ୍ଷକ ସଙ୍ଘ ସଭାପତି ଦୁର୍ଯ୍ୟୋଧନ ଜେନା ପ୍ରମୁଖ ଯୋଗଦେଇ ହିନ୍ଦୀ ଭାଷା ଉପରେ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟସ୍ତରରେ ହିନ୍ଦୀ ଭାଷାର ବିକାଶ ଦିଗରେ ଗୁରୁତ୍ୱାରୋପ କରାଯାଇଥିଲା । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ସଂଗୀତ, କବିତା ଆବୃତ୍ତି ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥଲା। ବକ୍ତୃତାରେ ଜପିଦାସ ହାଇସ୍କୁଲର କ୍ଷୀରାବ୍ଧି ତନୟା ଲେଙ୍କା, ସଙ୍ଗୀତରେ ଜିସି ଗାର୍ଲସ ହାଇସ୍କୁଲ ଓରାଳିର ଏମ୍. ଏମ ପ୍ରତ୍ୟାଷା, କବିତା ଆବୃତ୍ତିରେ ହାଟଡିହୀ ହାଇସ୍କୁଲର ମଞ୍ଜୁଳା ରାଣୀ ରାଉତ ପ୍ରଥମ ସ୍ଥାନ ହାସଲ କରି ଜିଲା ସ୍ତରକୁ ମନୋନୀତ ହୋଇଛନ୍ତି। କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକାରୀ ସଭାପତି ରୁକ୍ମଣୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ହିନ୍ଦୀ ଶିକ୍ଷକ ସଙ୍ଘ ସମ୍ପାଦକ ସତ୍ୟପିର ମହାନ୍ତି, ବିଜୟ କୁମାର ଜେନା, ନରହରି ଜେନା, ଅବକାଶ ଜେନା, ସରୋଜିନୀ ଜେନା, ମଧୁସ୍ମିତା ପହି , ପ୍ରିୟନାଥ ନାୟକ, ଆର୍ତ୍ତ ଚରଣ ସାହୁ ପ୍ରମୁଖ କାଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମରୈଗାଁ ହାଇସ୍କୁଲର ଶିକ୍ଷୟତ୍ରୀ, ଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ନାଗାବଳୀ କୂଳରେ ଝଲସୁଛି କାଶତଣ୍ଡି

## ଧରାପୃଷ୍ଠକୁ ଆସିବେ ଜଗତଜନନୀ



**କଲ୍ୟାଣସିଂହପୁର,୨୩।୯(ସଂଚାର ବ୍ୟୁରୋ):** ପ୍ରକୃତିର କୋଳରେ ଏବେ ଉତ୍ସବର ଋତୁ । ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ଅନ୍ତର୍ଗତ ବେଲକନା ଗାଁ ନିକଟସ୍ଥ ନାଗାବଳୀ ନଦୀ କୂଳରେ ଏବେ ଦେଖିବାକୁ ମିଳିଛି ଅପରୂପ ଶୋଭା। ନଦୀ ତୁଠରେ ଧାଡ଼ି ଧାଡ଼ି ହୋଇ ଫୁଟିଉଠିଛି ଶୁଭ୍ର କାଶତଣ୍ଡି ଫୁଲ। ଦୂରରୁ ଦେଖିଲେ ମନେହେଉଛି, ସତେ ଯେମିତି ନାଗାବଳୀର ବାଲିଚରାରେ କେହି ଧଳା ରୂପେଲି ଚାଦରଟିଏ ବିଛାଇ ଦେଇଛି। ପବନର ତାଳେ ତାଳେ ଝୁଲୁଥିବା ଏହି କାଶତଣ୍ଡି ଫୁଲ କେବଳ ଏକ ଋତୁକାଳୀନ ଦୃଶ୍ୟ ନୁହେଁ, ବରଂ ଧରାପୃଷ୍ଠକୁ ମା' ଜଗଜ୍ଜନନୀ ଦୁର୍ଗାଙ୍କ ଆଗମନର ଏକ ପବିତ୍ର ସଂକେତ। ପୌରାଣିକ ବିଶ୍ୱାସ ଅନୁଯାୟୀ, କାଶତଣ୍ଡି ଫୁଲ ଫୁଟିବାମାନେ ପ୍ରକୃତି ନିଜେ ଚାମର ଧରି ମା' ଦୁର୍ଗତିନାଶିନୀଙ୍କୁ ସ୍ୱାଗତ କରିବା ପାଇଁ ପ୍ରସ୍ତୁତ ହୋଇସାରିଛି। ବର୍ଷାର କଳାହାଣ୍ଡିଆ ମେଘ ଦୂରେଇ ଯାଇ ଶରତର ଆଲୋକ ଧରାପୃଷ୍ଠକୁ ଆଲୋକିତ କରିବା ସହ ନାଗାବଳୀର କଳକଳ ନାଦ ସାଙ୍ଗକୁ କାଶତଣ୍ଡିର ଏହି ଶୁଭ୍ର ହସ ଆଗାମୀ ଶାରଦୀୟ ଦୁର୍ଗାପୂଜା ଓ ଦଶହରାର ଆଭାସ ଦେଉଛି। ବେଲକନାର ଏହି ମନୋରମ ପରିବେଶ ଏବେ ସ୍ଥାନୀୟ ଲୋକଙ୍କ ସମେତ ବାଟୋଇମାନଙ୍କ ପାଇଁ ଏକ ମୁଖ୍ୟ ଆକର୍ଷଣ ପାଲଟିଛି। ନଦୀକୂଳରେ କାଶତଣ୍ଡିର ନୃତ୍ୟ ଦେଖି ଚାଷୀ ମନରେ ଖୁସିର ଲହରୀ ଖେଳିଯାଇଛି ତ ଅନ୍ୟପଟେ ଗାଁ ଗହଳିରେ ଆରମ୍ଭ ହୋଇଯାଇଛି ପାର୍ବଣର ପ୍ରସ୍ତୁତି। ମାଟିର ବାସ୍ନା ଆଉ ପବନର ଶିହରଣ କହିଦେଉଛି ଧରାବତରଣ କରୁଛନ୍ତି ମା' ଦଶଭୁଜା, ଶେଷ ହେବାକୁ ଯାଉଛି ଅପେକ୍ଷା।